

'ତେରେ ଇସ୍କ୍ ମେଁ'ର ସୁଟିଂ ଆରମ୍ଭ କରିବେ ଧନୁଷ୍

▸ପୃଷ୍ଠା ୧୩ ଦେଖନ୍ତୁ...


RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

VOLUME- 41 ◆ISSUE-338 ◆BHUBANESWAR ◆TUESDAY ◆4 JUNE 2024 ◆PAGE-16 ◆₹ 6.00

◆ବର୍ଷ-୪୧ ◆ସଂଖ୍ୟା-୩୩୮ ◆ଭୁବନେଶ୍ୱର ◆ମଙ୍ଗଳବାର ◆୪ ଜୁନ ୨୦୨୪ ◆ପୃଷ୍ଠା-୧୬ ◆ଟ.୬.୦୦



# TETRAHEDRON
## GROUP OF INSTITUTIONS

- TETRAHEDRON HIGHER SECONDARY SCHOOL
- TETRAHEDRON WOMEN'S HIGHER SECONDARY SCHOOL
- TETRAHEDRON RESIDENTIAL COACHING FOR NEET & JEE

Tangi, Cuttack-754022

+2 1st Yr. Sc. only 200 Seats Left

NEET only 100 Seats Left

ADMISSION GOING ON

+2 1st Yr. Sc. & NEET-2024-25

Mentor :- Trideb Sir
Mob. : 7008222977

## Expected Admission into Govt. MBBS Seats : 110 to 120
(Out of 140 Good Students)
(Mark Based on OMR & Answer Key of NTA )

| NO. OF STUDENTS IN 700+ | NO. OF STUDENTS IN 680+ |
|---|---|
| 03 STUDENTS | 10 STUDENTS |

| NO. OF STUDENTS IN 660+ | NO. OF STUDENTS IN 650+ | NO. OF STUDENTS IN 600+ |
|---|---|---|
| 25 STUDENTS | 39 STUDENTS | 107 STUDENTS |

710 KAMALAKANTA Mob. : 8249906661 JAGATPUR, CUTTACK
700 JIJNASU Mob. : 9178102675 JAJPUR
700 RAHUL Mob. : 6372741832 BALANGIR

695 Omm Prakash Mob. :6372521307 Paradeep
695 Swagatika Mob. : 7381845430 Aul, Kendrapara
686 Ashutosh Mob. : 9178545331 Jagatsinghpur
685 Abhisek Mob. : 9668498248 Jajpur
684 Sushree Sangita Mob. : 7735011969 Jajpur
680 Shakti Swarup Mob. : 6370213092 Jajpur
680 Sushree Asmita Mob. :7848947386 Tangi, Cuttack

676 Subhankar Mob. : 9658607511 Malngalpur, Jajpur
675 Biswashree Mob. : 8480715205 Sundarpur, Jajpur
675 Priyabrata Mob. : 9861668335 Kuakhia, Jajpur
674 Sonali Mob. : 8144561917 Binjharpur, Jajpur
671 Abhiram Mob. : 8658966579 Jajpur
670 Aditya Narayan Mob. : 8908612788 Rahama, Jagatsinghpur
670 Gyana Ranjan Mob. : 9668089772 Athagarh, Cuttack

AHSE -2024 Appeared (Integrated)

661 Satyajeet Swain Mob. :9439830875 Jagatpur, Cuttack
652 Abinash Sahoo Mob. : 9692121982 Aul, Kendrapara
597 Diptimayee Behera(SC) Mob. : 8249355019 Sundargarh
585 Swastik(SC) M. : 9777071130 Dhenkanal
583 Satyajit(SC) M. : 6370706476 Salipur, Cuttack

Qualifying & Scholarship Test for NEET on 09th June & 23rd June (any one)
Exam from 11am. to 2.20pm. , Reporting at 10.00am)
FOR ONLINE REGISTRATION VISIT OUR WEBSITE :
www.tetrahedroncoaching.com

Name of Examination Centre :

| TETRAHDRON | SAI SRISTI RESIDENTIAL | SRIRAM H.S.SCHOOL |
|---|---|---|
| Tangi, Cuttack M. : 9040363480 | +2 SC. COLLEGE Plot No. : 62/63, Unit -6 Near Governer House BBSR, Mob. : 8093064525 | Near NH-16, Soro,Balasore M. : 8117097375 |

For Admission Contact : 8093064522, 8093064525, 9040363480



କ୍ରିକେଟ୍‌କୁ କେଦାରଙ୍କ ଅଲ୍‌ବିଦା

▶କ୍ରୀଡ଼ା ପୃଷ୍ଠାରେ...

- RNI REGDN O :42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 41 ◆ISSUE-338 ◆BHUBANESWAR ◆TUESDAY ◆4 JUNE 2024 ◆PAGE-16 ◆₹ 6.00

◆ବର୍ଷ-୪୧ ◆ସଂଖ୍ୟା-୩୩୮ ◆ଭୁବନେଶ୍ୱର ◆ମଙ୍ଗଳବାର ◆୪ ଜୁନ ୨୦୨୪ ◆ପୃଷ୍ଠା-୧୬ ◆ଟ.୬.୦୦


## ଭଙ୍ଗହେଲା ଓଡ଼ିଶାର ଷୋଡ଼ଶ ବିଧାନସଭା

# ନବୀନ ସରକାରଙ୍କ ପଞ୍ଚମ ପାଳିର ଶେଷ କ୍ୟାବିନେଟ

■ **ଭୁବନେଶ୍ୱର, ୩।୬(ସମିସ):** ରାଜ୍ୟ କ୍ୟାବିନେଟ୍ ସୁପାରିସକ୍ରମେ ରାଜ୍ୟପାଳ ରଘୁବର ଦାସ ସୋମବାର ଷୋଡ଼ଶ ବିଧାନସଭାକୁ ଭଙ୍ଗ କରିଛନ୍ତି। ଏନେଇ ସଂସଦୀୟ ବ୍ୟାପାର ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଆଜି ବିଜେଡି ସରକାରର ପଞ୍ଚମ ପାଳିର ଶେଷ କ୍ୟାବିନେଟ ବୈଠକ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ପୂର୍ବାହ୍ନ ସାଢ଼େ ୧୧ଟାରୁ ଏହି ବୈଠକ ଲୋକସେବା ଭବନରେ ଅନୁଷ୍ଠିତ ହୋଇଥିଲା। ମୁଖ୍ୟମନ୍ତ୍ରୀ ନବୀନ ନିବାସରୁ ଭିଡିଓ କନଫରେନ୍ସି ଜରିଆରେ ବୈଠକରେ ଯୋଡ଼ି ହୋଇଥିବା ବେଳେ ଅନ୍ୟ ବିଭାଗୀୟ ମନ୍ତ୍ରୀମାନେ ଲୋକସେବା ଭବନ ଓ ଜିଲ୍ଲା ମୁଖ୍ୟାଳୟରୁ ବୈଠକରେ ଯୋଗ ଦେଇଥିଲେ। ବୈଠକରେ ମନ୍ତ୍ରୀମଣ୍ଡଳ ଭଙ୍ଗ ପାଇଁ ସଙ୍କଳ୍ପ ପାରିତ ହେବା ସହ ଏ ସଂକ୍ରାନ୍ତ ▶ପୃଷ୍ଠା-୯



## ଆଇଏସଆଇକୁ ଗୁପ୍ତ ତଥ୍ୟ ଦେବା ମାମଲା

# ବ୍ରହ୍ମୋସ୍ ଏରୋସ୍ପେସ ଇଞ୍ଜିନିୟରଙ୍କୁ ଆଜୀବନ କାରାଦଣ୍ଡ

■ **ନୂଆଦିଲ୍ଲୀ,୩।୬(ଏଜେନ୍ସି):** ପାକିସ୍ତାନ ଗୁଇନ୍ଦା ଏଜେନ୍ସି ଆଇଏସ୍ଆଇକୁ ଗୁପ୍ତ ତଥ୍ୟ ଦେବା ଅଭିଯୋଗରେ ଦୋଷୀ ସାବ୍ୟସ୍ତ ବ୍ରହ୍ମୋସ୍ ଏରୋସ୍ପେସ୍‌ର ପୂର୍ବତନ ଇଞ୍ଜିନିୟର ନିଶାନ୍ତ ଅଗ୍ରୱାଲଙ୍କୁ କୋର୍ଟ ଆଜୀବନ କାରାଦଣ୍ଡ ଶୁଣାଇଛନ୍ତି। ମହାରାଷ୍ଟ୍ରର ନାଗପୁର ଜିଲ୍ଲା କୋର୍ଟ ନିଶାନ୍ତଙ୍କ ମାମଲାର ବିଚାର କରି ଏହି ଦଣ୍ଡାଦେଶ ଦେଇଛନ୍ତି। ଏହାବ୍ୟତୀତ ତାଙ୍କ ଉପରେ ୩,୦୦୦ ଟଙ୍କାର ଜରିମାନା କରାଯାଇଛି। ଉଲ୍ଲେଖଯୋଗ୍ୟ ଯେ ନିଶାନ୍ତ ନାଗପୁରସ୍ଥିତ ବ୍ରହ୍ମୋସ ଏରୋସ୍ପେସ୍‌ର କ୍ଷେପଣାସ୍ତ୍ର କେନ୍ଦ୍ରର ଟେକ୍ନିକାଲ ରିସର୍ଚ୍ଚ ବିଭାଗରେ ନିୟୋଜିତ ଥିଲେ। କିନ୍ତୁ ସେ ଆଇଏସଆଇକୁ ବ୍ରହ୍ମୋସର ଗୁପ୍ତ ତଥ୍ୟ ଯୋଗାଉଥିବା ସୂଚନା ପାଇବା ପରେ ୨୦୧୮ରେ ଉତ୍ତରପ୍ରଦେଶ ଏବଂ ମହାରାଷ୍ଟ୍ରର ମିଲିଟାରୀ ଏଟିଏସ ମିଳିତ ଭାବେ ତଦନ୍ତ କରି ନିଶାନ୍ତଙ୍କୁ ଗିରଫ କରିଥିଲା।



## ୨୦୨୪ ମହାପର୍ବର ଶେଷ ପ୍ରକ୍ରିୟା: ଭୋଟ ଗଣତି ଆଜି

# ଇଭିଏମ୍ ଖୋଲିବ ନେତାଙ୍କ ଭାଗ୍ୟ

■ **ନୂଆଦିଲ୍ଲୀ,୩।୬(ଏଜେନ୍ସି):** ବହୁ ପ୍ରତୀକ୍ଷିତ ୨୦୨୪ ନିର୍ବାଚନ ଫଳାଫଳ ଆସନ୍ତାକାଲି (ମଙ୍ଗଳବାର) ପ୍ରକାଶ ପାଇବ। ଫଳାଫଳ ଜାଣିବାର ବ୍ୟଗ୍ରତା ସାଧାରଣ ଭୋଟରଙ୍କ ଠାରୁ ଆରମ୍ଭ କରି ରାଜନେତା, କର୍ମୀଙ୍କ ଆଖିରୁ ନିଦ ହଜାଇଦେଇଛି। ଏଥିପାଇଁ ସବୁ ସ୍ତରରେ ପ୍ରସ୍ତୁତି ଶେଷ ହେବା ସହିତ ଭୋଟ ଗଣତି କେନ୍ଦ୍ରରେ ଆନୁଷଙ୍ଗିକ ବ୍ୟବସ୍ଥା କରାଯାଇଥିବା ମୁଖ୍ୟ ନିର୍ବାଚନ କମିସନ ସୋମବାର ସୂଚନା ଦେଇଛନ୍ତି। ଗତ ଏପ୍ରିଲ ୧୯ରୁ ଜୁନ ୧ ତାରିଖ ଯାଏଁ ୭ଟି ପର୍ଯ୍ୟାୟରେ ଲୋକସଭା ପାଇଁ ମତଦାନ କରାଯାଇଥିଲା। ଏଥିସହିତ ଓଡ଼ିଶା, ଆନ୍ଧ୍ରପ୍ରଦେଶ, ସିକିମ ଏବଂ ଅରୁଣାଚଳ ଆଦି ୪ ରାଜ୍ୟରେ ବିଧାନସଭା ନିର୍ବାଚନ କରାଯାଇଥିଲା। ଗତକାଲି ସିକିମ୍ ଓ ଅରୁଣାଚଳ ପ୍ରଦେଶର ଭୋଟ ଗଣତି ଶେଷ ହୋଇ ଫଳ ପ୍ରକାଶ ପାଇସାରିଥିଲାବେଳେ ଲୋକସଭାର ୫୪୩ଟି ଆସନ ସମେତ ଓଡ଼ିଶା ଏବଂ ଆନ୍ଧ୍ରପ୍ରଦେଶ ବିଧାନସଭା ନିର୍ବାଚନର ଭୋଟ ଗଣତି ଆସନ୍ତାକାଲି ସକାଳ ୮ଟାରୁ ଆରମ୍ଭ ହେବ।



## ୭୦ଟି କେନ୍ଦ୍ରରେ ଗଣାହେବ ୨.୫ କୋଟି ଭୋଟ

■ **ଭୁବନେଶ୍ୱର, ୩।୬(ସମିସ):** ରାଜ୍ୟରେ ୪ଟି ପର୍ଯ୍ୟାୟରେ ମୋଟ ଅଢେଇ କୋଟିରୁ ଊର୍ଦ୍ଧ୍ୱ ମତଦାତା ନିଜର ମତଦାନ କରିଛନ୍ତି। ଉପରୋକ୍ତ ଭୋଟ ଗଣନା ପାଇଁ ରାଜ୍ୟରେ ୭୦ଟି ମତଗଣନା କେନ୍ଦ୍ରର ବ୍ୟବସ୍ଥା କରାଯାଇଛି। ତନ୍ମଧ୍ୟରୁ ୬୯ କେନ୍ଦ୍ରରେ ଇଭିଏମ୍ ଓ ପୋଷ୍ଟାଲ ବାଲାଟ ଏବଂ ଗୋଟିଏ ସେଣ୍ଟରରେ କେବଳ ପୋଷ୍ଟାଲ ବାଲାଟ ଗଣନା କରାଯିବ। ଏହି କେନ୍ଦ୍ରଟି ଗଞ୍ଜାମର ଛତ୍ରପୁରରେ ଥିବା ବେଳେ ଏଠାରେ ଆସ୍କା ଏବଂ ବ୍ରହ୍ମପୁର ସଂସଦୀୟ ଆସନ ପାଇଁ ସଂଗୃହୀତ ପୋଷ୍ଟାଲ ବାଲଟ ଗଣନା କରାଯିବ ବୋଲି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ନିକୁଞ୍ଜ ବିହାରୀ ଧଳ କହିଛନ୍ତି।

**ଇଭିଏମ୍ ମତଗଣନା ପାଇଁ ୩୫୮୯ଟି ଟେବୁଲର ବ୍ୟବସ୍ଥା**

**ଗୋଟିଏ କେନ୍ଦ୍ରରେ ହେବ ପୋଷ୍ଟାଲ୍ ବାଲଟ ଗଣତି**

ଆସନ୍ତାକାଲି ହେବାକୁ ଥିବା ମତଗଣନା ସମ୍ପର୍କରେ ବିସ୍ତୃତ ସୂଚନା ପ୍ରଦାନ କରି ଶ୍ରୀ ଧଳ କହିଛନ୍ତି ଯେ ଚଳିତ ନିର୍ବାଚନରେ ୨୧ ଲୋକସଭା କ୍ଷେତ୍ର ପାଇଁ ମୋଟ ୧ ଲକ୍ଷ ୪୭ ହଜାର ପୋଷ୍ଟାଲ ବାଲଟ ମିଳିଛି। ସେହିପରି ୧୪୭ ବିଧାନସଭା ଆସନ ପାଇଁ ମୋଟ ୧ ଲକ୍ଷ ୪୬ ହଜାର ପୋଷ୍ଟାଲ ବାଲଟ ସଂଗୃହୀତ ହୋଇଛି। ଏଗୁଡ଼ିକର ସଠିକ୍ ଭାବେ ଗଣନା ପାଇଁ ପ୍ରତି ଟେବୁଲରେ ଜଣେ ଏଆର୍‌ଓ ନିଯୁକ୍ତି ଦିଆଯାଇଛି। ସେହିପରି ପ୍ରତି ଟେବୁଲରେ ସର୍ବାଧିକ ୫୦୦ଟି ପୋଷ୍ଟାଲ ବାଲାଟ ଗଣନା କରାଯିବ। ସେହିପରି ଇଭିଏମ୍ ମତଗଣନା ପାଇଁ ମୋଟ ୩୫୮୯ଟି ଟେବୁଲର ବ୍ୟବସ୍ଥା କରାଯାଇଛି। ବିଧାନସଭା କ୍ଷେତ୍ର ▶ପୃଷ୍ଠା-୯

# ନିର୍ବାଚନ ଫଳ ପୂର୍ବରୁ ଖାଉଟିଙ୍କୁ ମହଙ୍ଗା ମାଡ଼

■ **ନୂଆଦିଲ୍ଲୀ,୩।୬(ଏଜେନ୍ସି):** ଦେଶରେ ଶେଷ ହୋଇଛି ଲୋକସଭା ନିର୍ବାଚନ। ପୂର୍ବରୁ କରାଯାଉଥିବା ଆଶଙ୍କା ଏବେ ସତରେ ପରିଣତ ହୋଇଛି। କାରଣ ଏହି ସାଧାରଣ ନିର୍ବାଚନ ଶେଷ ହେବା କ୍ଷଣି ଖାଉଟିଙ୍କ ଉପରେ ଆରମ୍ଭ ହୋଇଛି




ମହଙ୍ଗା ମାଡ଼। ଏଥିରେ କ୍ଷୀର ଦର ବଢ଼ିଛି। ଅମୁଲ ଏବଂ ମଦର ଡାଏରୀ ପରି ବଡ଼ କମ୍ପାନୀ କ୍ଷୀର ଲିଟର ପିଛା ୨ ଟଙ୍କା ବୃଦ୍ଧି କରିଛନ୍ତି। ସେହିଭଳି ଆଜିଠାରୁ ଦେଶବ୍ୟାପୀ ଟୋଲ୍ ଟିକସ ୫ ପ୍ରତିଶତ ମହଙ୍ଗା ହୋଇଛି।

ଗୁଜୁରାଟ କୋ-ଅପରେଟିଭ୍ ମିଲ୍କ ମାର୍କେଟିଂ ଫେଡେରେସନ୍ (ଜିସିଏମ୍ଏମ୍ଏଫ୍) କହିଛି ଯେ ଦୁଗ୍ଧର ଉତ୍ପାଦନ ତଥା ଉତ୍ପାଦନର ସାମଗ୍ରିକ ମୂଲ୍ୟବୃଦ୍ଧିକୁ ଦୃଷ୍ଟିରେ ରଖି ସୋମବାରଠାରୁ ସମସ୍ତ ପ୍ରକାରର ଅମୂଲ କ୍ଷୀରର ମୂଲ୍ୟ ଲିଟର ପିଛା ୨ ଟଙ୍କା ବୃଦ୍ଧି କରାଯାଇଛି। ଅମୁଲ ପରେ ଏବେ ମଦର ଡାଏରୀ କ୍ଷୀରର ମୂଲ୍ୟ ଦିଲ୍ଲୀ-ଏନସିଆର ବଜାରରେ ଲିଟର ପିଛା ୨ ଟଙ୍କା ବୃଦ୍ଧି କରିବାକୁ ଘୋଷଣା କରିଛି। ଏଥିରେ ଟୋକେନ୍ କ୍ଷୀର ମଧ୍ୟ ଅନ୍ତର୍ଭୁକ୍ତ। ବର୍ଦ୍ଧିତ ମୂଲ୍ୟ ସୋମବାର, ୩ ଜୁନ୍‌ରୁ

**ଦୁଗ୍ଧ ୨ ଟଙ୍କା, ଟୋଲ୍ ଟିକସ ୫% ବଢ଼ିଲା**

କାର୍ଯ୍ୟକାରୀ ହୋଇଛି। ଏହି ମୂଲ୍ୟ କମ୍ପାନୀର ଦୁଗ୍ଧ ଏବଂ ବଜାରର ସମସ୍ତ ପ୍ରକାର ପାଇଁ ପ୍ରଯୁଜ୍ୟ ହେବ। କମ୍ପାନୀ କହିଛି ଯେ ଗତ ୧୫ ମାସ ମଧ୍ୟରେ ଉତ୍ପାଦନ ମୂଲ୍ୟ ବୃଦ୍ଧି ଯୋଗୁ ମୂଲ୍ୟ ବୃଦ୍ଧି କରିବାକୁ ବାଧ ହୋଇଛୁ।

ସେହିପରି ଅନୁସାରେ ସୋମବାରଠାରୁ ସମଗ୍ର ଦେଶରେ ଥିବା ପ୍ରାୟ ୧୧୦୦ ଟୋଲ୍ ପ୍ଲାଜାରେ ସଡ଼କ ଟିକସ ୩%ରୁ ୫% ମହଙ୍ଗା ହୋଇଛି। ଭାରତୀୟ ଜାତୀୟ ରାଜପଥ ପ୍ରାଧିକରଣ (ଏନ୍ଏଚ୍ଏଆଇ)ର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି ଯେ, ▶ପୃଷ୍ଠା-୯

## ପ୍ରକାଶ ପାଇଲା ଓଜେଇ ପରୀକ୍ଷା ଫଳ

# ବି-ଫାର୍ମାରେ ସାଗରିକା ଟପ୍ପର୍

■ **ଭୁବନେଶ୍ୱର, ୩।୬ (ସମିସ):** ଓଡ଼ିଶା ଯୁଗ୍ମ ପ୍ରବେଶିକା ପରୀକ୍ଷା (ଓଜେଇଇ) ଫଳ ସୋମବାର ପ୍ରକାଶ ପାଇଛି। ବି-ଫାର୍ମାରେ ସାଗରିକା ଦାଶ ଟପ୍ପର ହୋଇଥିବା ବେଳେ ଏମ୍‌ବିଏରେ ସୂର୍ଯ୍ୟକାନ୍ତ ପୃଷ୍ଟି, ଏମ୍‌ସିଏରେ ବ୍ରହ୍ମାନନ୍ଦ ମହାରଣା, ଏମ୍-ଫାର୍ମାରେ ପଦ୍ମାଳୟା ମିଶ୍ର, ଏମ୍-ଆର୍କିଟେକ୍‌ରେ ଅଙ୍କିତ୍ ବିଶ୍ୱାଳ, ଏମ୍-ପ୍ଲାନ୍‌ରେ ପ୍ରତ୍ୟୁଷ ଦାଶ ପ୍ରମୁଖ ଟପ୍ପର ହୋଇଛନ୍ତି। ସେହିପରି ସିଭିଲ ଇଞ୍ଜିନିୟରିଂରେ ରବୀନ୍ଦ୍ର ସାହୁ, ଇଲେକ୍ଟ୍ରିକାଲ୍ ଇଞ୍ଜିନିୟରିଂରେ ପୂର୍ବିପ୍ରିୟା ନାୟକ, ମେକାନିକାଲ ଇଞ୍ଜିନିୟରିଂରେ ଗୋବିନ୍ଦ ନାୟକ, କମ୍ପ୍ୟୁଟର ସାଇନ୍ସରେ ଆକାଶ କୁମାର ଦାଶ, ଇଲେକ୍ଟ୍ରୋନିକ୍ସ ଆଣ୍ଡ କମ୍ୟୁନିକେସନ୍ ଇଞ୍ଜିନିୟରିଂରେ ସୌମ୍ୟପ୍ରକାଶ ସୂତାର, କେମିକାଲ ଇଞ୍ଜିନିୟରିଂରେ ରିଙ୍କୁ ନାୟକ, ବାଇଓ-ଟେକ୍ନୋଲୋଜିରେ ଅଙ୍କିତା ▶ପୃଷ୍ଠା-୯

**୫୬ ହଜାର ପରୀକ୍ଷାର୍ଥୀ ପାଇଲେ ରାଙ୍କ**

## ୧୬ରେ ୟୁପିଏସ୍‌ସି ସିଭିଲ୍ ସର୍ଭିସ୍ ପ୍ରିଲିମିନାରୀ ପରୀକ୍ଷା

**ସପ୍ତାହେ ପୂର୍ବରୁ ଡାଉନ୍‌ଲୋଡ୍ ହେବ ଆଡମିଟ୍ କାର୍ଡ**

■ **ଭୁବନେଶ୍ୱର, ୩।୬(ସମିସ):** କେନ୍ଦ୍ରୀୟ ଲୋକ ସେବା ଆୟୋଗ(ୟୁପିଏସ୍‌ସି) ସିଭିଲ୍ ସର୍ଭିସ୍ ପ୍ରିଲିମିନାରୀ ପରୀକ୍ଷା ଆସନ୍ତା ୧୬ ତାରିଖରେ ଅନୁଷ୍ଠିତ ହେବ। ପରୀକ୍ଷାର ସପ୍ତାହେ ପୂର୍ବରୁ ଆଡମିଟ୍ କାର୍ଡ ଉପଲବ୍ଧ ହେବାନେଇ ୟୁପିଏସ୍‌ସି ପକ୍ଷରୁ ବିଜ୍ଞପ୍ତି ଜାରି କରାଯାଇଛି। ଆବେଦନକାରୀମାନେ www.upsc.gov.in ▶ପୃଷ୍ଠା-୯

## ଟାଇମ୍ସ ନାଓ-ଇଟିଜି ସର୍ଭେ

# ପୁଣି ଶତକ ମାରିବ ବିଜେଡି

■ **ଭୁବନେଶ୍ୱର, ୩।୬(ସମିସ):** ଓଡ଼ିଶାରେ ପୁଣି ଶତକ ମାରିବ ବିଜେଡି। ପୂର୍ବ ୨ଟି ନିର୍ବାଚନ ଭଳି ଚଳିତ ନିର୍ବାଚନରେ ମଧ୍ୟ ଦଳ ବୃହତ ବିଜୟ ହାସଲ କରିବ। ବିଜେଡି ଉପରେ ଲୋକଙ୍କର ଅତୁଟ ବିଶ୍ୱାସ ପୁନର୍ବାର ଭୋଟ୍‌ରେ ପରିଣତ ହେବା ସହ ଦଳ ରାଜ୍ୟ ବିଧାନସଭା ନିର୍ବାଚନରେ ୧୦୦-୧୧୫ ଆସନରେ ବିଜୟୀ ହେବ ବୋଲି ଜାତୀୟ ଗଣମାଧ୍ୟମ ସଂସ୍ଥା ଟାଇମ୍ସ ନାଓ ଓ 'ଇଟିଜି' ରିସର୍ଚ୍ଚ ସଂସ୍ଥା ଦର୍ଶାଇଛି। ସୋମବାର ଦେଶର ଏହି ପ୍ରତିଷ୍ଠିତ ଜାତୀୟ ଗଣମାଧ୍ୟମରେ ଓଡ଼ିଶା ବିଧାନସଭା ସଂକ୍ରାନ୍ତ ଆକଳନ ପ୍ରକାଶ ପରେ ରାଜ୍ୟ ବିଜେପିକୁ ହତାଶ କରିଛି। ଦଳର ଶୀର୍ଷ ନେତୃତ୍ୱଙ୍କଠାରୁ ଆରମ୍ଭ କରି ରାଜ୍ୟର ପ୍ରମୁଖ ନେତାମାନେ ଓଡ଼ିଶାରେ ସରକାର ଗଠନ କରିବା ପାଇଁ ଦାବି କରି ଆସୁଛନ୍ତି। ହେଲେ ବିଜେପିର ଏଭଳି ଦାବିକୁ ବିଜେଡି ପ୍ରତ୍ୟାଖ୍ୟାନ କରିବା ସହ ଦଳ ଦିବା ସ୍ୱପ୍ନ ଦେଖୁଥିବା କଟାକ୍ଷ କରିଛି।




ଓଡ଼ିଶାର ୧୪୭ ବିଧାନସଭା ଆସନ ପାଇଁ ବୁଥ୍ ବାହୁଡା ମତ ସଂଗ୍ରହ କରି ଟାଇମ୍ସ ନାଓ ଏକଜିଟ୍ ପୋଲ ପ୍ରକାଶ କରିଛି। ଏହି ସର୍ଭେ ଅନୁଯାୟୀ ବିଜେଡି ୧୦୦ରୁ ୧୧୫ ଆସନ ହାତେଇବ ଓ ବିଜେପିକୁ ▶ପୃଷ୍ଠା-୯

# ଅଂଶୁଘାତ ମୃତ୍ୟୁ ୩୦କୁ ବଢ଼ିଲା

■ **ଭୁବନେଶ୍ୱର, ୩।୬(ସମିସ):** ରାଜ୍ୟରେ ଅଂଶୁଘାତ ମୃତକଙ୍କ ସଂଖ୍ୟା ୩୦କୁ ବୃଦ୍ଧି ପାଇଛି। ରବିବାର ସୁଦ୍ଧା ୨୬ଜଣଙ୍କର ଅଂଶୁଘାତ ମୃତ୍ୟୁ ହୋଇଥିବା ବେଳେ ଗତ ୨୪ ଘଣ୍ଟାରେ ଆଉ ୪ଜଣଙ୍କର ଅଂଶୁଘାତରେ ପ୍ରାଣ ହରାଇଛନ୍ତି ବୋଲି ସୋମବାର ରାଜ୍ୟ ସ୍ୱତନ୍ତ୍ର ରିଲିଫ କମିସନର (ଏସଆରସି)ଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। ସ୍ୱାସ୍ଥ୍ୟ ବିଭାଗର ତଥ୍ୟକୁ ଆଧାର କରି ଏସ୍ଆରସିଙ୍କ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି ଯେ ସୋମବାର ସନ୍ଧ୍ୟା ୬ ଟା ▶ପୃଷ୍ଠା-୯

## ଲୋକକଥା



ଗଣତନ୍ତ୍ରର ପରବ ସରିଲା
ଆସିବେ ନୂଆ ସର୍କାର,
ଏଥର ହିସାବ କିତାବ କରିବେ
ଭୋଟରଙ୍କ କଲା କର୍ମର।
ସରିଲା ଖେଳ ତାଙ୍କର,
ନେତାଏ ଖେଳିବେ ଆପଣା ଇଚ୍ଛାରେ
କ୍ଷମତା ପଶାପାଳିର !!

# ୫ ଦିନରେ ଓଡ଼ିଶା ଛୁଇଁବ ମୌସୁମୀ

■ **ଭୁବନେଶ୍ୱର, ୩।୬(ସମିସ):** ଆସନ୍ତା ୪-୫ ଦିନ ମଧ୍ୟରେ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ଓଡ଼ିଶା ଛୁଇଁବ। ପ୍ରଥମେ ରାଜ୍ୟର ଦକ୍ଷିଣ ଓଡ଼ିଶାର କିଛି ଅଞ୍ଚଳରେ ମୌସୁମୀ ବାୟୁ ପ୍ରବେଶ କରିପାରେ ବୋଲି ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ୩ ଜୁନ ସୁଦ୍ଧା କର୍ଣ୍ଣାଟକ, ରାୟଲସୀମା ଓ ଆନ୍ଧ୍ରପ୍ରଦେଶର କିଛି ଉପକୂଳ ଅଞ୍ଚଳରେ ମୌସୁମୀ ପ୍ରବେଶ କରିଛି। ତେବେ ଆସନ୍ତା ୪-୫ ଦିନ ମଧ୍ୟରେ ସାରା କର୍ଣ୍ଣାଟକ, ଗୋଆ ଓ ତେଲେଙ୍ଗାନା ସମେତ ଛତିଶଗଡ଼ ଓ ଓଡ଼ିଶାର ଦକ୍ଷିଣ ଅଞ୍ଚଳରେ ମୌସୁମୀ ପ୍ରବେଶ କରିବାର ସମ୍ଭାବନା ରହିଛି।

ଅନ୍ୟପଟେ ରାଜ୍ୟରେ ପୂର୍ବଭଳି ତାତି ଓ ଗୁଳୁଗୁଳି ଜାରି ରହିବ। ଆସନ୍ତା



୪ ଦିନ ମଧ୍ୟରେ ରାଜ୍ୟରେ ଆହୁରି ୪ ଡିଗ୍ରୀ ପର୍ଯ୍ୟନ୍ତ ତାପମାତ୍ରା ବୃଦ୍ଧି ପାଇବାର ସମ୍ଭାବନା ରହିଛି। ରାଜ୍ୟରେ ଗତ ଦୁଇ ଦିନ ହେବ ବିଭିନ୍ନ ସ୍ଥାନରେ କାଳବୈଶାଖୀ ଜନିତ ସ୍ଥିତି ଯୋଗୁଁ ତାପମାତ୍ରାରେ ହ୍ରାସ ଘଟିଥିଲା। ମାତ୍ର ମଙ୍ଗଳବାରଠାରୁ ବର୍ଷାର ପ୍ରକୋପ ହ୍ରାସ ହେବାକୁ ଥିବାରୁ ତାପମାତ୍ରା ପୁଣି ଥରେ ବୃଦ୍ଧି ପାଇବ।

**୨ ଦିନ ପର୍ଯ୍ୟନ୍ତ ଜାରି ରହିବ ଗ୍ରୀଷ୍ମ ଲହରୀ**

ଏହି କ୍ରମରେ ମଙ୍ଗଳବାର ସୋନପୁର, ବୌଦ୍ଧ, ବଲାଙ୍ଗିର, ବରଗଡ଼, ନୂଆପଡ଼ା ଓ କଳାହାଣ୍ଡି ଜିଲ୍ଲାରେ ଗ୍ରୀଷ୍ମ ଲହରୀ ସ୍ଥିତି ସୃଷ୍ଟି ହେବାର ଆଶଙ୍କା ରହିଛି। ସେହିପରି ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ ଓ ଗଜପତି ଜିଲ୍ଲାରେ ଗୁଳୁଗୁଳି ପ୍ରବଳ ହେବା ସହ ଏହି ଜିଲ୍ଲାଗୁଡ଼ିକରେ ଉଷ୍ମ ଓ ଆର୍ଦ୍ର ପାଣିପାଗ ସ୍ଥିତି ସୃଷ୍ଟି ହେବ। ଏହାକୁ ଦୃଷ୍ଟିରେ ରଖି ପାଣିପାଗ କେନ୍ଦ୍ର ଏହି ଜିଲ୍ଲାଗୁଡ଼ିକ ପାଇଁ ୟେଲୋ ଆଲର୍ଟ ଜାରି କରିଛି। ୫ ତାରିଖରେ ମଧ୍ୟ ବିଭିନ୍ନ ଜିଲ୍ଲାରେ ସମାନ ସ୍ଥିତି ସୃଷ୍ଟି ▶ପୃଷ୍ଠା-୯

# ବେଙ୍ଗାଲୁରୁରେ ୧୩୩ ବର୍ଷର ରେକର୍ଡ ଭାଙ୍ଗିଲା ବର୍ଷା

■ **ବେଙ୍ଗାଲୁରୁ,୩।୬(ଏଜେନ୍ସି):** ଗତ ୩୧ ତାରିଖରେ ମୌସୁମୀ କେରଳ ଉପକୂଳ ଛୁଇଁବା ସହିତ ଉତ୍ତର ପୂର୍ବ ଦିଗରେ ଗତି

**ଦିନକରେ ବର୍ଷିଲା ୧୧୧.୧ ମିମି**

କରିବା ଆରମ୍ଭ କରିଥିଲା ବେଳେ ଦକ୍ଷିଣ ଭାରତର ବିଭିନ୍ନ ରାଜ୍ୟରେ ବର୍ଷା ହୋଇଛି। ତେବେ କର୍ଣ୍ଣାଟକରେ ବର୍ଷା ୧୩୩ ବର୍ଷର ରେକର୍ଡ ଭାଙ୍ଗିଛି ବୋଲି ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ସୋମବାର ସୂଚନା ଦିଆଯାଇଛି।



ବିଶେଷକରି ରବିବାର ବେଙ୍ଗାଲୁରୁ ଏବଂ ଏହାର ଆଖାପାଖ ଅଞ୍ଚଳରେ ବର୍ଷା ପରିମାଣ ୧୩୩ ▶ପୃଷ୍ଠା-୯






## ଆସାମ ବନ୍ୟା: ୫ଲକ୍ଷ ପ୍ରଭାବିତ, ୧୪ ମୃତ



ଗୌହାଟୀ, ୩।୬(ଏଜେନ୍ସି): ଦୁଇ ଦିନ ଧରି ବର୍ଷା କମିବାରୁ ଆସାମ ବନ୍ୟା ପରିସ୍ଥିତିରେ ସାମାନ୍ୟ ସୁଧାର ଆସିଛି। ଆସାମ ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ କହିଛନ୍ତି, ରାଜ୍ୟର ୧୪ଟି ଜିଲ୍ଲାର ୫୩୫୨୪୬ ଜଣ ଏବର୍ଷର ବନ୍ୟାରେ ପ୍ରଭାବିତ ହୋଇଛନ୍ତି। ବନ୍ୟାରେ ମେ' ୨୮ ପରଠାରୁ ଏଯାଏଁ ୧୪ ଜଣଙ୍କର ମୃତ୍ୟୁ ଘଟିଛି ଓ କିଛି ଲୋକ ନିଖୋଜ ଅଛନ୍ତି। ବ୍ରହ୍ମପୁତ୍ର ଓ ବାରାକ ଭଳି ବଡ଼ ନଦୀର ଜଳ ସ୍ତର ବିପଦ ସଙ୍କେତ ତଳେ ରହିବାରୁ ବଡ଼ ସ୍ଲୁଇସ୍ ଗେଟଗୁଡ଼ିକ ଖୋଲାଯାଇ ଜଳଭଣ୍ଡାରଗୁଡ଼ିକରୁ ବନ୍ୟାଜଳ ନିଷ୍କାସନ କରାଯାଉଛି। ନାଗାଓଁ ଜିଲ୍ଲାରେ ବନ୍ୟାରେ ସବୁଠାରୁ ଅଧିକ ପ୍ରାୟ ୩ଲକ୍ଷ ଲୋକ ପ୍ରଭାବିତ ହୋଇଥିବା ବେଳେ କାଚାର ଜିଲ୍ଲରେ ଲକ୍ଷାଧିକ ଲୋକ ପ୍ରଭାବିତ ହୋଇଛନ୍ତି।

## କର୍ଣ୍ଣାଟକ ୬ ବିଧାନ ପରିଷଦ ଆସନ ପାଇଁ ମତଦାନ ଶେଷ

ବେଙ୍ଗାଲୁରୁ, ୩।୬(ଏଜେନ୍ସି): ୬ଟି ଶିକ୍ଷକ ଓ ସ୍ନାତକଙ୍କ ନିର୍ବାଚନମଣ୍ଡଳୀରୁ କର୍ଣ୍ଣାଟକ ବିଧାନ ପରିଷଦକୁ ୬ ସଦସ୍ୟଙ୍କୁ ନିର୍ବାଚିତ କରାଯିବା ପାଇଁ ଆଜି ମତଦାନ ହୋଇଥିଲା। ୬ ବିଧାନ ପରିଷଦ ଆସନରେ ପ୍ରାର୍ଥୀଙ୍କ ସଂଖ୍ୟା ଥିଲା ୭୮। ସ୍ନାତକଙ୍କ ନିର୍ବାଚନମଣ୍ଡଳୀସବୁର ଭୋଟରଙ୍କ ସଂଖ୍ୟା ୩ଲକ୍ଷ ୬୩ ହଜାର ହୋଇଥିବା ବେଳେ ଶିକ୍ଷକଙ୍କ ନିର୍ବାଚନମଣ୍ଡଳୀସବୁର ଭୋଟରଙ୍କ ସଂଖ୍ୟା ହେଉଛି ୭୦ ହଜାର ୨୬୦। ପ୍ରତି ଦୁଇ ବର୍ଷକୁ ଥରେ ବିଧାନ ପରିଷଦର ୬ଟି ଶିକ୍ଷକ ଓ ସ୍ନାତକଙ୍କ ନିର୍ବାଚନମଣ୍ଡଳୀର ନିର୍ବାଚିତ ସଦସ୍ୟଙ୍କ କାର୍ଯ୍ୟକାଳ ସମାପ୍ତ ହୁଏ ଓ ସେହି ଶୂନ୍ୟ ସ୍ଥାନ ପୂରଣ ପାଇଁ ନିର୍ବାଚନ କରାଯାଏ। କର୍ଣ୍ଣାଟକ ବିଧାନ ପରିଷଦର ସଦସ୍ୟଙ୍କ ମୋଟ ସଂଖ୍ୟା ହେଉଛି ୭୫। ଆଜି ଉତ୍ତରପୂର୍ବ କର୍ଣ୍ଣାଟକ ସ୍ନାତକ, ଦକ୍ଷିଣପଶ୍ଚିମ କର୍ଣ୍ଣାଟକ ସ୍ନାତକ, ବାଙ୍ଗାଲୋର ସ୍ନାତକ, ଦକ୍ଷିଣପୂର୍ବ କର୍ଣ୍ଣାଟକ ଶିକ୍ଷକ, ଦକ୍ଷିଣପଶ୍ଚିମ କର୍ଣ୍ଣାଟକ ଶିକ୍ଷକ ଓ ଦକ୍ଷିଣ କର୍ଣ୍ଣାଟକ ଶିକ୍ଷକ-ଏହି ୬ ସ୍ନାତକ ଓ ଶିକ୍ଷକ ନିର୍ବାଚନମଣ୍ଡଳୀରେ ମତଦାନ ହୋଇଥିଲା।

## କେ କବିତାଙ୍କ ହାଜତ ମିଆଦ ବୃଦ୍ଧି

ନୂଆଦିଲ୍ଲୀ,୨।୬(ଏଜେନ୍ସି): ଦିଲ୍ଲୀ ଅବକାରୀ ଦୁର୍ନୀତି ମାମଲାରେ ବିଆରଏସ ନେତ୍ରୀ କେ କବିତାଙ୍କ ହାଜତ ମିଆଦ ବୃଦ୍ଧି ହୋଇଛି। କୌଣସି ପ୍ରକାରରେ ତାଙ୍କୁ ଆଶ୍ୱସ୍ତି ମିଳିପାରିନାହିଁ। ସୋମବାର କେ କବିତାଙ୍କୁ ଦିଲ୍ଲୀର ରାଉଜ୍ ଆଭିନ୍ୟୁ କୋର୍ଟରେ ହାଜର କରାଯାଇଥିଲା। କିନ୍ତୁ ବିଚାରପତି କାବେରୀ ବଓ୍ୱେଜା କବିତାଙ୍କ ନ୍ୟାୟିକ ହେପାଜତ ମିଆଦ ଜୁଲାଇ ୩ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ଦିଲ୍ଲୀ ଅବକାରୀ ନୀତି ଦୁର୍ନୀତି ମାମଲାରେ ଇଡି କବିତାଙ୍କୁ ଗତ ମାର୍ଚ୍ଚ ୧୫ ତାରିଖରେ ଗିରଫ କରିବା ପରେ ସେ ଜେଲରେ ରହିଛନ୍ତି।

### ଶାନ୍ତିପୂର୍ଣ୍ଣ ଭାବେ ସରିଛି ଲୋକସଭା ନିର୍ବାଚନ: ଇସି

# ମତଦାନ କରିବାରେ ଭାରତର ବିଶ୍ୱ ରେକର୍ଡ

ନୂଆଦିଲ୍ଲୀ,୩।୬(ଏଜେନ୍ସି)



**ସାମିଲ ହୋଇଛନ୍ତି ୬୪.୨ କୋଟି ଭୋଟର**

**ଏଥର ମତଦାନ କରିଛନ୍ତି ୩୧ କୋଟି ମହିଳା ଭୋଟର**

୭ ପର୍ଯ୍ୟାୟ ବିଶିଷ୍ଟ ଦୀର୍ଘସୂତ୍ରୀ ଲୋକସଭା ନିର୍ବାଚନ ଶେଷ ହୋଇସାରିଥିଲା ବେଳେ ଆସନ୍ତକାଲି ଫଳାଫଳ ପ୍ରକାଶ ପାଇବାକୁ ଯାଉଛି। ଏହାକୁ ନେଇ ସାଧାରଣ ଭୋଟରଙ୍କ ଠାରୁ ଆରମ୍ଭ କରି ରାଜନେତା ଓ କର୍ମୀଙ୍କ ଯାଏଁ ଉତ୍ସୁକତା ଭରି ରହିଛି। ତେବେ ଫଳାଫଳ ପ୍ରକାଶ ପାଇବା ପୂର୍ବରୁ ମୁଖ୍ୟ ନିର୍ବାଚନ ଆୟୋଗ ଚଳିତ ନିର୍ବାଚନ ପ୍ରକ୍ରିୟା ସମ୍ପର୍କରେ ଟିପ୍ପଣୀ ରଖିଛନ୍ତି। ସୋମବାର ଏକ ସାମ୍ବାଦିକ ସମ୍ମିଳନୀରେ ମୁଖ୍ୟ ନିର୍ବାଚନ ଆୟୋଗ ରାଜୀବ କୁମାର କହିଛନ୍ତି ଯେ, ଚଳିତ ଥର ମତଦାନରେ ଭାରତ ବିଶ୍ୱ ରେକର୍ଡ କରିଛି। ଏଥର ଲୋକ ସଭା ନିର୍ବାଚନରେ ୬୪.୨ କୋଟି ଭୋଟର ସେମାନଙ୍କ ମତ ସାବ୍ୟସ୍ତ କରିଛନ୍ତି। ସେଥିମଧ୍ୟରୁ ୩୧ କୋଟି ମହିଳା ଏବଂ ୩୩ କୋଟି ପୁରୁଷ ଭୋଟର ରହିଛନ୍ତି। ଯାହାକି ସାରା ବିଶ୍ୱର ଯେକୌଣସି ଭାଗରେ ହେଉଥିବା ମତଦାନ ତୁଳନାରେ ସର୍ବାଧିକ। କୌଣସି ରାଷ୍ଟ୍ରରେ ଏତେ ସଂଖ୍ୟାରେ ଭୋଟର ମତଦାନ କରି ନାହାନ୍ତି। ଏହାବ୍ୟତୀତ ୨୦୧୯ ନିର୍ବାଚନ ତୁଳନାରେ ଚଳିତ ନିର୍ବାଚନରେ ସର୍ବାଧିକ ମହିଳା ମତଦାନ କରିଥିବାରୁ ସେ ମହିଳା ଭୋଟରଙ୍କ ଉଦ୍ଦେଶ୍ୟରେ କୃତଜ୍ଞତା ଜ୍ଞାପନ କରିଛନ୍ତି। ଏଥର ୩୧ କୋଟିରୁ ଅଧିକ ମହିଳା ଭୋଟରଙ୍କ ମତଦାନ କରିଥିବାରୁ ଚଳିତ ନିର୍ବାଚନର ଏହା ଏକ ଉଲ୍ଲେଖନୀୟ ବିଷୟ ବୋଲି ରାଜୀବ କୁମାର ଖୁସି ବ୍ୟକ୍ତ କରିଛନ୍ତି। ଏହାବ୍ୟତୀତ ଭାରତ ଭଳି ଏକ ବିଶାଳ ଜନବହୁଳ ରାଷ୍ଟ୍ରରେ ୭ଟି ପର୍ଯ୍ୟାୟରେ ନିର୍ବାଚନ କରାଯାଇଥିଲା ବେଳେ ଦେଶର ଅଧିକାଂଶ ଭାଗରେ ଶାନ୍ତି ଶୃଙ୍ଖଳା ସହ ମତଦାନ ଶେଷ ହୋଇଛି। ୨୭ଟି ରାଜ୍ୟର କୌଣସି ସ୍ଥାନରେ ରି-ପୋଲିଂ ବା ପୁନଃ ମତଦାନ ହୋଇ ନ ଥିବା ସେ କହିଛନ୍ତି। ଏଥର ମତଦାନ ସମୟରେ ଆଚରଣ ସଂହିତା ଉଲ୍ଲଙ୍ଘନ ନେଇ ୪୯୫ଟି ଅଭିଯୋଗ ଆସିଥିଲା ବେଳେ ସେଥିମଧ୍ୟରୁ ୯୦ ପ୍ରତିଶତ ଅଭିଯୋଗର ତୁରନ୍ତ ସମାଧାନ କରାଯାଇଛି। ସେହିପରି ଜମ୍ମୁ ଓ କାଶ୍ମୀରରେ ଗତ ୪ ଦଶନ୍ଧିରେ ସବୁଠୁ ଅଧିକ ମତଦାନ ହୋଇଛି। କେବଳ କାଶ୍ମୀର ଉପତ୍ୟକାରେ ୫୧.୦୫ ପ୍ରତିଶତ ପୋଲିଂ ହୋଇଛି। ମାତ୍ର ୩୯ଟି ବୁଥରେ ପୁନଃ ମତଦାନ କରାଯାଇଛି। ଏହି ନିର୍ବାଚନରେ ୬୮ ହଜାର ମନିଟରିଂ ଟିମ୍, ଦେଢ କୋଟି ପୋଲିଂ ଓ ସୁରକ୍ଷା କର୍ମଚାରୀ ନିୟୋଜିତ ଥିଲେ। ୪ ଲକ୍ଷ ଯାନବାହନ, ୧୩୫ ସ୍ୱତନ୍ତ୍ର ଟ୍ରେନ୍, ୧୬୯୨ ବିମାନ, ହେଲିକପ୍ଟର ଆଦି ବ୍ୟବହାର କରାଯାଇଥିଲା। ଲୋକ ସଭା ନିର୍ବାଚନ ପାଇଁ ପ୍ରାୟ ଚାରି ଲକ୍ଷ ଯାନ, ୧୩୫ ଟି ସ୍ୱତନ୍ତ୍ର ଟ୍ରେନ ଏବଂ ୧,୬୯୨ ଟି ବିମାନ ବ୍ୟବହାର କରାଯାଇଥିଲା। ବିଶ୍ୱର ସର୍ବବୃହତ ନିର୍ବାଚନ ପ୍ରକ୍ରିୟାରେ ୬୮,୦୦୦ ରୁ ଅଧିକ ମନିଟରିଂ ଦଳ, ୧.୫କୋଟି ଭୋଟର ଏବଂ ସୁରକ୍ଷା କର୍ମୀ ସାମିଲ ହୋଇଥିଲେ ବୋଲି ସିଇସି ରାଜୀବ କୁମାର କହିଛନ୍ତି।

### 'ଲାପତା ଜେଣ୍ଟଲ୍‌ମ୍ୟାନ୍' ମିମ୍ସକୁ ନେଇ ନିର୍ବାଚନ ଆୟୋଗଙ୍କ ଜବାବ

# ଆମେ ଏଇଠି ଅଛୁ; କେବେ ବି ନିଖୋଜ ହୋଇନୁ

ନୂଆଦିଲ୍ଲୀ,୩।୬(ଏଜେନ୍ସି)

ଲୋକସଭା ନିର୍ବାଚନ ଶେଷ ହୋଇଛି। ଆସନ୍ତାକାଲି ଫଳାଫଳ ମଧ୍ୟ ପ୍ରକାଶ ପାଇବାକୁ ଯାଉଛି। କିନ୍ତୁ ଏହାମଧ୍ୟରେ ବିଭିନ୍ନ ସ୍ତରରେ ମୁଖ୍ୟ ନିର୍ବାଚନ ଆୟୋଗଙ୍କୁ ନିଶାଣ କରାଯାଇଛି। ୭ ପର୍ଯ୍ୟାୟ ବିଶିଷ୍ଟ ନିର୍ବାଚନରେ ବିଭିନ୍ନ ସମୟରେ ନେତାମାନଙ୍କ ଦ୍ୱାରା ଆଚରଣ ବିଧି ଉଲ୍ଲଙ୍ଘନକୁ ନେଇ କିଛି ସ୍ତରରେ ଆୟୋଗଙ୍କ ପ୍ରତି ପ୍ରଶ୍ନ ଉଠିଥିଲା ବେଳେ ରାଜନୈତିକ ସ୍ତରରେ ଇଭିଏମ ଏବଂ ଭୋଟ ହାରକୁ ନେଇ ନିର୍ବାଚନ ଆୟୋଗ ରଖିଥିବା ତଥ୍ୟକୁ ନେଇ ପ୍ରଶ୍ନ ଉଠିଛି। ଏହିକ୍ରମରେ ସୋସିଆଲ ମିଡିଆ ପ୍ଲାଟଫର୍ମରେ ପ୍ରଶ୍ନ ଉଠାଯାଇ ନିର୍ବାଚନ ଆୟୋଗଙ୍କ ଉଦ୍ଦେଶ୍ୟରେ 'ଲାପତା ଜେଣ୍ଟଲମ୍ୟାନ୍' (ନିଖୋଜ ଭଦ୍ରବ୍ୟକ୍ତି) ଉଲ୍ଲେଖ କରାଯାଇ ମିମ୍ସ ଭାଇରାଲ କରାଯାଇଥିଲା। କିନ୍ତୁ ସୋମବାର ଏହାର ଜବାବ ରଖିଛନ୍ତି ମୁଖ୍ୟ ନିର୍ବାଚନ ଆୟୋଗ ରାଜୀବ କୁମାର। ଆମେ ଏଇଠୁ ଅଛୁ ,କେବେ ନିଖୋଜ ନଥିଲୁ ବୋଲି ସେ କହିଛନ୍ତି। ଲୋକସଭା ନିର୍ବାଚନ ଭୋଟ୍ ଗଣତି ପୂର୍ବରୁ ସୋମବାର ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ସେ କହିଛନ୍ତି ଯେ, 'ଆପଣଙ୍କ ଲାପତା ତଥା ନିଖୋଜ ଜେଣ୍ଟଲମ୍ୟାନ୍' ଫେରି ଆସିଛନ୍ତି। ଆମେ କେବେ ନିଖୋଜ ହୋଇନଥିଲୁ। ଆମେ ସବୁବେଳେ ଏଠାରେ ଥିଲୁ। ଆମେ ଆମର ପ୍ରେସ୍ ନୋଟ୍ ମାଧ୍ୟମରେ ଯୋଗାଯୋଗ କରିବାକୁ ପସନ୍ଦ କରୁ। ନିର୍ବାଚନ ସମୟରେ ଆମେ ୧୦୦ରୁ ଅଧିକ ପ୍ରେସ୍ ନୋଟ୍ ଦେଇଥିଲୁ ବୋଲି ସିଇସି ରାଜୀବ କୁମାର କହିଛନ୍ତି।

### ୭ ତାରିଖ ସୁଦ୍ଧା ଜବାବ ନ ରଖିଲେ ଜୟରାମଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ



ଭୋଟ ଗଣତି ପୂର୍ବରୁ ଦେଶର ୧୫୦ ଜିଲ୍ଲାପାଳଙ୍କୁ ଫୋନ କରି କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଭୟଭୀତ କରିଥିବା ଅଭିଯୋଗକୁ ନେଇ ମୁଖ୍ୟ ନିର୍ବାଚନ କମିସନ କଂଗ୍ରେସ ନେତା ଜୟରାମ ରମେଶଙ୍କୁ ସୋମବାର ତାଗିଦ୍ କରିଛନ୍ତି। ଜୟରାମ ଯେଉଁ ଅଭିଯୋଗ କରିଛନ୍ତି ତାହାର ପ୍ରମାଣ ୭ ତାରିଖ ସୁଦ୍ଧା ରଖିବାକୁ କମିସନ କହିଛନ୍ତି। ଏଥିପାଇଁ ଜୟରାମ ଅଧିକ ସମୟ ଲୋଡିଥିଲେ। କିନ୍ତୁ ନିର୍ବାଚନ କମିସନ ଏହାକୁ ଅଗ୍ରାହ୍ୟ କରିଦେବା ସହିତ ୭ ତାରିଖ ସୁଦ୍ଧା ଜବାବ ନ ରଖିଲେ ତାଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ଭୋଟ ଗଣତି ସମୟରେ ହେରଫେର କରିବାକୁ ଅମିତ ଶାହ ୧୫୦ ଜିଲ୍ଲାପାଳ , ଜିଲ୍ଲା ମାଜିଷ୍ଟ୍ରେଟ ଏବଂ ରିଟର୍ଣ୍ଣିଂ ଅଫିସରମାନଙ୍କୁ ଫୋନ କରି ଡରାଇଥିବା ଜୟରାମ ଅଭିଯୋଗ ଆଣିଥିଲେ। କିନ୍ତୁ ସୋମବାର ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ମୁଖ୍ୟ ନିର୍ବାଚନ କମିସନ ଏହାକୁ ଅସ୍ୱୀକାର କରିବା ସହିତ ଏହା ସମ୍ପୂର୍ଣ୍ଣ ମିଛ ଏବଂ ମନଗଢ଼ା ବୋଲି କହିଥିଲେ। ତେବେ ଜୟରାମ ଆଣିଥିବା ଅଭିଯୋଗକୁ ନେଇ ପ୍ରମାଣ ଦେବାକୁ ପଡ଼ିବ ବୋଲି କମିସନ କହିଛନ୍ତି।

# ନିର୍ବାଚନ ଫଳାଫଳକୁ ନେଇ ସମସ୍ତଙ୍କ ନିଦ ହଜିଛି

## ବୁଥ୍ ବାହୁଡ଼ା ମତର ସମ୍ପୂର୍ଣ୍ଣ ଓଲଟା ହେବ ଫଳ : ସୋନିଆ

ନିର୍ବାଚନ ଫଳ ପ୍ରକାଶ ପାଇବା ପୂର୍ବରୁ ପ୍ରଥମ ଥର ପାଇଁ କଂଗ୍ରେସର ପୂର୍ବତନ ଅଧ୍ୟକ୍ଷା ସୋନିଆ ଗାନ୍ଧି ପ୍ରତିକ୍ରିୟା ରଖିଛନ୍ତି। ସୋମବାର ସୋନିଆ କହିଛନ୍ତି, ' ନିର୍ବାଚନ ଫଳଫଳକୁ ଅପେକ୍ଷା କରନ୍ତୁ। କ'ଣ ଘଟୁଛି ତାହା ସ୍ପଷ୍ଟ ହୋଇଯିବ। ଆମର ଦୃଢ ଆଶା ଅଛି ଯେ, ଫଳାଫଳ ଏକ୍‌ଜିଟ୍ ପୋଲର ସମ୍ପୂର୍ଣ୍ଣ ବିପରୀତ ହେବ।'ଏହା ପୂର୍ବରୁ ରାହୁଲ ଗାନ୍ଧି ମଧ୍ୟ ଏକଜିଟ୍ ପୋଲକୁ ନେଇ ପ୍ରତିକ୍ରିୟା ରଖିସାରିଛନ୍ତି। ରାହୁଲ ଏକଜିଟ୍ ପୋଲକୁ ' ଫାଣ୍ଟାସି ପୋଲ୍ 'ବୋଲି କହିବା ସହିତ ଏଥର ଇଣ୍ଡିଆ ମେଣ୍ଟ ୨୯୫ ଆସନରେ ବିଜୟୀ ହେବାକୁ ଯାଉଛି ବୋଲି ଦୃଢୋକ୍ତି କରିସାରିଛନ୍ତି। ଦୁଇ ଦିନ ତଳେ ଇଣ୍ଡିଆ ମେଣ୍ଟର ବୈଠକ ଶେଷ ହେବା ପରେ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡଗେ ମଧ୍ୟ ଏହି କଥାକୁ ଦୋହରାଇଥିଲେ। ଚଳିତ ନିର୍ବାଚନରେ ଇଣ୍ଡିଆ ମେଣ୍ଟକୁ ଅତି କମରେ ୨୯୫ଟି ସିଟ୍ ମିଳିବ ବୋଲି ସେ କହିଥିଲେ।

## ମେଗା ରୋଡ୍ ଶୋ' ପାଇଁ ବିଜେପିର ପ୍ରସ୍ତୁତି

ପ୍ରମୁଖ ଏକଜିଟ ପୋଲ ରିପୋର୍ଟରେ ବିଜେପିର ବିଜୟକୁ ନେଇ ବଡ଼ ଆକଳନ କରାଯାଇଥିଲା ବେଳେ ଦଳ ଏଥର ମଧ୍ୟ ବହୁମତରେ ସରକାର ଗଢିବାକୁ ଯାଉଛି ବୋଲି ଦଳୀୟ ନେତୃବୃନ୍ଦ ଉଲ୍ଲସିତ ହୋଇପଡ଼ିଛନ୍ତି। ଯଦି ଏକଜିଟ୍ ପୋଲ ଆକଳନ ସତ ହୁଏ ତେବେ ନରେନ୍ଦ୍ର ମୋଦୀ ପୁଣି ଥରେ ପ୍ରଧାନମନ୍ତ୍ରୀ ହେବା ନିଶ୍ଚିତ। ଏହାକୁ ଦୃଷ୍ଟିରେ ରଖି ବିଜେପି ନେତା ଓ କର୍ମୀ ଆସନ୍ତାକାଲି ଦିଲ୍ଲୀରେ ଏକ ବିଶାଳ ରୋଡ୍ ଶୋ' ପାଇଁ ପ୍ରସ୍ତୁତ ହେଉଥିବା ସୂଚନା ମିଳିଛି। ରାଜସ୍ଥାନ, ମଧ୍ୟପ୍ରଦେଶ, ଛତିଶଗଡ଼, ଉତ୍ତରପ୍ରଦେଶ, ବିହାର, ଦିଲ୍ଲୀ ଏବଂ ମହାରାଷ୍ଟ୍ର ଆଦି ରାଜ୍ୟରେ ବିଜେପି ଉତ୍ତମ ଫଳାଫଳ ହାସଲ କରିବାର ସଙ୍କେତ ମିଳିଥିବାରୁ ଏହିସବୁ ରାଜ୍ୟର ଦଳୀୟ ନେତା ମଧ୍ୟ ରୋଡ୍ ଶା' କରିବାକୁ ପ୍ରସ୍ତୁତି ଆରମ୍ଭ କରିଦେଇଥିବା କୁହାଯାଇଛି।

**ଲୋକସଭା ନିର୍ବାଚନ -୨୦୨୪ ସର୍ବଶେଷ ବୁଥ୍ ବାହୁଡ଼ା ମତ**

## କେତେ ସତ ହେବ କାହା ଆକଳନ




ରିପ୍ଲବିକ୍ ପିଏମଏଆରକ୍ୟୁ

| ମେଣ୍ଟ | ଆସନ |
|---|---|
| ଏନଡିଏ | ୩୫୯ |
| ଇଣ୍ଡିଆ ମେଣ୍ଟ | ୧୫୪ |
| ଅନ୍ୟ ଦଳ | ୩୦ |

ଆଜତକ୍-ଏକ୍ସିସ୍

| ମେଣ୍ଟ | ଆସନ |
|---|---|
| ଏନଡିଏ | ୩୮୧ |
| ଇଣ୍ଡିଆ ମେଣ୍ଟ | ୧୪୮ |
| ଅନ୍ୟ ଦଳ | ୧୪ |

ଏବିପି- ସିଭୋଟର

| ମେଣ୍ଟ | ଆସନ |
|---|---|
| ଏନଡିଏ | ୩୬୮ |
| ଇଣ୍ଡିଆ ମେଣ୍ଟ | ୧୬୭ |
| ଅନ୍ୟ ଦଳ | ୮ |

ନ୍ୟୁଜ୍ ୧୮

| ମେଣ୍ଟ | ଆସନ |
|---|---|
| ଏନଡିଏ | ୩୬୨ |
| ଇଣ୍ଡିଆ ମେଣ୍ଟ | ୧୩୪ |
| ଅନ୍ୟ ଦଳ | ୪୭ |

ନ୍ୟୁଜ୍ ୨୪-ଚାଣକ୍ୟ

| ମେଣ୍ଟ | ଆସନ |
|---|---|
| ଏନଡିଏ | ୪୦୦ |
| ଇଣ୍ଡିଆ ମେଣ୍ଟ | ୧୦୭ |
| ଅନ୍ୟ ଦଳ | ୩୬ |

**ମେକ୍ସିକୋ ନିର୍ବାଚନ**

# କ୍ଲାଉଡ଼ିଆ ହେବେ ଦେଶର ପ୍ରଥମ ମହିଳା ରାଷ୍ଟ୍ରପତି !

ମେକ୍ସିକୋ ସିଟି, ୩।୬(ଏଜେନ୍ସି)



ମେକ୍ସିକୋ'ର ମୋରିନା ପାର୍ଟି ନେତ୍ରୀ ତଥା ରାଷ୍ଟ୍ରପତି ପ୍ରାର୍ଥୀ କ୍ଲାଉଡ଼ିଆ ସେଇନବାଉମ୍ ୫୬% ଭୋଟ ପାଇବାକୁ ଥିବା ବେଳେ ତାଙ୍କ ବିପକ୍ଷ ପ୍ରାର୍ଥୀ ଏକ୍ସ ଗାଲଭେଜ୍ ୩୦% ଭୋଟ ପାଇବେ ବୋଲି ଅନ୍ୟୁନ ୫ଟି ଏକ୍‌ଜିଟ୍ ପୋଲ୍‌ରେ ଆକଳନ କରାଯାଇଛି। ପ୍ରୋଭିଜିନାଲ୍ ରେଜଲ୍ଟ ମିଳିବାରେ ଲାଗିଛି। ସେଇନବାଉମ୍ ୫୯% ଭୋଟ ପାଇଥିବା ବେଳେ ଗାଲଭେଜ୍ ୨୯% ଭୋଟ ପାଇଛନ୍ତି। ଟ୍ରେଣ୍ଡରୁ ଜଣାପଡୁଛି, ଏକ୍‌ଜିଟ୍ ପୋଲ୍ ଆକଳନ ଠିକ୍ ପ୍ରମାଣିତ ହେବ ଓ କ୍ଲାଉଡ଼ିଆ ସେଇନବାଉମ୍ ଦେଶର ପ୍ରଥମ ମହିଳା ରାଷ୍ଟ୍ରପତି ହେବେ। କାନାଡା, ଯୁକ୍ତରାଷ୍ଟ୍ର ଆମେରିକା ଓ ମେକ୍ସିକୋରେ ପୂର୍ବରୁ ମହିଳା କେହି ରାଷ୍ଟ୍ରପତି ହୋଇନାହାନ୍ତି। କ୍ଲାଉଡ଼ିଆ ହେଉଛନ୍ତି ବିଦାୟୀ ରାଷ୍ଟ୍ରପତି ଆନ୍ଦ୍ରେସ୍ ମାନୁଏଲ୍ ଲୋପେଜ୍ ଓବ୍ରାଡରଙ୍କ ଉତ୍ତରାଧିକାରୀ। ଗରିବଙ୍କ ପାଇଁ ବିଭିନ୍ନ କଲ୍ୟାଣ ସ୍କିମ୍ ଆଣି ଆନ୍ଦ୍ରେସ୍ ଖୁବ୍ ଲୋକପ୍ରିୟତା ହାସଲ କରିଥିଲେ। କ୍ଲାଉଡ଼ିଆ ଜଣେ ଜଳବାୟୁ ବୈଜ୍ଞାନିକ। ସେ ମେକ୍ସିକୋ ସିଟି'ର ମେୟର୍ ଥିଲେ। ରାଷ୍ଟ୍ରପତି ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ କ୍ଲାଉଡ଼ିଆଙ୍କୁ ବେଶ୍ ସତର୍କତାର ସହ କାର୍ଯ୍ୟ କରିବାକୁ ପଡ଼ିବ। ମେକ୍ସିକୋ'ର ଅର୍ଥନୈତିକ ଅଭିବୃଦ୍ଧି ହାର ଧୀମା ରହିଥିବା ବେଳେ ବଡ଼ ବଜେଟ୍ ନିଅଣ୍ଟଜନିତ ସମସ୍ୟା ରହିଛି। କ୍ଲାଉଡ଼ିଆ ତା'କୁ ସଜାଡ଼ିବା ସହ ନିର୍ବାଚନ ପ୍ରତିଶ୍ରୁତି ପାଳନ କରିବା ନିମନ୍ତେ ଲୋକ କଲ୍ୟାଣ ଓ ସାମାଜିକ ସୁରକ୍ଷା ଯୋଜନାଗୁଡ଼ିକୁ ଆହୁରି ବ୍ୟାପକ ତଥା ପ୍ରସାରିତ କରିବେ ଯାହା ଉପରେ ତାଙ୍କ ରାଜନୈତିକ କ୍ୟାରିୟରର ସଫଳତା ବା ଭବିଷ୍ୟତ ନିର୍ଭର କରିବ। ମେକ୍ସିକୋରେ ଜନଜୀବନର ସୁରକ୍ଷା ଏକ ବଡ଼ ସମସ୍ୟା। ସେଠାରେ ସ୍ୱାଧୀନତା ପ୍ରାପ୍ତି ପରେ ଏଯାଏଁ ୩୮ ଜଣ ରାଷ୍ଟ୍ରପତି ପ୍ରାର୍ଥୀଙ୍କୁ ହତ୍ୟା କରାଗଲାଣି। ବିଦାୟୀ ରାଷ୍ଟ୍ରପତି ଆନ୍ଦ୍ରେସ୍ ମାନୁଏଲ୍ ଲୋପେଜ୍ ଓବ୍ରାଡରଙ୍କ ଶାସନକାଳ ମଧ୍ୟରେ ମେକ୍ସିକୋରେ ୧ଲକ୍ଷ ୮୫ହଜାର ବ୍ୟକ୍ତି ହତ୍ୟାର ଶୀକାର ହୋଇଛନ୍ତି। ତେଣୁ ଆଇନଶୃଙ୍ଖଳା ରକ୍ଷା ଓ ସୁରକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବା ହେବ କ୍ଲାଉଡ଼ିଆଙ୍କ ପ୍ରାଥମିକତା। ଆମେରିକାକୁ ମେକ୍ସିକୋ ପଟୁ ଅନୁପ୍ରବେଶ, ଡ୍ରଗ୍ସ ଚୋରାଚାଲାଣ ରୋକି ଆମେରିକା ସରକାରଙ୍କ ସହ ଦ୍ୱିପାକ୍ଷିକ ରଣନୈତିକ ଓ କୂଟନୈତିକ ସମ୍ପର୍କକୁ ନିବିଡ଼ତର କରାଇ ନ ପାରିଲେ କ୍ଲାଉଡ଼ିଆଙ୍କ ତିଷ୍ଠିବା କଷ୍ଟକର ହେବ।

**ନିର୍ବାଚନ ଫଳ ନେଇ ଦିଲ୍ଲୀ ଜୁଆଡ଼ିଙ୍କ ଆକଳନ**

# ଏନ୍‌ଡିଏ ୩୪୦ରୁ ଅଧିକ ଓ ଇଣ୍ଡିଆ ବ୍ଲକ୍ ୨୦୦ ଆସନ

ନୂଆଦିଲ୍ଲୀ, ୩।୬(ଏଜେନ୍ସି)

ଅଧିକାଂଶ ଏକ୍‌ଜିଟ୍ ପୋଲ୍ ଫଳ ଭଳି ଦିଲ୍ଲୀ ଜୁଆଡ଼ି(ବୁକି ଓ ପୁଣ୍ଟର୍)ମାନଙ୍କ ଆକଳନ ହେଲା, ଲୋକସଭା ନିର୍ବାଚନରେ ବିଜେପି ନେତୃତ୍ୱାଧୀନ ଏନ୍‌ଡିଏ ୩୪୧ରୁ ୩୪୩ ଆସନ ଜିତିବ ଓ କଂଗ୍ରେସ ନେତୃତ୍ୱାଧୀନ ଇଣ୍ଡିଆ ବ୍ଲକ୍ ପାଇବ ୧୯୮ରୁ ୨୦୦ ଆସନ। ବିଜେପି ଏକାକୀ ୩୧୦ରୁ ୩୧୩ ଆସନ ଜିତିବ ଓ କଂଗ୍ରେସ ଏକାକୀ ୫୭ରୁ ୫୯ ଆସନ ଜିତିବ। ଦିଲ୍ଲୀର ସମସ୍ତ ୭ ଲୋକସଭା ଆସନରୁ ଇଣ୍ଡିଆ ବ୍ଲକ୍ ଗୋଟିଏ ଆସନ ଜିତିବ। ନିର୍ବାଚନ ଫଳକୁ ନେଇ ଦିଲ୍ଲୀ-ଏନ୍‌ସିଆର୍‌ରେ ଜୁଆ(ସଟ୍ଟା) ମାର୍କେଟ୍ ଦୁଇ ସପ୍ତାହ ତଳୁ ଖୋଲିଲାଣି। ଶହଶହ କୋଟି କୋଟି ଟଙ୍କା ବାଜି ଲଗାଯାଇଥିବାରୁ ସଟ୍ଟା ବଜାର ସରଗରମ ହୋଇଛି। କେବଳ ଭାରତର ନୁହେଁ, ବିଦେଶୀ ଜୁଆଡ଼ି ମଧ୍ୟ ଲୋକସଭା ନିର୍ବାଚନ ଫଳକୁ ନେଇ ବାଜି ମାରିଛନ୍ତି। ଯିଏ ବାଜି ଲଗାଏ ସେ ହେଉଛି ପୁଣ୍ଟର୍। ଯିଏ ରେଟ୍ ଲଗାଏ ଓ ଖେଳ କରାଏ ସିଏ ହେଉଛି ବୁକି। ଜୁଆ ବଜାରରେ ଏନ୍‌ଡିଏର ରେଟ୍ କମ୍ କାରଣ ଏନ୍‌ଡିଏର ବିଜୟସମ୍ଭାବନା ଅଧିକ ଓ ଅଧିକାଂଶ ଜୁଆଡ଼ି ବିଜେପି ଜିତିବା ପକ୍ଷରେ ବାଜି ଲଗାଇଛନ୍ତି। ଇଣ୍ଡିଆ ବ୍ଲକ୍ ଜିତିବା ନେଇ ବାଜି ମାରିବା 'ରିସ୍କି' ହୋଇଥିବାରୁ ଇଣ୍ଡିଆ ବ୍ଲକ୍'ର ରେଟ୍ ଅଧିକ। ସଟ୍ଟା ଖେଳଟି ଏ ପ୍ରକାର ଚାଲିଥାଏ। ବିଜେପି ହେଉ, ଏନ୍‌ଡିଏ ହେଉ, କଂଗ୍ରେସ ହେଉ ବା ଇଣ୍ଡିଆ ବ୍ଲକ୍ ହେଉ, କିମ୍ବା ଅନ୍ୟ ଯେ କୌଣସି ଦଳ କିମ୍ବା ମେଣ୍ଟ ହେଉ ପ୍ରତ୍ୟେକ ପକ୍ଷର ରେଟ୍ ୧ଟଙ୍କାରୁ କମ୍ କିମ୍ବା ଅଧିକ ରହିଥାଏ। ଧରନ୍ତୁ, ବିଜେପିର ରେଟ୍ ଅଛି ୮୦ ପଇସା ଓ କଂଗ୍ରେସର ରେଟ୍ ରହିଛି ୧ଟଙ୍କା ୫୦ ପଇସା। ଜଣେ ବିଜେପି ଜିତିବ ବୋଲି ୧୦ ହଜାର ଟଙ୍କା ବାଜି ଲଗାଇଲେ ଓ ବିଜେପି ଜିତିଲା। ତେବେ ସେ ପାଇବେ ରେଟ୍‌ର ୧୦ ହଜାର ଗୁଣ ପ୍ଲସ୍ ତାଙ୍କ ବାଜି ଟଙ୍କା ୧୦ହଜାର। ରେଟ୍‌ର ୧୦ ହଜାର ଗୁଣ ଅର୍ଥାତ୍ ୮୦ ପଇସା ଗୁଣନ ୧୦ହଜାର ହେଉଛି ୮ହଜାର ଟଙ୍କା। ଏହି ୮ହଜାର ଟଙ୍କା ପ୍ଲସ୍ ତାଙ୍କ ବାଜି ଟଙ୍କା ୧୦ହଜାର ହେଉଛି ୧୮ ହଜାର ଟଙ୍କା। ଅର୍ଥାତ୍ ବାଜି ଜିତିଲେ ସେ ପାଇବେ ୧୮ହଜାର ଟଙ୍କା। ତେବେ ଏନ୍‌ଡିଏ ବୃହତ୍ ବିଜୟ ହାସଲ କରିବ ବୋଲି ବୁକି ଓ ପୁଣ୍ଟର୍‌ମାନେ ଆକଳନ କରିଥିଲେ ହେଁ ଏନ୍‌ଡିଏ ୪୦୦ ପାର୍ କରିବ—ଏ ସମ୍ଭାବନାକୁ ପୂର୍ଣ୍ଣତଃ ଅସ୍ୱୀକାର କରିଛନ୍ତି।



## ଗଡ଼ାଚାଲିଛି ତିନିରଥ...

# ତିନିରଥର ୩୫ ଚକ ନିର୍ମାଣ ଶେଷ



**ପୁରୀ,୩।୬(ସମିସ):** ଆଉ ମାସେ ୩ଦିନ ପରେ ବଡ଼ଦାଣ୍ଡରେ ଗଡ଼ିବ ତିନିରଥ। ଏଥିପାଇଁ ରଥ ନିର୍ମାଣ କାର୍ଯ୍ୟ ଦ୍ରୁତଗତିରେ ଜାରି ରହିଛି। ତିନିରଥର ଚକ ନିର୍ମାଣ ପ୍ରାୟ ଶେଷ ପର୍ଯ୍ୟାୟରେ ପହଞ୍ଚିଲାଣି। ତିନିରଥର ମୋଟ ୪୨ ଚକ (ନନ୍ଦିଘୋଷ ୧୬, ତାଳଧ୍ୱଜ ୧୪ ଓ ଦର୍ପଦଳନ ୧୨) ମଧ୍ୟରୁ ସୋମବାର ସୁଦ୍ଧା ୩୫ଟି ସମ୍ପୂର୍ଣ୍ଣ ହୋଇଛି। ବାକି ୭ଟି ଚକ ମଧ୍ୟରୁ ୪ଟିରେ ସିଙ୍ଗଡା ବାଡିଆ ଶେଷ ହୋଇଛି। ମୋଟ ୩୯ଟି ଚକର ସିଙ୍ଗଡା ବାଡିଆ ସରିଥିବା ବେଳେ ସେଥିରେ ପଇ ସଂଯୋଗ କରାଯାଇ ଏହାକୁ ପୂର୍ଣ୍ଣାଙ୍ଗ ରୂପ ଦିଆଯିବ। ଆଉ ୩ଟି ଚକର ସିଙ୍ଗଡା ବାଡିଆ ବାକି ରହିଛି। କଟକ କରତ କଳରୁ ଅର ପହଞ୍ଚିବା ପରେ ଭୋଇ ସେବକ ୩ଟି ଚକର ସିଙ୍ଗଡା ବାଡିଆ କାମ ଶେଷ କରିବେ। ସେହିପରି ଅନ୍ୟାନ୍ୟ କାମ ମଧ୍ୟରେ ତିନିରଥର ଓରା, ଓରାଖମ୍ବି, ଯୋଖା, ଭୂଇଁ ଚଉତା ଆଦିର ଚଉପଟ କାର୍ଯ୍ୟ ଚାଲିଛି। ଏଥିସହ ବାହାର ରଥ ଖଳାରେ ପ୍ରତ୍ୟେକ ରଥର ଅଖ ଗୋଲେଇ କାର୍ଯ୍ୟ ମହାରଣା ସେବକ ଜାରି ରଖିଛନ୍ତି। ସୋମବାର ଭୋଇ ସେବକମାନେ ପ୍ରତି ଚାଳିରେ ଦଣ୍ଡା କାଠ ପକାଇଛନ୍ତି। ଏହାକୁ ମହାରଣା ସେବକମାନେ ସାଇଜ୍ କରୁଛନ୍ତି। ସେହିପରି ରଥଖଳାରେ ରୂପକାର ସେବକମାନେ ତିନିରଥର ଗୁଜଗୁଡ଼ିକରେ ରୂପ ଖୋଦେଇ ସହ ରୂପ ପଲିସ କରୁଛନ୍ତି। ଦୋଳବେଦୀ କୋଣଠାରେ କରତି ସେବକମାନେ ତାଳଧ୍ୱଜ ରଥର ପୋଲ ଗୟଳ ସାଇଜ୍ କରୁଥିବା ବେଳେ କମାର ସେବକମାନେ ଦଣ୍ଡା କଣ୍ଟା, ଚଉରସ କଣ୍ଟା ପ୍ରସ୍ତୁତ କରୁଛନ୍ତି।

■ ମୋବାଇଲ ଫୋନ କଟକଣାକୁ ବେଖାତିର

# ଶ୍ରୀମନ୍ଦିର ଭିତର ଫଟୋ ଭାଇରାଲ

**ପୁରୀ, ୩।୬ (ସମିସ):** କିଛି ଦିନର ବ୍ୟବଧାନ ପରେ ଏବେ ପୁଣି ଶ୍ରୀମନ୍ଦିର ଭିତର ଚିତ୍ର ବାହାରକୁ ଆସିଛି। ମହାପ୍ରଭୁଙ୍କ ଦର୍ଶନ ପାଇଁ ଆସିଥିବା ଦୁଇଜଣ ଭକ୍ତ ମନ୍ଦିର ଭିତର ବେଢ଼ାରେ ଫଟୋ ଉଠାଇଛନ୍ତି। ସେମାନେ ସେଲ୍‌ଫି ଉଠାଇ ଏହାକୁ ସୋସିଆଲ ମିଡିଆରେ ଭାଇରାଲ କରିଛନ୍ତି। ଅନୀଲ କୁମାର ସ୍ୱାଇଁ ନାମକ ଜଣେ ୟୁଜର ଏହି ଫଟୋକୁ ଅପ୍‌ଲୋଡ କରି ଲେଖିଛନ୍ତି ତ୍ରିସ୍ତରୀୟ ସୁରକ୍ଷାବଳୟରେ ଥିବା ଶ୍ରୀମନ୍ଦିର ଭିତରକୁ ମୋବାଇଲ ଫୋନ ନେଇ ଫଟୋ ଉଠାଯାଉଛି। ଏଥିରୁ ଜଣାପଡୁଛି, ପ୍ରଶାସନ କିଭଳି ସୁରକ୍ଷା ଦେଉଛି।ଏହି ଫଟୋ ଏବେ ସୋସିଆଲ ମିଡ଼ିଆରେ ଘୂରି ବୁଲୁଛି। ମନ୍ଦିର ପରିସର ଗାରଦ ନିକଟରେ ଏହି ଫଟୋ ଉଠିଥିବା ଜଣାପଡୁଛି।

ଏ ସମ୍ପର୍କରେ ଏସ୍‌ପି ପିନାକ ମିଶ୍ର କହିଛନ୍ତି, ଶ୍ରୀମନ୍ଦିର ଭିତର ବେଢ଼ାର ଏକ ଫଟୋ ଭାଇରାଲ ହୋଇଛି। ଏ ସମ୍ପର୍କରେ ପୁଲିସର ସାଇବର ସେଲ୍‌କୁ ଅବଗତ କରାଯାଇଛି। ପ୍ରଥମତଃ ସେ କେବେର ଫଟୋ, ସେ ବ୍ୟକ୍ତିବିଶେଷ କିଏ, ଫଟୋର ଉତ୍ସ କ'ଣ ଏ ସବୁ ବିଷୟ ଉପରେ ତଦନ୍ତ କରାଯାଉଛି। ତେବେ ମନ୍ଦିର ଭିତରକୁ ମୋବାଇଲ, କ୍ୟାମେରା ନେବା ଏବଂ ଫଟୋ ଉଠାଇବା ଉପରେ କଟକଣା ରହିଛି। ଯଦି ତଦନ୍ତରୁ ସମ୍ପୃକ୍ତ ବ୍ୟକ୍ତି ଏହା କରିଥିବା ଜଣାପଡେ ତେବେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

ସୂଚନାଯୋଗ୍ୟ, ଶ୍ରୀମନ୍ଦିର ଭିତରକୁ ମୋବାଇଲ ଫୋନ ନେବା ଉପରେ ପୂର୍ବରୁ କଟକଣା ରହିଛି। ଏପରିକି, ସେବାୟତମାନେ ବି ନେଇପାରିବେ ନାହିଁ ବୋଲି କୁହାଯାଇଛି। ସେମାନେ ବାହାରେ ଷ୍ଟାଣ୍ଡରେ ମୋବାଇଲ ରଖି ମନ୍ଦିର ଭିତରକୁ ଯିବାର ବ୍ୟବସ୍ଥା ହୋଇଛି। ବିଭିନ୍ନ ସମୟରେ ମୋବାଇଲ ପାଇଁ ୧ ହଜାର ଟଙ୍କା ପର୍ଯ୍ୟନ୍ତ ଜରିମାନା ବି ଲଗାଯାଇଛି। ହେଲେ ଏହି କଟକଣାକୁ ଅନେକ ମାନୁନାହାନ୍ତି। ଏବେ ବି ମନ୍ଦିର ଭିତରକୁ ମୋବାଇଲ ଫୋନ ଯାଉଥିବା ଅଭିଯୋଗ ହେଉଛି। ଏହାଦ୍ୱାରା ଶ୍ରୀମନ୍ଦିର ସୁରକ୍ଷା ପ୍ରତି ବିପଦ ସୃଷ୍ଟି ହେଉଛି। ମନ୍ଦିର ଭିତର ବହୁ ସମ୍ବେଦନଶୀଳ ସ୍ଥାନର ଫଟୋ ଉଠାଯାଇ ସୋସିଆଲ ମିଡିଆରେ ଅପ୍‌ଲୋଡ କରାଯାଉଛି। ଏପରିକି ଭିତରେ ରେକର୍ଡିଂ ହୋଇଥିବା ଭିଡ଼ିଓ ବି ମଝିରେ ମଝିରେ ଭାଇରାଲ ହେଉଛି।

**ସୁରକ୍ଷାକୁ ନେଇ ଉଠିଲା ପ୍ରଶ୍ନ**

ଶ୍ରୀମନ୍ଦିର ଆଇନ ଅନୁଯାୟୀ, ମନ୍ଦିର ଭିତରକୁ କେବଳ ୪ ଜଣ ବରିଷ୍ଠ ଅଧିକାରୀ ଯଥା ମୁଖ୍ୟ ପ୍ରଶାସକ, ଜିଲ୍ଲାପାଳ, ଏସ୍‌ପି ଏବଂ ଶ୍ରୀମନ୍ଦିର ସୂଚନା ଅଧିକାରୀ ମୋବାଇଲ ଫୋନ୍ ନେଇପାରିବେ। ଏମାନଙ୍କ ବ୍ୟତୀତ ଅନ୍ୟ କେହି ମୋବାଇଲ ଫୋନ ନେଲେ ଆଇନ ଅନୁଯାୟୀ ଜରିମାନା ଆଦାୟର ବ୍ୟବସ୍ଥା ରହିଛି। ଯେହେତୁ ଏହା ଶ୍ରୀମନ୍ଦିର ସୁରକ୍ଷା ପ୍ରସଙ୍ଗ ସହ ଜଡ଼ିତ ତେଣୁ ଏହାକୁ କଡ଼ାକଡ଼ି ପାଳନ କରିବା ଲାଗି ଚାରିଦ୍ୱାରରେ ଯାଞ୍ଚ ବ୍ୟବସ୍ଥା ରହିଛି। ଏହାସତ୍ତ୍ୱେ ଶ୍ରୀମନ୍ଦିର ଭିତରକୁ ଯାଉଛି ମୋବାଇଲ ଫୋନ୍।

## ଭଉଁରି ଯାତ ବେଳେ ବାଣ ବିସ୍ଫୋରଣ ମାମଲା

# ୨ ବାଣ ବେପାରୀଙ୍କ ସମେତ ୪ ଗିରଫ

**ପୁରୀ,୩।୬(ସମିସ):** ମହାପ୍ରଭୁଙ୍କ ଭଉଁରି ଯାତ୍ରା ବେଳେ ନରେନ୍ଦ୍ର ପୁଷ୍କରିଣୀ ନିକଟରେ ଭୟଙ୍କର ବାଣ ବିସ୍ଫୋରଣ ଘଟଣାରେ କୁମ୍ଭାରପଡ଼ା ଥାନା ପୁଲିସ ୨ ବାଣ ବେପାରୀଙ୍କ ସମେତ ମୋଟ ୪ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ, ବାଣ ବେପାରୀ ଚାରିଛକ ଥାନା ବ୍ରହ୍ମକୁଣ୍ଡିର ପ୍ରଶାନ୍ତ କୁମାର ନାୟକ ଓ ଟୁକୁରଞ୍ଜନ ସ୍ୱାଇଁ ଏବଂ ସେମାନଙ୍କର ଦୁଇ ସହଯୋଗୀ ଚାରିଛକ ଥାନା ଓରପାଟ ଗ୍ରାମର ବୁଧିଆ ଭୋଇ ଏବଂ ଚାରିଛକ ବ୍ରହ୍ମକୁଣ୍ଡିର ଜଗନ୍ନାଥ ରାଉତ। ପୁଲିସ ଏମାନଙ୍କୁ ଗିରଫ କରିବା ସହ ୨ ବେପାରୀଙ୍କ ଗୋଦାମ ଉପରେ ଚଡ଼ଉ କରିଥିଲା। ଚଡ଼ଉ ବେଳେ ୪୬କେଜି ପୋଟାସିୟମ ନାଇଟ୍ରେଟ୍, କୋଇଲା ଗୁଣ୍ଡ ୩୦ କେଜି, ଗନ୍ ପାଉଡର୍ ୮କେଜି, ସଲ୍‌ଫର ୫ କେଜି, ୮୫ଟି ହାତବୋମା, ୬୩ଟି ହାବେଲୀ, ୩୦ସଟ୍ ୧୨ ବାକ୍ସ, ୧୦୦ ସଟ୍ ୧୪ ବାକ୍ସ, ୬୦ ସଟ୍ ୨୦ ବାକ୍ସ, ୫୦ ସଟ୍ ୬ ବାକ୍ସ, ଟୁ ଇନ୍ ୱାନ୍ ବମ୍ ୬ ବାକ୍ସ, ଲଙ୍କା ବାଣ ୮ ବାକ୍ସ, ହାବେଲୀ ପାଇଁ ପ୍ରସ୍ତୁତ ଫାଙ୍କା ଖୋଳ ୧, ୦୦୦ ପିସ୍ ଜବତ କରାଯାଇଛି। ଏମାନେ ବାଣ ଫୁଟାଉଥିବା ବ୍ୟକ୍ତିଙ୍କୁ ବାଣ ଯୋଗାଇଥିଲେ ବୋଲି ଜଣାଯାଇଛି। ଏନେଇ ପୁଲିସ ନମ୍ବର ୧୩୦/୨୪ରେ ଏକ ମାମଲା ରୁଜୁ କରି ଅଧିକ ଖୋଳତାଡ଼ ଚଳାଇଛି।





■ ବିପୁଳ ପରିମାଣର ବାଣ ପ୍ରସ୍ତୁତ ସାମଗ୍ରୀ ଜବତ
■ ଅନୁମତି ନ ଥିବା ବାଣ ତିଆରି କରି ବିକ୍ରି କରୁଥିଲେ
■ ବାଣ କିଣିଥିବା ବ୍ୟକ୍ତି ଚିକିତ୍ସାଧୀନ, ବାଣୁଆ ଫେରାର୍
■ ନରେନ୍ଦ୍ର ନିକଟକୁ ବାଣ ବୋହି ଆଣିଥିବା ଟ୍ରଲି ଚାଳକ ମୃତ

ପ୍ରଶାନ୍ତ ଓ ଟୁକୁରଞ୍ଜନ ଫ୍ୟାନ୍ସି ବାଣ ପ୍ରସ୍ତୁତ କରିବା ପାଇଁ ଲାଇସେନ୍ସ ପାଇଛନ୍ତି। କିନ୍ତୁ ବେଆଇନ ଭାବେ ଉଚ୍ଚ ଶବ୍ଦ ବିସ୍ଫୋରଣ ବାଣ ପ୍ରସ୍ତୁତ କରି ଖଣ୍ଡିଆବନ୍ଧର ଚନ୍ଦନ ଭୋଇଙ୍କୁ ବିକ୍ରି କରିଥିଲେ। ସେହିପରି ପ୍ରଶାନ୍ତ ନାୟକଙ୍କ ପାଇଁ ବୁଧିଆ ଏବଂ ଟୁକୁରଞ୍ଜନଙ୍କ ପାଇଁ ଜଗନ୍ନାଥ ବେଆଇନ ଭାବେ ବିସ୍ଫୋରକ ବାଣ ତିଆରି କରୁଥିଲେ।

ପୁଲିସ୍ ସୂଚନାନୁଯାୟୀ, ଖଣ୍ଡିଆବନ୍ଧର ଚନ୍ଦନ ଭୋଇ ମାନସିକ ପୂରଣ ପାଇଁ ଚାରିଛକ ଅଞ୍ଚଳର ଉପରୋକ୍ତ ଦୁଇ ବ୍ୟବସାୟୀଙ୍କଠାରୁ ବିପୁଳ ପରିମାଣର ବାଣ କିଣି ଆଣିଥିଲେ। ଘଟଣା ଦିନ କେ. ରାଜୁ ରାଓ ଟ୍ରଲିରେ ଏହି ବାଣି ବୋହି ଆଣି ନରେନ୍ଦ୍ର ପୁଷ୍କରିଣୀ ଦଶଗୁଠ ନିକଟରେ ରଖିଥିଲେ। ଏହାପରେ ଚନ୍ଦନ ଏବଂ ତାଙ୍କ ସହଯୋଗୀ ପହଞ୍ଚିବା ପରେ ବାଣ ଫୁଟା ଆରମ୍ଭ ହୋଇଥିଲା। ଚନ୍ଦନପୁର ଦୋବନ୍ଧାର ଗୋବିନ୍ଦ ନାୟକ ବାଣ ଫୁଟାଇବା ଲାଗି ଭଡ଼ାରେ ଆସିଥିଲେ। ବାଣୁଆ ଗୋବିନ୍ଦଙ୍କ ଭୁଲ ବାଣଫୁଟା ଯୋଗୁଁ ପ୍ରଥମ ବାଣ ମିସ୍ ଫାୟାର ହୋଇ ଗଚ୍ଛିତ ବାଣ ଉପରେ ପଡ଼ି ଯାଇଥିଲା। ଏହାପରେ ଏକାଥରକେ ସବୁ ବାଣରେ ନିଆଁ ଲାଗି ବିସ୍ଫୋରଣ ହୋଇଥିଲା। ଏହି ଦୁର୍ଘଟଣା ପରେ ବାଣୁଆ ଗୋବିନ୍ଦ ନରେନ୍ଦ୍ର ପୁଷ୍କରିଣୀକୁ ଡେଇଁ ଫେରାର୍ ହୋଇଯିବାକୁ ସକ୍ଷମ ହୋଇଥିବା ବେଳେ ବାଣ କିଣିଥିବା ଚନ୍ଦନ ଭୋଇ ଏବେ ହସ୍ପିଟାଲରେ ଚିକିତ୍ସାଧୀନ ଅଛନ୍ତି। ମାତ୍ର ବାଣ ପୁଷ୍କରିଣୀ ପାଖକୁ ବୋହି ଆଣିଥିବା ଟ୍ରଲି ଚାଳକ କେ. ରାଜୁ ରାଓଙ୍କ ମୃତ୍ୟୁ ହୋଇଯାଇଛି।

ଏ ସମ୍ପର୍କରେ ଏସ୍‌ପି ପିନାକ ମିଶ୍ର କହିଛନ୍ତି, ନିଶ୍ଚିତ ଏହି ଘଟଣା ସମସ୍ତଙ୍କୁ ମ୍ରିୟମାଣ କରିଦେଇଛି। ଆସନ୍ତା ୫ ତାରିଖରେ ସ୍ୱତନ୍ତ୍ର ରିଲିଫ୍ କମିସନର୍ (ଏସ୍‌ଆର୍‌ସି) ସର୍କିଟ୍ ହାଉସ୍‌ଠାରେ ଆପତ୍ତି ଅଭିଯୋଗ ଶୁଣିବେ। ବିଭିନ୍ନ ପକ୍ଷଙ୍କ ସମେତ ପ୍ରତ୍ୟକ୍ଷଦର୍ଶୀ, ଜନସାଧାରଣ, ବୁଦ୍ଧିଜୀବୀ ସେମାନଙ୍କ ଆପତ୍ତି, ଅଭିଯୋଗ ଏବଂ ମତାମତ ଦେଇପାରିବେ। ଏହି ସମ୍ବେଦନଶୀଳ ଘଟଣାକୁ ନେଇ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ନରେନ୍ଦ୍ର ପୁଷ୍କରିଣୀ ନିକଟରେ ସେଦିନ ଯେଉଁ ବାଣ ଫୁଟାଯାଇଥିଲା ତା'ର ମାନ କ'ଣ, ଯିଏ ଫୁଟାଉଥିଲେ ସେ ଏହି ବାଣ କେଉଁଠୁ ଆଣିଥିଲେ; ଏସବୁ ଦିଗରେ ତଦନ୍ତ କରାଯାଇଥିଲା। ଚନ୍ଦନ ୨ ବେପାରୀଙ୍କଠାରୁ ଏହା କିଣିଥିବା ଜଣାପଡ଼ିଥିଲା। ତେବେ ପଚରାଉଚରା ବେଳେ ସମ୍ପୃକ୍ତ ବେପାରୀ ଫ୍ୟାନ୍ସି ବାଣ ତିଆରି ପାଇଁ ଅନୁମତି ପାଇଥିଲେ ମଧ୍ୟ ସେ ଉଚ୍ଚଶବ୍ଦ ସମ୍ପନ୍ନ ବାଣ ତିଆରି କରିଥିଲେ। ଯେଉଁ ବାଣ ଫୁଟିଥିଲା ତାହାକୁ ତିଆରି କରିବା ଲାଗି ତାଙ୍କ ପାଖରେ ଅନୁମତି ନଥିଲା। ପ୍ରାଥମିକ ତଦନ୍ତରୁ ଯାହା ଜଣାପଡ଼ିଛି, ସମ୍ପୃକ୍ତ ବ୍ୟକ୍ତି ନିଜେ ବାଣ ଫୁଟାଇବା ପାଇଁ ଏହାକୁ କିଣିଥିଲେ। ଅନ୍ୟମାନେ ମଧ୍ୟ ବାଣ ଫୁଟାଇବାରେ ସାମିଲ ଥିଲେ ବୋଲି ଏସ୍‌ପି କହିଛନ୍ତି।

ସୂଚନାଯୋଗ୍ୟ, ଏହି ବାଣ ବିସ୍ଫୋରଣ ଘଟଣାରେ ୧୩ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୯ଜଣ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ଏବେ ବି ୧୪ ଜଣ ବିଭିନ୍ନ ହସ୍ପିଟାଲରେ ଚିକିତ୍ସାଧୀନ ଅଛନ୍ତି।

### ଡିସଚାର୍ଜ ହେଲେ ଆଉ ୩

**ଭୁବନେଶ୍ୱର, ୩।୬(ସମିସ):** ପୁରୀ ବାଣ ବିସ୍ଫୋରଣ ଘଟଣାରେ ଚିକିତ୍ସା ପରେ ଆଜି ଆଉ ୩ ଜଣଙ୍କୁ ଡିସଚାର୍ଜ କରାଯାଇଛି। ଜଣେ ନାବାଳକ ବଳରାମ ଦାସ, ମନମୋହନ ବେହେରା (୨୪) ଓ ୪୯ ବର୍ଷୀୟ ଶ୍ରୀଧର ରାଉତ ନାମକ ୩ ଜଣ ଆହତ ଡାକ୍ତରଙ୍କ ପରାମର୍ଶକ୍ରମେ ଡିସ୍‌ଚାର୍ଜ ହୋଇଛନ୍ତି। ଏହି ୩ ଜଣଙ୍କୁ ମିଶାଇ ମୋଟ ୯ ଜଣ ଆହତ ସୁସ୍ଥ ହୋଇ ଘରକୁ ଫେରିଥିବା ଏସଆରସିଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। ସେହିପରି ବର୍ତ୍ତମାନ କଟକ ଓ ଭୁବନେଶ୍ୱରର ବିଭିନ୍ନ ହସ୍ପିଟାଲରେ ୧୪ଜଣ ଚିକିତ୍ସିତ ହେଉଛନ୍ତି। ସମସ୍ତ ଆହତ ବ୍ୟକ୍ତିଙ୍କ ସୂଚାରୁ ଭାବେ ଚିକିତ୍ସା ଚାଲିଥିବା ସୂଚନା ଦିଆଯାଇଛି।

ସୂଚନାଯୋଗ୍ୟ, ମେ' ୨୯ତାରିଖରେ ପୁରୀର ନରେନ୍ଦ୍ର ପୁଷ୍କରିଣୀରେ ମହାପ୍ରଭୁଙ୍କ ଚାପ ଖେଳ ବେଳେ ଲୋକେ ବାଣ ଫୁଟାଉଥିବା ବେଳେ ବିସ୍ଫୋରଣ ଘଟିଥିଲା। ଏଥିରେ ୩୦ ଜଣ ଆହତ ହୋଇଥିଲେ। ସେଥିରୁ ୧୩ ଜଣଙ୍କ ମୃତ୍ୟୁ ହୋଇସାରଛି। ମୁଖ୍ୟମନ୍ତ୍ରୀ ଏହି ଘଟଣାର ଉଚ୍ଚ ସ୍ତରୀୟ ତଦନ୍ତ ନିର୍ଦ୍ଦେଶ ଦେଇଥିବା ବେଳେ ମୃତକଙ୍କ ପରିବାର ଲୋକଙ୍କୁ ୪ ଲକ୍ଷ ଟଙ୍କା ଲେଖାଏଁ ଅନୁକମ୍ପାମୂଳକ ରାଶି ପ୍ରଦାନ କରିବାକୁ ଘୋଷଣା କରିଛନ୍ତି।

## କାଳିମେଳାରେ ଡାକ୍ତର ନିଖୋଜ ଘଟଣା

# ମିଳୁନି ପତ୍ତା, ଚିନ୍ତାରେ ପରିବାର

**ଫୁଲବାଣୀ, ୩।୬(ସମିସ):** ମାଲକାନଗିରି ଜିଲ୍ଲା କାଳିମେଳାରେ କାର୍ଯ୍ୟରତ ଡାକ୍ତର ଅମ୍ଳାନ କୁମାର ଭୋଇଙ୍କ ନିଖୋଜକୁ ୪୮ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ବିତିଯାଇଥିଲେ ହେଁ ଏଯାବତ୍ ତାଙ୍କର ପତ୍ତା ମିଳି ପାରିନାହିଁ। ଏହାକୁ ନେଇ ସାଧାରଣରେ ନାନା ସନ୍ଦେହ ଜାତ ହେଉଥିବା ବେଳେ ତାଙ୍କ ପରିବାରଲୋକଙ୍କ ଆଖିରୁ ନିଦ ହଜିଯାଇଛି। ଟିକାବାଲିରେ ରହୁଥିବା ଅମ୍ଳାନଙ୍କ ବାପା-ମା'ଙ୍କ ଅବସ୍ଥା ବେହାଲ ହୋଇପଡ଼ିଛି। ଅମ୍ଳାନଙ୍କ ବାପା ଅବନୀ ଭୋଇ ଜଣେ କ୍ଷୁଦ୍ର ବ୍ୟବସାୟୀ ହୋଇଥିବା ବେଳେ ଓ ମାଆ ବିନୋଦିନୀ ସାମଲ ଟିକାବାଲି ବ୍ଲକ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଭାବରେ କାର୍ଯ୍ୟ କରୁଛନ୍ତି। ପୁଅ ଅପହରଣ ଖବର ପାଇବା ପରଠାରୁ ତାଙ୍କ ଘରେ ଚୁଲି ଜଳିନାହିଁ। ପୁଅ ଚିନ୍ତାରେ ମା' ବାରମ୍ବାର ଚେତା ହରାଉଛନ୍ତି। ଏହି ପରିପ୍ରେକ୍ଷୀରେ ଆଜି ଉଭୟ ଅବନୀ ଓ ବିନୋଦିନୀ ରାଜ୍ୟ ସରକାର, ମାଲକାନଗିରି ଜିଲ୍ଲା ପ୍ରଶାସନ ଓ କନ୍ଧମାଳ ଜିଲ୍ଲା ପ୍ରଶାସନକୁ ପୁଅର ସୁରକ୍ଷା ପାଇଁ ନିବେଦନ କରିଛନ୍ତି। ସ୍ଥାନୀୟ ଟିକାବାଲି ଥାନାରେ ମଧ୍ୟ ଏକ ଲିଖିତ ଅଭିଯୋଗ କରି ପୁଅକୁ ସୁରକ୍ଷିତ ଭାବରେ ଫେରାଇ ଆଣିବା ପାଇଁ ଗୁହାରି କରିଛନ୍ତି। ଅମ୍ଳାନଙ୍କ ପରିବାର ସୋମବାର ସନ୍ଧ୍ୟାରେ ଉଭୟ କନ୍ଧମାଳ ଏସ୍‌ପିଙ୍କୁ ମଧ୍ୟ ଏକ ଲିଖିତ ଅଭିଯୋଗ ଦେଇଛନ୍ତି। ଏସ୍‌ପିଙ୍କ ଅନୁପସ୍ଥିତିରେ କ୍ରାଇମବ୍ରାଞ୍ଚ ଡିଏସ୍‌ପି ସର୍ବେଶ୍ୱର ବେହେରା ଅଭିଯୋଗ ଗ୍ରହଣ କରି ଏ ନେଇ ବିହିତ ପଦକ୍ଷେପ ନେବାକୁ ପ୍ରତିଶ୍ରୁତି ଦେଇଛନ୍ତି।

■ ପୁଅ ଚିନ୍ତାରେ ବାରମ୍ବାର ଚେତା ହରାଉଛନ୍ତି ମା'
■ ପୁଅକୁ ସୁରକ୍ଷିତ ଭାବରେ ଫେରାଇ ଆଣିବାକୁ ଗୁହାରି

ସୂଚନାଯୋଗ୍ୟ, କନ୍ଧମାଳ ଜିଲ୍ଲା ଟିକାବାଲି ଭୋଇସାହିର ଯୁବ ଡାକ୍ତର ଅମ୍ଳାନ ଭୋଇ ୫ ମାସ ତଳେ କାଳିମେଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ଭାବେ ନିଯୁକ୍ତ ହୋଇଥିଲେ। ଶନିବାର ରାତି ପ୍ରାୟ ୧୦ଟାରେ ତାଙ୍କ ସରକାରୀ କ୍ୱାର୍ଟର୍ସରୁ ତାଙ୍କୁ କେହି ଅପହରଣ କରିନେଇଥିବା ଘଟଣା ପଦାକୁ ଆସିଥିଲା। ତାଙ୍କ ଘରୁ ସିପିଆଇ ମାଓବାଦୀ ସଂଗଠନର ଏକ ଚିଠି ମିଳିଥିବାରୁ ମାଓବାଦୀମାନେ ତାଙ୍କୁ ଅପହରଣ କରିନେଇଥିବା ସନ୍ଦେହ କରାଯାଉଛି। ଏନେଇ ଅଭିଯୋଗ ହେବା ପରେ କାଳିମେଳା ପୁଲିସ୍ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

■ ଏମ୍‌କେସିଜି ଲେବର ରୁମ୍‌ରେ ରୋଗୀଙ୍କଠାରୁ ଟଙ୍କା ଆଦାୟ ଘଟଣା

# ୨ ଆଟେଣ୍ଡାଣ୍ଟଙ୍କୁ ବହିଷ୍କାର ନିର୍ଦ୍ଦେଶ

**ବ୍ରହ୍ମପୁର, ୩।୬(ସମିସ):** ଏମକେସିଜି ମେଡିକାଲର ଲେବର ରୁମରେ ରୋଗୀଙ୍କ ସମ୍ପର୍କୀୟଙ୍କଠାରୁ ବଳପୂର୍ବକ ଟଙ୍କା ଆଦାୟ ଘଟଣାର ତଦନ୍ତ ଆରମ୍ଭ ହୋଇଛି। ଏମକେସିଜି ମେଡିକାଲର ରେଜିଷ୍ଟ୍ରାର ତଥା ଫାଇଭ-ଟି ନୋଡାଲ ଅଫିସର ସଂଗ୍ରାମ ଶେଖର ପଣ୍ଡା ଘଟଣାର ତଦନ୍ତ କରିଛନ୍ତି। ଘଟଣାରେ ସମ୍ପୃକ୍ତ ଥିବା ଘରୋଇ ଠିକା ସଂସ୍ଥା ଅଭିରାମ କେୟାର ଟେକିଂ ଏକ୍ସପୋର୍ଟ ସର୍ଭିସେସ୍ ଅଧୀନରେ କାର୍ଯ୍ୟରତ ଆଟେଣ୍ଡାଣ୍ଟ ଉଷା ପାତ୍ର ଓ ମାମି ବେହେରାଙ୍କୁ କାର୍ଯ୍ୟରୁ ବହିଷ୍କାର କରିବାକୁ ଉକ୍ତ ଘରୋଇ ସଂସ୍ଥାକୁ ନିର୍ଦ୍ଦେଶ ଦିଆଯାଇଛି। ଘଟଣା ସମ୍ପର୍କରେ ଉଭୟ ଆଟେଣ୍ଡାଣ୍ଟଙ୍କୁ ପଚରାଉଚରା ପରେ ଏଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି।

**ଦାୟିତ୍ୱରେ ଅବହେଳା ନେଇ ହସ୍ପିଟାଲ୍ ମ୍ୟାନେଜରଙ୍କୁ ତାଗିଦ**

ଅନ୍ୟପକ୍ଷରେ ତଦନ୍ତ ବେଳେ ଅନ୍ୟ କର୍ମଚାରୀଙ୍କୁ ଚିହ୍ନଟ କରି ତାଙ୍କ ବିରୁଦ୍ଧରେ ମଧ୍ୟ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିଷ୍ପତ୍ତି ନିଆଯାଇଛି। ଘଟଣାକୁ ନେଇ ରୋଗୀଙ୍କ ସମ୍ପର୍କୀୟ ହସ୍ପିଟାଲ ମ୍ୟାନେଜରଙ୍କୁ ଅବଗତ କରିଥିଲେ ମଧ୍ୟ ସେ କାହିଁକି ଅଭିଯୋଗକୁ ଶୁଣି ନଥିଲେ, ତାହାକୁ ମଧ୍ୟ ତଦନ୍ତ ପରିସରଭୁକ୍ତ କରାଯାଇଛି। ସୋମବାର ଏମକେସିଜି ମେଡିକାଲ ଓ କଲେଜର ରେଜିଷ୍ଟ୍ରାରଙ୍କ ନିକଟରେ ହସ୍ପିଟାଲ ମ୍ୟାନେଜର ହାଜର ହୋଇଥିଲେ। ଘଟଣା ସମ୍ପର୍କରେ ସେ ନିଜ ପକ୍ଷ ରଖିଥିଲେ। ଅଭିଯୋଗ ପରେ ମଧ୍ୟ ହସ୍ପିଟାଲ ମ୍ୟାନେଜର୍‌ଜଣକ କାହିଁକି ଘଟଣା ସ୍ଥଳକୁ ଯାଇ ନଥିଲେ ଏବଂ ଉଚ୍ଚ ଅଧିକାରୀଙ୍କୁ ଅବଗତ କରିବାରେ କାହିଁକି ବିଳମ୍ବ କଲେ; ସେନେଇ ପଚରାଉଚରା କରାଯାଇଥିଲା। ଆଗାମୀ ଦିନରେ ଏଭଳି ଭୁଲ ନକରିବାକୁ ତଦନ୍ତକାରୀ ଅଧିକାରୀ ମ୍ୟାନେଜରଙ୍କୁ ତାଗିଦ କରିଥିବା ସୂଚନା ମିଳିଛି।

ସୂଚନାଯୋଗ୍ୟ, ଗତ ୧ ତାରିଖରେ ଏମ୍‌କେସିଜି ମେଡିକାଲର ପ୍ରସୂତି ଓ ସ୍ତ୍ରୀରୋଗ ବିଭାଗର ଲେବର ରୁମରେ ଲୋଚାପଡ଼ା ଅଞ୍ଚଳର ରୁପାଲି ସାହୁ ଭର୍ତ୍ତି ହୋଇଥିଲେ। ରୁପାଲି ଏକ ଶିଶୁକନ୍ୟାକୁ ଜନ୍ମ ଦେଇଥିଲେ। ସେଠାରେ କାର୍ଯ୍ୟରତ ଦୁଇଜଣ ଆଟେଣ୍ଡାଣ୍ଟ ରୁପାଲିଙ୍କ ମା' ନମିତା ସାହୁଙ୍କଠାରୁ ୩ଶହ ଟଙ୍କା ଦାବି କରିଥିଲେ। ପାଖରେ ଟଙ୍କା ନଥିବା ନେଇ ନମିତା ସେମାନଙ୍କୁ ଜଣାଇବା ପରେ ମଧ୍ୟ ଆଟେଣ୍ଡାଣ୍ଟଦ୍ୱୟ ତାଙ୍କୁ ଟଙ୍କା ଦେବା ପାଇଁ ବାଧ୍ୟ କରିଥିଲେ। ଶେଷରେ ନମିତା ଆଟେଣ୍ଡାଣ୍ଟଙ୍କୁ ଟଙ୍କା ଦେଇଥିଲେ। ଘଟଣା ସମ୍ପର୍କରେ ରୋଗୀଙ୍କ ସମ୍ପର୍କୀୟ ହସ୍ପିଟାଲ ମ୍ୟାନେଜରଙ୍କୁ ଗୁହାରି କରିଥିଲେ ହେଁ ରବିବାର ଛୁଟିଦିନ ଥିବା ଯୋଗୁଁ ତାଙ୍କର ଗୁହାରିକୁ କେହି କର୍ଣ୍ଣପାତ କରିନଥିଲେ। ପରେ ନମିତା ଏମ୍‌କେସିଜି ମେଡିକାଲ ଅଧୀକ୍ଷକଙ୍କ ନିକଟରେ ଅଭିଯୋଗ କରିଥିଲେ।

■ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲା

# ଅବସରପ୍ରାପ୍ତ ନିର୍ବାହୀ ଯନ୍ତ୍ରୀଙ୍କୁ ୨ବର୍ଷ ଜେଲ୍

**କଟକ/ବାରିପଦା, ୩।୬ (ସମିସ):** ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲାରେ ଆଜି କଟକ ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତ ମୟୂରଭଞ୍ଜ ଜିଲ୍ଲା ବାରିପଦା ଲକ୍ଷ୍ମୀପୋସିସ୍ଥିତ ବ୍ରାହ୍ମଣୀ, ବୈତରଣୀ ଓ ସୁବର୍ଣ୍ଣରେଖା ବେସିନର ପୂର୍ବତନ (ଅବସରପ୍ରାପ୍ତ) ନିର୍ବାହୀ ଯନ୍ତ୍ରୀ ନରହରି ପଣ୍ଡାଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ଭିଜିଲାନ୍ସ ଅଦାଲତ ତାଙ୍କୁ ଦୁର୍ନୀତି ନିବାରଣ ଆଇନ ୧୯୮୮ର ଧାରା୧୩(୨)/୧୩(୧)(ଇ) ଅନୁସାରେ ୨ବର୍ଷ ଜେଲଦଣ୍ଡ ଓ ୫୦ ହଜାର ଜରିମାନା ଦଣ୍ଡରେ ଦଣ୍ଡିତ କରିଛନ୍ତି। ଜରିମାନା ଅନାଦେୟ ଅତିରିକ୍ତ ୬ ମାସ ଜେଲ ଦଣ୍ଡ ଭୋଗିବାକୁ ହେବ ବୋଲି ଅଦାଲତ ରାୟରେ ଉଲ୍ଲେଖ କରିଛନ୍ତି।

ପ୍ରକାଶ ଯେ ଗତ ଶ୍ରୀ ପଣ୍ଡାଙ୍କ ବିରୋଧରେ ବାଲେଶ୍ୱର ଭିଜିଲାନ୍ସ ପକ୍ଷରୁ ଆୟବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ମାମଲା ଦାୟର କରାଯିବା ସହ ଅଦାଲତରେ ଚାର୍ଜସିଟ୍ ମଧ୍ୟ ଦାଖଲ ହୋଇଥିଲା। କଟକ ଭିଜିଲାନ୍ସ ସେଲ୍ ଡିଭିଜନ୍‌ର ପ୍ରାକ୍ତନ ଇନସ୍ପେକ୍ଟର ହିମାଂଶୁ ପାତ୍ର ଏହି ମାମଲାର ତଦନ୍ତ କରିଥିଲେ। ପ୍ରଜିକ୍ୟୁସନ ପକ୍ଷରୁ ଭିଜିଲାନ୍ସର ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ବିରେନ କୁମାର ପଣ୍ଡା ମାମଲା ପରିଚାଳନା କରୁଥିଲେ। ଏହି ମାମଲାରେ ଦୋଷୀ ସାବ୍ୟସ୍ତ ହୋଇଥିବାରୁ ସମ୍ପୃକ୍ତ ଅବସରପ୍ରାପ୍ତ ଅଧିକାରୀଙ୍କ ପେନସନ ବନ୍ଦ ନିମନ୍ତେ ପାଇଁ ଭିଜିଲାନ୍ସ ପକ୍ଷରୁ ସରକାରଙ୍କୁ ଆବେଦନ କରାଯିବ ବୋଲି କୁହାଯାଇଛି।

# ଭୋଟ ଗଣତି ପାଇଁ ତ୍ରିସ୍ତରୀୟ ସୁରକ୍ଷା

**ଭୁବନେଶ୍ୱର,୩।୬(ସମିସ):** ଆସନ୍ତାକାଲି ଭୋଟ ଗଣତି ହେବ। ଏହାକୁ ଦୃଷ୍ଟିରେ ରଖି ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରିଛି ଓଡ଼ିଶା ପୁଲିସ। ଷ୍ଟ୍ରଙ୍ଗ ରୁମ ସୁରକ୍ଷା ଠାରୁ ଆରମ୍ଭ କରି ଆଇନ ଶୃଙ୍ଖଳା ପରିସ୍ଥିତିକୁ ନିୟନ୍ତ୍ରଣ କରିବା ପର୍ଯ୍ୟନ୍ତ ସୁରକ୍ଷା ଉପରେ ଗୁରୁତ୍ୱ ଦିଆଯାଇଛି ବୋଲି ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି 'ଆଇନ୍ ଶୃଙ୍ଖଳା' ଏଡିଜି ସଞ୍ଜୟ କୁମାର। ସେ କହିଛନ୍ତି ଯେ ୬୯ଟି ଷ୍ଟ୍ରଙ୍ଗରୁମ ଓ ଗୋଟିଏ ପୋଷ୍ଟାଲ ବାଲାଟ ଗଣନା ପାଇଁ ତ୍ରିସ୍ତରୀୟ ବ୍ୟବସ୍ଥା ଗ୍ରହଣ କରାଯାଇଛି। ଷ୍ଟ୍ରଙ୍ଗରୁମରେ ସିଏପିଏଫ୍ ମୁତୟନ ହୋଇଥିବା ବେଳେ ବାହାରେ ବନ୍ଧୁକଧାରୀ ପୁଲିସ ଓ ଜିଲ୍ଲା ପୁଲିସ ମୁତୟନ ହେବେ। ଏଥିପାଇଁ ୧୧୫ଟି କେନ୍ଦ୍ରୀୟ କମ୍ପାନୀ ଷ୍ଟ୍ରଙ୍ଗ ରୁମରେ ମୁତୟନ ରହିବେ। ଏହାସହ ୨୧୮ ପ୍ଲାଟୁନ ପୁଲିସ ଫୋର୍ସ ଆଇନ ଶୃଙ୍ଖଳା ପରିସ୍ଥିତି ଉପରେ ନଜର ରଖିବେ। ପ୍ରଥମସ୍ତରରେ ଷ୍ଟ୍ରଙ୍ଗ୍‌ରୁମ୍ ଭିତରେ ସିଏପିଏଫର ୭୮ ପ୍ଲାଟୁନ୍ ପୁଲିସ ଫୋର୍ସ ମୁତୟନ ହେବେ। ଦ୍ୱିତୀୟ ସୁରକ୍ଷା ବ୍ୟବସ୍ଥାରେ ଷ୍ଟ୍ରଙ୍ଗ୍‌ରୁମ୍ ଆଉଟ୍‌ଡୋରରେ ୭୮ ପ୍ଲାଟୁନ୍ ସିଏପିଏଫ୍ ରହିବେ। ଶେଷରେ ଷ୍ଟ୍ରଙ୍ଗ୍‌ରୁମ୍ କ୍ୟାମ୍ପସରେ ରାଜ୍ୟ ପୁଲିସ ମୁତୟନ ରହିବେ।



■ ଷ୍ଟ୍ରଙ୍ଗ ରୁମରେ ମୁତୟନ ରହିବେ ୧୧୫ଟି କେନ୍ଦ୍ରୀୟ କମ୍ପାନୀ
■ ୨୧୮ ପ୍ଲାଟୁନ ପୁଲିସ ଫୋର୍ସ ଉପରେ ଆଇନଶୃଙ୍ଖଳା ଦାୟିତ୍ୱ
■ ଭୋଟ ଗଣତି କେନ୍ଦ୍ର ଭିତରକୁ ମୋବାଇଲ୍, କ୍ୟାମେରା ମନା
■ ନିର୍ବାଚନୀ ପରବର୍ତ୍ତୀ ହିଂସାକୁ ରୋକିବା ପାଇଁ ପୁଲିସ ପ୍ରସ୍ତୁତ

ବିଭିନ୍ନ ଜିଲ୍ଲାରେ ଏସ୍‌ପି ମଧ୍ୟ ଆଇନ ଶୃଙ୍ଖଳା ଉପରେ ନଜର ରଖିବେ। ସେହିପରି ଷ୍ଟ୍ରଙ୍ଗ ରୁମକୁ କେବଳ ପାସ୍ ଥିବା କର୍ମଚାରୀ ଭିତରକୁ ଯାଇ ପାରିବେ। ଗଣମାଧ୍ୟମ ପାଇଁ ମଧ୍ୟ ପାସ ବ୍ୟବସ୍ଥା କରାଯାଇଛି, କିନ୍ତୁ ମତଗଣନା ସ୍ଥାନକୁ ମୋବାଇଲ ଓ କ୍ୟାମେରା ନେବା ଉପରେ କଟକଣା ରହିଛି। କେବଳ ଯେଉଁ ଅଧିକାରୀଙ୍କୁ ଅନୁମତି ଦିଆଯାଇଛି ସେମାନେ ମୋବାଇଲ ଫୋନ ନେଇ ପାରିବେ। ଗଣତି କେନ୍ଦ୍ରରେ ଦୁଇଟି ବ୍ୟାରିକେଡ କରାଯାଇଛି। ସାଧା ପୋଷାକ ଧାରୀ ପୁଲିସ ବିଭିନ୍ନ ସ୍ଥାନରେ ନଜର ରଖିବେ, କୌଣସି ଦଳ ବିଜୟ ଉତ୍ସବ ରାଲି କରିବାକୁ ପୁଲିସର ଅନୁମତି ନେବା ଆବଶ୍ୟକ ରହିଛି। ସେହିପରି ନିର୍ବାଚନୀ ପରବର୍ତ୍ତୀ ହିଂସାକୁ ରୋକିବା ପାଇଁ ପୁଲିସ ପ୍ରସ୍ତୁତ ଥିବା କହିଛନ୍ତି ଆଇନ ଶୃଙ୍ଖଳା ଏଡିଜି ସଞ୍ଜୟ କୁମାର।

ସେ ଆହୁରି ମଧ୍ୟ କହିଛନ୍ତି ଯେ, ଯଦି ଭୋଟଗଣତି ସମୟରେ କୌଣସି ସ୍ଥାନରେ ହିଂସା ଦେଖାଯାଏ ସେହି ଜିଲ୍ଲାରେ ମଧ୍ୟ ସିଏପିଏଫ୍ ପଠାଯିବ। ଏ ନେଇ ମଧ୍ୟ ରାଜ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟରୁ ପୁଲିସକୁ ଅନୁମତି ମିଳିଛି। ଏଥିସହ ଭୋଟ ଗଣତି ସମୟରେ ଯେପରି ବିଦ୍ୟୁତ୍ କାଟ ନ ହେବ ସେଥିପାଇଁ ପାୱାର ବ୍ୟାକଅପ ରଖାଯିବାକୁ କୁହାଯାଇଛି। ମତଗଣନା କେନ୍ଦ୍ର ଭିତରକୁ କୌଣସି ଅସ୍ତ୍ରଶସ୍ତ୍ର ତଥା ଛୁରୀ, ଲାଠି ଆଦିକୁ ନିଆଯିବ ନାହିଁ। ଜଗୁଥିବା ଗାର୍ଡମାନଙ୍କୁ ତଥ୍ୟ ଲେଖାହୋଇ ରଖାଯିବ। କିଏ କେତବେଳେ ଭିତରକୁ କିଏ ଗଲା, କେତେବେଳେ ଆସିଲା, ସବୁ କିଛି ଲେଖା ହୋଇ ରହିବ ବୋଲି ଏଡ଼ିଜି ସଞ୍ଜୟ କୁମାର କହିଛନ୍ତି।

### ୭ରେ ଟିଜିଟି ପରୀକ୍ଷା; ଉପଲବ୍ଧ ହେଲା ଆଡମିଟ୍ କାର୍ଡ

**ଭୁବନେଶ୍ୱର, ୩।୬(ସମିସ):** ରାଜ୍ୟ ପ୍ରବରଣ ମଣ୍ଡଳୀ(ଏସ୍‌ଏସ୍‌ବି) ପକ୍ଷରୁ ପ୍ରଶିକ୍ଷିତ ସ୍ନାତକ ଶିକ୍ଷକ(ଟିଜିଟି) ନିଯୁକ୍ତି ପାଇଁ ଆସନ୍ତା ୭ ତାରିଖରେ ପରୀକ୍ଷା ଅନୁଷ୍ଠିତ ହେବ। ଏଥିପାଇଁ ଆଡମିଟ୍ କାର୍ଡ ଉପଲବ୍ଧ ହୋଇଛି। ଆବେଦନକାରୀମାନେ ସେମାନଙ୍କ ମୋବାଇଲ୍ ନମ୍ବର ଓ ଜନ୍ମ ତାରିଖ ବ୍ୟବହାର କରି ଆଡମିଟ୍ କାର୍ଡ ଡାଉନ୍‌ଲୋଡ କରିପାରିବେ। ଗତ ଶନିବାର ଅପରାହ୍ଣ ୧ରୁ ୬ଟା ମଧ୍ୟରେ ଆଡମିଟ୍ ଡାଉନ୍‌ଲୋଡ୍ କରିବାରେ ବୈଷୟିକ ତ୍ରୁଟି ପରିଲକ୍ଷିତ ହୋଇଥିଲା। ପରୀକ୍ଷା ସମୟରେ ଅସମାନତା ଦେଖାଯାଇଥିଲା। ଏହି ତ୍ରୁଟିକୁ ସୁଧାରିଛି ଏସ୍‌ଏସ୍‌ବି। ଏହାସହ ଏହି ସମୟ ଅବଧି ମଧ୍ୟରେ ଆଡମିଟ୍ କାର୍ଡ ଡାଉନ୍‌ଲୋଡ କରିଥିବା ଆବେଦନକାରୀଙ୍କୁ ପୁନଃ ଡାଉନ୍‌ଲୋଡ କରିବାକୁ ପରାମର୍ଶ ଦିଆଯାଇଛି। ସେହିପରି ଆଡମିଟ୍ କାର୍ଡ ଡାଉନ୍‌ଲୋଡ କରିବାରେ ଅସମର୍ଥ ହେଲେ ssbdeptofhe@gmail.com ମେଲ୍‌ରେ ଆପ୍ଲିକେସନ୍ ଫର୍ମ ପଠାଇବାକୁ କୁହାଯାଇଛି।

ସକାଳ
THE SAKALA



## ଦିବା ସ୍ୱପ୍ନ ଦେଖିବାରେ ବିଜେପି ବେଶ୍ ଧୂରନ୍ଧର

ଭୁବନେଶ୍ୱର ୩।୬(ସମିସ): ଦିବାସ୍ୱପ୍ନ ଦେଖିବାରେ ବିଜେପି ବେଶ୍ ଧୂରନ୍ଧର। ବାସ୍ତବତା ସହିତ ଦୂର ଦୂର ପର୍ଯ୍ୟନ୍ତ ସମ୍ପର୍କ ନାହିଁ; କିନ୍ତୁ ଦିନରେ ସ୍ୱପ୍ନ ଦେଖି ନିଜ ଅଭିଳାଷ ପୂରଣ କରିବାରେ ବ୍ୟସ୍ତ ଭାରତୀୟ ଜନତା ପାର୍ଟି। ଓଡ଼ିଶାରେ ସରକାର ଗଢ଼ିବା ନେଇ ବିଜେପିର ଦାବିକୁ ଏପରି ଢ଼ଙ୍ଗରେ ସମାଲୋଚନା କରିଛି ବିଜେଡି। ଦଳର ରାଷ୍ଟ୍ରୀୟ ମୁଖପାତ୍ର ଡ. ସସ୍ମିତ ପାତ୍ର ଟୁଇଟ୍ କରି କହିଛନ୍ତି, ଓଡ଼ିଶାରେ ସରକାର ଗଢ଼ିବା ପାଇଁ ବିଜେପି ବାରମ୍ବାର ସ୍ୱପ୍ନ ଦେଖି ଆସୁଛି। ଏହା ବିଜେପିର ପୁରୁଣା ଅଭ୍ୟାସ। ୨୦୨୪ରେ ଦିବାସ୍ୱପ୍ନ ଦେଖିଲେ, ୨୦୧୯ରେ ଦେଖିଲେ ଆଉ ଏବେ ୨୦୨୪ରେ ମଧ୍ୟ ଦିବା ସ୍ୱପ୍ନ ଦେଖୁଛନ୍ତି। ଏପରି ଅବାସ୍ତବ ପରିକଳ୍ପନା କରୁଥିବା ବିଜେପି ଏବଂ ଏହାର ନେତାମାନଙ୍କୁ ଆମର ଶୁଭେଚ୍ଛା। ତେଣିକି ଦିବା ସ୍ୱପ୍ନ ହେଉ ନା କାହିଁକି ଅନ୍ତତଃ ବିଜେପି ଏଥିରେ ବେଶ୍ ପାରଙ୍ଗମ ବୋଲି ଡ. ପାତ୍ର କଟାକ୍ଷ କରିଛନ୍ତି।

କିଛି ଜାତୀୟ ଗଣମାଧ୍ୟମ ପକ୍ଷରୁ ପ୍ରକାଶିତ ଏକ୍‌ଜିଟ୍ ପୋଲ ରିପୋର୍ଟକୁ ନେଇ ବିଜେପି ବେଶ୍ ଉତ୍ସାହିତ ଅଛି। ଓଡ଼ିଶାରେ ସରକାର ଗଢ଼ିବୁ ବୋଲି ବିଜେପି ନେତାଙ୍କ ମୁହଁରେ ବାଟୁଳି ବାଜୁନି। ତେବେ ମହାପ୍ରଭୁ ଶ୍ରୀଜଗନ୍ନାଥ ଏବଂ ଓଡ଼ିଶାବାସୀଙ୍କ ଅକୁଣ୍ଠ ସମର୍ଥନରେ ନବୀନ ପଟ୍ଟନାୟକ ୬ଷ୍ଠ ଥର ପାଇଁ ଓଡ଼ିଶାର ଶାସନ ଭାର ଗ୍ରହଣ କରିବେ ବୋଲି ବିଜେଡି ଦୃଢ଼ତାର ସହ କହି ଆସୁଛି। ଜୁନ୍ ୪ ତାରିଖ ଦିନ ସବୁ ସ୍ପଷ୍ଟ ହୋଇଯିବ। ଓଡ଼ିଶାରେ କ୍ଷମତା ହାସଲ ପାଇଁ ବିଜେପିର ଆଶା ଦିବାସ୍ୱପ୍ନର ପ୍ରହେଳିକା ଭିତରେ ରହିଯିବ ବୋଲି ବିଜେଡି କହିଛି।

## ହାତୀ ଆକ୍ରମଣରେ ଜଣେ ମୃତ

ବାରିପଦା/ବଡ଼ସାହି, ୩।୬(ସମିସ): ମୟୂରଭଞ୍ଜ ଜିଲ୍ଲା ବଡ଼ସାହି ବ୍ଲକ ଅଧୀନ ଶିଆଳିଘାଟି ପଞ୍ଚାୟତ କାଉଚି ଗ୍ରାମର ଜଣେ ବ୍ୟକ୍ତିଙ୍କ ହାତୀ ଆକ୍ରମଣରେ ମୃତ୍ୟୁ ଘଟିଛି। ମୃତକ ଜଣଙ୍କ ହେଲେ କରଣ ଟୁଡୁଙ୍କ ପୁଅ ବୁକାଇ (୫୦)। ସେ ଜଙ୍ଗଲକୁ କାଠ ଆଣିବାକୁ ଯାଇଥିବା ବେଳେ ଏକ ହାତୀ ତାଙ୍କୁ ଆକ୍ରମଣ କରିଥିଲା। ସୋମବାର ଜଙ୍ଗଲରେ ଗ୍ରାମବାସୀ ତାଙ୍କର ମୃତଦେହ ଦେଖି ପୁଲିସ ଓ ବନବିଭାଗକୁ ଖବର ଦେଇଥିଲେ। ପରେ ପୁଲିସ ଏବଂ ବନ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛନ୍ତି। ମୃତଦେହକୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ବାରିପଦା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି। ସୂଚନା ଥାଉକି, ଉକ୍ତ ହାତୀ ଦୁଇଟି କିଛି ଦିନ ହେବ କାଉଚି ଜଙ୍ଗଲରେ ରହି ଉପଦ୍ରବ କରୁଛନ୍ତି।

# ପୁଲିସର ବିନା ଅନୁମତିରେ ହୋଇପାରିବନି ବିଜୟ ଶୋଭାଯାତ୍ରା

ଭୁବନେଶ୍ୱର, ୩।୬ (ସମିସ):

ପୁଲିସ୍‌ର ବିନା ଅନୁମତିରେ କେହି ବିଜୟ ଶୋଭାଯାତ୍ରା କରିପାରିବେ ନାହିଁ। ଏପରିକି ବାଣ ମଧ୍ୟ ଫୁଟାଇପାରିବେ ନାହିଁ। ନିୟମ

**ବାଣ ଫୁଟାଇବା ଉପରେ ବି କଟକଣା: ଡିଜିପି**

**ନିର୍ବାଚନୀ ପରବର୍ତ୍ତୀ ହିଂସାକୁ ବରଦାସ୍ତ କରାଯିବନି**

**ମାଓପ୍ରବଣ ଅଞ୍ଚଳରେ ନିର୍ବାଚନ କରାଇବା ଆହ୍ୱାନ ଥିଲା**

ଉଲ୍ଲଂଘନ କଲେ, କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଆସନ୍ତାକାଲି ଭୋଟ୍ ଗଣତି ଓ ଫଳ ପ୍ରକାଶନ ପରିପ୍ରେକ୍ଷୀରେ ପୁଲିସ ଡିଜି ଅରୁଣ ଷଡ଼ଙ୍ଗୀ ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ଏପରି କହିଛନ୍ତି। ଏନେଇ ସମସ୍ତ ଜିଲ୍ଲା ଏସ୍‌ପି ଏବଂ ଡିସିପିଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏସ୍‌ପିମାନେ ଥାନା ଅଧିକାରୀ ଏବଂ ଡିଏସ୍‌ପିଙ୍କୁ କଡ଼ାକଡ଼ି ଯାଞ୍ଚ କରିବାକୁ ନିର୍ଦ୍ଦେଶ ଦେଇଥିବା



ଡିଜିପି ଶ୍ରୀ ଷଡ଼ଙ୍ଗୀ ସୂଚନା ଦେଇଛନ୍ତି।

ଡିଜିପି ଶ୍ରୀ ଷଡ଼ଙ୍ଗୀ କହିଛନ୍ତି ଯେ ବାଣ ଯୋଗୁ ପୁରୀରେ ବଡ଼ଧରଣର ଅଘଟଣ ଘଟିଲା। ତେଣୁ ବାଣ ଫୁଟାଇବା ଉପରେ ରୋକ୍ ଲଗାଯାଇଛି। ଯେଉଁମାନେ ପୁଲିସର ବିନା ଅନୁମତିରେ ବାଣ ଫୁଟାଇବେ, ସେମାନଙ୍କ ବିରୋଧରେ ପୁଲିସ୍ କଠୋର୍ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ। ସେହିପରି ଫଳାଫଳ ଘୋଷଣା ପରେ ବିଜୟ ଶୋଭାଯାତ୍ରା ପାଇଁ ପୁଲିସଠାରୁ ଅନୁମତି ନେବାକୁ ପଡ଼ିବ। ବିନା ଅନୁମତିରେ କରାଗଲେ କାର୍ଯ୍ୟାନୁଷ୍ଠାନ ହେବ।

ସେ ଆହୁରି ମଧ୍ୟ କହିଛନ୍ତି ଏହି ନିର୍ବାଚନ ତାଙ୍କ ପାଇଁ ସବୁଠୁ ଚ୍ୟାଲେଞ୍ଜ ଥିଲା। ୨୦୧୯ରେ ଓଡ଼ିଶାରେ ପ୍ରଥମ ୪ଟି ପର୍ଯ୍ୟାୟରେ ନିର୍ବାଚନ ହୋଇଥିବା ବେଳେ ଏଥର ଶେଷ ୪ଟି ପର୍ଯ୍ୟାୟରେ ନିର୍ବାଚନ ହୋଇଥିଲା। ବିଶେଷକରି ମାଓବାଦୀ ପ୍ରଭାବିତ ଇଲାକାରେ ନିର୍ବାଚନ କରିବା ଏକ ଆହ୍ୱାନ ଥିଲା। ତାହା ମଧ୍ୟ ଏଥର ଶାନ୍ତିଶୃଙ୍ଖଳାରେ ହୋଇଛି। ସେହିଭଳି ରାଜ୍ୟର ଅନେକ ସମ୍ବେଦନଶୀଳ ଇଲାକାରେ ମଧ୍ୟ ଶାନ୍ତି ଶୃଙ୍ଖଳାରେ ନିର୍ବାଚନ ହୋଇଛି। ଏହାର ଶ୍ରେୟ ଜିଲ୍ଲା ଏସ୍‌ପି, ରେଞ୍ଜ ଆଇଜି, ଡିଆଇଜି, ଥାନା ଅଧିକାରୀ, ହୋମ୍‌ଗାର୍ଡ ଏବଂ ଅନ୍ୟାନ କର୍ମଚାରୀଙ୍କୁ ଡିଜିପି ଦେଇଛନ୍ତି। କାଁ ଭାଁ ସ୍ଥାନରେ ହିଂସାକାଣ୍ଡ ହୋଇଥିଲା। ଯେଉଁଠି ହିଂସା ହୋଇଥିଲା, ସେଗୁଡ଼ିକ ଉପରେ ପୁଲିସ କୁଇକ୍ ଆକ୍ସନ ନେଇଛି। ଏହାସହ ପୁଲିସ୍ ପକ୍ଷରୁ ତଦନ୍ତ ମଧ୍ୟ ଜାରି ରହିଛି। ନିର୍ବାଚନ ଆରମ୍ଭରୁ ଫଳାଫଳ ବାହାରିବା ପର୍ଯ୍ୟନ୍ତ ପୂରା ନିର୍ବାଚନ ସୁରୁଖୁରୁରେ ପରିଚାଳନା ପାଇଁ ଓଡ଼ିଶା ପୁଲିସ ସମସ୍ତ ପ୍ରକାର ପ୍ରୟାସ ଜାରି ରଖିଛି।

ବର୍ତ୍ତମାନ ମଧ୍ୟ ଆଦର୍ଶ ଆଚରଣ ବିଧି ଜାରି ରହିଛି। ଏହା ନ ଉଠିବା ପର୍ଯ୍ୟନ୍ତ ସମସ୍ତଙ୍କୁ ଏହି ଆଦର୍ଶ ଆଚରଣ ବିଧି ମାନିବାକୁ ପଡ଼ିବ। ବିଜୟ ଶୋଭାଯାତ୍ରା ପାଇଁ ଲାଉଡ୍ ସ୍ପିକର ଏବଂ ଅନ୍ୟାନ୍ୟ ଅନୁମତି ନେବାକୁ ପଡ଼ିବ। ବିଜୟ ଶୋଭାଯାତ୍ରାରେ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରିବାକୁ ସମସ୍ତ ଜିଲ୍ଲା ଏସ୍‌ପିମାନଙ୍କୁ କୁହାଯାଇଛି। ସେହିପରି ନିର୍ବାଚନୀ ପରବର୍ତ୍ତୀ ହିଂସାକୁ ବରଦାସ୍ତ କରାଯିବନି ବୋଲି ଡିଜିପି କହିଛନ୍ତି।

## ୧୦ ଓଏଏସ୍ ଅଧିକାରୀଙ୍କୁ ପଦୋନ୍ନତି

ଭୁବନେଶ୍ୱର, ୩।୬(ସମିସ): ରାଜ୍ୟ ସରକାର ୧୦ ଜଣ ଓଏଏସ୍ ଅଧିକାରୀଙ୍କୁ ପଦୋନ୍ନତି ଦେଇଛନ୍ତି। ସୁପର ଟାଇମ୍ ସ୍କେଲ୍‌ରେ କାର୍ଯ୍ୟରତ ୫ଜଣ ଓଏଏସ୍ ଅଧିକାରୀଙ୍କୁ ସୁପର ଆଡମିନ୍‌ଷ୍ଟ୍ରେଟିଭ୍ ଗ୍ରେଡ୍ ପାହ୍ୟାକୁ ପଦୋନ୍ନତି ମିଳିଥିବା ବେଳେ ସୁପରଟାଇମ୍ ଆଡମିନଷ୍ଟ୍ରେଟିଭ୍ ଗ୍ରେଡ୍‌ରେ କାର୍ଯ୍ୟରତ ୫ ଜଣ ଓଏଏସ୍ ଅଧିକାରୀଙ୍କୁ ସ୍ୱତନ୍ତ୍ର ସଚିବ ପାହ୍ୟାକୁ ପଦୋନ୍ନତି ଦିଆଯାଇଛି। ଆଜି ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁସାରେ, କୃଷି ବିଭାଗରେ ଅତିରିକ୍ତ ସଚିବ ଭାବେ କାର୍ଯ୍ୟରତ ଅଞ୍ଜନା ପଣ୍ଡାଙ୍କୁ ପଦୋନ୍ନତି ପରେ ଖାଦ୍ୟ ସୁରକ୍ଷା ଓ ଖାଉଟି କଲ୍ୟାଣ ବିଭାଗରେ ସ୍ୱତନ୍ତ୍ର ସଚିବ ଭାବେ ବଦଳି କରାଯାଇଛି। ସେହିପରି ଗୃହ ବିଭାଗରେ ଅତିରିକ୍ତ ସଚିବ ନିବେଦିତା ପୃଷ୍ଟି, ପଞ୍ଚାୟତିରାଜ ବିଭାଗରେ ଅତିରିକ୍ତ ସଚିବ ସ୍ୱୟମ୍‌ପ୍ରଭା ମହାନ୍ତି ଏବଂ ପରିବହନ ବିଭାଗରେ ଅତିରିକ୍ତ କମିଶନର ଇନ୍ଦ୍ରମଣି ନାୟକଙ୍କୁ ପଦୋନ୍ନତି ସହିତ ସେହି ବିଭାଗରେ କାର୍ଯ୍ୟ କରିବା ପାଇଁ ଆଦେଶ ଦିଆଯାଇଛି। ଅତିରିକ୍ତ ଶିଳ୍ପ ନିର୍ଦ୍ଦେଶକ ସୁଦାମ ଚରଣ ମଣ୍ଡଳ ଖାଦ୍ୟ ସୁରକ୍ଷା ଓ ଖାଉଟି କଲ୍ୟାଣ ବିଭାଗରେ ସ୍ୱତନ୍ତ୍ର ସଚିବ ଭାବେ ବଦଳି କରାଯାଇଛି।

ଅନ୍ୟ ଏକ ବିଜ୍ଞପ୍ତି ଅନୁସାରେ, କେନ୍ଦ୍ରାପଡ଼ା ଅତିରିକ୍ତ ଜିଲ୍ଲାପାଳ ପୀତାମ୍ବର ସାମଲ, କେନ୍ଦୁଝର ଜିଲ୍ଲା ପରିଷଦ ନିର୍ବାହୀ ଅଧିକାରୀ ବିଷ୍ଣୁ ପ୍ରସାଦ ଆଚାର୍ଯ୍ୟ, ଭଦ୍ରକ ଅତିରିକ୍ତ ଜିଲ୍ଲାପାଳ ଶାନ୍ତନୁ କୁମାର ମହାନ୍ତିଙ୍କୁ ପଦୋନ୍ନତି ମିଳିଛି। ସେହିପରି ମୁଖ୍ୟମନ୍ତ୍ରୀଙ୍କ ଯୁଗ୍ମ ସଚିବ ତଥା କ୍ରୀଡ଼ା ଓ ଯୁବ ବ୍ୟାପାର ବିଭାଗରେ ଯୁଗ୍ମ ସଚିବ ଭାବେ କାର୍ଯ୍ୟରତ ଶୁଭ୍ରାଂଶୁ ମିଶ୍ର ଏବଂ ରାଇରଙ୍ଗପୁର ଅତିରିକ୍ତ ଜିଲ୍ଲାପାଳ ଦଉଲତ ଚନ୍ଦ୍ରକରଙ୍କୁ ସୁପର ଆଡମିନ୍‌ଷ୍ଟ୍ରେଟିଭ୍ ଗ୍ରେଡ୍ ପାହ୍ୟାକୁ ପଦୋନ୍ନତି ପ୍ରଦାନ କରାଯାଇଛି। ପରବର୍ତ୍ତୀ ଆଦେଶ ପର୍ଯ୍ୟନ୍ତ ଉପରୋକ୍ତ ଅଧିକାରୀମାନେ ନିଜ ନିଜ ବିଭାଗରେ ପୂର୍ବପରି କାର୍ଯ୍ୟ କରିବେ।

**ଜଙ୍ଗଲରୁ ଯୁବକଙ୍କ ଗଳିତ ମୃତଦେହ ଉଦ୍ଧାର**

## ଗୋଚାଲାଣକୁ କେନ୍ଦ୍ର କରି ହତ୍ୟା ଅଭିଯୋଗ

ଛେଣ୍ଡିପଦା, ୩।୬(ସମିସ): ଅନୁଗୋଳ ଜିଲ୍ଲା ଛେଣ୍ଡିପଦା ଥାନା ଗୋଳାଗାଡ଼ିଆ ଜଙ୍ଗଲରୁ ଏକ ଗଳିତ ମୃତଦେହକୁ ଉଦ୍ଧାର କରିଛି ପୁଲିସ। ମୃତକ ହେଲେ, ଶାଳଖମଣ ଶ୍ରୀକାନ୍ତ ଭୋଇ। ଗୋରୁ ବେପାରକୁ କେନ୍ଦ୍ର କରି ଶ୍ରୀକାନ୍ତଙ୍କୁ ହତ୍ୟା କରାଯାଇଛି ବୋଲି ତାଙ୍କ ପରିବାରଲୋକ ଅଭିଯୋଗ କରିଛନ୍ତି। ସେମାନଙ୍କ ଅଭିଯୋଗ ହେଲା, ଗତ ୨୨ ତାରିଖରେ ଗୋଳାଗାଡ଼ିଆ ଗ୍ରାମର ରଞ୍ଜନ ନାଏକ, ଶାଳଖମଣ ଗ୍ରାମର ଶୂନ୍ୟ ପ୍ରଧାନ, ବୀର ପ୍ରଧାନ, ସ୍ୱାଇଁ ଭୋଇ, ସୁଶାନ୍ତ ନାଏକ ଗୋରୁ ଘଉଡ଼ାଇବା ପାଇଁ ଶ୍ରୀକାନ୍ତଙ୍କୁ ଘରୁ ଡାକି ନେଇଥିଲେ। ୨୫ ତାରିଖରେ ସମସ୍ତେ ଘରକୁ ଫେରିଥିବା ବେଳେ ଶ୍ରୀକାନ୍ତ ଘରକୁ ଫେରିନଥିଲେ। ପରିବାରଲୋକ ଏ ସଂପର୍କରେ ତାଙ୍କ ସାଙ୍ଗଙ୍କୁ ପଚରା ଉଚରା କରିଥିଲେ। କିନ୍ତୁ ସେମାନେ ଗାଁକୁ ଫେରିବା ପରେ କୁଆଡେ ଯାଇଥିବା ଜାଣି ନଥିବା ସମସ୍ତେ କହିଥିଲେ। ଏନେଇ ପରିବାର ଲୋକେ ୩ଦିନ ଧରି ତାଙ୍କୁ ଖୋଜାଖୋଜି କରିବା ପରେ ଶ୍ରୀକାନ୍ତଙ୍କ ନିଖୋଜ ନେଇ ଛେଣ୍ଡିପଦା ଥାନାରେ ଅଭିଯୋଗ କରିଥିଲେ। ଆଜି ସକାଳେ ଗୋଳାଗାଡ଼ିଆ ଗ୍ରାମର କିଛି ଲୋକ ନିକଟସ୍ଥ ଜଙ୍ଗଲକୁ ଯାଇଥିବା ବେଳେ ଜଙ୍ଗଲ ଭିତରେ ଗଳିତ ମୃତଦେହ ପଡ଼ିଥିବା ଦେଖି ଶ୍ରୀକାନ୍ତଙ୍କ ପରିବାର ଲୋକଙ୍କୁ ଖବର ଦେଇଥିଲେ। ପରିବାର ଲୋକେ ଘଟଣାସ୍ଥଳରେ ପହଞ୍ଚି ମୃତଦେହଟି ଶ୍ରୀକାନ୍ତଙ୍କର ବୋଲି ଚିହ୍ନଟ କରିବା ସହ ଛେଣ୍ଡିପଦା ଥାନାକୁ ଖବର ଦେଇଥିଲେ।

■ ଦିଲୀପ ପାହାନ ହତ୍ୟା ଘଟଣା

## ଆଉ ୩ ଅଭିଯୁକ୍ତ ଗିରଫ

ଛତ୍ରପୁର, ୩।୬(ସମିସ): ଖଲ୍ଲିକୋଟ ଥାନା ଅନ୍ତର୍ଗତ ଶ୍ରୀକୃଷ୍ଣଶରଣପୁର ଗ୍ରାମରେ ନିର୍ବାଚନୀ ହିଂସାକାଣ୍ଡ ଘଟିଥିଲା। ପୋଷ୍ଟର ମାରିବାକୁ ନେଇ ଗତ ୧୫ ତାରିଖରେ ଦିଲୀପ ପାହାନଙ୍କୁ ଖଣ୍ଡାରେ ହାଣି ହତ୍ୟା କରାଯାଇଥିଲା। ଏହି ହତ୍ୟାକାଣ୍ଡର ଅନୁସନ୍ଧାନ ପାଇଁ ଏସଆଇଟି ଟିମ୍ ଗଠନ ହୋଇଥିଲା। ପୂର୍ବରୁ ୧୪ ଜଣ ଗିରଫ ହୋଇଥିବା ବେଳେ ମୁଖ୍ୟ ଅଭିଯୁକ୍ତମାନେ ବାହାରେ ଥିଲେ। ସୋମବାର ଏଥିରେ ଜଡ଼ିତ ଆଉ ୩ଜଣ ଗିରଫ ହୋଇଥିବା ଜଣାପଡ଼ିଛି। ସେମାନେ ହେଲେ, ରାଜା ତରାଇ, କୋକନ ନାହାକ ଓ ବିନୟ ତରାଇ। ଏମାନଙ୍କୁ ପୁଲିସ୍ ବେଙ୍ଗାଲୁରୁରୁ ଗିରଫ କରିଥିବା ଗଞ୍ଜାମ ଏସ୍‌ପି ଜଗମୋହନ ମିନା ସୋମବାର ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ଏହି ହତ୍ୟା ଘଟଣାରେ ଏବେ ସୁଦ୍ଧା ୧୭ ଜଣ ଗିରଫ ହୋଇଥିବା ବେଳେ ଘଟଣାର ତଦନ୍ତ ଆହୁରି ଜାରି ରହିଛି ବୋଲି ଏସ୍‌ପି ସୂଚନା ଦେଇଛନ୍ତି।

■ ତୃତୀୟ ଶ୍ରୀକ୍ଷେତ୍ର ନୀଳଗିରିରେ ଗଢ଼ା ଚାଲିଛି ତିନି ରଥ

## ୧୨ ଚକ ନିର୍ମାଣ ଶେଷ



ନୀଳଗିରି, ୩।୬(ସମିସ): ଦେବସ୍ନାନ ପୂର୍ଣ୍ଣିମା ଆସନ୍ତା ୨୨ତାରିଖରେ ଅନୁଷ୍ଠିତ ହେବାକୁ ଥିବାବେଳେ ପୁରୀ ଶ୍ରୀଗୁଣ୍ଡିଚା ରଥଯାତ୍ରା ଆସନ୍ତା ଜୁଲାଇ ୭ତାରିଖରେ ଅନୁଷ୍ଠିତ ହେବାକୁ ଆଉ ମାତ୍ର ୧ ମାସ ୪ ଦିନ ଅଛି। ଠିକ୍ ସେହିଭଳି ତୃତୀୟ ଶ୍ରୀକ୍ଷେତ୍ର କୁହାଯାଉଥିବା ବାଲେଶ୍ୱର ଜିଲ୍ଲା ନୀଳଗିରି ରଥଯାତ୍ରା ଆସନ୍ତା ଜୁଲାଇ ୮ ତାରିଖରେ ଅନୁଷ୍ଠିତ ହେବାକୁ ଥିବାବେଳେ ଆଉ ମାତ୍ର ୧ ମାସ ୫ ଦିନ ବାକି ରହିଲା। ଏଥିଲାଗି ମୁଖ୍ୟ ମହାରଣା ସତ୍ୟନାରାୟଣ ମହାରଣାଙ୍କ ନେତୃତ୍ୱରେ ତିନି ରଥରେ ୪୨ ଗୋଟି ଚକ ମଧ୍ୟରୁ ୧୨ ଗୋଟି ଚକ ନିର୍ମାଣ କାର୍ଯ୍ୟ ଶେଷ ହୋଇ ରଙ୍ଗ ଦିଆସରିଛି। ଏହି ଦୃଷ୍ଟିରୁ ରଥଖଳା ଏବେ ବେଶ ଚଳଚଞ୍ଚଳ ରହିଛି। ତିନି ରଥ ପାଇଁ ୨୧ ଗୋଟି ୧୪ ଫୁଟିଆ ଲମ୍ବ ଏବଂ ୧୦ ଇଞ୍ଚ ଓସାରର ଅଖ ମଧ୍ୟରୁ ୧୪ ଗୋଟି ଅଖ ନିର୍ମାଣ କାର୍ଯ୍ୟ ସମ୍ପନ୍ନ ହୋଇଛି। ତା ସହିତ ୧୨ ଜଣ ଭୋଇ ସେବକ ରଥ ନିର୍ମାଣ କାର୍ଯ୍ୟରେ ନିୟୋଜିତ ଅଛନ୍ତି। ରୂପକାର ମାନେ ଶ୍ରୀନୃସିଂହ, ସୂର୍ଯ୍ୟ ଦେବ, ପାର୍ଶ୍ୱ ଦେବାଦେବୀଙ୍କ ଖୋଦେଇ କାମ ଚାଲୁ ରଖିଛନ୍ତି। ରଥରେ ଲାଗୁଥିଲା ଲୁହା କଣ୍ଟା ଓ ବଳା କମାର ଶାଳରେ ତିଆରି କାମ ଏକ ପ୍ରକାର ସାରିଥିବା ମୁଖ୍ୟ ମହାରଣା କହିଛନ୍ତି।

**ଧର୍ମଶାଳା ଓ ରସୁଲପୁର ବ୍ଲକରେ ଭଙ୍ଗାରୁଜା ଘଟଣା**

## ସ୍ୱାଧୀନ ପ୍ରାର୍ଥୀ ହିମାଂଶୁ ସାହୁଙ୍କ ୨୦ ସମର୍ଥକ ଗିରଫ

ଯାଜପୁର/କୁଆଖିଆ, ୩।୬ (ସମିସ): ଧର୍ମଶାଳା ଓ ରସୁଲପୁର ବ୍ଲକ କାର୍ଯ୍ୟାଳୟରେ ସ୍ୱାଧୀନ ପ୍ରାର୍ଥୀ ହିମାଂଶୁ ସାହୁଙ୍କ ସମର୍ଥକ ଭଙ୍ଗାରୁଜା ଘଟଣାରେ ପୁଲିସ ୨୦ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗତ ୧ ତାରିଖ ଦିନ ଭୋଟ ଗ୍ରହଣ ପରେ ଇଭିଏମ ଅଦଳବଦଳ ସନ୍ଦେହ କରି ଶନିବାର ରାତିରେ ହିମାଂଶୁଙ୍କ ସମର୍ଥକ ଧର୍ମଶାଳା ଓ ରସୁଲପୁର ବ୍ଲକ ପରିସରରେ ଗଣ୍ଡଗୋଳ କରିଥିଲେ। ଏହି ଘଟଣାରେ ପୁଲିସ ଧର୍ମଶାଳା ବ୍ଲକର ୧୪ ଜଣଙ୍କୁ ଗିରଫ କରିଥିବା ବେଳେ ରସୁଲପୁର ବ୍ଲକର ୬ ଜଣଙ୍କୁ ଗିରଫ କରିଛି।

ସୂଚନା ମୁତାବକ, ଶନିବାର ମତଦାନ ସରିବା ପରେ ରାତି ପ୍ରାୟ ୮ଟାରେ ଧର୍ମଶାଳା ଅଞ୍ଚଳର ବିଭିନ୍ନ ବୁଥରୁ କିଛି ଇଭିଏମ ବ୍ଲକ କାର୍ଯ୍ୟାଳୟକୁ ଆସିଥିଲା। ତେବେ ଇଭିଏମ ମେସିନ ଯାଜପୁର ଏନସି କଲେଜସ୍ଥ ଷ୍ଟ୍ରଙ୍ଗରୁମକୁ ଯିବା ବଦଳରେ ବ୍ଲକକୁ କାହିଁକି ଆସିଲା ଓ ମେସିନ ହେରଫେର ହେବା ଅଭିଯୋଗ ଆଣି ସ୍ୱାଧୀନ ପ୍ରାର୍ଥୀ ହିମାଂଶୁଙ୍କ ସମର୍ଥକ ପ୍ରତିବାଦ କରିବା ସହ ବ୍ଲକ ପରିସରକୁ ଆସୁଥିବା ଗାଡ଼ିଗୁଡ଼ିକୁ ଅଟକ ରଖିଥିଲେ। ବିଡିଓ ଦେବେନ୍ଦ୍ର ପ୍ରସାଦ ବଳ ଉତ୍ତ୍ୟକ୍ତ ଲୋକଙ୍କୁ କହିଥିଲେ ଯେ ବ୍ଲକ୍‌କୁ ଆସୁଥିବା ଇଭିଏମ ବ୍ୟବହାର ନ ହୋଇ ଫେରି ଆସିଛି। ସେଗୁଡ଼ିକ ବ୍ଲକ୍ ଷ୍ଟ୍ରଙ୍ଗରୁମରେ ରଖାଯିବ। ଭୋଟ ହୋଇଥିବା ଇଭିଏମ ବୁଥରୁ ସିଧା ଷ୍ଟ୍ରଙ୍ଗ୍‌ରୁମକୁ ଯାଉଛି ବୋଲି ବିଡିଓ ଶ୍ରୀ ବଳ କହିଥିଲେ। ହେଲେ ସେମାନେ ବିଡିଓଙ୍କ କଥାକୁ ନ ଶୁଣି ହଙ୍ଗାମା କରିବା ସହ ବଲେରୋ ଗାଡ଼ିରେ ଆସୁଥିବା ଅବ୍ୟବହୃତ ଇଭିଏମ ଗାଡ଼ିଗୁଡ଼ିକୁ ଅଟକାଇଥିଲେ। ଖବର ପାଇ ସ୍ଥାନୀୟ ପୁଲିସ ସେଠାରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିଥିଲେ ମଧ୍ୟ ଏଥିପ୍ରତି କର୍ଣ୍ଣପାତ ନ କରି ଟାୟାର ଜାଳି ରାସ୍ତା ଅବରୋଧ କରିବା ସହ ଘଟଣାର ତଦନ୍ତ ଦାବି କରିଥିଲେ। ଖବର ପାଇ ଯାଜପୁର ଏସ୍‌ପି ବିନିତ ଅଗ୍ରୱାଲ ସେଠାରେ ପହଞ୍ଚିବା ପରେ ଉତ୍ତ୍ୟକ୍ତ ଲୋକେ ତାଙ୍କ ଗାଡ଼ିକୁ ଭଙ୍ଗାରୁଜା କରିବା ସହ ପୁଲିସ ଗାଡ଼ି, ଲକ୍ଷ୍ମୀବସ, ମିଶନ୍ ଶକ୍ତି ଗୃହ ଓ ବ୍ଲକ ସମ୍ମୁଖରେ ଥିବା ବିଜେଡି କାର୍ଯ୍ୟାଳୟରେ ଭଙ୍ଗାରୁଜା କରିଥିଲେ। ଉତ୍ତେଜନାକୁ ନିୟନ୍ତ୍ରଣ କରିବା ଲାଗି ଲାଠିଚାର୍ଜ କରାଯାଇଥିଲା। ବ୍ଲକରେ ଉତ୍ତେଜନା ଓ ଭଙ୍ଗାରୁଜା ଘଟଣାକୁ ନେଇ ଧର୍ମଶାଳା ବିଡିଓ ଥାନାରେ ଅଭିଯୋଗ କରିଥିବାବେଳେ ପୁଲିସ ମାମଲା ରୁଜୁ କରି ତଦନ୍ତ କରିବା ସହ ଗତକାଲି ରାତିରେ ବିଭିନ୍ନ ସ୍ଥାନରୁ ୧୪ ଜଣଙ୍କୁ ଗିରଫ କରି ଆଜି କୋର୍ଟ ଚାଲାଣ କରିଥିବା ଜଣାଯାଇଛି।

ସେହିପରି ମତଦାନ ଶେଷ ହେବା ପରେ ଇଭିଏମ୍ ହେରଫେର ହୋଇଥିବା ସନ୍ଦେହ କରି ହିମାଂଶୁଙ୍କ ଶତାଧିକ ସମର୍ଥକ ରସୁଲପୁର ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ମଧ୍ୟ ହୋହାଲ୍ଲା କରିଥିଲେ। ବ୍ଲକ ପ୍ରଶାସନ ପକ୍ଷରୁ ବ୍ଲକରେ ମହଜୁଦ ଥିବା ଗାଡ଼ିରେ ରିଜର୍ଭ ଇଭିଏମ ବୋଲି ସ୍ପଷ୍ଟ କରାଯାଇଥିଲା। ପୁଲିସ ପହଞ୍ଚି ବୁଝାସୁଝା କରିଥିଲେ ହେଁ ସେମାନେ ବୁଝିନଥିଲେ। ଏହି ସମୟରେ ସେମାନେ ବ୍ୟାପକ ଭଙ୍ଗାରୁଜା କରିଥିଲେ। ପରିସ୍ଥିତି ଅଣାୟତ୍ତ ହେବାରୁ ପୁଲିସ ଲାଠିଚାର୍ଜ କରିଥିଲା। ଏହି ହିଂସାକାଣ୍ଡରେ ପୁଲିସ ଚଣ୍ଡିପୁର ଗ୍ରାମର ରୂପଚନ୍ଦ୍ର ପଣ୍ଡା (୪୮), ଧନେଶ୍ୱର ପଣ୍ଡା (୩୮), ଚିଣ୍ଟୁ ରଞ୍ଜନ (୨୪) ଓ ସୁନାକାର ପଣ୍ଡା (୫୦), କୋଳଥଳ ଗ୍ରାମର ପ୍ରମୋଦ କୁମାର ପଣ୍ଡା (୩୬), ଆମଜ୍ୟୋତି ପଣ୍ଡା (୨୦)ଙ୍କୁ ଗିରଫ କରିଛି।

## ୧୨ ଫୁଟ ଲମ୍ବର ଅହିରାଜ ଉଦ୍ଧାର

ସୋର, ୩।୬(ସମିସ): ସୋର ବ୍ଲକ ଶିଙ୍ଗାଖୁଣ୍ଟା ପଞ୍ଚାୟତ ସରଳିଆ ଗ୍ରାମର ଜଣଙ୍କ ଘର ନିକଟରୁ ଏକ ୧୨ ଫୁଟ ଲମ୍ବର ଅହିରାଜ ସାପକୁ ଉଦ୍ଧାର କରାଯାଇ କୁଳଡ଼ିଆ ଜଙ୍ଗଲରେ ଛଡ଼ା ଯାଇଛି। ସୋମବାର ସନ୍ଧ୍ୟାରେ ଏହି ଗ୍ରାମର ରାସବିହାରୀ ବାରିକଙ୍କ ବାଡ଼ିରେ ଏହି ଅହିରାଜ ସାପ ଘରକୁ ପ୍ରବେଶ କରୁଥିବାଦେଖି ପରିବାର ଲୋକେ ଭୟଭୀତ ହୋଇ ବନ ବିଭାଗକୁ ଖବର ଦେଇଥିଲେ। ଖବରପାଇ ଖୁଣ୍ଟା ପାଟଣା ସେକ୍ସନର ବନରକ୍ଷୀ ଫୁଲମଣୀ ମୁର୍ମୁ, ଦେବେନ୍ଦ୍ର ରାଉତ, ବସନ୍ତ ସେଠୀ ସାପ ଧରାଳି କାର୍ତ୍ତିକ ସେଠୀଙ୍କୁ ଧରି ଘଟଣାସ୍ଥଳରେ ପହଞ୍ଚିଥିଲେ। ସାପ ଧରାଳି ଶ୍ରୀ ସେଠୀ ସାପଟିକୁ ଧରି ବନ କର୍ମଚାରୀଙ୍କ ସହାୟତାରେ କୁଳଡ଼ିଆ ଅଭୟାରଣ୍ୟରେ ଛାଡ଼ିଥିବା ସୂଚନା ମିଳିଛି। ସାପଟିର ଲମ୍ବ ୧୨ ଫୁଟ ହୋଇଥିବା ବେଳେ ଓଜନ ୧୫ କିଲୋ ହେବ ବୋଲି ବନ ବିଭାଗ ତରଫରୁ ସୂଚନା ମିଳିଛି।



## ମାଡ଼ିଗଲା ସମୁଦ୍ର ଜୁଆର; କଇଁଛ ଶାବକ ମୃତ



ରାଜନଗର, ୩।୬(ସମିସ): ବିଶ୍ୱ ପର୍ଯ୍ୟଟନ ମାନଚିତ୍ରରେ ସ୍ୱତନ୍ତ୍ର ସ୍ମୃତି ସାଉଁଟିଥିବା ଅଲିଭରିଡଲେ କଇଁଛଙ୍କ ଏକ୍ସୁଡିଶାଳ ଗହୀରମଥାରେ ଏବେ କଇଁଛ ଶାବକଙ୍କ ସମୁଦ୍ର ମୁହାଁ ଦୃଶ୍ୟ ବେଶ୍ ଚଳଚଞ୍ଚଳ କରିଛି ଗହୀରମଥାର ବାବୁବାଲି ଦ୍ୱୀପକୁ। ମେ' ୨୩ରୁ ମା' କଇଁଛମାନେ ଦେଇଥିବା ଅଣ୍ଡାରୁ ୪୫ଦିନ ପରେ କଇଁଛ ଛୁଆମାନେ ଏବେ ମାଆଙ୍କ କୋଳକୁ ଫେରିବାରେ ଲାଗିଛନ୍ତି। ଅଣ୍ଡାରୁ କଇଁଛ ଶାବକ ମାନଙ୍କର ବେଳାଭୂମିର ବାଲୁକା ରାଶିରେ ପାଦ ଥାପି ଗଭୀର ସମୁଦ୍ରକୁ ଯିବାର ଦୃଶ୍ୟ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରୁଛି। ୧୨ ଦିନରେ ମାତ୍ର ୧ ଲକ୍ଷ ୨୬ ହଜାର ଅଣ୍ଡାରୁ

**୧ ଲକ୍ଷ ୨୬ ହଜାର କଇଁଛ ଶାବକ ଫେରିଗଲେ ମା' କୋଳକୁ**

କଇଁଛ ଶାବକ ଜନ୍ମ ନେଇଛନ୍ତି। ଜଳବାୟୁର ଅହେତୁକ ପରିବର୍ତ୍ତନ ଯୋଗୁ ଆକସ୍ମିକ ଭାବେ ସାମୁଦ୍ରିକ ଜୁଆର ବୃଦ୍ଧି ପାଇବାରୁ ବାବୁବାଲି ଦ୍ୱୀପ ସମେତ ଅନ୍ୟାନ୍ୟ ଦ୍ୱୀପରେ ଦେଇଥିବା କଇଁଛ ଅଣ୍ଡାଗୁଡିକ ସମୁଦ୍ର ଜୁଆର ମାଡରେ ନଷ୍ଟ ହୋଇଯାଇଛି। ଅତୀତରେ ଅଣ୍ଡାଗୁଡିକରୁ କୋଟି କୋଟି ଶାବକ ଜନ୍ମ ନେଉଥିବା ବେଳେ ଚଳିତବର୍ଷ ସାମୁଦ୍ରିକ ଜୁଆର ମାଡରେ ଅଣ୍ଡା ଗୁଡିକ ନଷ୍ଟ ହେବା ନେଇ ପରିବେଶବିତ୍‌ମାନେ ଚିନ୍ତା ପ୍ରକଟ କରିଛନ୍ତି।

ଅପରପକ୍ଷରେ ରାଜନଗର ବନବିଭାଗ ପକ୍ଷରୁ ଶାବକମାନେ କିଭଳି ନିରାପଦରେ ସମୁଦ୍ରକୁ ଯିବେ ସେଥିପାଇଁ ବେଳାଭୂମିର ଆବଶ୍ୟକିୟ ଯତ୍ନ ନିଆଯାଇନଥିବାରୁ ଏପରି ପରିସ୍ଥିତି ଦେଖିବାକୁ ମିଳିଛି। ଜଳବାୟୁ ପରିବର୍ତ୍ତନ ଯୋଗୁ ଅସମୟରେ ମେ' ମାସରେ ବର୍ଷା ସାଙ୍ଗକୁ ସମୁଦ୍ର ଅଶାନ୍ତ ହୋଇ ସ୍ଥଳ ଭାଗକୁ ମାଡି ଆସିବା ଯୋଗୁ ଲକ୍ଷାଧିକ କଇଁଛ ଶାବକଙ୍କ ମୃତ୍ୟୁ ଘଟିଛି। ମେ' ୨୩ରେ ୨୫ ହଜାରରୁ ଅଧିକ କଇଁଛ ଶାବକ ସମୁଦ୍ରକୁ ଯାଇଥିବା ବେଳେ ଆଉ ଦୁଇଦିନ ମଧ୍ୟରେ କେତେ ଶାବକ ବର୍ଷାରୁ ବାହାରୁଛନ୍ତି ତାହା ଦେଖିବା ପରେ କେତେ କଇଁଛ ଶାବକଙ୍କ ମୃତ୍ୟୁ ଘଟିଛି, ତାହା ସ୍ପଷ୍ଟ ହେବ ବୋଲି ବନବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

ଚଳିତବର୍ଷ ବିଳମ୍ବରେ ବିରଳ ଅଲିଭରିଡଲେ କଇଁଛ ଗଣଅଣ୍ଡାଦାନ ପକ୍ରିୟାରେ ସାମିଲ ହୋଇଥିଲେ। ଏପ୍ରିଲ ମାସ ୨ ତାରିଖଠାରୁ ଆରମ୍ଭ ହୋଇଥିବା ଏହି ସମୂହ ଅଣ୍ଡାଦାନ ପକ୍ରିୟା ୭ ତାରିଖ ଯାଏଁ ଚାଲିଥିଲା। ୨ ତାରିଖ ଦିନ ୩ ହଜାର ୩୭ଟି, ୩ ତାରିଖରେ ୮୩ ହଜାର ୬ଶହ, ୪ ତାରିଖରେ ୯୮ ହଜାର ୧୬ଟି ଏବଂ ୫ ତାରିଖରେ ୮୨ ହଜାର ୬୬୩ଟି, ୬ ତାରିଖରେ ୩୨ ହଜାର ୮୬୭, ୭ ତାରିଖରେ ୧ ହଜାର ୬୦୮ ମୋଟ ୩ ଲକ୍ଷ ୧ ହଜାର ୧୫୯ ମାଆ ଅଲିଭରିଡଲେ ଅଣ୍ଡା ଦେଇଥିଲେ। ୪୫ ଦିନରୁ ୬୦ଦିନ ମଧ୍ୟରେ କଇଁଛ ବସାରୁ କଇଁଛ ଶାବକ ବାହାରିଥାନ୍ତି। କଇଁଛ ଶାବକ ସୂର୍ଯ୍ୟାଲୋକ ଦେଖିବା ପୂର୍ବରୁ ଜଳବାୟୁ ପରିବର୍ତ୍ତନର ପ୍ରଭାବ ସେମାନଙ୍କୁ ମୃତ୍ୟୁ ମୁଖକୁ ଟାଣି ନେଇଛି।








# ଭଡ଼ା ଘରୁ ମିଳିଲା ଗଞ୍ଜେଇ ଓ ବାଣ; ବେପାରୀ ଗିରଫ



ଭୁବନେଶ୍ୱର/ବାଲିଅନ୍ତା, ୩।୬ (ସମିସ): ଭଡ଼ା ଘରେ ଗଞ୍ଜେଇ ଓ ବାଣ ରଖି ଚାଲାଣ କରୁଥିବା ବେପାରୀକୁ ଗିରଫ କରିଛି ବାଲିଅନ୍ତା ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ବଡ଼ଗଡ଼ କଳିଙ୍ଗ ବସ୍ତିରେ ରହୁଥିବା ବଳଙ୍ଗା ଥାନା ବଡ଼ ପଦନପୁର ଗାଁର ରମେଶ ପ୍ରଧାନ (୩୦)। ପୁଲିସ ସୂଚନା ଅନୁସାରେ, ରମେଶ ଟୋଲକପଡ଼ା ସ୍ଥିତ ଅସ୍ମିତ ପ୍ଲାଜାରେ ଥିବା ଭଡ଼ା ଘରେ ଗଞ୍ଜେଇ ରଖିଥିବା ନେଇ ବାଲିଅନ୍ତା ଥାନା ପୁଲିସ ଖବର ପାଇଥିଲା। ଥାନାର ଏକ ସ୍ୱତନ୍ତ୍ର ଟିମ୍ ସେଠାରେ ଚଢ଼ଉ କରି ରମେଶକୁ କାବୁ କରିଥିଲା। ଯାଞ୍ଚ ସମୟରେ ଘର ଭିତରୁ ୩୫ କିଲୋ ଓଜନ ର ଗଞ୍ଜେଇ, ୧୦ ଲକ୍ଷ ଟଙ୍କାର ବାଣ, ଗୋଟିଏ ସ୍କୁଟି ଓ ୫୯୦୦ ଟଙ୍କା ଜବତ କରିଥିଲା। ଏନେଇ ବାଲିଅନ୍ତା ଥାନା ପୁଲିସ ଏକ ମାମଲା ରୁଜୁ କରିବା ସହ ରମେଶକୁ କୋର୍ଟ ଚାଲାଣ କରିଛି।

## ବ୍ରାଉନ୍‌ସୁଗର ସହ କାର୍ ଜବତ; ଜଣେ ଗିରଫ



ଭୁବନେଶ୍ୱର, ୩।୬ (ସମିସ): ବ୍ରାଉନ୍‌ସୁଗର ବିକ୍ରି କରୁଥିବା ଅଭିଯୋଗରେ ଜଣଙ୍କୁ ଗିରଫ କରିଛି ଭରତପୁର ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ଭରତପୁର ଥାନା ଜୋକଲଣ୍ଡିର ସମ୍ରାଟ ଦାସ (୩୦)। ପୁଲିସ ସୂଚନା ଅନୁଯାୟୀ, ଘାଟିକିଆ ଟି' ଛକ ନିକଟରେ ଏକ କାରରେ ବ୍ରାଉନ୍‌ସୁଗର ଚାଲାଣ ହେଉଥିବା ନେଇ ଭରତପୁର ଥାନା ପୁଲିସକୁ ଖବର ମିଳିଥିଲା। ଥାନାର ଏକ ସ୍ୱତନ୍ତ୍ର ଟିମ୍‌ଟି ଛକ ନିକଟରେ ଚଢ଼ଉ କରି ଏକ କାର୍‌ରେ ବେଆଇନ ବ୍ରାଉନ୍‌ସୁଗର ଚାଲାଣ କରୁଥିବା ସମ୍ରାଟକୁ ଅଟକ ରଖିଥିଲା। ଛାନଭିନ ସମୟରେ ତା ହେପାଜତରୁ ମୋଟ ୫.୧୮ ଗ୍ରାମ୍ ଓଜନର ବ୍ରାଉନ୍‌ସୁଗର, ଏକ କାର ଓ ୬୧୦୦ ଟଙ୍କା ଜବତ କରିଥିଲା। ସେ ଖୋର୍ଦ୍ଧା ଅଞ୍ଚଳରୁ ବ୍ରାଉନ୍‌ସୁଗର ଆଣିଥିବା ପଚରାଉଚରା ବେଳେ ପୁଲିସ ଆଗରେ ସ୍ୱୀକାର କରିଥିଲା। ଏହି ଘଟଣାକୁ କେନ୍ଦ୍ରକରି ଭରତପୁର ଥାନା ପୁଲିସ ଏନ୍‌ଡିପିଏସ ଆକ୍ଟରେ ଏକ ମାମଲା ରୁଜୁ କରିବା ସହ ସମ୍ରାଟକୁ ଗିରଫ କରି କୋର୍ଟ ଚାଲାଣ କରିଛି। ସମ୍ରାଟ ନାମରେ ପୂର୍ବରୁ ମଧ୍ୟ ଖଣ୍ଡଗିରି ଥାନାରେ ୪ ଟି ଓ କ୍ୟାପିଟାଲ ଥାନାରେ ଗୋଟିଏ ମାମଲା ରହିଥିବା ତଦନ୍ତ ବେଳେ ଜଣାପଡ଼ିଥିଲା।

## ଭାଇକୁ କଟୁରି ଚୋଟ; ବଡ଼ଭାଇ ଗିରଫ

ଭୁବନେଶ୍ୱର, ୩।୬ (ସମିସ): ସାନଭାଇଙ୍କୁ କଟୁରିରେ ଆକ୍ରମଣ କରିଥିବା ଅଭିଯୋଗରେ ବଡ଼ଭାଇକୁ ଗିରଫ କରିଛି ଏୟାର୍‌ଫିଲ୍ଡ ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ଜାମୁକୋଳିର ଶବର ମହାରଣା (୮୦)। ପୁଲିସ ସୂଚନା ଅନୁଯାୟୀ, ଜାମୁକୋଳି ଗାଁର ଧିବର ମହାରଣାଙ୍କ ପରିବାର ସଦସ୍ୟ ରବିବାର ଅପରାହ୍ଣରେ



ନିଜ ଘର ପରିସର ସଫା କରୁଥିବା ସମୟରେ ବଡ଼ଭାଇ ଶବର ସେଠାକୁ ଆସି ଅସଭ୍ୟ ଭାଷାରେ ସେମାନଙ୍କୁ ଗାଳିଗୁଲଜ କରିଥିଲା। ଧିବର ବିରୋଧ କରିବାରୁ ଶବର ଉତ୍ତ୍ୟକ୍ତ ହୋଇ ତାଙ୍କୁ କଟୁରିରେ ମରଣାନ୍ତକ ଆକ୍ରମଣ କରିଥିଲା। ଏହି ଆକ୍ରମଣରେ ଧିବରଙ୍କ ହାତରେ ଗଭୀର କ୍ଷତ ସୃଷ୍ଟି ହୋଇ ପ୍ରଚୁର ରକ୍ତସ୍ରାବ ହୋଇଥିଲା। ପରିବାର ଲୋକେ ଯୋଗୁଁ ତାଙ୍କୁ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରିଥିଲେ। ଏହି ଘଟଣା ପରେ ଶବର ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲା। ଏନେଇ ଧିବରଙ୍କ ପୁଅ ଧନେଶ୍ୱର ଏୟାରଫିଲ୍ଡ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରିଥିଲା। ସୋମବାର ଜାମୁକୋଳିସ୍ଥିତ ଘରେ ଚଢ଼ଉକରି ଶବରକୁ ଗିରଫ କରିବା ସହିତ ଘଟଣାରେ ବ୍ୟବହୃତ କଟୁରିକୁ ଜବତ କରିଥିଲା।

■ ପଥର ମାଡ଼ରେ ଯାତ୍ରୀଙ୍କ ମୃତ୍ୟୁ ଘଟଣା

## ଟେକାମାରିଥିବା ଯୁବକ ଗିରଫ

ଭୁବନେଶ୍ୱର, ୩।୬(ସମିସ): ପଥର ମାଡ଼ରେ ଯାତ୍ରୀ ପ୍ରିନ୍ସ କୁମାରଙ୍କ ମୃତ୍ୟୁ ହେବା ଘଟଣାରେ କାର୍ଯ୍ୟାନୁଷ୍ଠାନ ନେଇଛି ଆର୍‌ପିଏଫ୍। ପଥର ମାଡ଼ କରିଥିବା ଅଭିଯୁକ୍ତ ଲିଙ୍ଗରାଜ କଅଁର ଓରଫ ଶିବକୁ ଗିରଫ କରାଯାଇଛି। ସେ ମୁନ୍‌ସିପାଲ ଅଫିସ ନିକଟରେ ଥିବା ଏକ ଛୋଟ ହୋଟେଲ୍‌ରେ କାର୍ଯ୍ୟ କରୁଥିଲା। ନିଶାସକ୍ତ ଅବସ୍ଥାରେ ଟ୍ରେନ୍‌କୁ ପଥର ମାଡ଼ କରିଥିବା ସ୍ୱୀକାର କରିଛି। ମୃତ ଯୁବକ ପ୍ରିନ୍ସ କୁମାର ବଗିର ଗେଟ୍ ନିକଟରେ ବସିଥିଲା। ସେଇ ସମୟରେ ନିଶାସକ୍ତ ଅବସ୍ଥାରେ ଶିବୁ ଟ୍ରେନ୍‌କୁ ପଥର ମାଡ଼ କରିଥିଲା। ଏଥିରେ ପ୍ରିନ୍ସଙ୍କ ମୃତ୍ୟୁ ହୋଇଯାଇଥିଲା। ଆର୍‌ପିଏଫ୍, ଜିଆର୍‌ପି ଓ କ୍ୟାପିଟାଲ୍ ଥାନା ପୁଲିସ ମିଳିତ ତଦନ୍ତ କରି ଅଭିଯୁକ୍ତକୁ ଗିରଫ କରିଛନ୍ତି।

**ରାଜଧାନୀରେ ସୁରକ୍ଷା କଡ଼ାକଡ଼ି**

# ଗଣତିକେନ୍ଦ୍ର ଜଗିବେ ୩୮ ପ୍ଲାଟୁନ୍ ଫୋର୍ସ

ଭୁବନେଶ୍ୱର, ୩।୬(ସମିସ)

ଭୁବନେଶ୍ୱର ସଂସଦୀୟ କ୍ଷେତ୍ରର ୫ଟି ବିଧାନସଭା ଲାଗି ଇଭିଏମ୍‌ଗୁଡ଼ିକ ବିଜେବି କଲେଜ ପରିସରରେ ହୋଇଥିବା ଷ୍ଟ୍ରଙ୍ଗ୍‌ରୁମ୍‌ରେ ରହିଛି। ମଙ୍ଗଳବାର ଭୋଟ୍ ଗଣତି ହେବାକୁ ଥିବାରୁ ବିଜେବି କଲେଜ ପରିସରରେ ସୁରକ୍ଷା କଡ଼ାସୁରକ୍ଷା ବ୍ୟବସ୍ଥା ହୋଇଛି। ଭୋଟ୍ ଗଣତି ସମୟରେ କିଭଳି ରହିବ ଶାନ୍ତିଶୃଙ୍ଖଳା ରହିବ, ସେଦିଗରେ ବ୍ୟାପକ ବନ୍ଦୋବସ୍ତ କରାଯାଇଛି। ଡିସିପିଙ୍କ ନେତୃତ୍ୱରେ ୮ ଜଣ ଅତିରିକ୍ତ ଡିସିପି, ୧୪ଜଣ ଏସିପି, ୩୫ ଜଣ ଇନ୍ସପେକ୍ଟର, ୨୦୦ ଅଫିସରଙ୍କୁ ମୁତୟନ କରାଯିବ। ଏଥିରେ ୩୮ ପ୍ଲାଟୁନ୍ ଆର୍ମଡ୍ ଫୋର୍ସ ଓ ୫ କମ୍ପାନୀ ଅର୍ଦ୍ଧସାମରିକ ବାହିନୀଙ୍କୁ ନିୟୋଜିତ କରାଯାଇଛି।

ଭୋଟ୍ ଗଣତି ସମୟରେ ଗଣତିକେନ୍ଦ୍ର ନିକଟରେ ଅଧିକ ଲୋକଙ୍କ ସମାଗମ ହେବାର ଆଶଙ୍କା ରହିଛି। ବାହାରେ ଲଗାଯାଇଥିବା ଟିଭି ନିକଟରେ ଜନସମାଗମ ହେବାର ସମ୍ଭାବନା ରହିଛି। ଏହାକୁ ନିୟନ୍ତ୍ରଣ କରିବା ଲାଗି କମିସନରେଟ୍ ପୁଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ସେହିପରି ଭୋଟଗଣତି ବା ନିର୍ବାଚନ ଫଳାଫଳ ବାହାରିବା ପରେ ରାଜଧାନୀର ବିଭିନ୍ନ ଅଞ୍ଚଳରେ ଉତ୍ତେଜନା ଆଶଙ୍କା ଓ ଫଳାଫଳ ଘୋଷଣା ପରବର୍ତ୍ତୀ ସମ୍ଭାବ୍ୟ ହିଂସା ରୋକିବାକୁ ଥାନାଗୁଡ଼ିକୁ ଆଲର୍ଟ ରଖାଯାଇଛି। ସହରାଞ୍ଚଳର ସମସ୍ତ ଥାନାଗୁଡ଼ିକ ଅଞ୍ଚଳରେ ଉତ୍ତେଜନା ଆଶଙ୍କା କରି ବିଭିନ୍ନ ଥାନାକୁ ଷ୍ଟ୍ରାଇକିଂ ଫୋର୍ସ ଦିଆଯାଇଛି। ସେହିଭଳି ପିସିଆର୍ ଭ୍ୟାନ୍, ଥାନାଗାଡ଼ି ସହ ଷ୍ଟାଟିକ୍ ସର୍ଭିଲାନ୍ସ ଟିମ୍ ସହରରେ ପଇଁତରା ମାରିବ। ମତଗଣନା କେନ୍ଦ୍ରକୁ ଦୁଇଟି ବ୍ୟାରିକେଡ୍ ବ୍ୟବସ୍ଥା କରିବା ସହ ସେଠାରେ ସାଦା ପୋଷାକଧାରୀ ପୁଲିସ ନଜର ରଖିବେ। ଏଥିସହ ଲୋକଙ୍କୁ ସୂଚନା ଦେବାକୁ ମ୍ୟୁଜିକାଲ୍ ଷ୍ଟ୍ରାଇକ୍ ବ୍ୟବସ୍ଥା ହାତକୁ ନେଇଛି କମିସନରେଟ୍ ପୁଲିସ। ସୋମବାର ପୁଲିସ କମିସନର୍ ସଞ୍ଜୀବ ପଣ୍ଡା ଓ ଡିସିପି ପ୍ରତୀକ ସିଂ ବିଜେବି କଲେଜର ସୁରକ୍ଷା ବ୍ୟବସ୍ଥା ଯାଞ୍ଚକରି ସୁରକ୍ଷା ସଂକ୍ରାନ୍ତ ବିସ୍ତୃତ ତଥ୍ୟ ପ୍ରଦାନ କରିଛନ୍ତି।

ସୂଚନାଯୋଗ୍ୟ ଯେ, ଇଭିଏମ୍‌ଗୁଡ଼ିକ ବିଜେବି କଲେଜ ପରିସରରେ ହୋଇଥିବା ଷ୍ଟ୍ରଙ୍ଗ୍‌ରୁମ ରହିଛି। ଏହି ଇଭିଏମ୍ ସୁରକ୍ଷା ଲାଗି ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ଅନ୍ତଃସ୍ତର ସୁରକ୍ଷା ଦାୟିତ୍ୱରେ ଗୋଟିଏ ପ୍ଲାଟୁନ ଅର୍ଦ୍ଧସାମରିକ ବାହିନୀ ଓ ବାର୍ହ୍ୟସ୍ତର ଦାୟିତ୍ୱରେ ଆର୍ମଡ୍ ଫୋର୍ସ ଗୋଟିଏ ଲେଖାଏଁ ପ୍ଲାଟୁନ ଜଗିବେ। ଏଥିସହ ବାହାର ସୁରକ୍ଷାରେ କମିସନରେଟ୍ ପୁଲିସର ୪ ପ୍ଲାଟୁନ୍ ପୁଲିସ ଫୋର୍ସ ଜଗି ରହିଛନ୍ତି। ସେଠାରେ ପୁଲିସ ପକ୍ଷରୁ ୨୪ ଘଣ୍ଟିଆ ପହରା ଦିଆଯାଉଛି।

### ଆତସବାଜି ଓ ଶୋଭାଯାତ୍ରାରେ କଟକଣା

ଭୋଟ୍‌ଗଣତି ହୋଇ ଫଳାଫଳ ବାହାରିବା ପରର କିଛି ସମୟ ଘଣ୍ଟା ବେଶ୍ ସମ୍ବେଦନଶୀଳ ରହିଛି। ବିଭିନ୍ନ ରାଜନୈତିକ ଦଳଗୁଡ଼ିକର ପ୍ରାର୍ଥୀମାନେ ଜିତିବା ପରେ ବିଜୟ ଉତ୍ସବ ପାଳନ କରିଥାନ୍ତି। ବିଜୟ ହୋଇଥିବା ପ୍ରାର୍ଥୀମାନେ ବଡ଼ଧରଣର ରାଲି ଓ ଶୋଭାଯାତ୍ରା କରିଥାନ୍ତି। ଏପରିକି ପ୍ରାର୍ଥୀ ଜିତିବା ପରେ ଦଳୀୟ କର୍ମକର୍ତ୍ତାମାନେ ଖୁସିରେ ଆତସବାଜି ଓ ବାଣ ଫୁଟାଇଥାନ୍ତି। କିନ୍ତୁ ଏଥର ବାଣ ଫୁଟାଇବା କିମ୍ବା ଶୋଭାଯାତ୍ରା ଉପରେ କଟକଣା ଲଗାଯାଇଛି। ବିନା ଅନୁମତିରେ କୌଣସି ପ୍ରାର୍ଥୀ ରାଲି କିମ୍ବା ବାଣ ଫୁଟାଇ ପାରିବେନି। ଏଥିଲାଗି କମିସନରେଟ୍ ପୁଲିସର ଅନୁମତି ଆବଶ୍ୟକତା ରହିଛି। ପୁଲିସର ଅନୁମତି ଆଣିବା ପରେ ରାଲି, ଶୋଭାଯାତ୍ରା କିମ୍ବା ବାଣ ଫୁଟାଇପାରିବେ ଦଳୀୟ କର୍ମୀ। ଅନୁମତି ନେବା ପରେ ପ୍ରାର୍ଥୀମାନେ ରାଲି କିମ୍ବା ବିଜୟୀ ମୁହୂର୍ତ୍ତର ବାଣ ଫୁଟାଇପାରିବେ। ସେପରି ରାଲି କିମ୍ବା ବାଣ ଫୁଟାଇବା ଲାଗି ଅନୁମତି ନେଇଥିଲେ, ସେଠାରେ ବ୍ୟାପକ ପୁଲିସ ଫୋର୍ସ ସହ ଅଗ୍ନିଶମ ଅଧିକାରୀଙ୍କ ଆଗୁଆ ନିୟୋଜିତ କରାଯିବ। ବିନା ଅନୁମତିରେ ଏସବୁ କରୁଥିବା ବ୍ୟକ୍ତିଙ୍କ ବିରୋଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସେଭଳି ବିଭିନ୍ନ ରାଜନୈତିକ ଦଳଗୁଡ଼ିକର ପାର୍ଟି ଅଫିସରେ ବିଜୟୀ ଉତ୍ସବ ପାଳନ ହେବାକୁ ଥିବାରୁ ସେଠାରେ ଗହଳି ହେବ। ସେଠାରେ ବି ପର୍ଯ୍ୟାପ୍ତ ପରିମାଣର ସୁରକ୍ଷାକର୍ମୀଙ୍କୁ ମୁତୟନ କରାଯିବ।

### ପାର୍କିଂ ଲାଗି ସ୍ଥାନ ଚିହ୍ନଟ

ପାର୍କିଂ ବିଜେବି କଲେଜ ପରିସରରେ ଭୋଟ୍ ଗଣିତ ହେବାକୁ ଥିବାରୁ ସେଠାରେ ପ୍ରବଳ ଜନସମାଗମ ହେବାର ଆଶଙ୍କା ରହିଛି। ଭିଡ଼ ନିୟନ୍ତ୍ରଣ ଲାଗି ଟ୍ରାଫିକ ବ୍ୟବସ୍ଥା ଗ୍ରହଣ କରାଯାଇଛି। ଜନସାଧାରଣ, ଗଣମାଧ୍ୟମ କର୍ମଚାରୀ ଓ ଭୋଟ୍‌ଗଣନା ଲାଗି ନିୟୋଜିତ କର୍ମଚାରୀ ଓ ପ୍ରତିନିଧିଙ୍କ ଯାନବାହନ ରଖିବା ଲାଗି ପାର୍କିଂ ସ୍ଥାନ ଚିହ୍ନଟ କରାଯାଇଛି। ଜନସାଧାରଣଙ୍କ ଲାଗି ଭଞ୍ଜକଳା ମଣ୍ଡପ, ଟୁରିଜିମ୍ ଅଫିସ ପଡ଼ିଆ ଓ ଜୁନିଅର ଆର୍ଟ୍ସ ବ୍ଲକରେ ଗାଡି ରଖିପାରିବେ। ଅନୁରୂପ ଭାବେ ଭୋଟ୍ ଗଣନା ଲାଗି ନିୟୋଜିତ କର୍ମଚାରୀ ଓ ପ୍ରତିନିଧିମାନେ ବିଜେବି ସ୍ୱୟଂଚାଳିତ ମହାବିଦ୍ୟାଳୟର ମୁଖ୍ୟ ପଡ଼ିଆରେ ଗାଡ଼ି ରଖିପାରିବେ। ସେଭଳି ଗଣମାଧ୍ୟମ ପ୍ରତିନିଧିଙ୍କ ଲାଗି ବିଜେବି ସ୍ୱୟଂଚାଳିତ ମହାବିଦ୍ୟାଳୟର ଗେଟ୍ ନଂ-୨ଠାରୁ ଶିବମନ୍ଦିର ଛକ (ବିଜେବିନଗର)କୁ ସଂଯୋଗ କରୁଥିବା ଗଳିରାସ୍ତାର ଗାଡ଼ି ରଖିବା ଲାଗି ପାର୍କିଂ ବ୍ୟବସ୍ଥା କରାଯାଇଛି।





**ନିୟୋଜିତ ହେବେ ୫ କମ୍ପାନୀ ଅର୍ଦ୍ଧସାମରିକ ବାହିନୀ**

**ନିର୍ବାଚନୀ ପରବର୍ତ୍ତୀ ହିଂସାକୁ ରୋକିବାକୁ ଖସଡ଼ା**

**ଅପ୍ରୀତିକର ପରିସ୍ଥିତି ଲାଗି ଥାନାରେ ରହିବେ ଷ୍ଟ୍ରାଇକିଂ ଫୋର୍ସ**

### ବିଜେବି କଲେଜ ଚାରିପଟେ ୧୪୪ ଧାରା

ବିଜେବି କଲେଜର ଆର୍ଟ୍ସ ବ୍ଲକରେ ହୋଇଥିବା ମତଗଣନା କେନ୍ଦ୍ରର ୫୦୦ ମିଟର ପରିଧି ପର୍ଯ୍ୟନ୍ତ ୧୪୪ ଧାରା ଲାଗୁ କରିଛି କମିସନରେଟ୍ ପୁଲିସ। ଏହି ଅଞ୍ଚଳରେ କାହାରିକୁ ଏକାଠି କରିବାକୁ ଦିଆଯିବନି। ଏଥିସହ ସେଇ ଅଞ୍ଚଳରେ ବାଣ ଫୁଟାଇବା, ଉଚ୍ଚଶବ୍ଦରେ ମାଇକ୍ ବଜାଇବା, ଲାଠି, କାଚ ବୋତଲ ଓ ଦହନଶୀଳ ସାମଗ୍ରୀ ନେବା ଉପରେ କଟକଣା ଜାରି କରାଯାଇଛି। ସେପରି ପାର୍କିଂ ଲାଗି ସେଇ ଅଞ୍ଚଳରେ କାହାରିକୁ ଅନୁମତି ଦିଆଯିବନାହିଁ। ଗାଡ଼ି ପାର୍କିଂ ଲାଗି ଅଲଗା ବ୍ୟବସ୍ଥା କରାଯାଇଛି। ଏହିକ୍ରମରେ ମତଗଣନା କେନ୍ଦ୍ରର ୫୦୦ ମିଟର ପରିଧି ମଧ୍ୟରେ କାହାରିକୁ ଯିବାକୁ ଅନୁମତି ଦିଆଯିବନି। ସେପରି ଷ୍ଟ୍ରଙ୍ଗରୁମକୁ କେବଳ ପାସ୍‌ଧାରୀ କର୍ମଚାରୀ ଭିତରକୁ ଯାଇପାରିବେ। ଗଣମାଧ୍ୟମ ପାଇଁ ମଧ୍ୟ ପାସ୍ ବ୍ୟବସ୍ଥା କରାଯାଇଛି। ମତଗଣନା କେନ୍ଦ୍ରକୁ ମୋବାଇଲ୍ ଫୋନ୍ ନେବା ଉପରେ କଟକଣା ରହିଛି। ମୋବାଇଲ୍ ଫୋନ୍ ନେବାକୁ ଅନୁମତି ଦିଆଯାଇଥିବା ଅଧିକାରୀ କିମ୍ବା କର୍ମଚାରୀମାନେ ଫୋନ୍ ନେଇ ଯାଇପାରିବେ।

## ମାଟି ଉଠାଇବାକୁ କେନ୍ଦ୍ରକରି ଆକ୍ରମଣ; ୪ ଗିରଫ

ଭୁବନେଶ୍ୱର,୩।୬ (ସମିସ)

ମାଟି ଉଠାଇବାକୁ କେନ୍ଦ୍ରକରି ହୋଇଥିବା ଆକ୍ରମଣ ଘଟଣାରେ ଦୁଇ ପକ୍ଷର ୪ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ଏୟାରଫିଲ୍ଡ ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛନ୍ତି ପାଞ୍ଚଗାଁର ବିକି ଓରଫ୍ ପୃଥିରାଜ ଗୁରୁ (୨୩), ପ୍ରଦୋଷ କୁମାର ସିଂହ ଓରଫ୍ ରିଙ୍କୁ (୩୧), ଜଗଦିଶ ସାମନ୍ତରାୟ ଓରଫ୍ ଲିଟୁ (୩୨) ଓ ହିମାଳୟ ବେହେରା ଓରଫ୍ ଚିକୁ (୨୫)। ପୁଲିସ ସୂଚନା ଅନୁସାରେ, ଏକ ନିର୍ଦ୍ଦିଷ୍ଟ ସ୍ଥାନରୁ ମାଟି ଉଠାଇବାକୁ କେନ୍ଦ୍ରକରି ଉଭୟ ପକ୍ଷଙ୍କ ମଧ୍ୟରେ ପୂର୍ବରୁ ବିବାଦ ଲାଗି ରହିଛି। ଘଟଣା ଦିନ ବିଳମ୍ବିତ ରାତିରେ ମଧ୍ୟ ସମ୍ପୃକ୍ତ ସ୍ଥାନରୁ ବାଲି ଉଠାକୁ କେନ୍ଦ୍ରକରି ଉଭୟ ପକ୍ଷ ମଧ୍ୟରେ ପ୍ରଥମେ ଯୁକ୍ତିତର୍କ ହୋଇଥିଲା ଓ ପରେ ଏହା ଉଗ୍ରରୂପ ନେଇଥିଲା।





ପରସ୍ପର ମଧ୍ୟରେ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହିତ ନାନା ପ୍ରକାର ଧମକଚମକ ଦେଇଥିଲେ ଓ ପରସ୍ପରକୁ ଆକ୍ରମଣ ମଧ୍ୟ କରିଥିଲେ। ପୃଥ୍ୱୀରାଜ, ପ୍ରଦୋଷ ଓ ସହଯୋଗୀମାନେ ଉତ୍‌କ୍ଷିପ୍ତ ହୋଇ ଜଗଦୀଶକୁ ବିଭିନ୍ନ ମାରଣାସ୍ତ୍ର ସାହାଯ୍ୟରେ ମରଣାନ୍ତକ ଆକ୍ରମଣ କରିଥିବା ବେଳେ ଜଗଦୀଶ, ହିମାଳୟ ଓ ଳ ସହଯୋଗୀମାନେ ମଧ୍ୟ ପ୍ରତିପକ୍ଷଙ୍କୁ ଆକ୍ରମଣ କରିଥିଲେ। ଏହି ଆକ୍ରମଣ ଓ ପ୍ରତି ଆକ୍ରମଣରେ ଉଭୟପକ୍ଷର ସଦସ୍ୟମାନେ ଆହତ ହୋଇଥିଲେ। ଏହି ଘଟଣାକୁ କେନ୍ଦ୍ର କରି ଉଭୟ ପକ୍ଷର ଅଭିଯୋଗ କ୍ରମେ ପୁଲିସ ଦୁଇଟି ମାମଲା ରୁଜୁ କରିଥିଲା। ସୋମବାର ୪ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

## ଦୁଷ୍କର୍ମକାରୀକୁ ୨୦ ବର୍ଷ ଜେଲ୍

ଭୁବନେଶ୍ୱର, ୩।୬(ସମିସ): ଦୁଷ୍କର୍ମକାରୀକୁ ୨୦ ବର୍ଷ କାରାଦଣ୍ଡାଦେଶ ଦେଇଛନ୍ତି ପକ୍ସୋ କୋର୍ଟର ସ୍ୱତନ୍ତ୍ର ବିଚାରପତି। ଏଥିସହିତ ୧୦ ହଜାର ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନାଦେୟ ହେଲେ ଅଧିକ ୧ ବର୍ଷ ଜେଲ୍‌ଦଣ୍ଡ ଭୋଗିବାକୁ କୋର୍ଟ ରାୟରେ ଶୁଣାଇଛନ୍ତି। ଜେଲ୍‌ଦଣ୍ଡ ପାଇଥିବା ଦୁଷ୍କର୍ମକାରୀ ହେଲା ଟାଙ୍ଗି ବ୍ଲକ ମଙ୍ଗଳାଯୋଡ଼ିର ବିରଞ୍ଚି ବେହେରା (୪୧)। ବିଚାରପତି ୯ ଜଣ ସାକ୍ଷୀ, ୨୦ଟି ଦସ୍ତାବିଜ୍ ଏବଂ ଅପରପକ୍ଷର ୪ଜଣ ଓକିଲଙ୍କ ବୟାନ ଆଧାରରେ ବିରଞ୍ଚିକୁ ଦଣ୍ଡିତ କରିଛନ୍ତି ବିଚାରପତି। ସୂଚନା ଅନୁସାରେ, ୨୦୨୧ ଜୁନ୍ ୨ତାରିଖରେ ଅଭିଯୁକ୍ତ ଟାଙ୍ଗୀ ଅଞ୍ଚଳରେ ରହୁଥିବା ଜଣେ ୧୭ ବର୍ଷର ନାବାଳିକାଙ୍କୁ ଭୁବନେଶ୍ୱରରୁ କେଉଁଝର ଅପହରଣ କରି ନେଇଯାଇଥିଲେ। ସେଠାରେ ତାଙ୍କୁ ଦୁଷ୍କର୍ମ କରିବା ପରେ ମଙ୍ଗଳାଯୋଡ଼ିସ୍ଥିତ ନିଜ ଘରେ ରଖିଥିଲେ। ଏନେଇ ନାବାଳିକାର ପରିବାର ଲୋକ ଜାଣିବା ପରେ ୨୦୨୧ ଜୁନ୍ ୮ ତାରିଖରେ ଥାନାରେ ଅଭିଯୋଗ କଲେ। ପୁଲିସ ମାମଲା ରୁଜୁକରି ବିରଞ୍ଚିକୁ ୨୦୨୧ ଜୁନ୍ ୧୦ ତାରିଖରେ ଗିରଫ କରିଥିଲେ। ପୀଡ଼ିତା ହେଉଛନ୍ତି ଅଭିଯୁକ୍ତ ବିରଞ୍ଚିର ସାଙ୍ଗର ଝିଅ। ବିରଞ୍ଚି ସାଙ୍ଗ ଘରକୁ ଯିବା ଆସିବା କରିବା ଦ୍ୱାରା ନାବାଳିକାଙ୍କ ସହ ପରିଚିତ ହୋଇଥିଲେ। ଏପରିକି ନାବାଳିକାଙ୍କୁ ମିଛ ବିବାହର ପ୍ରତିଶ୍ରୁତି ଦେଇ ଅପହରଣ କରି ନେଇ ଦୁଷ୍କର୍ମ କରିଥିଲେ। ଏନେଇ ନାବାଳିକା ବିଚାରପତିଙ୍କ ଆଗରେ ମଧ୍ୟ ଏହି ବୟାନ ଦେଇଥିଲେ। ଏହି ମାମଲାର ସରକାରଙ୍କ ତରଫରୁ ସ୍ପେଶାଲ ପିପି ସୁବ୍ରତ ପ୍ରିୟଦର୍ଶୀ ମାମଲା ପରିଚାଳନା କରୁଥିଲେ।

**ସାଙ୍ଗର ଝିଅକୁ ଅଭିଯୁକ୍ତ କରିଥିଲେ ଦୁଷ୍କର୍ମ**

# ଚଢ଼ି-ବାନିୟନ୍ ଗ୍ୟାଙ୍ଗ୍ ସଦସ୍ୟକୁ ବର୍ଷେ ଜେଲ୍

ଭୁବନେଶ୍ୱର, ୩।୬ (ସମିସ)

ଧଉଳି ଥାନା ଅଞ୍ଚଳରେ ଆନ୍ତଃରାଜ୍ୟ ଚଢ଼ି-ବାନିୟନ ଗ୍ୟାଙ୍ଗ ଦ୍ୱାରା ଘଟିଯାଇଥିବା ସିନ୍ଧି ଚୋରି ମାମଲାର ବିଚାର କରି ଗ୍ୟାଙ୍ଗ୍‌ର ସଦସ୍ୟ ରାଜୁ ବାଗ୍ରିକୁ ୧ ବର୍ଷ ଜେଲଦଣ୍ଡ ସହ ଜରିମାନା ନିର୍ଦ୍ଦେଶ ଦେଇଛନ୍ତି ଭୁବନେଶ୍ୱର ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଦାଲତ ୫ର ବିଚାରପତି ସବ୍ୟସାଚୀ ପଣ୍ଡା। ପୁଲିସ ସୂଚନା ଅନୁଯାୟୀ, ରାଉରକେଲା ସ୍ଥିତ ଓଏସଏପି ଚତୁର୍ଥ ବାଟାଲିୟନର ସବ୍ ଇନ୍ସପେକ୍ଟର (ସଶସ୍ତ୍ର) ଭାବେ କାର୍ଯ୍ୟ କରୁଥିବା ଅଶୋକ କୁମାର ମଲ୍ଲିକ ଧଉଳି ଥାନା ଅନ୍ତର୍ଗତ ନୂଆଗାଁ ବିଜୟ ବିହାରର ଲେନ ନମ୍ବର-୧ ରେ ଗତ ୭/୮ ବର୍ଷ ହେବ ଭଡ଼ା ସୂତ୍ରରେ ରହି ଆସୁଥିଲେ। ସେ ଛୁଟିରେ ଘରକୁ ଆସିଥିବା ବେଳେ ଗତବର୍ଷ ମାର୍ଚ୍ଚ ମାସ ୨୯ ତାରିଖ ରାତିରେ ରାତ୍ର ଭୋଜନ ପରେ ପରିବାର ସହିତ ଶୋଇ ପଡ଼ିଥିଲେ। ବିଳମ୍ବିତ ରାତିରେ ଚଢ଼ି-ବାନିୟନ ଗ୍ୟାଙ୍ଗର ସଦସ୍ୟ ଘରର ଝରକା, କବାଟ ଓ ଗ୍ରିଲ୍ ଭାଙ୍ଗି ଭିତରେ ପଶିବା ସହିତ ଆଲମାରି ତାଡ଼ି ଭିତରୁ ସୁନା କାନଫୁଲ, ଗୋଟିଏ ସ୍ମାର୍ଟ ୱାଚ, ଦୁଇଟି ମନିପର୍ସରେ ଥିବା ମୋଟ ୬୫୬୦ ଟଙ୍କା ଚୋରି କରି ନେଇଯାଇଥିଲେ। ଅଶୋକ ତଥା ତାଙ୍କ ପରିବାର ସଦସ୍ୟ ସକାଳୁ ନିଦରୁ ଉଠିବା ପରେ ଘରୁ ଉପରୋକ୍ତ ସାମଗ୍ରୀ ସବୁ ଚୋରି ହୋଇଥିବା ଜାଣିବାକୁ ପାଇଥିଲେ। ଏନେଇ ଶ୍ରୀ ମଲ୍ଲିକଙ୍କ ଅଭିଯୋଗ ଆଧାରରେ ଧଉଳି ଥାନା ପୁଲିସ କେସ ନଂ ୫୪/୨୦୨୩ ରେ ଭାରତୀୟ ପିଙ୍ଗଳ କୋଡ୍ ଦଫା ୪୫୭/୩୮୦ ଲଗାଇ ମାମଲା ରୁଜୁ କରିଥିଲା। ଘଟଣାର ତଦନ୍ତକାରୀ ଅଧିକାରୀ ସବ୍ ଇନ୍ସପେକ୍ଟର ସନ୍ତୋଷ କୁମାର ବଳ ମାମଲାରେ ସମ୍ପୃକ୍ତ ମୋଟ ୧୧ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଥିଲେ।

ଏହି ମାମଲାର ବିଚାରକରି ଅଦାଲତ ସାକ୍ଷୀଙ୍କ ବୟାନ ଓ ବିଭିନ୍ନ ଦସ୍ତାବିଜକୁ ଆଧାର କରି ଗ୍ୟାଙ୍ଗର ୧୧ ଜଣ ସଦସ୍ୟଙ୍କ ମଧ୍ୟରୁ ଅଭିଯୁକ୍ତ ରାଜୁ ବାଗ୍ରିକୁ ୧ ବର୍ଷ ସଶ୍ରମ କାରା ଦଣ୍ଡାଦେଶ ସହ ୧୦୦୦ ଟଙ୍କା ଜରିମନା ଆଦେଶ ଶୁଣାଇଛନ୍ତି। ଜରିମନା ଅନାଦେୟ କ୍ଷେତ୍ରରେ ୧ ମାସ ଅଧିକ କାରାଦଣ୍ଡ ଲାଗି ମଧ୍ୟ ଆଦେଶ ଦେଇଛନ୍ତି। ସହକାରୀ ପବ୍ଲିକ ପ୍ରୋସିକ୍ୟୁଟର ନିରଞ୍ଜନ ବେହେରା ସରକାରଙ୍କ ପକ୍ଷରୁ ଏହି ମାମଲାକୁ ପରିଚାଳନା କରିଥିଲେ।



# ବ୍ଲେଡ୍‌ରେ ମାଲିକଙ୍କ କାନ କାଟି ଭଡ଼ାଟିଆ ଗିରଫ

ଭୁବନେଶ୍ୱର,୩।୬ (ସମିସ)

ଘର ମାଲିକଙ୍କୁ ବ୍ଲେଡ୍‌ରେ ଆକ୍ରମଣ କରିଥିବା ଅଭିଯୋଗରେ ଭଡ଼ାଟିଆକୁ ଗିରଫ କରି କୋର୍ଟ ଚାଲାଣ ଶ୍ରୀ ଲିଙ୍ଗରାଜ ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ଗୌରୀ ନଗରରେ ରହୁଥିବା ପିପିଲି ଥାନା କୁଞ୍ଜାରର ଅଜିତ ସେଠୀ (୨୭)। ପୁଲିସ ସୂଚନା ଅନୁସାରେ, ଅଜିତ ଗୌରୀ ନଗରର ରାଜୁ ଦିଗାଲଙ୍କ ଘରେ ଦୁଇବର୍ଷ ହେବ ଭଡ଼ା ସୂତ୍ରରେ ରହି ଆସୁଥିଲା। ସେ ଭଡ଼ା ଟଙ୍କା ସଠିକ ସମୟରେ ଦେଉ ନ ଥିବା ଯୋଗୁଁ ଗତ ଜୁନ ମାସରେ ରାଜୁଙ୍କ ସାନଭାଇ ଆନ୍ଧୁ ତାଙ୍କୁ ଘର ଖାଲି କରିବା ଲାଗି କହିଥିଲେ। ଏଥିସହିତ ଅନ୍ୟ ଲୋକଙ୍କୁ ଭଡ଼ା ଦେବା ପାଇଁ ଘର ଦେଖାଉଥିଲେ। ଘର ଦେଖିବାକୁ ଆସୁଥିବା ଲୋକମାନଙ୍କୁ ଅଜିତ ଧମକାଉଥିଲା। ସେପଟେ ଅଜିତର ଗ୍ୟାରେଜ୍ ଛକ ନିକଟରେ ଗ୍ୟାରେଜ ଥିବା ବେଳେ ଗ୍ୟାରେଜକୁ ଲାଗି ରାଜୁଙ୍କର ଜୟ ଇଲେକ୍ଟ୍ରିକାଲ ଦୋକାନ ଅଛି। ରବିବାର ସନ୍ଧ୍ୟାରେ ଆନ୍ଧୁ ବଡ଼ଭାଇଙ୍କ ଦୋକାନରେ ଥିବା ବେଳେ ଗ୍ରାହକଙ୍କୁ ଘର ଦେଖିବାକୁ ଆସୁଥିବା ଲୋକଙ୍କୁ ଲାଗି କାହିଁକି ଧମକାଉଛ ବୋଲି ପଚାରିଥିଲେ। ଏହାକୁ ନେଇ ଆନ୍ଧୁ ଓ ଅଜିତ ମଧ୍ୟରେ ଖୁବ ଜୋରରେ ଯୁକ୍ତିତର୍କ ହୋଇଥିଲା। ଏଥିରେ ଉତ୍‌କ୍ଷିପ୍ତ ହୋଇ ଅଜିତ୍ ଜଣକ ବ୍ଲେଡ୍ ସାହାଯ୍ୟରେ ଆନ୍ଧୁଙ୍କ ବେକକୁ ମରଣାନ୍ତକ ଆକ୍ରମଣ କରିଥିଲା। ଆନ୍ଧୁ ନିଜକୁ ଏହି ଆକ୍ରମଣରୁ ବଞ୍ଚାଇ ନେଇଥିଲେ ମଧ୍ୟ ତାଙ୍କ କାନରେ ଗୁରୁତର ଆଘାତ ଲାଗିଥିଲା। ପାଟି ଶୁଣି ନିକଟରେ ଥିବା ଲୋକମାନେ ଘଟଣାସ୍ଥଳରେ ପହଞ୍ଚି ଯିବାରୁ ଅଜିତ ନାନା ପ୍ରକାର ଧମକ ଦେଇ ସେଠାରୁ ଖସି ପଳାଇ ଯାଇଥିଲେ। ଏନେଇ ଶ୍ରୀଲିଙ୍ଗରାଜ ଥାନାରେ ଅଭିଯୋଗ ହେବାପରେ ପୁଲିସ ଏକ ମାମଲା ରୁଜୁ କରିଥିଲା। ସୋମବାର ଅଜିତକୁ ଗିରଫ କରିବା ସହିତ ଘଟଣାରେ ବ୍ୟବହୃତ ଛୁରି ଜବତ କରିଛି।



ସକାଳ
THE SAKALA


# ରାଜ୍ୟରେ ଆଶ୍ୱସ୍ତିର ବର୍ଷା

ଓଡ଼ିଶା ସମେତ ସମଗ୍ର ଦେଶରେ ଯେଉଁ ଜଳାଭାବ ଓ ଅଂଶୁଘାତ ଜନିତ ସ୍ଥିତି ସୃଷ୍ଟି ହୋଇଛି ଆଗୁଆ ମୌସୁମି ପ୍ରବାହ ତାହାକୁ ଲାଘବ କରିବାରେ ସହାୟକ ହୋଇପାରେ। ଜାତୀୟ ରାଜଧାନୀ କ୍ଷେତ୍ର ଦିଲ୍ଲୀ, ହରିୟାଣା, ପଞ୍ଜାବ, ରାଜସ୍ଥାନ, ଗୁଜରାଟ ଓ ମହାରାଷ୍ଟ୍ର ଆଦି ରାଜ୍ୟରେ ଏବର୍ଷ ଜଳକଷ୍ଟ ଚରମ ସୀମାରେ ପହଞ୍ଚିଥିବା ବେଳେ ସମଗ୍ର ଉତ୍ତର ଓ ପଶ୍ଚିମ ଭାରତ ଏବଂ ଓଡ଼ିଶା ଓ ଆନ୍ଧ୍ର ଭଳି ପୂର୍ବତଟୀୟ ରାଜ୍ୟରେ ଅଂଶୁଘାତ ମୃତ୍ୟୁ ସଂଖ୍ୟା ଯଥେଷ୍ଟ ଅଧିକ ହୋଇଛି। ଏମିତି ଦେଖିବାକୁ ଗଲେ ଦେଶର ପାଞ୍ଚଟି ରାଜ୍ୟରେ ଜଳକଷ୍ଟ ଅଧିକ ଏବଂ ଏହା ଏକ ପୁରୁଣା ସମସ୍ୟା। ଏସବୁ ରାଜ୍ୟଗୁଡ଼ିକ ହେଲା ରାଜସ୍ଥାନ, ଗୁଜରାଟ, ମହାରାଷ୍ଟ୍ର, କର୍ଣ୍ଣାଟକ ଓ ତାମିଲନାଡୁ। କେବଳ ରାଜସ୍ଥାନକୁ ଛାଡ଼ିଦେଲେ ଏହି ତାଲିକାରେ ଥିବା ଅନ୍ୟ ଚାରିଟି ରାଜ୍ୟ ଉନ୍ନତ ଏବଂ ସମୃଦ୍ଧ। ତେବେ ଏଠାରେ ଜଳାଭାବର ମୁଖ୍ୟ କାରଣ ହେଲା କୃଷି, ଶିଳ୍ପ ଏବଂ ସହର ପାଇଁ ମାତ୍ରାଧିକ ଜଳର ବ୍ୟବହାର ଏବଂ ଗ୍ରାମାଞ୍ଚଳରେ ପାନୀୟ ଜଳ ବ୍ୟବସ୍ଥା ପ୍ରତି ଉପେକ୍ଷା। ଆହୁରି ମଧ୍ୟ ଭୂତଳ ଜଳର ମାତ୍ରାଧିକ ବ୍ୟବହାର ଫଳରେ ଏହାର ସ୍ତର ହ୍ରାସ ପାଉଛି ଏବଂ ପୁନଃକ୍ଷରଣ ବ୍ୟବସ୍ଥା ଅଭାବରୁ ଭୂତଳ ଜଳ ଆବଶ୍ୟକତା ଅନୁସାରେ ମିଳୁନାହିଁ। ଅପରପକ୍ଷରେ ମରୁଭୂମି ପ୍ରଧାନ ରାଜସ୍ଥାନରେ ଜଳକଷ୍ଟ ଏକ ସ୍ୱାଭାବିକ ଘଟଣା।

ପଞ୍ଜାବ, ହରିୟାଣା ଓ ଦିଲ୍ଲୀର ଜଳକଷ୍ଟର କାରଣ ହେଲା ଭୂତଳ ଜଳର ମାତ୍ରାଧିକ ଉପଯୋଗ। ସହର ଓ ଶିଳ୍ପ ପାଇଁ ଅଧିକ ଜଳ ଯୋଗାଣ ସତ୍ତ୍ୱେ ଜଳଉତ୍ସ ସବୁ ଅଧିକ ଚାପ ସହ୍ୟ କରିବା ସ୍ଥିତିରେ ନାହାନ୍ତି। ପଞ୍ଜାବ ଓ ପଶ୍ଚିମ ଉତ୍ତର ପ୍ରଦେଶର ନଦୀ, କେନାଲ ଓ ଭୂପୃଷ୍ଠରେ ଉପଲବ୍ଧ ଜଳ ଲୋକଙ୍କ ଚାହିଦା ଅନୁସାରେ ଯଥେଷ୍ଟ ହେଉନାହିଁ। ଏବେ ମୌସୁମି ଆଗୁଆ ଆସିଥିବାରୁ ଜୁଲାଇ ମଧ୍ୟ ଭାଗ ସୁଦ୍ଧା ସମଗ୍ର ଦେଶରେ ଏହା ପହଞ୍ଚିବା ଘେନି ଆଶା ବଳବତ୍ତର ହୋଇଛି। ଫଳରେ ଖରିଫ ଚାଷ ସମେତ ଦେଶର ବ୍ୟାପକ ଅଞ୍ଚଳରେ ଜଳକଷ୍ଟ ଅବଶ୍ୟ ଏହାଦ୍ୱାରା ଦୂର ହେବ।

ସରକାର ଯେ ଏ କ୍ଷେତ୍ରରେ ନିରବ ହୋଇ ବସିଛନ୍ତି, ତାହା ନୁହେଁ। ଜାତୀୟ ସ୍ତରରେ 'ହରଘର ଜଳ' ଯୋଜନାରେ ସବୁ ଘରକୁ ପାଇପ ଯୋଗେ ଆବଶ୍ୟକ ପାନୀୟ ଜଳ ଯୋଗାଇ ଦେବା କାମ ଚାଲିଛି। ଏଥିରେ ସବୁ ରାଜ୍ୟ ସରକାର ଉଲ୍ଲେଖନୀୟ ସହଯୋଗ ଯୋଗାଉଛନ୍ତି। ଓଡ଼ିଶାରେ ତ ଏହି ଯୋଜନାର ଅଗ୍ରଗତି ବେଶ୍ ଉଲ୍ଲେଖନୀୟ ରହିଛି। ଏହି ଯୋଜନା ସହିତ ଜଳଉତ୍ସଳ ସଂରକ୍ଷଣ, ପୁନରୁଦ୍ଧାର ଓ ପୁନଃକ୍ଷରଣ କାର୍ଯ୍ୟକୁ ଯୋଡ଼ାଯାଇ ଗ୍ରାମ୍ୟ କମିଟି ଜରିଆରେ ଏହାର ଦେଖାରଖା ଓ ପରିଚାଳନା କରାଯାଉଛି। ତା'ସତ୍ତ୍ୱେ କିଛି ଅଞ୍ଚଳରେ ଯେଉଁ କଳକଷ୍ଟ ଅନୁଭୂତ ହେଉଛି, ତାହାର ମୂଳ କାରଣ ହେଲା ସେଠାରେ ଯୋଜନାର ରୂପାୟନ କ୍ଷେତ୍ରରେ ପ୍ରତିବନ୍ଧକ ଓ ଅସୁବିଧା।

ଆମେ ଓଡ଼ିଶା କଥା ବିଚାର କରିବା। ଏହା ଜାତୀୟ ତାଲିକାରେ ଏକ ଜଳ ବଳକା ରାଜ୍ୟ। ତେବେ ଉପକୂଳ ଅଞ୍ଚଳର ଅଧିକାଂଶ ସ୍ଥାନରେ ଭୂତଳ ଜଳ ଲୁଣିଆ ହୋଇଥିବା ବେଳେ ପଶ୍ଚିମ ଓ ଆଭ୍ୟନ୍ତରୀଣ ଅଞ୍ଚଳରେ ପାନୀୟ ଜଳ ଯୋଗାଣ ଯୋଜନାର କାର୍ଯ୍ୟକାରିତାରେ ବିବିଧ ପ୍ରତିବନ୍ଧକ ରହିଛି। ତଥାପି ଧୀରେ ଧୀରେ ଜିଲ୍ଲା ପ୍ରଶାସନ ସବୁ ଏହାର ସମାଧାନ କରୁଛନ୍ତି। ଜଳବାୟୁ ପରିବର୍ତ୍ତନର ପ୍ରଭାବରେ ଓଡ଼ିଶା ସମେତ ଦେଶର ବିଭିନ୍ନ ରାଜ୍ୟରେ ବର୍ଷାର ପରିମାଣ କମିଛି। ଏଥିସହିତ ମଧୁରଜଳର ଚାହିଦା ଯଥେଷ୍ଟ ବୃଦ୍ଧି ପାଇଛି। ତେଣୁ ବର୍ଷା ପାଣିର ସଂରକ୍ଷଣ ଓ ସୁପରିଚାଳନା ଏକ ନୂଆ ଜରୁରୀ ଆବଶ୍ୟକତା ପାଲଟିଛି।

ଓଡ଼ିଶା ସମେତ ସମଗ୍ର ଦେଶରେ ଏବେ ଅଂଶୁଘାତ ମୃତ୍ୟୁ ସଂଖ୍ୟା ବଢ଼ିଛି। ଏଥର ରାଜ୍ୟର ପଶ୍ଚିମାଞ୍ଚଳରେ ବେସରକାରୀ ଭାବେ ୧୦୦ ଲୋକ ଅଂଶୁଘାତରେ ପ୍ରାଣ ହରାଇଥିବା ଅଭିଯୋଗ ହେଉଛି। ପ୍ରଚଣ୍ଡ ଖରା ଓ ଗୁଳୁଗୁଳି ଏହାର ମୁଖ୍ୟ କାରଣ। ପାଣିପାଗ ବିଭାଗର ସୂଚନା ଅନୁସାରେ ଓଡ଼ିଶାରେ ଆସନ୍ତା ରଜ ଉତ୍ସବ ପର୍ଯ୍ୟନ୍ତ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଜାରି ରହିବ। ତା'ପରେ ମୌସୁମୀ ପ୍ରବାହ ଫଳରେ ପାଗରେ ପରିବର୍ତ୍ତନ ଘଟିପାରେ। ଅଂଶୁଘାତ ମୃତ୍ୟୁକୁ କେନ୍ଦ୍ର ସରକାର ପ୍ରାକୃତିକ ବିପର୍ଯ୍ୟୟ ତାଲିକାଭୁକ୍ତ ନ କରିବା ଦୁର୍ଭାଗ୍ୟଜନକ। ଏହା ଫଳରେ ମୃତକଙ୍କ ପରିବାର ସରକାରୀ ଅନୁକମ୍ପାରୁ ବଞ୍ଚିତ ହେଉଛନ୍ତି। ଏଭଳି ଏକ ନିରାଶାଜନକ ସ୍ଥିତି ମଧ୍ୟରେ ଓଡ଼ିଶାରେ ପ୍ରାକ୍ ମୌସୁମି ବର୍ଷା ଆଶା ସଞ୍ଚାର କରିଛି। ବିଶେଷକରି ରାଜ୍ୟର ଉପକୂଳ ଅଞ୍ଚଳରେ ଭଲ ବର୍ଷା ହେବା ଫଳରେ ଗ୍ରୀଷ୍ମ ପ୍ରବାହ ଓ ଜଳକଷ୍ଟ ଲାଘବ ହୋଇଛି। ପଶ୍ଚିମ ଓ ଆଭ୍ୟନ୍ତରୀଣ ଓଡ଼ିଶାରେ ଏଭଳି ବର୍ଷା ଆରମ୍ଭ ହୋଇଗଲେ ସ୍ଥିତି ବଦଳିଯିବ। ଏଥିସହିତ ଗ୍ରୀଷ୍ମପ୍ରବାହର ଅବସାନ ସହିତ ଜଳାଭାବ ଦୂର ହେବ ଓ ଖରିଫ ଚାଷ ପାଇଁ ସ୍ଥିତି ଅନୁକୂଳ ରହିବ।

ଏଥିସହିତ ଆଉ ଏକ ଚିନ୍ତାଜନକ ଚିତ୍ର ସାମ୍ନାକୁ ଆସୁଛି। ଗତ ରବିବାର ଆଭ୍ୟନ୍ତରୀଣ ଓଡ଼ିଶା ସମେତ ଉପକୂଳରେ ମାତ୍ର ଘଣ୍ଟାଏ/ଦୁଇଘଣ୍ଟା ବର୍ଷାରେ ରାଜଧାନୀର ଅନେକ ଅଞ୍ଚଳ ଜଳାର୍ଣ୍ଣବ ହୋଇଯାଇଛି। ତେଣୁ ଆଗକୁ ବର୍ଷା ଋତୁରେ ରାଜଧାନୀର ଅବସ୍ଥା କ'ଣ ହେବ ତାହା ସହଜେ ଅନୁମେୟ। ସମଗ୍ର ରାଜ୍ୟ ପାଇଁ ନୀତି ନିର୍ଦ୍ଧାରଣ ଓ ଯୋଜନା ପ୍ରଣୟନ ରାଜଧାନୀରେ ହେଉଥିବାରୁ ଏହି ଅଞ୍ଚଳ ଉପରେ ରାଜ୍ୟସାରା ସମସ୍ତଙ୍କ ଦୃଷ୍ଟି କେନ୍ଦ୍ରୀଭୂତ ହୋଇଥାଏ। ତେଣୁ ରାଜଧାନୀରେ ଯେକୌଣସି ଅସ୍ୱାଭାବିକ ପରିସ୍ଥିତି ସୃଷ୍ଟି ହେଲେ ସରକାର ବଦ୍‌ନାମ ହୁଅନ୍ତି। ରାଜଧାନୀରେ ପ୍ରତିବର୍ଷ କୃତ୍ରିମ ବନ୍ୟା ସୃଷ୍ଟି ହେଉଥିବାରୁ ଉଭୟ ସରକାର ଓ ମହାନଗର ନିଗମ ନିନ୍ଦିତ ହୋଇଆସୁଛନ୍ତି। ଜାତୀୟ ରାଜପଥ କର୍ତ୍ତୃପକ୍ଷ ଓ ମହାନଗର ନିଗମ ଉଭୟେ ଉଭୟଙ୍କ ଉପରେ ଦୋଷ ଲଦାଲଦି ହୋଇ ସମୟ ବିତିଯାଉଛି ସିନା ଜଳାର୍ଣ୍ଣବ ସମସ୍ୟାରୁ ରାଜଧାନୀକୁ ସୁରକ୍ଷା ଦେବାକୁ କୌଣସି ଦୀର୍ଘମିଆଦୀ ଯୋଜନା ପ୍ରଣୟନ ପାଇଁ ମିଳିତ ଉଦ୍ୟମ ହେଉନାହିଁ। ନିକଟରେ ସମାପ୍ତ ସାଧାରଣ ଓ ବିଧାନସଭା ନିର୍ବାଚନରେ ମଧ୍ୟ ଏହି ସମସ୍ୟା କ୍ୱଚିତ ପ୍ରସଙ୍ଗ ପାଲଟିଛି। ଏବେ ସହରାଞ୍ଚଳ ବଢ଼ିବା ସହିତ ଓଭରବ୍ରିଜ୍ ଓ କୋଠାବାଡ଼ି ସଂଖ୍ୟା ସହିତ ତାଳ ଦେଇ ଜବରଦଖଲ ମଧ୍ୟ ବଢ଼ୁଛି, ଯାହା ଭୁବନେଶ୍ୱରକୁ ବର୍ଷାଦିନେ ନୟାନ୍ତ କରୁଛି। ଅନେକ ଧନଜୀବନ ହାନି ଘଟୁଛି। ତେଣୁ ଅନ୍ତତଃ ଚଳିତ ବର୍ଷ ବର୍ଷା ଋତୁ ଆରମ୍ଭରୁ ଏହି ସମସ୍ୟା ପ୍ରତି ଉଭୟ କେନ୍ଦ୍ର ଓ ରାଜ୍ୟ ଜନପ୍ରତିନିଧିମାନେ ଦୃଷ୍ଟି ଦେବା ଜରୁରୀ।

# ଓଡ଼ିଶାର ଜୈନ ସଂସ୍କୃତି




ପଣ୍ଡିତ ଡ. ଅନ୍ତର୍ଯ୍ୟାମୀ ମିଶ୍ର
ଢେଙ୍କାନାଳ, ମୋ: ୮୮୯୫୨୩୦୭୨୨


ବୈଦିକ ଯୁଗରେ ଜୈନ ମତବାଦର ଅଭ୍ୟୁଦୟ ଘଟିଥିଲା। ସନ୍ଥ ଋଷଭନାଥ, ପାର୍ଶ୍ୱନାଥ, ଅରିଷ୍ଟନେମି ପ୍ରଭୃତି ବୈଦିକ ପ୍ରଚେତା ଥିଲେ ହେଁ ଜୈନ ମତବାଦର ପୃଷ୍ଠପୋଷକତା କରିଥିଲେ। ତନ୍ମଧ୍ୟରୁ ଜୈନ ଆଦିତୀର୍ଥଙ୍କର ଋଷଭନାଥ ତତ୍କାଳୀନ ଓଡ଼ିଶାର ଖଣ୍ଡଗିରି ପର୍ବତରେ ସାଧନା କରି ଜୈନଦର୍ଶନର ଉନ୍ମେଷ ଘଟାଇଥିଲେ। ଏଥିପାଇଁ ଓଡ଼ିଶାକୁ ଜୈନଧର୍ମର ଆଦିଭୂମି, ଖଣ୍ଡଗିରିକୁ ଆଦିଜୈନତୀର୍ଥ ଓ ଋଷଭନାଥଙ୍କୁ ଆଦିତୀର୍ଥଙ୍କର କୁହାଯାଏ। ସେହି ସମୟରେ ଓଡ଼ିଶା ଭୂଖଣ୍ଡରେ ଜୈନଧର୍ମର ବ୍ୟାପକ ପ୍ରଚାର ଓ ପ୍ରସାର ଘଟିଥିଲା। ଋଷଭନାଥଙ୍କ ମହାପ୍ରୟାଣ ପରେ ତାଙ୍କ ପ୍ରତିମୂର୍ତ୍ତିକୁ 'କଳିଙ୍ଗଜିନ' ନାମରେ ନାମିତ କରାଯାଇ ଓଡ଼ିଶାର ଜାତୀୟ ଦେବତା ସ୍ୱରୂପରେ ଉପାସନା କରାଗଲା। ଏହି ମୂର୍ତ୍ତି ମଗଧର ନନ୍ଦରାଜାଙ୍କ ଦ୍ୱାରା ଅପହୃତ ହୋଇଥିଲା। ପରବର୍ତ୍ତୀ କାଳରେ ପ୍ରତାପୀ କଳିଙ୍ଗ ସମ୍ରାଟ ଖାରବେଳ ମଗଧରାଜା ବୃହସ୍ପତି ମିତ୍ରଙ୍କୁ ପରାସ୍ତ କରି 'କଳିଙ୍ଗଜିନ' ମୂର୍ତ୍ତିଙ୍କୁ ମହାସମାରୋହରେ ଓଡ଼ିଶା ଫେରାଇ ଆଣିଥିଲେ ଏବଂ ଜୈନତୀର୍ଥ ଖଣ୍ଡଗିରିରେ ପୁନଃ ପ୍ରତିଷ୍ଠା କରିଥିଲେ।

ମହାଭାରତ ଯୁଦ୍ଧ ପରେ ସମଗ୍ର ଭାରତ ଷୋହଳଗୋଟି ଜନପଦରେ ବିଭକ୍ତ ହୋଇଥିଲା। ତନ୍ମଧ୍ୟରେ ଚେଦୀବଂଶଜ କ୍ଷତ୍ରିୟମାନେ ଓଡ଼ିଶା ଓ ସୌରାଷ୍ଟ୍ର ଅଞ୍ଚଳରେ ଚେଦୀରାଜ୍ୟ ଗଠନ କରିଥିଲେ। ଏହି ରାଜବଂଶର ପ୍ରତିଷ୍ଠାତା ଥିଲେ ଅଭିଚନ୍ଦ୍ର। ଐତିହାସିକମାନଙ୍କ ମତରେ ଖ୍ରୀଷ୍ଟପୂର୍ବ କାଳରେ ମଧ୍ୟପ୍ରଦେଶ ଓ ଓଡ଼ିଶାର ପଶ୍ଚିମାଞ୍ଚଳକୁ ନେଇ ଚେଦୀ ରାଜ୍ୟ ପ୍ରତିଷ୍ଠିତ ହୋଇଥିଲା। ଜୈନହରିବଂଶ ବର୍ଣ୍ଣନାନୁସାରେ ବିନ୍ଧ୍ୟ ପର୍ବତର ପୃଷ୍ଠଦେଶରେ ଚେଦୀ ରାଜ୍ୟ ସ୍ଥାପିତ ହୋଇଥିଲା। ଶୁକ୍ତିମତୀ ନଦୀ କୂଳରେ ଅବସ୍ଥିତ ଶୁକ୍ତିମତୀନଗରୀ ହିଁ ଚେଦୀ ରାଜ୍ୟର ରାଜଧାନୀ ଥିଲା। ଅଧୁନା ବଲାଙ୍ଗୀର ଜିଲ୍ଲାର ଶୁକତେଲ ନଦୀ ହିଁ ଶୁକ୍ତିମତୀ। ଚେଦୀ ରାଜବଂଶର ପ୍ରତିଷ୍ଠାତା ଅଭିଚନ୍ଦ୍ରଙ୍କର ସୁପୁତ୍ର ଥିଲେ ମହାରାଜା ବସୁ। ଜୈନ ହରିବଂଶରେ ବସୁଙ୍କୁ ଜଣେ ଧର୍ମପରାୟଣ ରାଜା ଭାବରେ ଚିତ୍ରଣ କରାଯାଇଛି। ବସୁଙ୍କ ଉତ୍ତରାଧିକାରୀମାନଙ୍କ ତଥ୍ୟ ମିଳିନଥିଲେ ମଧ୍ୟ ଶ୍ରୀଶ୍ରୀ ସପ୍ତଶତୀ ଚଣ୍ଡୀ ବର୍ଣ୍ଣିତ ସୁରଥ ତାଙ୍କ ବଂଶୋଦ୍ଭବ। ଶତ୍ରୁ ଆକ୍ରମଣରେ ସୁରଥ, ଚେଦୀ ରାଜ୍ୟ ପରିତ୍ୟାଗ କରି ପୂର୍ବ ଉପକୂଳ କଳିଙ୍ଗରେ ରାଜତ୍ୱ କରିଥିଲେ। ଐତିହାସିକଙ୍କ ମତରେ ମଗଧର ନନ୍ଦରାଜା କଳିଙ୍ଗର ସୁରଥ ରାଜାଙ୍କ ସହିତ ଯୁଦ୍ଧ କରି 'କଳିଙ୍ଗଜିନ' ଅପହରଣ କରିଥିଲେ। ସୁରଥଙ୍କ ପରବର୍ତ୍ତୀ ରାଜା ଥିଲେ ଚେତରାଜ। ଚେଦୀବଂଶ ଜୈନଧର୍ମର ପୃଷ୍ଠପୋଷକ ଥିଲେ ତଥା 'କଳିଙ୍ଗଜିନ' ମୂର୍ତ୍ତିଙ୍କୁ ପୂଜା କରୁଥିଲେ। ଚେତରାଜ ମଧ୍ୟ ଜୈନସାଧକ ଥିଲେ। ସେ ଅପରାଜିତା ମନ୍ତ୍ରରେ ରାଜଲକ୍ଷ୍ମୀଙ୍କୁ ସନ୍ତୁଷ୍ଟ କରି ସୁଯୋଗ୍ୟ ସନ୍ତାନ ଖାରବେଳଙ୍କୁ ଲାଭ କରିଥିଲେ। ଖାରବେଳ ସମ୍ରାଟ ହେବା ପରେ ମଗଧରାଜାଙ୍କୁ ପରାସ୍ତକରି 'କଳିଙ୍ଗଜିନ' ପ୍ରତିମାଙ୍କୁ ଫେରାଇ ଆଣିବା ସହ ଆଦି ଜୈନତୀର୍ଥ ଖଣ୍ଡଗିରିରେ ପୁନଃପ୍ରତିଷ୍ଠା କରିଥିଲେ। ସେତେବେଳକୁ ଆଦି ଜୈନତୀର୍ଥ ଖଣ୍ଡଗିରିର ପ୍ରସିଦ୍ଧି ସମଗ୍ର ଭାରତରେ ବ୍ୟାପି ଯାଇଥିଲା ଏବଂ ଭାରତର ବିଭିନ୍ନ ପ୍ରାନ୍ତରୁ ଜୈନସିଦ୍ଧ ଓ ଅର୍ହତଗଣ ଖଣ୍ଡଗିରି ଆସୁଥିଲେ। ଖାରବେଳ ଜୈନ ସନ୍ନ୍ୟାସୀଙ୍କ ନିବାସ ନିମିତ୍ତ ଖଣ୍ଡଗିରି ଓ ଉଦୟଗିରିରେ ପ୍ରାୟ ଏକଶତ ଗୁମ୍ଫା ନିର୍ମାଣ କରିଥିଲେ, ଯାହା ଅଦ୍ୟାବଧି ବିଦ୍ୟମାନ। ନିଜ ପରିବାରର ସଦସ୍ୟଗଣ ପାଇଁ ମଧ୍ୟ ସେ ସତରଟି ଗୁମ୍ଫା ନିର୍ମାଣ କରିଥିଲେ। ବୈଦିକ ସଂସ୍କୃତିରୁ ଜୈନ ସଂସ୍କୃତି ଜନ୍ମ ନେଇଥିବାରୁ ଜୈନଧର୍ମାବଲମ୍ବୀ ଖାରବେଳ ସ୍ୱରାଜଧାନୀରେ ରାଜସୂୟ ଯଜ୍ଞ କରି ବ୍ରାହ୍ମଣ, ଅର୍ହତ, ସିଦ୍ଧ, ଶ୍ରମଣ, ଦରିଦ୍ର ଓ ରୋଗୀଙ୍କୁ ଅଜସ୍ର ଦାନ କରିଥିଲେ। ଏଥିନିମିତ୍ତ ଖାରବେଳ ଧର୍ମରାଜ, କ୍ଷେମରାଜ, ବର୍ଦ୍ଧରାଜ ଓ ଇନ୍ଦ୍ରରାଜ ରୂପେ ଉଦ୍‌ଘୋଷିତ।

ଓଡ଼ିଶା ଜୈନତୀର୍ଥଙ୍କର, ଅର୍ହତ ଓ ସିଦ୍ଧଙ୍କର ଚିରବିହାରସ୍ଥଳୀ ଥିଲା। ଜୈନଧର୍ମର ପ୍ରାୟ ସବୁ ତୀର୍ଥଙ୍କର ଓଡ଼ିଶା ଆଗମନ କରିଥିଲେ। ଶେଷ ତୀର୍ଥଙ୍କର ମହାବୀର କଳିଙ୍ଗରାଜାଙ୍କ ନିମନ୍ତ୍ରଣ କ୍ରମେ ଓଡ଼ିଶା ଆସି ଜୈନଧର୍ମ ପ୍ରଚାର କରିଥିଲେ। ମହାବୀର କିଛି କାଳ ଖଣ୍ଡଗିରିରେ ନିବାସ କରିବା ପରେ ଭଦ୍ରଖ ନିକଟସ୍ଥ ଚରମ୍ପା ଯାଇଥିଲେ। ଚରମ୍ପାରେ ସେ ଚାରିଗୋଟି ଚାତୁର୍ମାସ୍ୟା ବ୍ରତ ପାଳନ କରିଥିଲେ ବୋଲି ପ୍ରବାଦ ରହିଛି। ତେଣୁ ଉତ୍ତର ଓଡ଼ିଶାରେ ଜୈନଧର୍ମର ପ୍ରସାର ଘଟିଥିଲା। ଚରମ୍ପା ନିବାସ କାଳରେ ମହାବୀର ସୋରୋ, କୁପାରୀ ଓ ଅଯୋଧ୍ୟା ପ୍ରଭୃତି ସ୍ଥାନରେ ଜୈନଧର୍ମ ପ୍ରଚାର କରିଥିଲେ। ସୋରୋରେ ମହାବୀରଙ୍କର ଏକ ମୂର୍ତ୍ତି ଘଣ୍ଟାକର୍ଣ୍ଣ ନାମରେ ପୂଜା ପାଉଥିଲା। ଏହି କ୍ଷେତ୍ର ଘଣ୍ଟାକର୍ଣ୍ଣ କ୍ଷେତ୍ର ନାମରେ ପ୍ରସିଦ୍ଧି ଲାଭ କରିଥିଲା। ଦ୍ୱିତୀୟ ଘଣ୍ଟାକର୍ଣ୍ଣ କ୍ଷେତ୍ର ଦକ୍ଷିଣ ଓଡ଼ିଶାରେ ବାଣପୁର ନିକଟରେ ପ୍ରତିଷ୍ଠା ହୋଇଥିଲା। ମୁଦ୍‌ଗଲ ବଂଶ ଶାସନ କାଳରେ ଏହି ଦୁଇଟି ଘଣ୍ଟାକର୍ଣ୍ଣ କ୍ଷେତ୍ର ପ୍ରସିଦ୍ଧି ଲାଭ କରିଥିଲା। ଏହି ଦୁଇଟି କ୍ଷେତ୍ରରେ ଅଗଣିତ ଜୈନ ଭକ୍ତ ମହାବୀରଙ୍କୁ ଘଣ୍ଟାକର୍ଣ୍ଣ ଭାବରେ ପୂଜା କରୁଥିଲେ। ଜୈନମାନଙ୍କର ଘଣ୍ଟାକର୍ଣ୍ଣ ଉପାସନା ଓଡ଼ିଶାରୁ ଆରମ୍ଭ ହୋଇ ସାରା ଭାରତରେ ପ୍ରସିଦ୍ଧି ଲାଭ କରିଥିଲା। ଏଥିରେ ପ୍ରଭାବିତ ହୋଇ ହିନ୍ଦୁମାନେ ମଧ୍ୟ ଭାଦ୍ରବମାସ କୃଷ୍ଣପକ୍ଷ ପଞ୍ଚମୀ ତିଥିରେ ଘଣ୍ଟାକର୍ଣ୍ଣ ପୂଜା ଆରମ୍ଭ କରିଥିଲେ। ପରିବାରର ସଦସ୍ୟଙ୍କ ବ୍ୟାଧି ନିବାରଣ ଓ ଗୃହରେ ଉପଦ୍ରବ ପ୍ରଶମନ ନିମିତ୍ତ ଓଡ଼ିଶାରେ ହିନ୍ଦୁମାନେ ଗୃହ ଦ୍ୱାରଦେଶରେ କାଶତଣ୍ଡୀ ବା ଦର୍ଭରେ ଘଣ୍ଟା ସଦୃଶ ଦୋଳାୟମାନ ରଜ୍ଜୁ ଟାଙ୍ଗି ତହିଁରେ ନିମ୍ନୋକ୍ତ ମନ୍ତ୍ର ଲେଖି ଘଣ୍ଟାକର୍ଣ୍ଣ ପୂଜା ଆଜିସୁଦ୍ଧା କରୁଛନ୍ତି।

***"ଘଣ୍ଟାକର୍ଣ୍ଣ ମହାବୀର ସର୍ବବ୍ୟାଧି ନିବାରଣ, ସର୍ବୋପଦ୍ରବ ସଂହାର ବିଦ୍ରାବଣ ହରପ୍ରିୟେ। କଣ୍ଠେ ଯସ୍ୟ ମହାନୀଳ, ଭୂଷଣଂ ଯସ୍ୟ ପନ୍ନଗାଃ, ତେଜାଂସି ତସ୍ୟ ଦେବସ୍ୟ ରକ୍ଷନ୍ତୁ ମମ ମନ୍ଦିରମ୍"।***

ବାଣପୁର ନିକଟରେ ଘଣ୍ଟାକର୍ଣ୍ଣ କ୍ଷେତ୍ର ପ୍ରସିଦ୍ଧି ଲାଭ ପରେ ପର୍ବତଟି ଘଣ୍ଟଶିଳା ନାମରେ ବିଖ୍ୟାତ ହେଲା। ଏହି ପର୍ବତର ପାଦଦେଶରେ କୋଟ ବିଦ୍ୟାଧରପୁର ଗ୍ରାମରେ ଏକ ମୁକୁଟ ଯୁକ୍ତ ମୁଖ ରହିଛି। ଏହା ପ୍ରାଚୀନ ଜୈନବିଗ୍ରହଙ୍କ ମୁଖ। ଘଣ୍ଟଶିଳାରେ ଏକ ଜୈନମନ୍ଦିର ଥିଲା। ଏହି ମନ୍ଦିରର ଭଗ୍ନାବଶେଷ, ପ୍ରାଚୀନ ଇଟାଖଣ୍ଡ ଓ ମୂର୍ତ୍ତି ଉଦ୍ଧାର କରାଯାଇଛି। ସମ୍ଭବତଃ ଏହି ମନ୍ଦିରରେ ପୂଜିତ ଜୈନମୂର୍ତ୍ତିଙ୍କ ମୁଖ କୋଟ ବିଦ୍ୟାଧରପୁରରେ ରହିଛି। ମନ୍ଦିରଟି ବାଣାସୁର ଗୋଟିଏ ରାତିରେ ନିର୍ମାଣ କରିଥିଲା ବୋଲି କିମ୍ବଦନ୍ତୀ ରହିଛି। ବାଣପୁରର ଦକ୍ଷପ୍ରଜାପତି ମନ୍ଦିରରେ ପୂଜା ପାଉଥିବା ଘଣ୍ଟାକର୍ଣ୍ଣ ମୂର୍ତ୍ତି ମଧ୍ୟ ଏକ ଜୈନମୂର୍ତ୍ତି। ହନ୍ତୁଆଡ଼ଠାରେ ଏକ ଜୈନପୀଠ ରହିଥିଲା। ସେହି ଜୈନପୀଠଟି ଧ୍ୱଂସ ପାଇଥିଲେ ହେଁ ପୂଜିତ ବିଶାଳକାୟ ଜୈନମୂର୍ତ୍ତି ସଂପ୍ରତି ଟିକାରାଇ ଠାକୁରାଣୀ ମନ୍ଦିରରେ ବିରାଜିତ। ବାଣପୁର ଅଞ୍ଚଳରେ ବହୁ ଜୈନପୀଠ ରହିଥିଲା। ପରବର୍ତ୍ତୀ କାଳରେ ଭୂଖନନରୁ କେତେକ ଜୈନମୂର୍ତ୍ତି ମିଳିଛି, ଯାହାକି ଦକ୍ଷପ୍ରଜାପତି ମନ୍ଦିର ପରିସରସ୍ଥ ବୁଢ଼ୀମା ମନ୍ଦିର କାନ୍ଥରେ ସ୍ଥାପିତ। ସେଠାରେ ପାଞ୍ଚଗୋଟି ଧ୍ୟାନୀ ଋଷଭନାଥ ମୂର୍ତ୍ତି ରହିଛି। ଏତଦ୍ଭିନ୍ନ ବାମପାର୍ଶ୍ୱରେ ମଧ୍ୟ ମକରାସନ ସୁବିଧି ମୂର୍ତ୍ତି ବିଦ୍ୟମାନ।

ଷଷ୍ଠ, ସପ୍ତମ ଓ ଅଷ୍ଟମ ଶତାବ୍ଦୀରେ ବାଣପୁର ଅଞ୍ଚଳ କଙ୍ଗୋଦ ରାଜ୍ୟ ନାମରେ ପରିଚିତ ଥିଲା। ଏଠାରେ ରାଜତ୍ୱ କରୁଥିବା ଶୈଳୋଦ୍ଭବ ବଂଶ ହିନ୍ଦୁ ହେଲେ ହେଁ ଜୈନଧର୍ମର ପୃଷ୍ଠପୋଷକତା କରିଥିଲେ। ସେହି ସମୟରେ ବାଣପୁର ଅଞ୍ଚଳରେ ବହୁ ଜୈନ ସିଦ୍ଧ ସାଧନାରତ ଥିଲେ। ଏମାନଙ୍କ ଦ୍ୱାରା ଶୈଳୋଦ୍ଭବ ରାଜନ୍ୟବୃନ୍ଦ ବିଶେଷ ପ୍ରଭାବିତ ହୋଇଥିଲେ। ଏହି ବଂଶ ରାଜାଙ୍କର ବାଣପୁର ଓ ପାରିକୁଦ ତାମ୍ରଶାସନରୁ ଜଣାଯାଏ ଯେ କଙ୍ଗୋଦରେ ଜୈନମୁନିମାନେ ବଲ୍କଳ ଓ ଅଜିନ ପରିଧାନ ପୂର୍ବକ ତପଶ୍ଚର୍ଯ୍ୟା କରୁଥିଲେ। ତନ୍ମଧ୍ୟରୁ ଅନେକ ଜୈନମୁନି ଦିଗମ୍ବରପନ୍ଥୀ ଥିଲେ ଏବଂ ବାୟୁ, ଜଳ ଓ ଫଳାହାର କରି ତପସ୍ୟା କରୁଥିଲେ। ଚୀନ୍ ପରିବ୍ରାଜକ ହୁଏନ୍‌ସାଂ ସେହି ସମୟରେ କଙ୍ଗୋଦ ପରିଦର୍ଶନ କରିଥିଲେ। ତାଙ୍କ ବର୍ଣ୍ଣନାନୁଯାୟୀ ସେତେବେଳେ କଙ୍ଗୋଦରେ ଦଶହଜାର ଜୈନସାଧୁ ନିବାସ କରୁଥିଲେ। ହୁଏନ୍‌ସାଂ ମଧ୍ୟ ଅନେକ ନିର୍ଗ୍ରନ୍ଥଙ୍କୁ ଭେଟିଥିଲେ। ସେହି ସମୟରେ ଅନେକ ଜୈନ ସନ୍ନ୍ୟାସୀ ପ୍ରଚଣ୍ଡ ରୌଦ୍ରତାପରେ ମଧ୍ୟାହ୍ନ ସୂର୍ଯ୍ୟଙ୍କ ପ୍ରତି ଦୃଷ୍ଟିନିବଦ୍ଧ କରି ଯୋଗାଭ୍ୟାସ କରୁଥିଲେ। ସେମାନଙ୍କୁ 'ସହସ୍ରରଶ୍ମିପାଦଭକ୍ତ' କୁହାଯାଉଥିଲା। ସୁମଣ୍ଡଳ ତାମ୍ରଶାସନରୁ ଜଣାଯାଏ ଯେ ରାଜା ଧର୍ମରାଜ 'ସହସ୍ରରଶ୍ମିପାଦଭକ୍ତ' ଥିଲେ। କୁମାରାଙ୍ଗ ନୀଳକଣ୍ଠେଶ୍ୱର ମନ୍ଦିରରେ ଥିବା ସୂର୍ଯ୍ୟମୂର୍ତ୍ତି ଜୈନମାନଙ୍କର ଉପାସ୍ୟ ଥିଲେ। ଦ୍ୱିତୀୟ ଧର୍ମରାଜଙ୍କ ରାଣୀ କଲ୍ୟାଣୀ ଦେବୀ ଶ୍ୱେତାମ୍ବର ପନ୍ଥୀ ଜୈନସାଧୁ ନାସିଚନ୍ଦ୍ରଙ୍କ ଶିଷ୍ୟ ପ୍ରବୃଦ୍ଧଚନ୍ଦ୍ରଙ୍କୁ କଙ୍ଗୋଦ ମଣ୍ଡଳ ଅନ୍ତର୍ଗତ ଥୋରଣ ବିଷୟସ୍ଥିତ ମଧୁବାଟକ, ରାଣ୍ଡସୀମା ଓ ସୁବର୍ଣ୍ଣରଲୋଣ୍ଡୀ ଗ୍ରାମରେ ଜମି ଦାନ କରିଥିଲେ। ଏହି ଦାନ ପ୍ରସଙ୍ଗ ଦ୍ୱିତୀୟ ଧର୍ମରାଜଙ୍କ ବାଣପୁର ତାମ୍ରଶାସନରେ ଉଲ୍ଲିଖିତ ରହିଛି।

ଏଥିରୁ ପ୍ରମାଣିତ ହୁଏ ଜୈନସନ୍ଥ ପ୍ରବୃଦ୍ଧ ଚନ୍ଦ୍ରଙ୍କ ଭରଣପୋଷଣ ତଥା ପୂଜା ନିମିତ୍ତ ବଳି, ସକ୍ର, ଚରୁ ଦେବା ନିମିତ୍ତ ରାଣୀ କଲ୍ୟାଣୀ ଦେବୀ ତିନିଗୋଟି ଗ୍ରାମରେ ଜମିଦାନ କରିଥିଲେ। କେତେକ ଗବେଷକଙ୍କର ମତ ଜୈନସନ୍ଥଗଣ ବ୍ରାହ୍ମଣତନ୍ତ୍ରାରାଧ୍ୟା ଭଗବତୀଙ୍କୁ ବଳି, ଚରୁ ପ୍ରଭୃତି ଅର୍ପଣ କରିବା ନିମିତ୍ତ ରାଣୀ ଜମିଦାନ କରିଥିଲେ। ଏଥିରୁ ପ୍ରମାଣିତ ହୁଏ ଜୈନସାଧକବୃନ୍ଦ ତନ୍ତ୍ରବାଦୀ ହୋଇ ଚବିଶ ତୀର୍ଥଙ୍କର ତାଙ୍କର ଶାସନଦେବ ଓ ଶାସନଦେବୀଙ୍କର ତନ୍ତ୍ର ଉପାସନା ଆରମ୍ଭ କରିଥିଲେ। ସେମାନେ ଦକ୍ଷେଶ୍ୱରଙ୍କୁ ଶାସନଦେବ ଓ ଭଗବତୀଙ୍କୁ ଶାସନଦେବୀ ରୂପରେ ଉପାସନା କରିଥିଲେ।

ଜୈନ ସଂସ୍କୃତିରେ ଯକ୍ଷପୂଜା ଏକ ସ୍ୱତନ୍ତ୍ର ସ୍ଥାନ ଅଳଙ୍କୃତ କରିଥିଲା। ଜୈନଶାସ୍ତ୍ର ସମୂହରେ ଯକ୍ଷ, ଯକ୍ଷାୟତନ ତଥା ଯକ୍ଷ ପୂଜାନୁଷ୍ଠାନର ବିସ୍ତୃତ ବିବରଣୀ ଉପଲବ୍ଧ ହୋଇଥାଏ। ବାଣପୁର ସନ୍ନିକଟ ବାଙ୍କଡ଼ଠାରେ ଗୋଟିଏ ଯକ୍ଷ ପୂଜାପୀଠ ଥିଲା। ଏହି ପୀଠରେ ଯକ୍ଷମାନେ ଶାସନଦେବ ଓ ଯକ୍ଷିଣୀମାନେ ଶାସନଦେବୀ ଭାବରେ ପୂଜା ପାଉଥିଲେ। ପୀଠଟି ଧ୍ୱଂସ ହୋଇଯାଇଥିଲେ ହେଁ ପ୍ରତ୍ନତାତ୍ତ୍ୱିକ ଖନନ ପରେ ବଙ୍କଡ଼ାଗଡ଼ରୁ ଅନେକ ଯକ୍ଷଯକ୍ଷିଣୀ ମୂର୍ତ୍ତି ମିଳିଛି। ଅଚ୍ୟୁତରାଜପୁର ଭୂଖନନରୁ ମଧ୍ୟ ବ୍ରୋଞ୍ଜ ନିର୍ମିତ ଯକ୍ଷ ଓ ଯକ୍ଷିଣୀ ମୂର୍ତ୍ତି ଆବିଷ୍କୃତ ହୋଇଛି। ଜୈନମାନେ ଏକାମ୍ର କାନନରେ ମଧ୍ୟ ଯକ୍ଷ ଉପାସନା କରୁଥିଲେ। ପୁରୁଣା ଭୁବନେଶ୍ୱରରେ ବର୍ତ୍ତମାନ ବହୁପୀଠରେ ଯକ୍ଷଯକ୍ଷିଣୀ ପୂଜା ପାଉଛନ୍ତି। ଏତଦ୍‌ଭିନ୍ନ କୋଣାର୍କ, ଯାଜପୁର, ଭଦ୍ରଖ ଓ ଆନନ୍ଦପୁର ଅଞ୍ଚଳରେ ଜୈନମାନେ ଯକ୍ଷ ଉପାସନା ପୀଠ ସ୍ଥାପନା କରିଥିଲେ। ଜୈନ ସାଧୁମାନେ ପ୍ରତିବର୍ଷ ପ୍ରବ୍ରଜ୍ୟାବ୍ରତରେ ଆଦି ଜୈନତୀର୍ଥ ଖଣ୍ଡଗିରିରୁ ବାହାରି ବଙ୍କଡ଼ାଗଡ଼, ଯାଜପୁର, ଭଦ୍ରଖ, କେନ୍ଦୁଝର ପରିକ୍ରମା ପୂର୍ବକ ଏକାମ୍ରରେ ପ୍ରବ୍ରଜ୍ୟାବ୍ରତ ସମାପନ କରୁଥିଲେ। କୋରାପୁଟ, ଆନନ୍ଦପୁର ଉପଖଣ୍ଡର ବଉଳା ଓ ପୋଡ଼ାସିଙ୍ଗଡ଼ା, ଭଦ୍ରଖର ଚରମ୍ପା, ବାଲେଶ୍ୱରର କୁପାରୀ, ଅଯୋଧ୍ୟା ଓ ସୋର ଏବଂ ଯାଜପୁରର ବହୁ ସ୍ଥାନ ଜୈନପୀଠ ରୂପରେ ପ୍ରସିଦ୍ଧ ଲାଭ କରିଥିଲା। ଏହି ପୀଠମାନଙ୍କରେ ବହୁ ଜୈନସାଧୁ ସାଧନାରତ ଥିଲେ। ବର୍ତ୍ତମାନ ମଧ୍ୟ ଏହି ସବୁ ସ୍ଥାନରୁ ଜୈନମୂର୍ତ୍ତି, ଚଉମୁଖ, ଶାସନଦେବ ଦେବୀ ପ୍ରଭୃତିଙ୍କ ମୂର୍ତ୍ତି ମିଳୁଛି।

ଓଡ଼ିଶାର ଜୈନ ସଂସ୍କୃତି ବୈଦିକ କାଳୀନ। ପଣ୍ଡିତ ନୀଳକଣ୍ଠ ଦାସଙ୍କ ସମେତ କେତେକ ଗବେଷକ ଶ୍ରୀଜଗନ୍ନାଥଙ୍କୁ ଜୈନ ଦେବତା ଭାବରେ ମଧ୍ୟ ଚିତ୍ରଣ କରିଛନ୍ତି। ସେମାନଙ୍କ ମତରେ କଳ୍ପବୃକ୍ଷ, କୈବଲ୍ୟ ଓ ନାଥ ପ୍ରଭୃତି ଜୈନ ସଂସ୍କୃତି ସହିତ ଅଙ୍ଗାଙ୍ଗୀ ଭାବରେ ଜଡ଼ିତ। ଏପରିକି ସେମାନେ ବିଶ୍ୱାସ କରନ୍ତି ଯେ ରଥଯାତ୍ରା ଆଦିତୀର୍ଥଙ୍କର ଋଷଭନାଥଙ୍କର ଗର୍ଭକଲ୍ୟାଣ ତିଥିରେ ଅନୁଷ୍ଠିତ ହୋଇଥାଏ। ଏହି ସବୁ ତଥ୍ୟ ପ୍ରମାଣ ହୋଇନାହିଁ ବା କୌଣସି ଜୈନପନ୍ଥୀ ଏଯାବତ ଶ୍ରୀଜଗନ୍ନାଥଙ୍କର ଉପାସନା କରିନାହାନ୍ତି ଅଥବା ତାଙ୍କୁ ଜୈନଦେବତା ବୋଲି ଦାବି କରିନାହାନ୍ତି। ଓଡ଼ିଶାର ମୂଳ ସଂସ୍କୃତି ଆଦିବାସୀ ସଂସ୍କୃତି। ଏହାପରେ ପ୍ରଥମେ ଜୈନ ସଂସ୍କୃତି ଏହି ଭୂଖଣ୍ଡରେ ପ୍ରସାର ଲାଭ କରିଥିଲା। ଓଡ଼ିଶାର ବହୁ ସାଂସ୍କୃତିକ ଭାବଧାରା ଜୈନ ସଂସ୍କୃତି ଦ୍ୱାରା ପ୍ରଭାବିତ। ଓଡ଼ିଶାର ଖଣ୍ଡଗିରି ହେଉଛି ଆଦି ଜୈନତୀର୍ଥ। ଏତଦ୍‌ଭିନ୍ନ ଯାଜପୁର, ଧର୍ମଶାଳା, ଭୁବନେଶ୍ୱର, କୁପାରୀ, ଅଯୋଧ୍ୟା, ଚରମ୍ପା ଓ ପୋଡ଼ାସିଙ୍ଗଡ଼ା ପ୍ରଭୃତି ସ୍ଥାନରେ ଜୈନଧର୍ମର ସ୍ମୃତିମାନ ରହିଛି। ମହାଭାରତ ଯୁଗ ପରେ ଜୈନଧର୍ମ ଓଡ଼ିଶାର ରାଷ୍ଟ୍ରୀୟ ଧର୍ମ ଥିଲା ଓ କଳିଙ୍ଗଜିନ୍ ଓଡ଼ିଶାର ରାଷ୍ଟ୍ରଦେବତା ଥିଲେ। ଆଜି ମଧ୍ୟ ଓଡ଼ିଶାର ଅନେକ ସ୍ଥାନରେ ବହୁ ଜୈନମୂର୍ତ୍ତି ହିନ୍ଦୁ ଦେବଦେବୀ ରୂପେ ପୂଜିତ। ଜୈନ ସଂସ୍କୃତି ଓ ଦର୍ଶନକୁ ଓଡ଼ିଶାର ଅବଦାନ ଅତୁଳନୀୟ।

# ଦୋଛକିରେ ସାମାଜିକ ସମ୍ପର୍କ




ସଂଗ୍ରାମ କେଶରୀ ପୃଷ୍ଟି
ରାଜକିଶୋରନଗର, ମୋ: ୯୪୩୭୫୪୭୧୪୬


ସମ୍ପର୍କ ଏମିତି ଏକ ଉପାଦାନରେ ଗଢ଼ା, ଯାହା କେବଳ ରକ୍ତଗତ ଭାବ ମଧ୍ୟରେ ସୀମିତ ନରହି ଭାବଗତ ଭାବକୁ ଆଧାର କରି ଆଗକୁ ମାଡ଼ିଚାଲେ। ଆତ୍ମୀୟତା ଭାବ ଯେଉଁଠି ଥାଏ, ସେଇଠି ଆସେ ବିଶ୍ୱାସ। ଏଇ ବିଶ୍ୱାସ ହିଁ ପାଲଟିଥାଏ ସମ୍ପର୍କର ମୂଳପୁଞ୍ଜି। ଏମିତି ବି ହୁଏ, କେବେକେବେ ରକ୍ତ ବି ରକ୍ତକୁ ଧୋକାଦିଏ। ବିଶ୍ୱାସରେ ମିଶିଯାଏ ବିଷ। ସବୁକିଛି ଆଶା ଓ ବିଶ୍ୱାସ ଧୂଳିସାତ୍ ହୋଇଯାଏ। ମନଭିତରୁ ଅପସରିଯାଏ ଆତ୍ମୀୟତା। ସୁତରାଂ ଏଠି ସଂକୁଚିତ ହୋଇଯାଏ ସମ୍ପର୍କ।

ଆଜିର ମଣିଷ ଏଡ଼େ ସ୍ୱାର୍ଥପର ହୋଇଗଲାଣି ଯେ, ତା' ସ୍ୱାର୍ଥରେ ଟିକିଏ ବି ଆଞ୍ଚ ଆସିଲେ ସମ୍ପର୍କ ତୁଟାଇବାକୁ ପଛଘୁଞ୍ଚା ଦେଉନାହିଁ। ଅତୀତର ଉପକାର, ଭଲପାଇବା କ୍ଷଣିକ ମଧ୍ୟରେ ପାଲଟି ଯାଉଛି କୁହେଳିକା। ଅତି ଆପଣାର ମଣିଷମାନେ ଅଚିହ୍ନା, ଅଲୋଡ଼ା ହୋଇଯାଉଛନ୍ତି। ସବୁକିଛି ସମ୍ପର୍କକୁ ତୁଟାଇ ଶତ୍ରୁତା ତିଆରି ପାଇଁ ସେମାନେ ବଦ୍ଧପରିକର ଯେମିତି। ସମ୍ପର୍କ ସେଇଠି ହାର୍ ମାନିଯାଏ, ସେଇଠି ମନରେ ଆସେ ସ୍ୱାର୍ଥ। ସାମାନ୍ୟ ଭାଇଭାଗ ପାଇଁ ସମ୍ପର୍କରେ ସୃଷ୍ଟିହୁଏ ଫାଟ। ରକ୍ତରେ ଖେଳାଯାଏ ହୋଲି। ଛିନ୍ନ କରିଦିଆଯାଏ ଯାବତୀୟ ବନ୍ଧନ। ମନରେ ଆସିଥିବା ଅହଂଭାବ ଟିକକ ହିଁ ସବୁକିଛି ଛଡ଼େଇନିଏ ଆମ ପାଖରୁ। ଏ ତିକ୍ତତା କ୍ରମଶଃ ଏପରି ଉଗ୍ର ରୂପ ଧାରଣ କରେ ଯେ ବିପଦ କାଳରେ ମଧ୍ୟ ସମ୍ପର୍କ କିଛି ବୋଲ ମାନେ ନାହିଁ। ପରସ୍ପରଠାରୁ ଦୂରେଇ ରହିବାକୁ ପସନ୍ଦ କରନ୍ତି ସେମାନେ। ସବୁକିଛି ଜାଣି ମଧ୍ୟ ନ ଜାଣିବାର ଅଭିନୟ କରନ୍ତି। କର୍ତ୍ତବ୍ୟବୋଧ ଓ ବ୍ୟସ୍ତଜୀବନର ଆଳ ଦେଖାଇ ମଧ୍ୟ ଅନେକେ ସମ୍ପର୍କଠାରୁ କ୍ରମଶଃ ଦୂରେଇ ଯାଉଥିବାର ଦେଖିବାକୁ ମିଳିଥାଏ। ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ଉନ୍ନତିର ଶୀର୍ଷ ସୋପାନରେ ପହଞ୍ଚିସାରିଥିଲେ ମଧ୍ୟ ଏହା ମାଧ୍ୟମରେ ସମ୍ପର୍କର ସ୍ଥାୟିତ୍ୱ ରଖିବା ପାଇଁ ନିଅଣ୍ଟ ପଡ଼େ ସମୟ। ଫୋନ୍ ମାଧ୍ୟମରେ ଭଲମନ୍ଦ ବୁଝିବା ପାଇଁ ନା ଥାଏ ଆନ୍ତରିକତା ନା ଥାଏ ଇଚ୍ଛାଶକ୍ତି। ସୁତରାଂ ଏ କ୍ଷେତ୍ରରେ ସମ୍ପର୍କ ସଂକୁଚିତ ହେବା ସାର ହୋଇଥାଏ।

ଆମେ ନିଜେ ଖାଲି ସମ୍ପର୍କଠାରୁ ଦୂରେଇ ଯାଉନୁ, ଆମ ପିଲାମାନଙ୍କୁ ମଧ୍ୟ ଏକରକମ ସବୁ ସମ୍ପର୍କଠାରୁ ଦୂରେଇ ରଖିବାକୁ ପ୍ରୟାସ ଜାରି ରଖିଛୁ। ପାଠ ପଢ଼ିବାର ଚାପ ଓ ବିଭିନ୍ନ ଆଳ ଦେଖାଇ ଆମ ପିଲା ଛୁଟିରେ ଆଉ ମାମୁଘର ଯାଉନାହାନ୍ତି। ମାଉସୀଘର, ଅପା ଘର, ନାନୀ ଭିଣେଇ ଘରର ସବୁ ସମ୍ପର୍କ ଯେମିତି ଫିକା ପାଲଟିଯାଉଛି। ଆମ୍ବତୋଟାରେ ଖେଳିବା, ଝରଣାରୁ ମାଛ ଧରିବା, ପୋଖରୀରେ ପହଁରିବା, ମାମୁଘର ଗାଁର ମେଳାକୁ ମନଭରି ଉପଭୋଗ କରିବା ଆମ ପିଲାଙ୍କ ପାଇଁ ଅବାସ୍ତବ ପାଲଟିଯାଇଛି। ଏପରି ସ୍ଥିତିରେ ସମ୍ପର୍କର ସଂଜ୍ଞା ନିରୂପଣ କରିବା ଆମ ପାଇଁ ବେଶ୍ କଷ୍ଟସାଧ୍ୟ ହୋଇପଡ଼ିଛି। ଆଗରୁ ପ୍ରଥମାଷ୍ଟମୀ, ରଜ, ଖୁଦୁରୁକୁଣୀ ଓଷା, ସାବିତ୍ରୀ ବ୍ରତ ପରି ଓଷାବ୍ରତମାନଙ୍କରେ ବାପଘରୁ ଆସୁଥିଲା ଭାର। ସେଥିରେ ଭରି ରହିଥିଲା ପ୍ରଚୁର ଆତ୍ମୀୟତା। ଏବେ କୁଆଡ଼େ ଗଲାଣି ସେ ସବୁ! ଏବେ ତ ଫୋନ୍ ପେ'ର କାରବାର। ଫଳମୂଳ, ଶାଢ଼ି, ପୋଷାକ ପାଇଁ ପଇସା ପଠାଇଦେଲେ ଗଲା। ସମୟ ନଷ୍ଟ ନାହିଁ କି ଯିବା ଆସିବା ଖର୍ଚ୍ଚ ବି ନାହିଁ। ସୁତରାଂ ଏପରି ପରିସ୍ଥିତିରେ ଯେଉଁଠି ବର୍ଷକୁ ଥରେ ଅଧେ ଆତ୍ମୀୟସ୍ୱଜନଙ୍କ ମୁଖ ଦର୍ଶନର ସୁଯୋଗ ମିଳେନାହିଁ କି ଆତ୍ମୀୟତା ପଣ ଆସେ ନାହିଁ। ସେଇଠି ସମ୍ପର୍କ ସଂକୁଚିତ ହେବା ତ ନିଶ୍ଚିତ।

ଏବେ ସବୁରି ମୁହଁରେ ବ୍ୟସ୍ତତାର ବଖାଣ। ଦୁଃଖରେ କେବେ କେମିତି ଆଶ୍ୱାସନା ମିଳୁଛି ସତ, ହେଲେ ମିଳୁନି କାଣିଚାଏ ସହଯୋଗ। ବିପଦ କାଳରେ ପାଖରେ ଠିଆ ହେବା ପାଇଁ ମଧ୍ୟ ସମୟର ଘୋର ଅଭାବ। କେବଳ ଫୋନ୍ ମାଧ୍ୟମରେ ଆଶ୍ୱାସନା ପଦେ ଜଣାଇଦେଲେ କାମ ଶେଷ। ମେଡିକାଲରେ ପଡ଼ି ରହିଥିଲେ ଆତ୍ମୀୟସ୍ୱଜନ କେବଳ ମେଞ୍ଚେ ଫଳମୂଳ ନେଇ ଦେଖାଦେଖିରେ ସିନା କାମ ଚଳେଇ ଦିଅନ୍ତି, କିନ୍ତୁ ରୋଗୀର ସହାୟକ ସାଜି ତା' ପାଖରେ ଦିନେ ଦି'ଦିନ ରହିବା ପାଇଁ କାମବାହାନା ଦେଖାନ୍ତି। ସୁଖର ସାଧନ ଛାଡ଼ିବାକୁ ଚାହୁଁନଥିବା ଏ ଧରଣର ବ୍ୟକ୍ତିମାନେ ଆତ୍ମୀୟସ୍ୱଜନଙ୍କ ମୃତ୍ୟୁବେଳରେ କେବଳ ଶବାଧାରରେ ମାଳଭାଇ ସାଜି ମଶାଣିଯାଏଁ ଯାଆନ୍ତି। ଦଶାହ ସରୁ ନ ସରୁଣୁ ସେଠୁ ମୁକୁଳି ମୁକ୍ତିର ନିଃଶ୍ୱାସ ମାରନ୍ତି। ସେଇ ଅସହାୟ ପରିବାରର ପରବର୍ତ୍ତୀ ସ୍ଥିତି ଜାଣିବାକୁ ତାଙ୍କର ବେଳ ନ ଥାଏ କି ଆଗ୍ରହ ମଧ୍ୟ ନଥାଏ। ଏପରି ପରିସ୍ଥିତିରେ ସମ୍ପର୍କ କେମିତି ଭଲା ସଂକୁଚିତ ନହେବ ଯେ!

ବିଶ୍ୱାସ ଓ ନିଃସ୍ୱାର୍ଥପର ଭାବନାର ମଜବୁତ୍ ମୂଳଦୁଆ ଉପରେ ଛିଡ଼ାହୋଇଥାଏ ସୁନ୍ଦର ସମ୍ପର୍କଟିଏ। ଏଠି ଈର୍ଷା, ଛଳନା ବା ପରଶ୍ରୀକାତରତାର ସ୍ଥାନ ହିଁ ନଥାଏ। ହଁ, କେବଳ ଥାଏ ନିଛକ ଭଲପାଇବା। ସୁନ୍ଦର ମନସମୂହର ସମ୍ମିଳିତ ଭାବନା ଭିତରେ ସମ୍ପର୍କ ହସିଉଠେ। ପରସ୍ପର ପ୍ରତି ସମର୍ପଣ ଭାବ ଓ ଆତ୍ମୀୟତାର ରଜ୍ଜୁ ଭିତରେ ବନ୍ଧାଥିବା ଏ ସମ୍ପର୍କ ତ ସଂକୁଚିତ ହୁଏନାହିଁ, ବରଂ ଦିନକୁଦିନ ହୋଇଥାଏ ଦୃଢ଼ତର। ଯାବତୀୟ ଝଡ଼ଝଞ୍ଜାକୁ ପଛରେ ପକାଇ ଏହି ପବିତ୍ର ଭାବ ଟିକକ ମନରେ ଅନବରତ ଆଣିଦେଇଥାଏ ଅଭୂତପୂର୍ବ ଉତ୍ସାହ ଓ ପ୍ରେରଣା। ତା' ସହିତ ଅଦମ୍ୟ ସାହସ ଓ ଉଦ୍ଦୀପନା। ସମ୍ପର୍କ ଭାଙ୍ଗିଦେବା ସହଜ, ମାତ୍ର ଗଢ଼ିବା ସହଜ ନୁହେଁ। ମଧୁର ସମ୍ପର୍କଟିଏ ଗଢ଼ିବା ପାଇଁ ଯେଉଁ ପୁଞ୍ଜି ଟିକକ ଆମର ଲୋଡ଼ା ହୋଇଥାଏ, ସେତକ ଆମ ପାଖରେ ରହିବା ଏକାନ୍ତ ଆବଶ୍ୟକ। ସୁସ୍ଥ ମନ ଓ ସୁସ୍ଥ ଚିନ୍ତନ ଏ କ୍ଷେତ୍ରରେ ବିଶେଷ ଭୂମିକା ଗ୍ରହଣ କରିଥାଏ। ସମ୍ପର୍କ ତ ବିଭିନ୍ନ ସ୍ତରରେ ଓ ବିଭିନ୍ନ ମାଧ୍ୟମରେ କରାଯାଇଥାଏ, ମାତ୍ର ତା' ସ୍ଥାୟୀତ୍ୱ ଆମ ଉପରେ ହିଁ ନିର୍ଭର କରିଥାଏ। ପାରସ୍ପରିକ ସଦ୍‌ଭାବ ଓ ଛନ୍ଦହୀନ ବିଚାରଧାରା ଏହାକୁ ମଜବୁତ୍ କରିବାରେ ବିଶେଷ ସହାୟକ ହୋଇଥାଏ। ସମ୍ପର୍କ ପାଇଁ ସମଭାବାପନ୍ନ ମାନସିକତାର ଆବଶ୍ୟକତା ରହିଛି। ଅନ୍ୟର ସୁଖ ବେଳେ ନୁହେଁ, ବରଂ ଦୁଃଖ ସମୟରେ ପରସ୍ପରକୁ ସାହାଯ୍ୟ କରିବା, ସମବେଦନା ଜଣାଇବା, ଆଶ୍ୱାସନା ଦେବା, ସାହସ ଦେବାର ସୁସ୍ଥ ପରମ୍ପରା ଟିକକ ମନ ଭିତରେ ରହିବା ଏକାନ୍ତ ପ୍ରୟୋଜନ।

ଏକ ଖିଆଲି ମନୋଭାବ ନେଇ ଗଢ଼ା ସମ୍ପର୍କ ତିଷ୍ଠି ରହିପାରିନଥାଏ। ଏହା ଏମିତି ଉପାଦାନ ଉପରେ ଗଢ଼ା ହେବା ଦରକାର, ଯେମିତି ନଟେଇ ସହିତ ଗୁଡ଼ିର, ଫୁଲ ସହିତ ବାସ୍ନାର, ଜଳ ସହିତ ଶୀତଳତାର, ଆକାଶ ସହିତ ମାଟିର, ଗଛ ସହିତ ଛାଇର ପୁଣି ନିଆଁ ସହିତ ତେଜର। ଅନ୍ୟର ସୁଖକୁ ନିଜର ନ ଭାବିଲେ ନାଇଁ, ଅନ୍ତତଃପକ୍ଷେ ବିପଦକୁ ନିଜର ମଣିବା ହେଉଛି ସମ୍ପର୍କର ଆଉ ଏକ ପରିଭାଷା। ଈର୍ଷା, ଦ୍ୱେଷ ଓ ପରଶ୍ରୀକାତରତା ପରି ଅମାନବୀୟ ଗୁଣକୁ ପରିହାର କରିବା ହିଁ ଏକ ସୁସ୍ଥ ମାନବିକତାର ପରିଚାୟକ। ଏହି ଭାବଧାରା ଉପରେ ଆଧାରିତ ସମ୍ପର୍କ ହିଁ ହୋଇପାରିଥାଏ କାଳଜୟୀ। ପିଢ଼ି ପରେ ପିଢ଼ି ଏ ଭାବଧାରାକୁ ଆପଣାର କରିବାର ମାନସିକତା ଆମ ଠାରୁ ହିଁ ଗ୍ରହଣ କରିପାରିବେ। ସୁତରାଂ ଏ କ୍ଷେତ୍ରରେ ଆମ ବିଚାରଧାରା ସଂକୁଚିତ ନହୋଇ ଊର୍ଦ୍ଧ୍ୱମୁଖୀ ହେବା ଏକାନ୍ତ ଆବଶ୍ୟକ।

ସମ୍ପର୍କ ବିଶ୍ୱାସରୁ ହିଁ ଆରମ୍ଭ ହୋଇଥାଏ ଓ ପ୍ରତାରଣାରେ ଶେଷ ହୋଇଥାଏ। ସମ୍ପର୍କକୁ ଦୋଛକି ମଧ୍ୟରେ ସୀମିତ ନକରି ଅନବରତ ଜୀବନ ସହିତ ସାମିଲ୍ କରି ଏହାକୁ ବଜାୟ ରଖିବା ଆମର ନୈତିକ ଦାୟିତ୍ୱ ଓ କର୍ତ୍ତବ୍ୟ ମଧ୍ୟ। ଏହା ହିଁ ଆମ ମାନବୀୟ ଚେତନାର ଉତ୍ତରଣରେ ବିଶେଷ ଭୂମିକା ଗ୍ରହଣ କରିପାରିବ। ସମ୍ପର୍କର ସ୍ଥାୟିତ୍ୱ କେବଳ ଆତ୍ମସନ୍ତୋଷ ଦେବନାହିଁ, ବରଂ ଉତ୍ତରପିଢ଼ି ପାଇଁ ଏକ ସକାରାତ୍ମକ ମାର୍ଗପ୍ରଦର୍ଶନ କରିବ। ଜୀବନ ବି ହୋଇପାରିବ ସୁନ୍ଦର ଓ ମଧୁମୟ।


ସକାଳ
THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଘୋଷଣା

ଦୈନିକ **'ସକାଳ'** ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।



ଲେଖା ଓ ଲୋକମତ ପାଇଁ: sakalaeditorial@gmail.com

# ଜାତୀୟ ଗଣମାଧ୍ୟମର ଏକଜିଟ୍ ପୋଲ ବିଜେପି ପ୍ରାୟୋଜିତ: କଂଗ୍ରେସ




**ଭୁବନେଶ୍ୱର, ୩।୬(ସମିସ):** ସାରା ଦେଶରେ ଭୋଟ ଗ୍ରହଣ ସରିବା ପରେ କିଛି ନିର୍ଦ୍ଦିଷ୍ଟ ସଂସ୍ଥାମାନଙ୍କ ପ୍ରକାଶିତ ଏକ୍‌ଜିଟ୍ ପୋଲ ବିଜେପି ପ୍ରାୟୋଜିତ ଓ ଜନମତକୁ ଭ୍ରମିତ କରିବା ନିମନ୍ତେ ଉଦ୍ଦିଷ୍ଟ ବୋଲି ଅଭିଯୋଗ କରିଛି କଂଗ୍ରେସ। ଏହି ଏକ୍‌ଜିଟ୍ ପୋଲ କଂଗ୍ରେସ ଓ ଇଣ୍ଡି ମେଣ୍ଟର ସହଯୋଗୀ ଦଳକୁ ଦୁର୍ବଳ କରିବା ଉଦ୍ଦେଶ୍ୟରେ କରାଯାଇଛି ବୋଲି ସାମ୍ବାଦିକ ସମ୍ମିଳନୀରେ ପିସିସି ଗଣମାଧ୍ୟମ ବିଭାଗର ଅଧ୍ୟକ୍ଷ ଡଃ ବିଶ୍ୱରଞ୍ଜନ ମହାନ୍ତି କହିଛନ୍ତି।

ଡଃ ମହାନ୍ତି କହିଛନ୍ତି ଯେ ଗତ ୧୦ ବର୍ଷ ଧରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜନତାଙ୍କ ପ୍ରତି ଯେଉଁ ଧୋକା ଓ ଅନ୍ୟାୟ କରିଛନ୍ତି ତାହାର ପ୍ରତିଫଳନ ସମଗ୍ର ଦେଶବାସୀଙ୍କ ଉପରେ ପଡ଼ିଛି। ଦେଶର ଯୁବ ସମାଜ, ମହିଳା, ଶ୍ରମିକ ଓ କୃଷକ ବର୍ଗଙ୍କ ସମେତ ଦଳିତ, ଆଦିବାସୀ ଓ ପଛୁଆବର୍ଗମାନଙ୍କ ପ୍ରତି ହେଉଥିବା ଅନ୍ୟାୟ, ଉତ୍କଟ ବେରୋଜଗାରୀ ସମସ୍ୟା, ଦରଦାମ ବୃଦ୍ଧି ଆଦି ଅନେକ ସମସ୍ୟାର ଜବାବ ଜନତା ଭୋଟ ଦ୍ୱାରା ଦେଇଛନ୍ତି। ମୋଦୀ ସରକାର କେବଳ ଜୁମଲା ବର୍ଷା କରିବା ସହ ମିଥ୍ୟା ପ୍ରତିଶ୍ରୁତିର ବନ୍ୟା କରିଛନ୍ତି ଯାହା ଜନତାଙ୍କ ନିକଟରେ ଉଜାଗର ହୋଇଛି। ମଙ୍ଗଳବାର ସନ୍ଧ୍ୟା ସୁଦ୍ଧା ନରେନ୍ଦ୍ର ମୋଦୀ ବିଦାୟୀ ପ୍ରଧାନମନ୍ତ୍ରୀ ହେବେ। ଏ ସମସ୍ତ ଚିତ୍ରରୁ ଧ୍ୟାନ ହଟାଇବା ପାଇଁ ସରକାରଙ୍କ ଦ୍ୱାରା ପ୍ରାୟୋଜିତ ଏକ୍‌ଜିଟ୍ ପୋଲ୍ ଜରିଆରେ ଦେଶରେ ଏକ ମାହୋଲ ବନାଇବା ପାଇଁ ଯେଉଁ ଅପଚେଷ୍ଟା କରାଯାଉଛି ଏହାର ଅସଲମୁଖା ଆସନ୍ତାକାଲି ଖୋଲିବ ବୋଲି ସେ କହିଛନ୍ତି।

ବିଗତ ୨୦୦୪ ସାଧାରଣ ନିର୍ବାଚନ ପୂର୍ବରୁ ମଧ୍ୟ ଏନ୍‌ଡିଏ ସରକାର ଆସିବାର ଆକଳନ କରାଯାଇଥିଲା। ଏହାକୁ ଭୁଲ୍ ପ୍ରମାଣିତ କରି କଂଗ୍ରେସ ନେତୃତ୍ୱାଧିନ ୟୁପିଏ ସରକାର ଜନତାଙ୍କ ଆଶୀର୍ବାଦ ପାଇ ସରକାର ଗଢ଼ିଥିଲା। ଏହିପରି ଅନେକ ରାଜ୍ୟରେ ମଧ୍ୟ ଏକ୍‌ଜିଟ୍ ପୋଲ୍ ଭୁଲ୍ ପ୍ରମାଣିତ ହେବାର ନଜିର ରହିଛି। ଗୃହମନ୍ତ୍ରୀ ଅମିତ ଶାହା ୧୫୦ ଜିଲ୍ଲାପାଳଙ୍କୁ ଫୋନ କରି ଫଳାଫଳକୁ ପ୍ରଭାବିତ କରିବା ପାଇଁ ଯେଉଁ ଅପଚେଷ୍ଟା ଚଳାଇଛନ୍ତି ତାହା ଗଣତନ୍ତ୍ର ପାଇଁ ଶୁଭଙ୍କର ନୁହେଁ। ଜନତାଙ୍କ ଏକ୍‌ଜିଟ୍ ପୋଲ୍ ଇଣ୍ଡିଆ ମେଣ୍ଟ ସପକ୍ଷରେ ରହିଥିବା ବେଳେ ମେଣ୍ଟ ୨୯୫ରୁ ଅଧିକ ସିଟ୍‌ରେ ବିଜୟ ହୋଇ ଇଣ୍ଡିଆ ମେଣ୍ଟ ସରକାର ହେବ ବୋଲି ଡଃ ମହାନ୍ତି ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

### ରାଷ୍ଟ୍ରପତିଙ୍କୁ ୭ ପୂର୍ବତନ ହାଇକୋର୍ଟ ବିଚାରପତିଙ୍କ ଚିଠି

# ବହୁମତ ଅସ୍ପଷ୍ଟ ହେଲେ ସରକାର ଗଠନ ପାଇଁ ସର୍ବବୃହତ ମେଣ୍ଟକୁ ଡାକିବାକୁ ଦାବି

**ନୂଆଦିଲ୍ଲୀ,୩।୬(ଏଜେନ୍ସି):** ସୋମବାର ନିର୍ବାଚନ ଫଳାଫଳ ପ୍ରକାଶ ପାଇବାକୁ ଯାଉଥିବାରୁ ସାଧାରଣ ଭୋଟରଙ୍କ ଠାରୁ ଆରମ୍ଭ କରି ରାଜନେତା ଏବଂ କର୍ମୀଙ୍କ ଭିତରେ ଉତ୍କଣ୍ଠା ବଢ଼ିବାରେ ଲାଗିଛି। ଏହାମଧ୍ୟରେ ବୁଥ୍ ବାହୁଡ଼ା ମତ ଆସି ସାରିଥିଲେ ହେଁ ଏନଡିଏ ଏବଂ ଇଣ୍ଡିଆ ମେଣ୍ଟ ଉଭୟ ସରକାର ଗଠନ ନେଇ ଦୃଢ଼ୋକ୍ତି କରିଛନ୍ତି। କିନ୍ତୁ ଯଦି କୌଣସି ଦଳକୁ ବହୁମତ ନ ମିଳେ ଏବଂ ଝୁଲା ସ୍ଥିତି ଉତ୍ପନ୍ନ ହୁଏ ତେବେ ସେ କ୍ଷେତ୍ରରେ ନିର୍ବାଚନ ପୂର୍ବରୁ ଗଠନ ହୋଇଥିବା ସର୍ବବୃହତ ମେଣ୍ଟକୁ ସରକାର ଗଠନ ପାଇଁ ଆମନ୍ତ୍ରଣ କରାଯିବା ଉଚିତ ବୋଲି ୭ ପୂର୍ବତନ ହାଇକୋର୍ଟ ବିଚାରପତି ଦାବି କରିଛନ୍ତି। ଏହିକ୍ରମରେ ନିର୍ବାଚନ ଫଳାଫଳ ପ୍ରକାଶ ପାଇବା ପୂର୍ବରୁ ସୋମବାର ଏହି ୭ ବିଚାରପତି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଚିଠି ଲେଖିବା ସହିତ ଦେଶରେ ପ୍ରଚଳିତ ଗଣତାନ୍ତ୍ରିକ ଆଦର୍ଶ ଓ ନୀତିକୁ ଆଧାର କରି କୌଣସି ମେଣ୍ଟକୁ ସରକାର ଗଠନ ପାଇଁ ରାଷ୍ଟ୍ରପତି ଆମନ୍ତ୍ରଣ କରିବା ଉଚିତ ବୋଲି କହିଛନ୍ତି। ଏହାବ୍ୟତୀତ ଯଦି ଶାସକ ଦଳକୁ ବହୁମତ ନ ମିଳେ ତେବେ ସାମ୍ବିଧାନିକ କ୍ଷମତାର ଉଚିତ ଉପଯୋଗ କରି ଉପଯୁକ୍ତ ମେଣ୍ଟକୁ ସରକାର ଗଠନ ପାଇଁ ସୁଯୋଗ ଦେବାକୁ ସେମାନେ ପ୍ରଧାନବିଚାରପତି (ସିଜେଆଇ) ଜଷ୍ଟିସ୍ ଡି ୱାଇ ଚନ୍ଦ୍ରଚୂଡ଼ଙ୍କୁ ମଧ୍ୟ ଜଣାଇଛନ୍ତି। ରାଷ୍ଟ୍ରପତି ଏବଂ ସିଜେଆଇଙ୍କୁ ଚିଠି ଲେଖିଥିବା ପୂର୍ବତନ ବିଚାରପତିମାନଙ୍କ ମଧ୍ୟରେ ମାଡ୍ରାସ ହାଇକୋର୍ଟର ୬ ବିଚାରପତି ରହିଥିଲା ବେଳେ ପାଟନା ହାଇକୋର୍ଟର ପୂର୍ବତନ ବିଚାରପତି ଅଞ୍ଜନା ପ୍ରକାଶ ସାମିଲ ରହିଛନ୍ତି।



## ଏମ୍‌କେସିଜିରେ ଡିଏମ୍‌ଏଲଟି ଛାତ୍ରଛାତ୍ରୀଙ୍କୁ ରାଗିଂ ଅଭିଯୋଗ

**ବ୍ରହ୍ମପୁର,୩।୬(ସମିସ):** ଏମ୍‌କେସିଜି ମେଡିକାଲ କଲେଜ ଓ ହସ୍ପିଟାଲରେ ଡିଏମଏଲଟି (ଡିପ୍ଲୋମା ଇନ୍ ମେଡିକାଲ ଲାବ୍ରୋଟାରୀ) ପାଠ୍ୟକ୍ରମର ଜୁନିୟର ଛାତ୍ରଛାତ୍ରୀଙ୍କୁ ସିନିୟର ଛାତ୍ରଛାତ୍ରୀମାନେ ରାଗିଂ କରୁଥିବା ନେଇ ଅଭିଯୋଗ ହୋଇଛି। ଘଟଣାକୁ ନେଇ ସୋମବାର ଏମ୍‌କେସିଜି ମେଡିକାଲ କଲେଜ ଡିନ୍‌ଙ୍କ ପ୍ରକୋଷ୍ଠରେ ଆଣ୍ଟି ରାଗିଂ ସେଲ୍‌ର ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଏମକେସିଜି କର୍ତ୍ତୃପକ୍ଷ ରାଗିଂ ଘଟଣାରେ ଅଭିଯୁକ୍ତ ୩ଜଣ ସିନିୟର ଛାତ୍ରଙ୍କୁ ଡାକି ତାଗିଦ କରିବା ସହ କଡ଼ା ଚେତାବନୀ ଦେଇଛନ୍ତି। ଏଭଳି ଘଟଣାର ପୁନରାବୃତ୍ତି ହେଲେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କର୍ତ୍ତୃପକ୍ଷ ସ୍ପଷ୍ଟ କରିଛନ୍ତି।

### ୩ ସିନିୟର ଛାତ୍ରଙ୍କୁ ଆଣ୍ଟିରାଗିଂ ସେଲ୍‌ର ତାଗିଦ

ସୂଚନାଯୋଗ୍ୟ, ଡିଏମ୍‌ଏଲ୍‌ଟିରେ ତୃତୀୟ ବର୍ଷର ୩ଜଣ ସିନିୟର ଛାତ୍ର ବିଭିନ୍ନ ସମୟରେ ଜୁନିୟର ଛାତ୍ରଛାତ୍ରୀଙ୍କୁ ଗାଳିଗୁଲଜ କରିବା ସହ ରାଗିଂ କରି ଧମକଚମକ ଦେଉଥିବା ଅଭିଯୋଗ ହୋଇଛି। ଏପରିକି ନିଜ ସହପାଠୀଙ୍କୁ ମଧ୍ୟ ସେମାନେ ଧମକ ଦେଉଛନ୍ତି। ପୂର୍ବରୁ ଏଭଳି ଅନେକଥର ହୋଇଥିଲେ ମଧ୍ୟ ଛାତ୍ରଛାତ୍ରୀମାନେ ନିଜ ଭିତରେ ମାମଲାର ସମାଧାନ କରି ଦେଉଥିଲେ। ତେବେ ସେହି ୩ ଜଣ ଛାତ୍ରଙ୍କ ଔଦ୍ଧତ୍ୟ ଅଧିକ ହେବାରୁ ରାଗିଂର ଶିକାର କିଛି ଛାତ୍ରଛାତ୍ରୀ ଏମ୍‌କେସିଜି ମେଡିକାଲ କଲେଜ ଡିନ୍ ତଥା ଅଧକ୍ଷାଙ୍କ ନିକଟରେ ଅଭିଯୋଗ କରିଥିଲେ। ଛାତ୍ରଛାତ୍ରୀଙ୍କ ଅଭିଯୋଗକୁ ଡିନ୍ ଗୁରୁତ୍ୱର ସହ ଗ୍ରହଣ କରି ତୁରନ୍ତ ଆଣ୍ଟି ରାଗିଂ କମିଟି ବୈଠକ ଡାକିଥିଲେ। ଏହି ଘଟଣାରେ ସମ୍ପୃକ୍ତ ସମସ୍ତ ୩ଜଣ ଛାତ୍ରଙ୍କୁ କମିଟି ନିକଟରେ ଉପସ୍ଥିତ ରହିବାକୁ ଚିଠି କରିଥିଲେ। ସେହିକ୍ରମରେ ସମ୍ପୃକ୍ତ ୩ ଜଣ ଛାତ୍ର କମିଟି ନିକଟରେ ହାଜର ହୋଇ ନିଜ ପକ୍ଷ ରଖିଥିଲେ। ପରେ ସମସ୍ତ ୩ଜଣ ଛାତ୍ରଙ୍କୁ ଏମକେସିଜି କର୍ତ୍ତୃପକ୍ଷ ତାଗିଦ କରିବା ସହ ଏପରି ଭୁଲ ନ କରିବାକୁ ପରାମର୍ଶ ଦେଇଥିବା ସୂଚନା ମିଳିଛି।

■ **ଗୁଡ଼ାରୀରେ କାଳବୈଶାଖୀଜନିତ ବ୍ୟାପକ କ୍ଷୟକ୍ଷତି**

## ବଜ୍ରପାତରେ ୧୯ ଗୋରୁ ମୃତ

**ଗୁଡାରୀ, ୩।୬(ସମିସ):** ରାୟଗଡ଼ା ଜିଲ୍ଲା ଗୁଡ଼ାରୀ ବ୍ଲକ୍ ଓ ଏନ୍‌ଏସିରେ ରବିବାର କାଳବୈଶାଖୀ ଜନିତ ବ୍ୟାପକ କ୍ଷୟକ୍ଷତି ହୋଇଛି। ବଜ୍ରପାତରେ ୧୯ଟି ଗୋରୁଙ୍କ ମୃତ୍ୟୁ ଘଟିଥିବା ବେଳେ ବର୍ଷା ପବନ ଯୋଗୁଁ ବିଭିନ୍ନ ସ୍ଥାନରେ ଗଛ ଉପୁଡ଼ି ରାସ୍ତା ଅବରୋଧ ଓ ବିଦ୍ୟୁତ୍ ସରବରାହ ବ୍ୟାହତ ହୋଇଥିବା ଜଣାଯାଇଛି। ଅପରପକ୍ଷେ ଏହି କାଳବୈଶାଖୀ ଯୋଗଁ ଲାଗି ରହିଥିବା ଅସହ୍ୟ ଗରମ ଓ ଗୁଳୁଗୁଳିରୁ ଲୋକେ ଆଶ୍ୱସ୍ତି ଲାଭ କରିଛନ୍ତି। ସୂଚନାନୁଯାୟୀ, ଗୁଡାରୀ ବ୍ଲକ୍ କଦମା ପଞ୍ଚାୟତ ଡେପଗାଁରେ ବଜ୍ରପାତରେ ୧୯ଟି ଗୋରୁଙ୍କ ମୃତ୍ୟୁ ଘଟିଥିଲା। ଗାଁ ମୁଣ୍ଡ ଆମ୍ବ ଗଛ ତଳେ ଗୋରୁମାନେ ଚରୁଥିବା ବେଳେ ହଠାତ କାଳବୈଶାଖୀ ହୋଇଥିଲା। ବର୍ଷା-ପବନ ସାଙ୍ଗକୁ ପଛକୁ ପଛ ଘଡ଼ଘଡ଼ିରେ ପୂରା ଅଞ୍ଚଳ ଥରି ଉଠିଥିଲା। ଏହି ସମୟରେ ସେଠାରେ ଏକ ବଜ୍ରପାତ ହେବାରୁ ୧୯ ଗାଈ, ବଳଦ ସହ ବାଛୁରି ଟଳି ପଡ଼ିଥିଲେ। ଘଟଣାସ୍ଥଳରେ ଗୁଡାରୀ ଭି.ଏସ ସନତ ଜେନା ଏବଂ ସଂଗ୍ରାମ କେଶରୀ ବେଉରିଆ, ତହସିଲଦାର ଶ୍ରୀମତୀ ସ୍ନେହଲତା, ଗୁଡାରୀ ଆରଆଇ ଏବଂ ଅମିନ ରାତ୍ର ପହଞ୍ଚିଥିଲେ। ଗୋରୁଗୁଡ଼ିକର ଶବ ବ୍ୟବଚ୍ଛେଦ ପରେ ସରକାରୀ ସହଯୋଗ ଯୋଗାଇ ଦିଆଯିବ ବୋଲି ତହସିଲଦାର ପ୍ରତିଶ୍ରୁତି ଦେଇଥିଲେ।

### ଗଛ ପଡ଼ି ବିଦ୍ୟୁତ ସରବରାହ ବ୍ୟାହତ

ସେହିପରି ଗୁଡାରୀ ସହରରେ କାଳବୈଶାଖୀ ଯୋଗୁଁ ବ୍ୟାପକ କ୍ଷୟକ୍ଷତି ହୋଇଛି। ଗୁଡାରୀ ଏନ୍‌ଏସି ଛକରେ ୩୩କେଭି ତାର ଉପରେ ଏକ ବଡ଼ ଗଛ ପଡ଼ିଯିବା ଫଳରେ ବିଦ୍ୟୁତ୍ ସରବରାହ ବାଧାପ୍ରାପ୍ତ ହୋଇଥିଲା। ସାରା ସହର ଅନ୍ଧାରରେ ରହିଥିଲା। ପରେ ଜେଇଙ୍କ ତତ୍ତ୍ୱାବଧାନରେ ବିଦ୍ୟୁତ୍ କର୍ମଚାରୀ ଏବଂ ଅଗ୍ନିଶମ ବିଭାଗ କର୍ମଚାରୀମାନେ ଉଦ୍ୟମ କରି ରାତି ପ୍ରାୟ ୧୨ଟା ସୁଦ୍ଧା ବିଦ୍ୟୁତ୍ ସରବରାହକୁ ସ୍ୱାଭାବିକ କରାଇଥିଲେ।

## ପାଣି ଟ୍ୟାଙ୍କର୍‌ରୁ ୧୯୭୫ କେଜି ଗଞ୍ଜେଇ ଜବତ; ୩ ଗିରଫ



**ବୈପାରୀଗୁଡ଼ା,୩।୬(ସମିସ):** ଗଞ୍ଜେଇ ଚାଲାଣ ପାଇଁ ମାଫିଆମାନେ ନୂଆନୂଆ କୌଶଳ କରି ପୁଲିସ୍‌କୁ ଚକ୍‌ମା ଦେବାକୁ ଉଦ୍ୟମ କରୁଛନ୍ତି। ବେପାରୀମାନେ ଆମ୍ବୁଲାନ୍ସ, ଅଟୋ ଏବଂ ବଲେରୋ ଛାତରେ ଚାମ୍ବର କରି ଅଭିନବ ଉପାୟରେ ଗଞ୍ଜେଇ ଚାଲାଣ କରୁଥିବାର ପୂର୍ବରୁ ଅନେକ ନଜିର ରହିଛି। ଏବେ ପାଣିଟାଙ୍କିରେ ବି ସେମାନେ ଗଞ୍ଜେଇ ଚାଲାଣ କରିବାର ଏକ ଘଟଣା ସାମ୍ନାକୁ ଆସିଛି। ବୈପାରୀଗୁଡ଼ା ପୁଲିସ ଏପରି ଏକ ପାଣିଟାଙ୍କି ଗାଡ଼ି ଜବତ କରିବା ସହ ସେଥିରୁ ୧୯୭୫ କେଜି ଗଞ୍ଜେଇ ଜବତ କରିଛି। ଏହି ଘଟଣାରେ ପୁଲିସ ୩ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ, ଝାଡ଼ଖଣ୍ଡର ସୟଦ ହୁସେନ୍(୨୭), ସୟଦ ସ୍ଲାଡୁନି (୪୨) ଓ ରାମ କୁମାର ସିଂ (୩୮)।

ସୂଚନାନୁଯାୟୀ, ସୋମବାର ଅପରାହ୍ନରେ (ଓଡି-୦୨ ଏନ୍ ୪୮୦୬) ବିଶିଷ୍ଟ ଏକ ପାଣିଟାଙ୍କି ଗାଡ଼ିରେ ଅଭିଯୁକ୍ତମାନେ ଗଞ୍ଜେଇ ଚାଲାଣ କରୁଥିଲେ। ଗାଡ଼ିଟି ଲମତାପୁଟରୁ ଜୟପୁର ଅଭିମୁଖେ ଆସୁଥିବା ସମୟରେ ହାଟପେଟା ଛକ ଓ କୋଟା ଛକ ମଧ୍ୟସ୍ଥ ଭୈରବୀ ମନ୍ଦିର ନିକଟରେ ବୈପାରୀଗୁଡ଼ା ପୁଲିସ ଗାଡ଼ିକୁ ଅଟକାଇ ଯାଞ୍ଚ କରିବାରୁ ସେଥିରେ ପାଣି ବଦଳରେ ଟାଙ୍କି ଭିତରେ ଗଞ୍ଜେଇ ଥିବା ଜଣାପଡ଼ିଥିଲା। ଗାଡ଼ିରେ ମୋଟ ୧୯୭୫ କେଜି ଗଞ୍ଜେଇ ଜବତ ହୋଇଥିଲା ବୋଲି ଥାନା ଅଧିକାରୀ ଦୀପାଞ୍ଜଳି ପ୍ରଧାନ ସୂଚନା ଦେଇଛନ୍ତି।

### ମାଟ୍ରିକ୍ ଫଳାଫଳ ନେଇ ଜିଲ୍ଲାପାଳଙ୍କ ଅସନ୍ତୋଷ

# ୨୨ ସ୍ମାର୍ଟ ସ୍କୁଲକୁ କାରଣ ଦର୍ଶାଅ ନୋଟିସ

**ଫୁଲବାଣୀ, ୩।୬(ସମିସ):** ମାଟ୍ରିକ୍ ପରୀକ୍ଷାରେ ଜିଲ୍ଲାର ସରକାରୀ ବିଦ୍ୟାଳୟଗୁଡ଼ିକର ନିରୁତ୍ସାହଜନକ ପ୍ରଦର୍ଶନ ପାଇଁ କନ୍ଧମାଳ ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ ଅସନ୍ତୋଷ ବ୍ୟକ୍ତ କରିବା ସହ ଜିଲ୍ଲାର ୨୨ଟି ଉଚ୍ଚ ବିଦ୍ୟାଳୟକୁ କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି। ଏଥିମଧ୍ୟରେ ୧୯ଟି ସରକାରୀ ବିଦ୍ୟାଳୟ ସହ ଫୁଲବାଣୀ ପୁଲିସ ହାଇସ୍କୁଲ, ଶ୍ରୀସତ୍ୟସାଇ ହାଇସ୍କୁଲ, ରାଇକିଆ ସେଣ୍ଟ୍ କ୍ୟାଥେରିନ ହାଇସ୍କୁଲ ରହିଛି। ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରମୋଦ କୁମାର ଷଡ଼ଙ୍ଗୀ ଏହି ବିଦ୍ୟାଳୟଗୁଡ଼ିକୁ ନୋଟିସ୍ ଜାରି କରିଛନ୍ତି। ସରକାରଙ୍କ ସମସ୍ତ ସହାୟତା ସତ୍ତ୍ୱେ ବିଦ୍ୟାଳୟର ଗୁଣାତ୍ମକ ଶିକ୍ଷାଦାନରେ କୌଣସି ଉନ୍ନତି ହେଉ ନଥିବା ପରିଲକ୍ଷିତ ହେଉଛି। ଛାତ୍ରଛାତ୍ରୀ ଏ-୧ କିମ୍ବା ଏ-୨ ଗ୍ରେଡରେ ମଧ ରହିବାକୁ ସକ୍ଷମ ହୋଇ ପାରୁନାହାନ୍ତି। ତେଣୁ ଏ ସମ୍ପର୍କରେ ସାତ ଦିନ ମଧ୍ୟରେ କାରଣ ଦର୍ଶାଇବାକୁ ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରଧାନ ଶିକ୍ଷକଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ସୂଚନାଯୋଗ୍ୟ, ସରକାରୀ ବିଦ୍ୟାଳୟରେ ଶିକ୍ଷାର ମାନବୃଦ୍ଧି ପାଇଁ ରାଜ୍ୟ ସରକାର ସମସ୍ତ ଉଦ୍ୟମ ଜାରି ରଖିଛନ୍ତି। କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଇ ବିଦ୍ୟାଳୟମାନଙ୍କୁ ସ୍ମାର୍ଟ ସ୍କୁଲରେ ରୂପାନ୍ତରିତ କରାଯାଇଛି। ସମସ୍ତ ପ୍ରକାର ଆନୁସଙ୍ଗିକ ସୁବିଧା ଯୋଗାଇ ଦିଆଯାଇଛି। ନିକଟରେ ଘୋଷିତ ମାଟ୍ରିକ୍ ପରୀକ୍ଷା ଫଳାଫଳରେ କନ୍ଧମାଳ ଜିଲ୍ଲାରେ ପାସ୍ ହାର ୯୬.୬ ପ୍ରତିଶତ ରହିଛି। ଏ-୧ ଗ୍ରେଡ୍ ହାସଲରେ ଜିଲ୍ଲାର ସ୍ଥିତି ଅତି ନଗଣ୍ୟ ରହିଛି। ଜିଲ୍ଲାରେ ପ୍ରାୟ ୧୦ ହଜାର ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ମାତ୍ର ୧୫ଜଣ ଏ-୧ ଗ୍ରେଡ ପାଇବାରେ ସଫଳ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୯ଜଣ ବେସରକାରୀ ବିଦ୍ୟାଳୟର ଛାତ୍ରଛାତ୍ରୀ। ଏ ଦିଗରେ ସରକାରୀ ବିଦ୍ୟାଳୟମାନଙ୍କର ସ୍ଥିତି ନିରୁତ୍ସାହଜନକ ରହିଛି। ଅନେକ ବିଦ୍ୟାଳୟରେ ଏ-୨ ଗ୍ରେଡ ମଧ୍ୟ ନାହାନ୍ତି। ଜିଲ୍ଲାର ପ୍ରମୁଖ ଶିକ୍ଷାନୁଷ୍ଠାନ ଏଜେଓ ଉଚ୍ଚ ବିଦ୍ୟାଳୟ ଓ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ରାଇକିଆ ବିଜୟ ହାଇସ୍କୁଲ, ବାଲିଗୁଡା ସରକାରୀ ଉଚ୍ଚ ବିଦ୍ୟାଳୟ, ଜି.ଉଦୟଗିରି ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ଟିକାବାଲି ସରକାରୀ ଉଚ୍ଚ ବିଦ୍ୟାଳୟ ମଧ୍ୟ ପରୀକ୍ଷାରେ ଭଲ ଫଳାଫଳ ନ କରିବା ସମସ୍ତଙ୍କୁ ଚକିତ କରିଛି।

## ଅବଶିଷ୍ଟାଂଶ...

### ନବୀନ ସରକାରଙ୍କ...

ସୁପାରିସ ରାଜ୍ୟପାଳ ରଘୁବର ଦାସଙ୍କୁ ପ୍ରଦାନ କରାଯାଇଥିଲା। ଏହି ସୁପାରିଶ ଆଧାରରେ ରାଜ୍ୟପାଳ ବିଧାନସଭା ଭଙ୍ଗ କରିଛନ୍ତି। ସମ୍ବିଧାନର ଅନୁଚ୍ଛେଦ-୧୭୪ର ଧାରା ୨(ବି) ଅନୁଯାୟୀ ରାଜ୍ୟପାଳ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିଛନ୍ତି।

ଏଠାରେ ଉଲ୍ଲେଖଯୋଗ୍ୟ ଯେ କୌଣସି ସାଧାରଣ ନିର୍ବାଚନ ଫଳାଫଳ ଘୋଷଣା ପୂର୍ବରୁ ପୁରୁଣା ମନ୍ତ୍ରୀନମଣ୍ଡଳ ଭଙ୍ଗାଯିବାର ପରମ୍ପରା ରହିଛି। ତେବେ ନୂଆ ସରକାର ଗଢ଼ା ହେବା ଯାଏଁ ରାଜ୍ୟପାଳ ବିଦାୟୀ ମୁଖ୍ୟମନ୍ତ୍ରୀଙ୍କୁ କାମଚଳା ଦାୟିତ୍ୱରେ ରହିବା ପାଇଁ ପରାମର୍ଶ ଦେଇଥାନ୍ତି। ଏଥିସହ ନୂଆ ସରକାର ଗଢ଼ିବା ପାଇଁ ପ୍ରକ୍ରିୟା ଆରମ୍ଭ ହୋଇ ଯାଇଥାଏ। ଆସନ୍ତାକାଲି ଭୋଟଗଣତି ସହ ଫଳାଫଳ ଘୋଷଣା ହେବାକୁ ଯାଉଛି। ଏହାପରେ ରାଜ୍ୟରେ କିଏ ସରକାର ଗଠନ କରିବ ସେନେଇ ସ୍ପଷ୍ଟ ହୋଇଯିବ।

### ୭୦ଟି କେନ୍ଦ୍ରରେ...

ପାଇଁ ୧୭୯୯ଟି କାଉଣ୍ଟିଂ ଟେବୁଲର ବ୍ୟବସ୍ଥା କରାଯାଇଥିବା ବେଳେ ଲୋକସଭା କ୍ଷେତ୍ର ପାଇଁ ୧୭୯୦ଟି କାଉଣ୍ଟିଂ ଟେବୁଲର ବ୍ୟବସ୍ଥା କରାଯାଇଛି। ସମ୍ପୂର୍ଣ୍ଣ ମତଗଣନା ବ୍ୟବସ୍ଥାର ତଦାରଖ କରିବା ପାଇଁ ମୋଟ ୧୨୪ ଜଣ ପର୍ଯ୍ୟବେକ୍ଷକଙ୍କୁ ନିଯୁକ୍ତ କରାଯାଇଛି। ପ୍ରତିଟି କାଉଣ୍ଟିଂ ଟେବୁଲରେ ମତଗଣନା ପାଇଁ ଜଣେ ଲେଖାଏଁ କାଉଣ୍ଟିଂ ସୁପରଭାଇଜର, କାଉଣ୍ଟିଂ ଆସିଷ୍ଟାଣ୍ଟ ଓ ମାଇକ୍ରୋ ଅବଜରଭର୍ ନିଯୁକ୍ତ କରାଯାଇଛି। ମୋଟ ଉପରେ ମତଗଣନା ପାଇଁ ୫୦୭୭ ଜଣ କାଉଣ୍ଟିଂ ସୁପରଭାଇଜର, ୫୨୩୩ ଜଣ କାଉଣ୍ଟିଂ ଆସିଷ୍ଟାଣ୍ଟ ଓ ୫୩୯୬ ଜଣ ମାଇକ୍ରୋ ଅବଜରଭର୍ ନିଯୁକ୍ତ କରାଯାଇଛି ବୋଲି ଶ୍ରୀ ଧଳ ସୂଚନା ପ୍ରଦାନ କରିଛନ୍ତି। ସେହିପରି ଶ୍ରୀ ଧଳ କହିଛନ୍ତି ଯେ ରାଜ୍ୟର ମାତ୍ର ୮ଟି ଏପରି ବିଧାନସଭା କ୍ଷେତ୍ର ରହିଛି ଯେଉଁଠାରେ ମତଗଣନା ପାଇଁ ୩୦ କିମ୍ବା ଏହାଠାରୁ ଅଧିକ ସଂଖ୍ୟକ ରାଉଣ୍ଡ ଲାଗିପାରେ। ଫଳରେ ଏଠାରେ ଫଳାଫଳ ବାହାରିବା ସାମାନ୍ୟ ବିଳମ୍ବ ହୋଇପାରେ।

ଅପରପକ୍ଷେ ଗତ ୨୦୧୯ ମସିହା ସାଧାରଣ ନିର୍ବାଚନ ତୁଳନାରେ ଚଳିତଥର ଅଧିକ ମତଦାନ ହୋଇଥିବା ନେଇ ସେ ସୂଚନା ପ୍ରଦାନ କରିଛନ୍ତି। ୨୦୧୯ରେ ରାଜ୍ୟରେ ୭୩.୦୯ ପ୍ରତିଶତ ମତଦାନ ହୋଇଥିବା ବେଳେ ୨୦୨୪ରେ ଏହା ୭୪.୪୪ ପ୍ରତିଶତକୁ ବୃଦ୍ଧି ପାଇଛି। ସେହିପରି ଚଳିତଥର ପୁରୁଷଙ୍କ ତୁଳନାରେ ମହିଳାଙ୍କ ମତଦାନ ହାର ଅଧିକ ରହିଛି। ପୁରୁଷ ଭୋଟରଙ୍କ ମତଦାନ ହାର ୭୩.୩୭ ପ୍ରତିଶତ ରହିଥିବା ବେଳେ ମହିଳାଙ୍କ କ୍ଷେତ୍ରରେ ଏହା ୭୫.୫୫ ପ୍ରତିଶତ ରହିଛି। ସେହିପରି ୧୬ଟି ଲୋକସଭା କ୍ଷେତ୍ରରେ ୨୦୧୯ ତୁଳନାରେ ମତଦାନ ହାର ବଢ଼ିଥିବା ବେଳେ ମାତ୍ର ୫ଟି ଲୋକସଭା କ୍ଷେତ୍ରରେ ମତଦା ହାର ୨୦୧୯ ତୁଳନାରେ କମିଥିବା ନେଇ ଶ୍ରୀ ଧଳ ସୂଚନା ପ୍ରଦାନ କରିଛନ୍ତି।

### ନିର୍ବାଚନ ଫଳ...

ନିର୍ବାଚନ ଶେଷ ହୋଇଛି। ଏଣୁ ନିର୍ବାଚନ ସମୟରେ ସ୍ଥଗିତ ରଖାଯାଇଥିବା ଟୋଲ୍ ବୃଦ୍ଧି ନିଷ୍ପତ୍ତିକୁ ସୋମବାରଠାରୁ କାର୍ଯ୍ୟକାରୀ କରାଯାଉଛି। ଅଧିକାରୀଜଣକ କହିଛନ୍ତି ଯେ, ଟୋଲ୍ ଦେୟରେ ବୃଦ୍ଧି ଏବଂ ଇନ୍ଧନ ଉପରେ ଟିକସ ଜାତୀୟ ରାଜପଥଗୁଡ଼ିକର ସମ୍ପ୍ରସାରଣରେ ସହାୟକ ହୋଇଥାଏ । ଏହି ଟୋଲ୍ ଦେୟ ବୃଦ୍ଧି ଯୋଗୁ ଆଇଆର୍‌ବି ଇନ୍ଫ୍ରାଷ୍ଟ୍ରକ୍‌ଚର ଡେଭେଲପର୍ସ ଏବଂ ଅଶୋକ ବିଲ୍ଡକନ୍ ଲିମିଟେଡ ଭଳି ହାଇୱେ ଅପରେଟରମାନେ ଉପକୃତ ହେବେ।

### ବି-ଫାର୍ମାରେ...

କୁମାରୀ ରଥ, ଟେକ୍ସଟାଇଲ୍ ଇଞ୍ଜିନିୟରିଂରେ ନିର୍ଲିପ୍ତା ସାହୁ ପ୍ରମୁଖ ଟପ୍ପର ହୋଇଛନ୍ତି। ଚଳିତଥର ସମୁଦାୟ ୬୫ ହଜାର ୭୪୨ ଛାତ୍ରଛାତ୍ରୀ ପରୀକ୍ଷା ପାଇଁ ପଞ୍ଜୀକରଣ କରିଥିବା ବେଳେ ୫୬ ହଜାର ୪୭ଜଣ ବା ୮୫.୨୫ ପ୍ରତିଶତ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ। ତନ୍ମଧ୍ୟରୁ ୫୬ହଜାର ପରୀକ୍ଷାର୍ଥୀଙ୍କୁ ରାଙ୍କ ପ୍ରଦାନ କରାଯାଇଛି। ରାଙ୍କ ପାଇଥିବା ଛାତ୍ରଛାତ୍ରୀମାନେ ସମୁଦାୟ ୨୩ଟି ପାଠ୍ୟକ୍ରମରେ ନାମଲେଖାଇ ପାରିବେ। ପରୀକ୍ଷାର୍ଥୀମାନେ www.ojee.nic.in ଓ www.odishajee.com ୱେବ୍‌ସାଇଟ୍‌ରୁ ନିଜର ରାଙ୍କ କାର୍ଡ ଡାଉନଲୋଡ୍ କରିପାରିବେ ବୋଲି ଓଜେଇଇ ପକ୍ଷରୁ ଦର୍ଶାଯାଇଛି। ସୂଚନାଯୋଗ୍ୟ, ଗତ ମେ’ ୬ ତାରିଖରୁ ୧୦ ତାରିଖ ପର୍ଯ୍ୟନ୍ତ ଓଜେଇଇ ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ରାଜ୍ୟର ସମସ୍ତ ୩୦ ଜିଲ୍ଲାରେ ୫୬ଟି ପରୀକ୍ଷା କେନ୍ଦ୍ର ସହିତ ରାଜ୍ୟ ବାହାରେ କୋଲକାତା, ପାଟଣା ଓ ରାଞ୍ଚି ପରି ୩ଟି ସହରରେ ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ଯୋଗ୍ୟବିବେଚିତ ଛାତ୍ରଛାତ୍ରୀମାନେ ରାଜ୍ୟର ବିଭିନ୍ନ ସରକାରୀ ଯାନ୍ତ୍ରିକ ତଥା ବେସରକାରୀ ବିଶ୍ୱବିଦ୍ୟାଳୟ ଓ ବୈଷୟିକ ଓ ବୃତ୍ତିଗତ ଶିକ୍ଷାନୁଷ୍ଠାନରେ ନାମ ଲେଖାଇବା ପାଇଁ ଓଜେଇଇ କାଉନସେଲିଂରେ ଅଂଶଗ୍ରହଣ କରିପାରିବେ।

### ୧୬ରେ ୟୁପିଏସ୍‌ସି...

ଓ www.upsconline.nic.in ୱେବ୍‌ସାଇଟ୍‌ରୁ ଆଡମିଟ୍ କାର୍ଡ ଡାଉନ୍‌ଲୋଡ୍ କରିପାରିବେ। ସୂଚନାଯୋଗ୍ୟ, ଚଳିତବର୍ଷ ୧୦୫୬ଟି ପଦରେ ନିଯୁକ୍ତି ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଛି। ତନ୍ମଧ୍ୟରୁ ୪୦ଟି ପଦ ଦିବ୍ୟାଙ୍ଗମାନଙ୍କ ପାଇଁ ସଂରକ୍ଷିତ ରହିଛି।ଯୋଗ୍ୟ ବିବେଚିତ ପରୀକ୍ଷାର୍ଥୀମାନେ ଆଇଏଏସ୍, ଆଇପିଏସ୍ ଓ ଆଇଏଫ୍‌ଏସ୍ ଆଦି ପଦରେ ନିଯୁକ୍ତି ପାଇବେ।

### ପୁଣି ଶତକ...

୩୦ରୁ ୩୮ ଆସନ ମିଳିବା ସମ୍ଭାବନା ରହିଛି। ସେହିଭଳି ଗତଥର ଅପେକ୍ଷା କଂଗ୍ରେସର ଆସନ କମ ହୋଇପାରେ ସର୍ଭେରେ ସଙ୍କେତ ଦିଆଯାଇଛି। ଏହି ସର୍ଭେରେ କଂଗ୍ରେସକୁ ମାତ୍ର ୪ରୁ ୭ ଟି ଆସନ ମିଳିପାରେ ବୋଲି କୁହାଯାଇଛି। ସେହିଭଳି ସ୍ୱାଧୀନ ଓ ଅନ୍ୟାନ୍ୟ ଦଳକୁ ଗୋଟିଏରୁ ଦୁଇଟି ଟିଆସନ ମିଳିବା ନେଇ ସଂସ୍ଥା ଆକଳନ କରିଛି।

ସୂଚନା ଥାଉ କି ଏହା ପୂର୍ବରୁ ବିଜେଡିର ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ସାଂସଦ ମାନସ ରଞ୍ଜନ ମଙ୍ଗରାଜ ଓ ଡଃ ସସ୍ମିତ ପାତ୍ର ପ୍ରମୁଖ ‘ଏକ୍ସ’ ଜରିଆରେ ଓଡ଼ିଶାରେ ବିଜେଡି ୧୧୫ ଟି ବିଧାନସଭା ଆସନ ସହ ୧୫ ଟି ଲୋକସଭା ଆସନରେ ବିଜୟୀ ହେବ ବୋଲି କହିସାରିଛନ୍ତି। ଦଳର ଏହି ପ୍ରମୁଖ ରଣନୀତିକାରଙ୍କ ଦାବିକୁ ଏହି ଜାତୀୟ ସ୍ତରୀୟ ସଂସ୍ଥା ସ୍ୱୀକୃତି ଦେବା ପରେ ବିଜେଡି କର୍ମୀଙ୍କ ମହଲରେ ଉତ୍ସାହ ଦେଖା ଦେଇଛି। ଅନ୍ୟପଟେ ଟାଇମ୍ସ ନାଓ ଓ ‘ଇଟିଜି’ ରିସର୍ଚ୍ଚ ସଂସ୍ଥାର ସର୍ଭେ ପ୍ରକାଶ ପାଇବା ପରେ ବିଜେଡି ସାଂସଦ ଶ୍ରୀ ମଙ୍ଗରାଜ ପୁନର୍ବାର ‘ଏକ୍ସ’ରେ ତାଙ୍କର ଦାବିକୁ ଦୋହରାଇବା ସହ ବିଜେଡି ଉପରେ ରାଜ୍ୟବାସୀଙ୍କର ନିରନ୍ତର ବିଶ୍ୱାସ ରହିଛି ବୋଲି କହିଛନ୍ତି। ଏହାସହିତ ମହାପ୍ରଭୁ ଶ୍ରୀଜଗନ୍ନାଥ ଆଶୀର୍ବାଦ ଏବଂ ଲୋକଙ୍କ ଭଲପାଇବା ସହିତ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଷଷ୍ଠ ଥର ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇ ରେକର୍ଡ କରିବେ ବୋଲି ସେ କହିଛନ୍ତ।

### ଅଂଶୁଘାତ ମୃତ୍ୟୁ...

ସୁଦ୍ଧା ରାଜ୍ୟରେ ମୋଟ୍ ୧୪୭ଟି ଅଂଶୁଘାତ ଜନିତ ମୃତ୍ୟୁ ଅଭିଯୋଗ ହୋଇଛି। ସେଥିମଧ୍ୟରୁ ୫୦ଟି ମାମଲାର ତଦନ୍ତ ସରିଥିବା ବେଳେ ଏମାନଙ୍କ ମଧ୍ୟରୁ ୩୦ ଜଣ ଅଂଶୁଘାତ ଯୋଗୁଁ ପ୍ରାଣ ହରାଇଥିବା ନେଇ ସ୍ପଷ୍ଟ ହୋଇଛି। ଏହି ୫୦ ଟି ମାମଲାରୁ ୨୦ ଜଣଙ୍କ ମୃତ୍ୟୁ ଅଂଶୁଘାତ ଯୋଗୁଁ ହୋଇ ନାହିଁ ବୋଲି ଯାଞ୍ଚ ପରେ ଜଣାପଡ଼ିଛି। ତେବେ ବାକି ୯୭ ଟି ମୃତ୍ୟୁ ମାମଲାର ଯାଞ୍ଚ ଏବେ ଜାରି ରହିଛି ବୋଲି ଏସ୍‌ଆରସିଙ୍କ କାର୍ଯ୍ୟ।।ଳୟ ପକ୍ଷରୁ କୁହାଯାଇଛି।

ସୋମବାର ସକାଳେ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ସୂଚନା ଦେଇଥିଲେ ଯେ, ସୁନ୍ଦରଗଡ଼ ଓ ଝାରସୁଗଡ଼ା ଆଦି ଖଣି ଅଞ୍ଚଳରୁ ଅଧିକ ହିଟ୍‌ୱେଭ ମାମଲା ଆସୁଛି। ରାଉରକେଲାରେ ମୃତକଙ୍କ ଭିତରୁ ହସ୍ପିଟାଲ ଆସିବା ପୂର୍ବରୁ କିଛି ରୋଗୀଙ୍କ ପ୍ରାଣ ହରାଇଥିଲେ। ଆଉ କିଛି ମୃତକଙ୍କ ପୋଷ୍ଟମର୍ଟମ ଚାଲିଛି। ଅସ୍ୱାଭାବିକ ମୃତ୍ୟୁର ଯୁଗ୍ମ ତଦନ୍ତ ଚାଲିଛି। ଏବେ କିଛି ଅଂଶୁଘାତ ରୋଗୀ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ଜିଲ୍ଲାପାଳ ଓ ସିଡିଏମ୍‌ଓ ମାନଙ୍କୁ ସତର୍କ ରହିବାକୁ କୁହାଯାଇଛି ବୋଲି ସେ କହିଛନ୍ତି।

### ୫ ଦିନରେ...

ହେବା ସହ ୬ରୁ ବିଜୁଳି ଘଡ଼ଘଡ଼ି ସହ ବର୍ଷାର ପ୍ରକୋପ ବୃଦ୍ଧି ପାଇବ। ଏଥିପାଇଁ ତାପମାତ୍ରାରେ ହ୍ରାସ ହେବ ବୋଲି ପାଣିପାଗ କେନ୍ଦ୍ର ପକ୍ଷରୁ କୁହାଯାଇଛି। ସୂଚନା ଥାଉ କି ରବିବାର ରାଜ୍ୟର ଏକାଧିକ ସ୍ଥାନରେ କାଳବୈଶାଖୀ ଜନିତ ବର୍ଷା ହୋଇଛି। ବିଜୁଳି ଘଡ଼ଘଡ଼ି ସହ ବର୍ଷା ଓ ଏହା ସାଙ୍ଗକୁ ବହୁ ସ୍ଥାନରେ ପବନର ବେଗ ମଧ୍ୟ ଅଧିକ ରେକର୍ଡ କରାଯାଇଛି। ଆଞ୍ଚଳିକ ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ଗତ ୩୬ ଘଣ୍ଟାରେ କଟକରେ ସର୍ବାଧିକ ୯୧ ମିମି ବର୍ଷା ରେକର୍ଡ କରାଯାଇଥିବା ବେଳେ ଭୁବନେଶ୍ୱର ୬୩, ତାଳଚେର ୬୭, ପାରଳାଖେମୁଣ୍ଡି ୬୧, ଜଗତସିଂହପୁର ୬୫, ଭଦ୍ରକ ୫୬, କେନ୍ଦ୍ରାପଡ଼ା ୫୨, ପୁରୀ ୪୩ ଓ ଅନୁଗୁଳରେ ୩୭ ମିମି ବର୍ଷା ରେକର୍ଡ କରାଯାଇଛି।

### ବେଙ୍ଗାଲୁରୁରେ...

ବର୍ଷର ରେକର୍ଡକୁ ଅତିକ୍ରମ କରିଛି ବୋଲି ଆଇଏମଡି କହିଛି। ଆଇଏମଡି ସୂଚନା ଅନୁସାରେ ଏଠାରେ ଗୋଟିଏ ଦିନରେ ୧୧୧.୧ ମିମି ବର୍ଷା ରେକର୍ଡ କରାଯାଇଛି। ୧୮୯୧ ମସିହା ଜୁନ୍ ୧୬ ତାରିଖରେ ବେଙ୍ଗାଲୁରୁରେ ସର୍ବାଧିକ ୧୦୧.୬ ମିମି ବର୍ଷା ରେକର୍ଡ କରାଯାଇଥିଲା। ୧୩୩ ବର୍ଷ ପରେ ଚଳିତ ବର୍ଷ ଏହି ରେକର୍ଡ ଭାଙ୍ଗିଛି ବୋଲି ଆଇଏମଡି କହିଛି। ଏଭଳି ବର୍ଷାକୁ ନେଇ ବେଙ୍ଗାଲୁରୁ ସହରରେ ନାହିଁ ନଥିବା ସମସ୍ୟା ଦେଖାଯାଇଛି। ସହରର ପ୍ରାୟ ସବୁ ଅଞ୍ଚଳ ଜଳମଗ୍ନ ହୋଇ ବନ୍ୟା ପ୍ରାୟ ପରିସ୍ଥିତି ସୃଷ୍ଟି ହୋଇଛି। ଭୀଷଣ ବର୍ଷା ଯୋଗୁ ସାଧାରଣ ଗମନାଗମନ ବାଧାପ୍ରାପ୍ତ ହେବା ସହିତ ମେଟ୍ରୋ ରେଳ ଚଳାଚଳ ମଧ୍ୟ ବାଧାପ୍ରାପ୍ତ ହୋଇଥିବା କୁହାଯାଇଛି।

SALE
Booking Open 2/3 BHK Flat Bhpl Krishna, Bharatpur, Bhpl Rudra in front of CET. College, Ghatikia, Bhpl SB Homes, Ghatikia, Bhpl PNM, Satya Vihar, Bhubaneswar. Contact- Bhavishya Homes Pvt Ltd.
Ph.: 9437015112

AFFIDAVIT
I, Saswati,the legally wedded spouse of Army No. 14430180M, Rank: HAV, Name: Manoj Kumar Kar, and presently residing at Vill. Hanuman Nagar, Komtalpeta, Po-JKpur, Ps: Chandili, Dist. Rayagada, Pin-765017. I have corrected my name from Saswati to Saswati Tripathy vide affidavit, Dt. 01.06.2024, before the Executive Magistrate, Gunupur, Odisha.

AFFIDAVIT
By virtue of an affidavit sworn before the Notary Panpish on 03.06.2024 ,I, SALONI JENA(28), D/O. Sudhanya Kumar Jena, resident of Qrs.No.B B/128, Sector-4, PS: Sector-3, Rourkela, Dist. Sundargarh, do hereby solemnly affirm that my original Class-XII Pass Certificate & Statement of Marks issued to me vide Unique ID No.5468592. has been lost somewhere during my journey on 29.05.2024, which I am unable to trace it out.Any body if found pl.contact me on Mobile No-7008406240.
Sd/-
SALONI JENA

ପୂର୍ବ ତଟ ରେଳପଥ
ଫାଇଲ୍ ନଂ.DRM/Engg/KUR/24-25/ E-Tender/21,ତା.27.05.2024ରିଖ
(1) ଟେଣ୍ଡର ନଂ.eTender-HqKUR-75-2024,ତା.18.05.2024ରିଖ
ବିବରଣୀ: ଖୋର୍ଦ୍ଧା ରୋଡ୍ ମଣ୍ଡଳର ଖୋର୍ଦ୍ଧା ରୋଡ୍-ପୁରୀ ସେକ୍ସନ ମଧ୍ୟରେ ପୋଲ ନଂ.63 Dn ଏବଂ 66 Up ରେ ନୂଆ "H" ବିମ୍ ସ୍ଲିପର ସହିତ ପ୍ରକଳିତ 351 ଗୋଟି ଚ୍ୟାନେଲ ସ୍ଲିପରଗୁଡ଼ିକର ଥ୍ରୁ ବ୍ରିଜ୍ ଚ୍ୟାନେଲ ସ୍ଲିପର ନବୀକରଣ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (₹): 113.75 ଲକ୍ଷ, EMD (₹): 2,06,900/-।
(2) ଟେଣ୍ଡର ନଂ.eTender-SouthKUR-76-2024,ତା.21.05.2024ରିଖ
ବିବରଣୀ: ଖୋର୍ଦ୍ଧା ରୋଡ୍ ମଣ୍ଡଳର ଖୋର୍ଦ୍ଧା ରୋଡ୍-ଗଞ୍ଜାମ ସେକ୍ସନ ମଧ୍ୟରେ ବିଭିନ୍ନ ପୋଲଗୁଡ଼ିକରେ ନୂଆ "H" ବିମ୍ ସ୍ଲିପର ସହିତ ପ୍ରକଳିତ 519 ଗୋଟି ଚ୍ୟାନେଲ ସ୍ଲିପରଗୁଡ଼ିକର ଥ୍ରୁ ବ୍ରିଜ୍ ଚ୍ୟାନେଲ ସ୍ଲିପର ନବୀକରଣ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (₹): 163.89 ଲକ୍ଷ, EMD (₹): 2,32,000/-।
(3) ଟେଣ୍ଡର ନଂ.e-tender-hq-kur-81-2024,ତା.21.05.2024ରିଖ
ବିବରଣୀ: ଖୋର୍ଦ୍ଧା ରୋଡ୍ ମଣ୍ଡଳର ସିନିୟର ସେକ୍ସନ ଇଞ୍ଜିନିୟର(ମୁଖ୍ୟାଳୟ) ପରିସୀମା ଅଧୀନସ୍ଥ ଖୋର୍ଦ୍ଧା ରୋଡ୍-ପୁରୀ ଏବଂ ଖୋର୍ଦ୍ଧା ରୋଡ୍-ବଣପଲ୍ଲୀ ସେକ୍ସନର ବିଭିନ୍ନ ୟାର୍ଡଗୁଡ଼ିକ ଠାରେ ସମସ୍ତ ପ୍ରକାର (12 ରେ 1 ଏବଂ 8.5 ରେ 1) CMS କ୍ରସିଙ୍ଗ୍ ଏବଂ ପ୍ରକଳିତ ଗତିପ୍ରକ୍ଷ 52/60 କି.ଗ୍ରା. ତଙ୍କ ରେଲ୍‌ଗୁଡ଼ିକର ପ୍ରକ୍ଷାବିତ ରିକଣ୍ଡିସନିଂ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (₹): 52.91 ଲକ୍ଷ, EMD (₹): 1,05,800/-।
(4) ଟେଣ୍ଡର ନଂ.etenderestatekur-82-2024,ତା.22.05.2024ରିଖ
ବିବରଣୀ: 02 (ଦୁଇ) ବର୍ଷ ନିମନ୍ତେ ମଞ୍ଚେଶ୍ୱର କଲୋନୀ, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର ଠାରେ ରେଳବାଇ ଅଫିସରିସମ୍ ଏବଂ ପୂର୍ବ ତଟ ରେଳପଥ ମୁଖ୍ୟାଳୟ ବିଲ୍ଡିଙ୍ଗ (ରେଳ ସଦନ)ର ଅଗ୍ନି ନିର୍ବାପନ ପ୍ରଣାଳୀ ନିମନ୍ତେ ମରାମତି ଏବଂ ବାର୍ଷିକ ରକ୍ଷଣାବେକ୍ଷଣ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (₹): 17.39 ଲକ୍ଷ, EMD (₹): 34,800/-।
ଶେଷ ହେବା ଅବଧି: 09(ନଅ) ମାସ (କ୍ରମ. ସଂ. 1 ପାଇଁ), 10 (ଦଶ) ମାସ (କ୍ରମ. ସଂ. 2 ପାଇଁ), 12 (ବାର) ମାସ (କ୍ରମ. ସଂ. 3 ପାଇଁ) ଏବଂ 24 (ଚବିଶ) ମାସ (କ୍ରମ. ସଂ. 4 ପାଇଁ)।
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ: ତା.12.06.2024 ରିଖ 1500 ଘଟିକାରେ (ସମସ୍ତ ଟେଣ୍ଡର ନିମନ୍ତେ)।
ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏତିକିଭି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଦ୍ଧାଶ କରାଯିବ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଛି।
ଦ୍ରଷ୍ଟବ୍ୟ: ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10(ଦଶ) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।
ମଣ୍ଡଳ ରେଳ ପ୍ରବନ୍ଧକ(ଇଞ୍ଜିନିୟରିଙ୍ଗ)/ ଖୋର୍ଦ୍ଧା ରୋଡ୍
PR-172/P/24-25





## ଜୟଦେବ ଭବନ ପାଠାଗାର

# ଇ-ଲାଇବ୍ରେରୀ ଅଚଳ, କମ୍ପ୍ୟୁଟରରେ ଧୂଳି





**ପାଠାଗାରରେ ସିସି କ୍ୟାମେରା ପାଇଁ ଦାବି**

ଭୁବନେଶ୍ୱର, ୩।୬(ସମିସ)

ଛାତ୍ରଛାତ୍ରୀଙ୍କ ନିମନ୍ତେ ଜୟଦେବଭବନ ପରିସରରେ ଥିବା ଇ-ଲାଇବ୍ରେରୀ ଏବେ ଅଚଳ ହୋଇପଡ଼ିଛି। ବର୍ତ୍ତମାନ ସମୟରେ ଛାତ୍ରଛାତ୍ରୀମାନେ ଭଲଭାବରେ ପାଠ ପଢ଼ିବା ପାଇଁ ରାଜ୍ୟ ସରକାର ବିଭିନ୍ନ ଅଞ୍ଚଳରେ ପାଠାଗାର ନିର୍ମାଣ କରୁଛନ୍ତି। ଏହିକ୍ରମରେ ଭୁବନେଶ୍ୱରର ଜୟଦେବ ଭବନ ପରିସରରେ ସର୍ବସାଧାରଣଙ୍କ ନିମନ୍ତେ ପାଠାଗାର ପ୍ରତିଷ୍ଠା କରାଯାଇଛି। ଏଠାରେ ଶିକ୍ଷାଲାଭ କରି ପ୍ରତିବର୍ଷ ଶତାଧିକ ଛାତ୍ରଛାତ୍ରୀ ରେଳବାଇ, ବ୍ୟାଙ୍କ ତଥା ସିଭିଲ୍ ସର୍ଭିସ୍ କ୍ଷେତ୍ରରେ ନିଯୁକ୍ତ ପାଇପାରୁଛନ୍ତି। ପିଲାଙ୍କ ପାଠପଢ଼ାରେ ସୁବିଧାକୁ ଦୃଷ୍ଟିରେ ରଖି ଏହାର ଉନ୍ନତିକରଣ କରାଯାଇଛି। ପ୍ରତ୍ୟେକ ସରକାରୀ କାର୍ଯ୍ୟ ଦିବସରେ ସକାଳ ୮ରୁ ରାତି ୮ ପର୍ଯ୍ୟନ୍ତ ଏହି ପାଠାଗାର ସର୍ବସାଧାରଣଙ୍କ ନିମନ୍ତେ ଖୋଲାରହୁଛି। ଏଠାରେ ଆଗ୍ରହୀ ଛାତ୍ରଛାତ୍ରୀଙ୍କ ନିମନ୍ତେ ଗତ କିଛିବର୍ଷ ତଳେ ଏକ ଇ-ଲାଇବ୍ରେରୀର ବ୍ୟବସ୍ଥା କରାଯାଇଛି। ଏହା ମାଧ୍ୟମରେ ଆଗ୍ରହୀ ଛାତ୍ରଛାତ୍ରୀମାନେ ସବିଶେଷ ତଥ୍ୟ ହାସଲ କରିବା ସହ ବିଭିନ୍ନ କମ୍ପିଟେଟିଭ୍ ପରୀକ୍ଷା ନିମନ୍ତେ ଜ୍ଞାନ ଆହରଣ କରିପାରୁ ଥିଲେ। କିନ୍ତୁ କିଛିଦିନ ତଳେ ଏହି ଇ-ଲାଇବ୍ରେରୀରେ ଥିବା କମ୍ପ୍ୟୁଟରଗୁଡ଼ିକ ଅଚଳ ହୋଇପଡ଼ିଛି। ଇ-ଲାଇବ୍ରେରୀ ନିମନ୍ତେ ଲାଗିଥିବା କମ୍ପ୍ୟୁଟରଗୁଡ଼ିକରେ ଧୂଳି ଲାଗିଗଲାଣି। ଏହି ଇ-ଲାଇବ୍ରେରୀକୁ ପରିଚାଳନା କରିବା ପାଇଁ କୈଣସି କର୍ମଚାରୀ ମଧ୍ୟ ନାହାଁନ୍ତି। ଫଳରେ କମ୍ପ୍ୟୁଟରଗୁଡ଼ିକ ଏବେ ପରିତ୍ୟକ୍ତ ଅବସ୍ଥାରେ ପଡ଼ିରହିଛି। ଲାପଟପ ଭଳି ଉନ୍ନତ ମାନର ସରଞ୍ଜାମ ନାହିଁ ସେମାନଙ୍କୁ ଏହି ଇ-ଲାଇବ୍ରେରୀ ସହାୟକ ହେବ ବୋଲି ଛାତ୍ରଛାତ୍ରୀମାନେ ଆଶା କରିଥିଲେ। କିନ୍ତୁ ଇ-ଲାଇବ୍ରେରୀ ଅଚଳ ଯୋଗୁଁ ପିଲାମାନେ ତଥ୍ୟ ହାସଲରେ ଅସୁବିଧା ଭୋଗୁଛନ୍ତିବୋଲିଛାତ୍ରଛାତ୍ରୀମାନେଅଭିଯୋଗକରିଛନ୍ତି।

### ନାମକୁମାତ୍ର ଲାଗିଛି ଏସି

ଅସହ୍ୟ ଗ୍ରୀଷ୍ମପ୍ରବାହରେ ପଢ଼ିବା ପାଇଁ ଏହି ପାଠଗାରାରେ ଏସି ଲଗାଯାଇଥିଲା। କିନ୍ତୁ ଏବେ ଏସିଗୁଡ଼ିକ ଠିକ୍ ଭାବରେ ଚାଲୁନାହିଁ। କେତେକ ଏସିରୁ ଥଣ୍ଡା ପବନ ମଧ୍ୟ ବାହାରୁନାହିଁ। ବର୍ତ୍ତମାନ ଗୁଳିଗୁଳିର ମାତ୍ରା ବୃଦ୍ଧି ପାଇବାରେ ଲାଗିଥିବା ବେଳେ ଛାତ୍ରଛାତ୍ରୀମାନେ ଗରମରେ ବସି ପଢୁଛନ୍ତି। ଛାତ୍ରଛାତ୍ରୀମାନଙ୍କ ପାଠପଢ଼ାରେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏହି କାରଣରୁ ଛାତ୍ରଛାତ୍ରୀମାନେ ବାଧ ହୋଇ ମଝିରେ ମଝିରେ ବାରମ୍ବାର ବାହାରକୁ ଯାଉଛନ୍ତି।

ଏଠାରେ ଅଧ୍ୟୟନ କରୁଥିବା ଛାତ୍ରଛାତ୍ରୀଙ୍କ କହିବା କଥା ପଢ଼ିବା ପାଇଁ ଭଲ ବ୍ୟବସ୍ଥା କରାଯାଇଛି। କିନ୍ତୁ ଅନେକ ସମୟରେ ଅସାମାଜିକ ତତ୍ତ୍ୱ ଲାଇବ୍ରେରୀ ଭିତରେ ବିଭିନ୍ନ କାଣ୍ଡକାରଖାନା ସୃଷ୍ଟି କରିବାର ଆଶଙ୍କା ରହିଛି। ସାଙ୍ଗରେ ଆଣୁଥିବା ଫୋନ ଓ ଲାପଟପ ସାମଗ୍ରୀକୁ ସୁରକ୍ଷା ଦୃଷ୍ଟିରୁ ସିସିଟିଭି ଲଗାଇବା ପାଇଁ ଦାବି କରିଛନ୍ତି ପାଠାଗାରକୁ ଆସୁଥିବା ଛାତ୍ରଛାତ୍ରୀ। ରାଜ୍ୟ ସରକାର ଏହି ପାଠାଗାରର ସମସ୍ତ ଖର୍ଚ୍ଚ ବହନ କରିବା ସହ ଉନ୍ନତିକରଣ କରିଛନ୍ତି। କିନ୍ତୁ ଏଠାରେ ଆସୁଥିବା ଛାତ୍ରଛାତ୍ରୀମାନେ କେତେ ପରିମାଣରେ ସଫଳତା ହାସଲ କରୁଛନ୍ତି ତାହାର ହିସାବ ନାହିଁ। ଲାଇବ୍ରେରୀ ପରିଚାଳନା ଦାୟିତ୍ୱରେ ଥିବା ଅଧିକାରୀ ଦୀପାଳି ଦାସ କହିଛନ୍ତି କେତେପିଲା କେଉଁ ବିଭାଗରେ ସଫଳତା ପାଉଛନ୍ତି ତାହାର କୈଣସି ସେଭଳି ତଥ୍ୟ ରଖିବାର ଆବଶ୍ୟକତା ପଡ଼ି ନ ଥିବାରୁ ତାହା ରଖିବାର ବ୍ୟବସ୍ଥା ହୋଇନାହିଁ।

## ଓଡ଼ିଶାରେ ଜନସମ୍ପର୍କ ଉପରେ ଗବେଷଣା ପାଇଁ ପିଏଚ୍‌ଡି ଡିଗ୍ରୀ ପ୍ରଦାନ



ଭୁବନେଶ୍ୱର,୩।୬(ସମିସ): ଓଡିଶାର ଜନସମ୍ପର୍କ ଉପରେ ଗବେଷଣା ନିମନ୍ତେ ସଞ୍ଜୟକୁମାର ସାହୁଙ୍କୁ ଆମିଟି ବିଶ୍ୱବିଦ୍ୟାଳୟ ଛତିଶଗଡ ଦ୍ୱାରା ଡକ୍ଟରେଟ ଡିଗ୍ରୀ ପ୍ରଦାନ କରାଯାଇଛି। ଆମିଟି ୟୁନିଭର୍ସିଟି ଛତିଶଗଡ ସ୍ଥିତ ଆମିଟି ସ୍କୁଲ୍ ଅଫ୍ କମ୍ୟୁନିକେସନ୍‌ର ମୁଖ୍ୟ ଡକ୍ଟର କେ.ଏନ୍. କିଶୋର ଏବଂ ଆସାମ ରୟାଲ ଗ୍ଲୋବାଲ ବିଶ୍ୱବିଦ୍ୟାଳୟର ପ୍ରଫେସର (ଡ.) ସୁରେଶ ଚନ୍ଦ୍ର ନାୟକଙ୍କ ତତ୍ତ୍ୱାବଧାନରେ ସେ ଗବେଷଣା କରୁଥିଲେ। ଅହି ସଫଳତା ସହିତ ସେ ଆମିଟି ବିଶ୍ୱବିଦ୍ୟାଳୟ ଛତିଶଗଡ଼ରୁ ପିଏଚ୍‌ଡି ଡିଗ୍ରୀ ହାସଲ କରିବାରେ ପ୍ରଥମ ଛାତ୍ର ହେବାର ଗୌରବ ଅର୍ଜନ କରିଛନ୍ତି। ସଞ୍ଜୟ ସାହୁ ଗତ ଦୁଇ ଦଶନ୍ଧି ଧରି ଜନସମ୍ପର୍କ ଏବଂ ଯୋଗାଯୋଗ କ୍ଷେତ୍ରରେ କାର୍ଯ୍ୟରତ। ଓଡିଶାର ବିଭିନ୍ନ ସଂଗଠନ ପାଇଁ ଯୋଗାଯୋଗ ଏବଂ ଗଣମାଧ୍ୟମ ସମ୍ପର୍କ ପରିଚାଳନା କ୍ଷେତ୍ରରେ ସେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛନ୍ତି। ସାମ୍ବାଦିକତା ତଥା ଗଣଯୋଗାଯୋଗ କ୍ଷେତ୍ରରେ ଖ୍ୟାତିସମ୍ପନ୍ନ ପତ୍ରିକାଗୁଡ଼ିକରେ ତାଙ୍କ ଦ୍ୱାରା ଲିଖିତ ବିଭିନ୍ନ ଗବେଷଣାତ୍ମକ ପ୍ରବନ୍ଧଗୁଡିକ ମଧ୍ୟ ପ୍ରକାଶ ପାଇଛି। ବର୍ତ୍ତମାନ ସେ ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାରରେ ଡିଜିଏମ୍ (କର୍ପୋରେଟ୍ ଯୋଗାଯୋଗ) ଭାବରେ କାର୍ଯ୍ୟ କରୁଛନ୍ତି।

## ଯାଁଳା କ୍ରିକେଟ୍ ଏକାଡେମୀ ଉଦ୍‌ଘାଟିତ



ଯାଁଳା, ୩।୬(ସମିସ): ଯାଁଳା କ୍ରିକେଟ ଏକାଡେମୀ ଉଦ୍‌ଘାଟିତ ହୋଇଯାଇଛି। ଏଠାରେ ଯୁବ ପ୍ରତିଭାମାନଙ୍କୁ ଅଭିଜ୍ଞ ପ୍ରଶିକ୍ଷକଙ୍କ ଦ୍ୱାରା ଉନ୍ନତମାନର ପ୍ରଶିକ୍ଷଣ ଦିଆଯିବ। ଯୁବ ପ୍ରତିଭା କିପରି ଜିଲ୍ଲା ଓ ରାଜ୍ୟସ୍ତରରେ ନିଜର ପାରଦର୍ଶିତା ପ୍ରତିପାଦନ କରିପାରିବେ ସେ ଦିଗରେ ଏକାଡେମୀ ଗୁରୁତ୍ୱ ଦେବ ବୋଲି କାର୍ଯ୍ୟକର୍ତ୍ତାମାନେ କହିଛନ୍ତି। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଓଡ଼ିଶାର ପୂର୍ବତନ ରଣଜୀ ଟିମ୍ ଅଧିନାୟକ ରଶ୍ମୀରଞ୍ଜନ ପରିଡ଼ା, ଯାଁଳା ପଞ୍ଚାୟତର ସମାଜସେବୀ ଓ ପୂର୍ବତନ କ୍ରକେଟର କିରିତି ଚନ୍ଦ୍ର ସାମନ୍ତରାୟ, ପୂର୍ବତନ କ୍ରକେଟର ଜିତେନ୍ଦ୍ର ସେନାପତି, ଯାଁଳା କ୍ରିକେଟ ଏକାଡେମୀର କୋଚ୍ ପ୍ରଦୋଷ ବଳିଆରସିଂହଙ୍କ ସହ ପ୍ରଭାତ କୁମାର ପଟ୍ଟନାୟକ ପ୍ରମୁଖ ଯୋଗ ଦେଇଥିଲେ।

## ଶେଖର ଘୋଷ ପାଇବେ 'ସଙ୍ଗୀତ ସୁଧାକର ବାଳକୃଷ୍ଣ ଦାଶ ସ୍ମାରକୀ ସମ୍ମାନ'

**ଫାଉଣ୍ଡେସନ୍‌ର ବାର୍ଷିକୋତ୍ସବ**

ଭୁବନେଶ୍ୱର, ୩।୬(ସମିସ): ଚଳିତବର୍ଷ ସଙ୍ଗୀତ ସୁଧାକର ବାଳକୃଷ୍ଣ ଦାଶଙ୍କ ଜନ୍ମ ବାର୍ଷିକ ଓ ଫାଉଣ୍ଡେସନ୍‌ର ୩୨ତମ ବାର୍ଷିକୋତ୍ସବ ୪ରୁ ୬ ତାରିଖ ପର୍ଯ୍ୟନ୍ତ ତିନିଦିନ ଧରି ଅନୁଷ୍ଠିତ ହେବ। ସନ୍ଧ୍ୟା ସାଢ଼େ ୬ରୁ ରାତି ୧୦ଟା ପର୍ଯ୍ୟନ୍ତ ରବୀନ୍ଦ୍ର ମଣ୍ଡପରେ ଅନୁଷ୍ଠିତ ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ ଚଳିତବର୍ଷ ସଙ୍ଗୀତ କ୍ଷେତ୍ରରେ ଜୀବନବ୍ୟାପି ସାଧନା ନିମନ୍ତେ ବିଶିଷ୍ଟ କଣ୍ଠଶିଳ୍ପୀ ଶେଖର ଘୋଷଙ୍କୁ 'ସଙ୍ଗୀତ ସୁଧାକାର ବାଳକୃଷ୍ଣ ଦାଶ ସ୍ମାରକୀ ସମ୍ମାନ-୨୦୨୪' ପ୍ରଦାନ କରାଯିବ। ଏହାସହ ଗୁରୁ ଏମ୍ ମହେଶ୍ୱର ରାଓଙ୍କୁ ସଙ୍ଗୀତ ସରସ୍ୱତୀ ସମ୍ମାନ, ଡ. ଅଜୟ କୁମାର ମହାନ୍ତିଙ୍କୁ ଗୀତି ସରସ୍ୱତୀ ସମ୍ମାନ, ଗୁରୁ କାଳନ୍ଦୀ ଚରଣ ପରିଡ଼ାଙ୍କୁ ବାଦ୍ୟ ସରସ୍ୱତୀ ସମ୍ମାନରେ ସମ୍ମାନିତ କରାଯିବ। ସେହିପରି ଯୁବ ପ୍ରତିଭା ବସୁନ୍ଧରା ପରିଡ଼ାଙ୍କୁ ସଙ୍ଗୀତ ସୁଧାକର ସ୍ମୃତି ବୃତ୍ତି ସମ୍ମାନ ଏବଂ ସାମ୍ବାଦିକ ଚୌଧୁରୀ ଅମିତାଭ ଦାସ, ପ୍ରଶାନ୍ତ କୁମାର ପାଇକରାୟଙ୍କୁ ସମ୍ମାନିତ କରାଯିବ। ଏହି ତ୍ରୀଦିବସୀୟ ଜୟନ୍ତୀ ସମାରୋହ ଓ ପଚିତ୍ର ସାବିତ୍ରୀ ଅମାବାସ୍ୟା (ସଙ୍ଗୀତ ସୁଧାକରଙ୍କ ଜନ୍ମତିଥି) ଉଦ୍‌ଯାପନୀ ପର୍ବରେ ସମ୍ମାନ ଓ ସମ୍ବର୍ଦ୍ଧନା ପ୍ରଦାନ କରାଯିବ ବୋଲି ଅନୁଷ୍ଠାନର ଆବାହକ ଅରକ୍ଷିତ ଦାଶ ପ୍ରେସ୍ ବିବୃତ୍ତି ମାଧ୍ୟମରେ ସୂଚନା ଦେଇଛନ୍ତି। ସମାରୋହ ଅବସରରେ ପ୍ରତି ସନ୍ଧ୍ୟାରେ ସଙ୍ଗୀତ ସୁଧାକରଙ୍କ ପ୍ରତି ସମର୍ପିତ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ। ପ୍ରଥମ ସନ୍ଧ୍ୟାରେ କୋଲକାତାର ହିନ୍ଦୁସ୍ଥାନୀ ଶାସ୍ତ୍ରୀୟ ସଙ୍ଗୀତ ଶିଳ୍ପୀ ଅମ୍ବରୀଶ ଦାସଙ୍କ ଦ୍ୱାରା ଶାସ୍ତ୍ରୀୟ ଓ ସୃଜନଶୀଳ ଗୀତ-ବାଦ୍ୟର ମିଶ୍ର ସନ୍ଧ୍ୟା ପ୍ରଦର୍ଶିତ ହେବ। ଦ୍ୱିତୀୟ ସନ୍ଧ୍ୟାରେ ଜବାହର ମିଶ୍ରଙ୍କ ପରିଚାଳନା ଓ ସଂଯୋଜନାରେ ପ୍ରାଚ୍ୟ ଓ ପାଶ୍ଚାତ୍ୟ ଧୂନର ମିଶ୍ର ରାଗ ସେଭେନ୍ ନୋଟ୍ ସିମ୍ଫୋନୀ ପ୍ରଦର୍ଶିତ ହେବ। ପରେ ଭୁବନେଶ୍ୱରର ଓଡ଼ିଶା ଡ୍ୟାନ୍ସ ଏକାଡେମୀ ଦ୍ୱାରା ପ୍ରସ୍ତୁତ ଓଡ଼ିଶୀ ନୃତ୍ୟ ନାଟିକା ଗ୍ଲାନି ସଂହାର ପରିବେଷିତ ହେବ। ଶେଷ ସନ୍ଧ୍ୟାରେ ଓଡ଼ିଶାର ଲବ୍ଧ ପ୍ରତିଷ୍ଠିତ କଣ୍ଠଶିଳ୍ପୀ, ବାଦ୍ୟ ଓ ଯନ୍ତ୍ର ଶିଳ୍ପୀମାନଙ୍କ ଦ୍ୱାରା ସଙ୍ଗୀତ ପରିବେଷିତ ହେବ। ଉତ୍ସବଟି ସଙ୍ଗୀତ ସୁଧାକର ବାଳକୃଷ୍ଣ ଦାଶ ଅଫିସିଆଲ୍ ୟୁଟ୍ୟୁବ୍ ମାଧ୍ୟମରେ ସିଧା ପ୍ରସାରଣ କରାଯିବ ବୋଲି ଆବାହକ ଶ୍ରୀ ଦାସ ସୂଚନା ଦେଇଛନ୍ତି।

## ମନକୁ ନିୟନ୍ତ୍ରଣ କରିବା ନେଇ ଆଲୋଚନା

ଭୁବନେଶ୍ୱର, ୩।୬(ସମିସ): ମନୁଷ୍ୟ ଶରୀର ମନ ଦ୍ୱାରା ନିୟନ୍ତ୍ରିତ ହୋଇଥାଏ। ମାତ୍ର ମନକୁ ନିୟନ୍ତ୍ରଣ କରି ଥାଏ ତାର ବୁଦ୍ଧି। ସଦ ସନ୍ତୁଷ୍ଟ ଓ ପ୍ରସନ୍ନ ଚିତ୍ତ ପାଇଁ ବୁଦ୍ଧି ଓ ବିଚାରକୁ କିପରି ପରିଚାଳିତ କରିହେବ ସେ ସମ୍ପର୍କରେ ବେଙ୍ଗାଲୁରୁ ଭରଥୁରରୁ ବି କେ ସାବିତ୍ରୀ ଭଉଣୀ ବର୍ଣ୍ଣନା କରିଥିଲେ। ଏଥିସହ ଧ୍ୟାନ ଦ୍ୱାରା ବୁଝାଇ ଥିଲେ। ଥିଙ୍କର୍ସ କ୍ଲବ୍‌ର ୧୦୩ ତମ ଆଭାସୀ ଆଲୋଚନା ସଭାପତି ବରଦା ଦାସଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇ ଯାଇଛି। ବି କେ ସୁପ୍ରିୟା ପ୍ରାରମ୍ଭିକ ସୂଚନା ଓ ଧନ୍ୟବାଦ୍ ଦେଇଥିଲେ। ବାହାରିନରୁ ସୁବାସ ସାହୁ, ମଧ୍ୟପ୍ରଦେଶରୁ ଡ. ରଜତ ଶତପଥୀ, ଭୁବନେଶ୍ୱରରୁ ନିମାଇଁ ସ୍ୱାଇଁ, ବିହାରରୁ ପ୍ରଫେସର ପଞ୍ଚାନନ ମହାନ୍ତି, ଛତିଶଗଡ଼ ରାୟଗଡ଼ରୁ ପ୍ରତାପ ରାଉତ, ପ୍ରଫେସର ଉମାଶଙ୍କର ମିଶ୍ର, ବେଙ୍ଗାଲୁରୁରୁ ରାଘବେନ୍ଦ୍ର ପ୍ରଶ୍ନମାନ ପଚାରିଥିଲେ।

# 'ନାଟ୍ୟଧାରା'ର ତୃତୀୟ ସନ୍ଧ୍ୟାରେ 'ସୀମା'

ଭୁବନେଶ୍ୱର, ୩।୬(ସମିସ)



ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ 'ନାଟ୍ୟଧାରା' କାର୍ଯ୍ୟକ୍ରମର ତୃତୀୟ ସନ୍ଧ୍ୟାର ନାଟକ 'ସୀମା' ମଞ୍ଚସ୍ଥ ହୋଇଯାଇଛି। ଆଜିର ଉଦଯାପନୀ ସନ୍ଧ୍ୟା ଅବସରରେ ନାଟ୍ୟ ଚେତନା ଅନୁଷ୍ଠାନ ଦ୍ୱାରା ମଞ୍ଚସ୍ଥ ହୋଇଥିବା ଏହି ନାଟକର ରଚନା ଓ ନିର୍ଦ୍ଦେଶନା ଦେଇଥିଲେ ନାଟକ ନିର୍ଦ୍ଦେଶକ ଓ ସମୀକ୍ଷକ ସୁବୋଧ ପଟ୍ଟନାୟକ। ଏହି ସନ୍ଧ୍ୟାର ଅତିଥି ଥିଲେ ନାଟ୍ୟ ନିର୍ଦ୍ଦେଶକ ଅନନ୍ତ ମହାପାତ୍ର, ମିହିର ମେହେର, ଲାଲା ବୀରେନ ରାୟ।

ଏହି ନାଟକର ବିଷୟବସ୍ତୁ ଏକ ବହୁ ପୁରୁଣା ଓ ପବିତ୍ର ମାନୁଥିବା ଗଛ କେଉଁ ଗାଁର ହେବ ବୋଲି ହେଉଥିବା ଝଗଡ଼ା। ସୀମାକୁ ନେଇ ବିବାଦ ଥିବା ଏହି କାହାଣୀର ନାମ ମଧ୍ୟ 'ସୀମା'। ଭାରତ ସରକାରଙ୍କ ଆଦିବାସୀ ମଙ୍ଗଳ ବନ ଅଧିକାର ନିୟମ ୨୦୧୦ ଅନୁସାରେ ପ୍ରତ୍ୟେକ ଗାଁକୁ ଏହାର ସୀମା ଓ ପ୍ରତ୍ୟେକ ଆଦିବାସୀ ପରିବାର ନିଜ ଜମିର ପଟ୍ଟା ବା ମାଲିକାନା ପାଇବେ। ଏହି ନିୟମ ବ୍ୟବହାର ବେଳେ ତୃଣମୂଳ ସ୍ତରରେ ଏହାକୁ ନେଇ ସରକାରୀ କଳ ହେଉ ବା ରାଜନୈତିକ ନେତା ହୁଅନ୍ତୁ କିପରି ଫାଇଦା ଉଠାନ୍ତି ତାକୁ ନେଇ ନାଟକୀୟ ଦ୍ୱନ୍ଦ୍ୱ। ସେହି ନାଟକୀୟ ଦ୍ୱନ୍ଦ ଦର୍ଶକଙ୍କ ମଧ୍ୟରେ କୌତୁହଳ ଜାଗ୍ରତ କରିଥିଲା। ବିଲେଇଙ୍କ ପିଠା କଳି କଥା ଏକ ଜଣାଶୁଣା ଲୋକ କଥା। ଏକ ସତ୍ୟ କଥା ଉପରେ ଆଧାରିତ ଏହି ବିଷୟରେ ଗଛକୁ ନେଇ କେତେ ପ୍ରକାର ରସ ଜଡିତ ତାହା ଦର୍ଶକଙ୍କ ମନୋରଞ୍ଜନର ଖୋରାକ ପାଲଟିଥିଲା। ଏହି କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ ନାଟ୍ୟ ସଂଘର ସଭାପତି ମନୋଜ ପଟ୍ଟନାୟକ ଏବଂ ମଞ୍ଚ ପରିଚାଳନା କରିଥିଲେ ସୁଶୀଲ କୁମାର ପଟ୍ଟନାୟକ।

# ଫୁଟ୍‌ପାଥ ପିଲାଙ୍କ କାନ୍ଧରେ ପଡ଼ିବ ବସ୍ତାନି

ଭୁବନେଶ୍ୱର, ୩।୬(ସମିସ)

ଅଧାରୁ ପାଠ ଛାଡ଼ିଥିବା ପିଲା, ଜରି ଗୋଟାଳି, ଫୁଟ୍‌ପାଥରେ ଜୀବନ ବିତାଉଥିବା ପରିବାରର ପିଲାମାନଙ୍କୁ ପାଠପଢ଼ାଇବାର ଉଦ୍ୟମ କରିଛନ୍ତି ସମାଜସେବୀ। ଏଣିକି ଆଉ ଜରି, ପ୍ଲାଷ୍ଟିକ୍ ବୋତଲର ବୋଝ ନୁହେଁ, ବରଂ କାନ୍ଧରେ ବହି ବସ୍ତାନିର ବୋଝ ପଡ଼ିବ। ଦାରିଦ୍ର୍ୟର ତାଡ଼ନା ହେଉ ଅବା ଅଭାବ ଅନଟନ ଭିତରେ ପାଠପଢ଼ାରେ ଡୋରି ବାନ୍ଧିଥିବା ରାଜଧାନୀର ବିଭିନ୍ନ ବସ୍ତିର ପିଲାମାନେ ଏଣିକି ବିଦ୍ୟାଳୟରେ ବସି ପାଠ ପଢ଼ିବେ। ଅର୍ଥାଭାବରୁ ବିଦ୍ୟାଳୟଠାରୁ ମୁହଁ ଫେରାଇ ନେଇଥିବା ଏହି ପିଲାମାନଙ୍କ ପାଠପଢ଼ା ସ୍ୱପ୍ନକୁ ସାକାର ପାଇଁ ରାଜଧାନୀର ସମାଜସେବୀ ଗଗନ ବିହାରୀ ପାଇଟାଳ ଏବଂ ବବିତା ସ୍ୱାଇଁ ଏଭଳି ଉଦ୍ୟମ କରିଛନ୍ତି। ଦୁହେଁ ମିଳିତ ଭାବେ ଡ୍ରପଆଉଟ୍ ପିଲାଙ୍କୁ ଚିହ୍ନଟ କରି ପୁନର୍ବାର ସେମାନଙ୍କ ନାମ ଲେଖାଇବା ସହ ସେମାନଙ୍କୁ ପାଠ୍ୟ ଉପକରଣ ଯୋଗାଇ ଦେଇଛନ୍ତି। ସକାଳ ହେଲେ ବିଭିନ୍ନ ବସ୍ତିରେ ଲୋକଙ୍କ ଭଲମନ୍ଦ କଥା ବୁଝନ୍ତି ଗଗନ। ବବିତା ମଧ୍ୟ ନିଜ ଅଞ୍ଚଳରେ ବସ୍ତିରେ ରହୁଥିବା ପିଲାଙ୍କୁ ସର୍ବଦା ନଜର ରଖନ୍ତି। ସମସ୍ତଙ୍କ କଥା ବୁଝିବା ବେଳେ ସେ ଦେଶର ଭବିଷ୍ୟତ ଉପରେ ଅଧିକ ଗୁରୁତ୍ୱ ଦେଉଥିବା କହିଛନ୍ତି। ବସ୍ତିର ଅନେକ ପିଲା ଅର୍ଥ ଅଭାବରୁ ବହି ଖାତା ଠାରୁ ଦୂରରେ ରହିଛନ୍ତି। କିଏ ଡମ୍ପିୟାର୍ଡ ଭିତରୁ ଆସନ୍ତା କାଲି ପାଇଁ ରୋଜଗାରର ବାଟ ଖୋଜୁଥାଏ ତ ଆଉ କେହି ତାର ପାଠ ପଢ଼ିବାର ଇଚ୍ଛାକୁ ପୂରଣ କରିବା ପାଇଁ ସହଯୋଗର ହାତକୁ ଅପେକ୍ଷା କରିଥାଏ। ଏହି ପରିସ୍ଥିତିରେ ଗଗନ ଏବଂ ବବିତା ଏକାଠି ରାଜଧାନୀର ଇଶାନେଶ୍ୱର ବସ୍ତି, ପାଣିଟାଙ୍କି ବସ୍ତି, ପୁରସ୍ତମ ବସ୍ତିର କିଛି ଡ୍ରପଆଉଟ୍ ପିଲାଙ୍କୁ ପୁଣିଥରେ ବିଦ୍ୟାଳୟମୁହାଁ କରାଇବାରେ ସଫଳ ହୋଇଛନ୍ତି। ପାଣିଟାଙ୍କି ବସ୍ତିର ୩ଜଣ, ପୁରସ୍ତମ ବସ୍ତିର ଜଣେ ଏବଂ ଇଶାନେଶ୍ୱର ବସ୍ତିର ଜଣେ ଛାତ୍ରୀଙ୍କୁ ମିଶାଇ ୫ଜଣ ଛାତ୍ରୀଙ୍କ ନାମ ଲେଖାଇଥିବା ସେମାନେ କହିଛନ୍ତି। ତେବେ ପୂର୍ବରୁ ମଧ୍ୟ ବିଭିନ୍ନ ବସ୍ତିର ଅନେକ ଛୋଟ ପିଲାଙ୍କୁ ମୁଖ୍ୟସ୍ରୋତରେ ସାମିଲ କରିବାକୁ ସେମାନଙ୍କ ପାଠପଢ଼ା ପାଇଁ ଖୋର୍ଦ୍ଧା ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ସହ ଆଲୋଚନା କରି ସେମାନଙ୍କ ହାତରେ କଲମ ଧରାଇଛନ୍ତି। ଶୈଶବରୁ ଅନ୍ଧକାର ଆଡ଼କୁ ଗତି କରୁଥିବା ଅନେକ ପିଲାଙ୍କ ଭବିଷ୍ୟତ ଆଲୋକିତ କରିବାକୁ ଦୁଇ ସମାଜସେବୀଙ୍କ ଏଭଳି ପ୍ରୟାସକୁ ସ୍ଥାନୀୟ ବାସିନ୍ଦା ପ୍ରଶଂସା କରିଛନ୍ତି।



## କ୍ରେଡିଟ୍ କାର୍ଡରୁ ୫୦ ହଜାର ଲୁଟିନେଲେ

କଟକ,୩।୬(ସମିସ): ସହରରେ ସାଇବର ଅପରାଧ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ଯେତେ ସଚେତନତା କରାଗଲେ ମଧ୍ୟ ସାଧାରଣ ଲୋକଙ୍କ ଅବହେଳା ଯୋଗୁଁ ସାଇବର ଲୁଟେରାମାନେ ଟଙ୍କା ଠକିନେବାରେ ସଫଳ ହେଉଛନ୍ତି। ଆଜି ଦରଘାବଜାର ଥାନା ଅନ୍ତର୍ଗତ ତିନିକୋଣିଆବଗିଚା ଅଞ୍ଚଳର ମହମ୍ମଦ ମୋସିମ୍‌ଙ୍କ ବ୍ୟାଙ୍କ୍ ଆକାଉଣ୍ଟରୁ ୫୦ହଜାର ଟଙ୍କା ଠକି ନେଇଛନ୍ତି ସାଇବର ଲୁଟେରା। ଏ ସମ୍ପର୍କରେ ଅଭିଯୋଗକାରୀ ମୋସିମ୍ ସାଇବର ଥାନାରେ ଏତଲା ଦେଇଥିଲେ। ଏତଲାକ୍ରମେ ପୁଲିସ ପ୍ରଥମେ ତାଙ୍କ କ୍ରେଡିଟ୍ କାର୍ଡକୁ ବ୍ଲକ୍ କରିବା ସହିତ ସମ୍ପୃକ୍ତ ଆକାଉଣ୍ଟକୁ ଅଚଳ କରି ଦେଇଛି। ମୋସିମଙ୍କ କ୍ରେଡିଟ୍ କାର୍ଡକୁ ବ୍ୟବହାର କରି ସାଇବର ଅପରାଧିମାନେ ଲୁଟ୍ ଟଙ୍କାରେ ସପିଂ କରିଥିବା ପୁଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି। ତେବେ କ୍ରେଡିଟ୍ କାର୍ଡକୁ ବ୍ୟବହାର କରି ସପିଂ ମାଧ୍ୟମରେ ଠକେଇ କରିଥିବା ଘଟଣା କ୍ରମଶଃ ବଢୁଥିବା ବେଳେ କଟକ ସାଇବର ଥାନା ପକ୍ଷରୁ ଏ ସମ୍ପର୍କରେ ପ୍ରତ୍ୟେକ ମାସରେ ସଚେତନତା ବାର୍ତ୍ତା ଜାରି କରାଯାଉଛି। ହେଲେ ଠକେଇର ଶିକାର ହେଉଥିବା ଲୋକମାନେ ପୁଲିସର ସଚେତନତାକୁ ଶୁଣୁ ନ ଥିବା ପୁଲିସ କହିଛି। ଅଭିଯୋଗକାରୀ ମୋସିମ୍‌ଙ୍କୁ ଅଙ୍କିତ୍ ଶର୍ମା ନାମକ ଜଣେ ବ୍ୟକ୍ତି ଠକିଥିବା ପୁଲିସ ଜାଣିବାକୁ ପାଇଛି। ତାକୁ ଏବଂ ତାର ସହଯୋଗୀଙ୍କୁ ଗିରଫ କରିବା ପାଇଁ ସାଇବର ଥାନା ପୁଲିସ ତଦନ୍ତ ଜାରି ରଖିଥିବା କହିଛି।

# ଗାଡ଼ି ଧୋଇବାରେ ନଷ୍ଟହେଉଛି ଭୂତଳ ଜଳ

ଭୁବନେଶ୍ୱର, ୩।୬(ସମିସ)



କଥାରେ ଅଛି 'ଜଳ ବହୁଳେ ସୃଷ୍ଟି ନାଶ, ଜଳ ବିହୁନେ ସୃଷ୍ଟି ନାଶ'। ଆଉ ଏହି ଜଳକୁ ଆମେ ଅପଚୟ କରିଚାଲିଛେ। ଟିକେବି ମନକୁ ଆସୁନି ଯଦି ଜଳ ସରିଯିବ ତେବେ କିଏ ଦାୟୀ ରହିବ। ଏହି ଜଳ ଟୋପାଏ ଏବେ ଦିଲ୍ଲୀ ଭଳି ବଡ଼ ବଡ ସହରରେ ମିଳିବା କଷ୍ଟକର। ସେହିଭଳି ପରିସ୍ଥିତି ଆଉ କିଛିଦିନ ଗଲେ ଭୁବନେଶ୍ୱରବାସୀ ଭୋଗିପାରନ୍ତି। ଭୁବନେଶ୍ୱରରେ ଖୋଲୁଛି ଛତୁ ଫୁଟିଲା ଭଳ ଗାଡି ଗ୍ୟାରେଜ୍। ଯିଏ ଯେଉଁଠି ପାଇଲା ସେଠାରେ ଗ୍ୟାରେଜ୍ ଖୋଲିଦେଲେ। ଗ୍ୟାରେଜ ସାଙ୍ଗକୁ ହାଉଜାଉ ଖୋଲୁଛି ଗାଡ଼ି ସର୍ଭିସିଂ ସେଣ୍ଟର। ଭୁବନେଶ୍ୱରରେ ୫୦୦ରୁ ଊର୍ଦ୍ଧ୍ୱ ଏଭଳି ଦୋକାନ ରହିଛି। ଲୋକମାନଙ୍କ ଘରେ ୨ରୁ ୩ଟି ଗାଡ଼ି ରହୁଛି। ନିଜେ ଯେଉଁଭଳି ଭାବରେ ସଫାସୂତରା ରହୁଛନ୍ତି ଠିକ୍ ସେହିପରି ଗାଡ଼ିକୁ ମଧ୍ୟ ସଫାକରିବା ପାଇଁ ସର୍ଭିସିଂ ସେଣ୍ଟରକୁ ନେଇଯାଉଛନ୍ତି। ସାମ୍ପୋ, ସାବୁନ ଫେଣରେ ଗାଡ଼ିକୁ ସଫା କରାଯାଉଛି। ଆଉ ସେଥିରେ ନଷ୍ଟ ହେଉଛି ଭୂତଳ ଜଳ। ମିଲନ ସାହୁ ନାମକ ଜଣେ ଗ୍ୟାରେଜ୍ ମାଲିକ କୁହନ୍ତି ସର୍ଭିସିଂ ସେଣ୍ଟରକୁ ଗୋଟିଏ ଦିନରେ ୧୦ରୁ ୧୨ଟି କିମ୍ବା ଅଧିକ ଗାଡ଼ି ଧୋଇବା ପାଇଁ ଲୋକେ ଆଣିଥାନ୍ତି। ଆଉ ବାଇକ୍, ସ୍କୁଟିରେ ୨୫ରୁ ୩୦ ଲିଟର ପାଣି ଲାଗୁଥିବାବେଳେ କାର୍‌ରେ ୬୦ ରୁ ୭୦ ଲିଟର ପାଣି ଲାଗିଥାଏ। ସ୍କୁଟି, ବାଇକ୍‌କୁ ଧୋଇଲେ ୭୦ଟଙ୍କାରୁ ୧୦୦ ଟଙ୍କା ଓ ଚାରିଚକିଆ ଗାଡ଼ି ୨୦୦ ୩୦୦ ଟଙ୍କା ଧୋଇବା ପାଇଁ ଲାଗିଥାଏ। ସେ ଆହୁରି ମଧ୍ୟ କୁହନ୍ତି ଯଦି ଗାଡ଼ି ଅଧିକ ଅପରିଷ୍କାର ହୋଇଥାଏ ତ ଅଧିକ ପାଣି ଓ ଅଧିକ ଅର୍ଥ ଲାଗିଥାଏ। ଏ ନେଇ ଗାଡ଼ି ଧୋଇବା ପାଇଁ ଆସିଥିବା ରାମେଶ୍ୱର ମହାନ୍ତି କୁହନ୍ତି ଗାଡ଼ିକୁ ଗୋଟିଏ ସପ୍ତାହରେ ଦୁଇରୁ ତିନିଥର ନଧୋଇଲେ ଚଳାଇବାକୁ ଭଲ ଲାଗୁନି। ଯେଉଁଭଳି ଭାବରେ ଧୂଳି ଲାଗି ଗାଡ଼ି ଅପରିଷ୍କାର ହେଉଛି, ଆଉ କିଛିବି ଉପାୟ ନପାଇ ଗାଡ଼ିକୁ ଧୋଇବାକୁ ବାଧ ହେଉଛୁ। ପରିବେଶବିତ୍ ତଥା ଓଡ଼ିଶା ପରିବେଶ ସମିତିର ସମ୍ପାଦକ ଜୟକୃଷ୍ଣ ପାଣିଗ୍ରାହୀ କୁହନ୍ତି ସବୁ ଜାଗାରେ ଜଳ ମିଟର ଲାଗିବା ଦରକାର। ଭୂତଳ ଜଳକୁ ଯେଉଁଭଳି ଭାବରେ ସମସ୍ତେ ନଷ୍ଟ କରୁଛନ୍ତି ସେମାନେ ସରକାରଙ୍କ ଅନୁମତି ଆଣିବା ଦରକାର। ସରକାର ଏହି ଭୂତଳ ଜଳ ଉପରେ କଟକଣା ଜାରି କଲେ କେହି ମନଇଚ୍ଛା ବ୍ୟବହାର କରିପାରିବେ ନାହିଁ। ବର୍ଷାଜଳକୁ ସଂରକ୍ଷଣ କରିବା ଓ ସବୁଜିମା ଉପରେ ଧ୍ୟାନ ଦେଲେ କିଛି ମାତ୍ରାରେ ଜଳ ସଞ୍ଚୟ କରିହେବ। ନହେଲେ ବେଙ୍ଗାଲୁରୁ, ଦିଲ୍ଲୀ ଭଳି ସହର ଅବସ୍ଥା ଆମକୁ ଭୋଗିବାକୁ ପଡ଼ିବ।





■ ମୋବାଇଲ୍ ପାଇଁ ଜୀବନ ଗଲା

## ନବମ ଶ୍ରେଣୀ ଛାତ୍ରଙ୍କ ଆତ୍ମହତ୍ୟା

ଭୁବନେଶ୍ୱର, ୩।୬(ସମିସ): ପାଠ ନ ପଢ଼ି ମୋବାଇଲ୍‌ରେ ଖେଳାଉଥିଲା ନବମରେ ପଢୁଥିବା ପୁଅ। ବାପା ବାରଣ କରିବାରୁ ପୁଅ ଆତ୍ମହତ୍ୟା କରିଦେଲା। ଏଭଳି ଘଟଣା ପାହାଳ ଥାନା ରୁଦ୍ରପୁରରେ ଦେଖିବାକୁ ମିଳିଛି। ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ପରିବାର ଲୋକଙ୍କ ଉପସ୍ଥିତିରେ ମୃତଦେହ ଜବତ କରିଥିଲା। ପୁଲିସ ମୃତଦେହକୁ କ୍ୟାପିଟାଲ ହସ୍ପିଟାଲରେ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏନେଇ ପୁଲିସ ଏକ ଅପମୃତ୍ୟୁ ମାମଲା କରି ତଦନ୍ତ କରୁଛି।

## ବିଦ୍ୟୁତ୍ ଆଘାତରେ ଗଲା ଜୀବନ

ଭୁବନେଶ୍ୱର, ୩।୬ (ସମିସ): ସୋମବାର ବିଦ୍ୟୁତ ଆଘାତରେ ଭୋଇ ନଗର ଅଞ୍ଚଳର ଜଣେ ବ୍ୟକ୍ତି ପ୍ରାଣ ହରାଇଛନ୍ତି। ମୃତକ ହେଲେ ଗଞ୍ଜାମର ବିଶ୍ୱନାଥ ବେହେରା (୫୫)। ଖବର ନେବାରୁ ଜଣାପଡ଼ିଛି, ବର୍ଷା ପବନ ଯୋଗୁଁ ରବିବାର ରାତିରେ ବିଶ୍ୱନାଥଙ୍କ ଘରେ ବିଦ୍ୟୁତ୍‌ଜନିତ ସମସ୍ୟା ଦେଖା ଦେଇଥିଲା। ସୋମବାର ସକାଳୁ ବିଶ୍ୱନାଥ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଗୁରୁତର ହୋଇ ପଡ଼ିଥିଲେ। ପରିବାର ଲୋକେ ତାଙ୍କୁ ଚିକିତ୍ସା ପାଇଁ କ୍ୟାପିଟାଲ୍ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ସହିଦନଗର ଥାନା ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁକରି ମୃତଦେହ ବ୍ୟବଚ୍ଛେଦ କରିବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

## ଯୁବକଙ୍କୁ ଆକ୍ରମଣକରି ଗିରଫ



ଭୁବନେଶ୍ୱର, ୩।୬ (ସମିସ): ଯୁବକଙ୍କୁ ଆକ୍ରମଣ କରିଥିବା ଅଭିଯୋଗରେ ଜଣଙ୍କୁ ଗିରଫ କରିଛି ଖାରବେଳ ନଗର ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ଶାସ୍ତ୍ରୀ ନଗରର ସନ୍ତୋଷ ପାତ୍ର (୨୪)। ପୁଲିସ ସୂଚନା ଅନୁଯାୟୀ, ଶନିବାର ସନ୍ତୋଷର ମୋବାଇଲ୍ ଫୋନ ଚୋରି ହୋଇ ଯାଇଥିଲା। ଶାସ୍ତ୍ରୀ ନଗର ଅନ୍ତର୍ଗତ ଅର୍ଦ୍ଧନାଗେଶ୍ୱର ମନ୍ଦିର ନିକଟରେ ରହୁଥିବା ନିଜ ସାଗର ନାୟକ ତାର ମୋବାଇଲ ଚୋରି କରିଥିବା ଭାବି ସନ୍ତୋଷ ତାଙ୍କ ଘର ଆଗରେ ଅଭଦ୍ର ଭାଷାରେ ଗାଳିଗୁଲଜ କରୁଥିଲା। ସେହି ସମୟରେ ସାଗର ଶୋଇଥିବା ହେତୁ ତାଙ୍କ ମାଆ ବାହାରକୁ ଆସି ଏହାକୁ ବିରୋଧ କରିଥିଲେ। ଫଳରେ ସନ୍ତୋଷ ତାଙ୍କୁ ମଧ୍ୟ ଅସଭ୍ୟ ଭାଷାରେ ଗାଳିଗୁଲଜ କରିଥିଲା। ପରେ ସାଗର ନିଦରୁ ଉଠି ବାହାରକୁ ଆସିବାରୁ ସନ୍ତୋଷ ଅଧିକ ରାଗିଯାଇ ତାଙ୍କୁ ଆକ୍ରମଣ କରିଥିଲା। ଏହି ଆକ୍ରମଣରେ ତାଙ୍କ ତଳିପେଟ ଓ ହାତ ଆଙ୍ଗୁଳିରେ ଗଭୀର କ୍ଷତ ହୋଇଥିଲା। ଏନେଇ ସେ ଖାରବେଳ ନଗର ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରିଥିଲା। ସୋମବାର ସନ୍ତୋଷକୁ ଗିରଫ କରି କୋର୍ଟ ଚାଲାଣ କରିଛି ପୁଲିସ।

## ନନ୍ଦନକାନନରେ ସ୍ଥାନୀୟ ଯୁବକଙ୍କ ହଙ୍ଗାମା

ନନ୍ଦନକାନନ, ୩।୬(ସମିସ): ନନ୍ଦନକାନନ ବନ୍ଦ ରହିଥିବା ବେଳେ ସୋମବାର ରଘୁନାଥପୁର ଗ୍ରାମର ମାନସରଞ୍ଜନ ସାହୁ(ବାପୁନି) ନାମକ ଯୁବକନନ୍ଦନକାନନ ଭିତରକୁ ଜୋର୍‌ଜବରଦସ୍ତ ବୁଲେଟ ଗାଡ଼ିରେ ପଶିଥିଲେ। ଏହା ଦେଖି ନନ୍ଦନକାନନ ସୁରକ୍ଷା କର୍ମୀ ବାରଣ କରିବାରୁ ସୁରକ୍ଷା କର୍ମୀଙ୍କୁ ଗାଳିଗୁଲଜ କରିଥିଲେ ମାନସ। ଏ ନେଇ ସୁରକ୍ଷା କର୍ମୀ ଜଣକ ନନ୍ଦନକାନନ ଥାନାରେ ଅଭିଯୋଗ କରିଥିଲେ। ନନ୍ଦନକାନନ ପୁଲିସ ଯୁବକଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରିବା ସହ ସର୍ତ୍ତ ଭିତ୍ତିରେ ଛାଡ଼ିଥିବା ପୁଲିସ ସୂଚନା ଦେଇଛି। ପୁଲିସ କହିବାନୁଯାୟୀ ମାନସ ଜବରଦସ୍ତ ବାଘ ରହୁଥିବା ଏନକ୍ଲୋଜର୍ ପାଖରେ ଗାଡ଼ିରଖି ବାଘ ଦେଖୁଥିବାବେଳେ ସେଠାରେ ନିୟୋଜିତ ଥିବା ଅସ୍ଥାୟୀ କର୍ମଚାରୀ ମଳୟ ରଞ୍ଜନ ନାୟକଙ୍କ ନଜରକୁ ଆସିଥିଲା। ମଳୟ ଆସି ବାପୁନିକୁ ଫେରିଯିବାକୁ କହିବାରୁ ବାପୁନି ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲା। ପାଟିତୁଣ୍ଡ ଶୁଣି ଦୂରରେ ଥିବା ଅବସରପ୍ରାପ୍ତ ସେନା କର୍ମଚାରୀ ଓ ଅନ୍ୟ କିଛି କର୍ମଚାରୀ ଆସିବାରୁ ବାପୁନି ପଳାଇଯାଇଥିଲା। ସିକୁରିଟି ଅଧିକାରୀ ଏବିଷୟରେ ଜାଣିବାପରେ ନନ୍ଦନକାନନ ଥାନାକୁ ଜଣାଇଥିଲେ।

# ନିର୍ବାଚନ ଫଳ ଘୋଷଣା ପୂର୍ବରୁ ଫୁଲ ବରାଦ

ଭୁବନେଶ୍ୱର, ୩।୬(ସମିସ)



ନିର୍ବାଚନ ଫଳାଫଳ ଘୋଷଣା ପାଇଁ ମଙ୍ଗଳବାରଠାରୁ ଆଗୁଆ ବରାଦ ହୋଇଛି ଫୁଲ। ବିଭିନ୍ନ ଦଳ ପକ୍ଷରୁ ଫୁଲ କିଣିବାକୁ ବରାଦ ହୋଇସାରିଛି। ଗାଡ଼ି ସଜ୍ଜା ଠାରୁ ଆରମ୍ଭ କରି ସ୍ୱତନ୍ତ୍ର ଫୁଲ ମାଳ, ଆଖିଦୃଶିଆ ଫୁଲ ତୋଡ଼ା ତିଆରି ପାଇଁ ମଧ୍ୟ ପୂର୍ବରୁ ଯୋଜନା ହୋଇସାରିଛି। ତେଣୁ ଆସନ୍ତାକାଲି ଭୋଟ ଗଣତି ଆରମ୍ଭ ହେବା ମାତ୍ରେ ଫୁଲ ବିକ୍ରି ଆରମ୍ଭ ହୋଇ ଅପରାହ୍ଣ ସୁଦ୍ଧା ସମସ୍ତ ଦୋକାନ ପ୍ରାୟ ଖାଲି ହୋଇଯିବ ବୋଲି ବ୍ୟବସାୟୀମାନେ କହିଛନ୍ତି।

ଚଳିତବର୍ଷ ନିର୍ବାଚନ ପ୍ରଚାର ଆରମ୍ଭରୁ ରାଜ୍ୟସାରା ଫୁଲର ଚାହିଦା ବଢ଼ିଥିବା ବେଳେ ରାଜଧାନୀରେ ମଧ୍ୟ ଏହାର ଝଲକ୍ ଦେଖିବାକୁ ମିଳିଥିଲା। ନିର୍ବାଚନୀ ପ୍ରଚାରରେ ପ୍ରାର୍ଥୀଙ୍କ ଠାରୁ ଆରମ୍ଭ କରି ପ୍ରଚାର ଗାଡ଼ି, ପ୍ରଚାରରେ ଅଂଶଗ୍ରହଣ କରିଥିବା ବ୍ୟକ୍ତିଙ୍କ ବେକରେ ମଧ୍ୟ ଭଳି କି ଭଳି ଫୁଲ ହାର ଦେଖିବାକୁ ମିଳିଥିଲା। ସେହିପରି ବିଭିନ୍ନ ସ୍ଥାନରେ ଅନୁଷ୍ଠିତ ହେଉଥିବା ନିର୍ବାଚନୀ ସଭା ସମିତିରେ ମଧ୍ୟ ପ୍ରଚୁର ପରିମାଣରେ ଫୁଲ ବ୍ୟବହାର କରାଯାଉଥିଲା। ଏଥିପାଇଁ ବେଶ୍ କିଛି ଦିନ ହେବ ଚଳଚଞ୍ଚଳ ହୋଇଛି ଫୁଲ ବଜାର।

**ବିଜେତାଙ୍କୁ ଶୁଭେଚ୍ଛା ଜଣାଇବାକୁ ପ୍ରତିଯୋଗିତା**

ଚନ୍ଦ୍ରଶେଖରପୁରସ୍ଥିତ ଏକ ଫୁଲ ଦୋକାନାରେ ଭଳି କି ଭଳି ଫୁଲ ତୋଡ଼ା ରହିଥିବାବେଳେ ଗ୍ରାହକଙ୍କୁ କିନ୍ତୁ ତାହା ଦିଆଯାଇ ନଥିଲା। କାରଣ ତାହା ଆସନ୍ତା କାଲି ପାଇଁ ସ୍ୱତନ୍ତ୍ର ଭାବେ ତିଆରି କରାଯାଇଥିବା ବ୍ୟବସାୟୀ କହିଛନ୍ତି। ଯଦିଓ ଏଥିପାଇଁ କେତେକ ପାର୍ଟି ପକ୍ଷରୁ ଆଡ୍‌ଭାନ୍ସ ଦିଆଯାଇଛି, କିନ୍ତୁ ଆଉ କେତେକ ପାର୍ଟି ପକ୍ଷରୁ ପ୍ରଚୁର ପରିମାଣରେ ଫୁଲ ଗଚ୍ଛିତ ରଖିବାକୁ ବରାଦ ଦିଆଯାଇଛି। ରାଜଧାନୀରେ ପ୍ରାୟ ୫ଶହରୁ ଊର୍ଦ୍ଧ୍ୱ ଫୁଲଦୋକାନ ରହିଛି। ଏହା ବ୍ୟତୀତ ରାସ୍ତାରେ ପସରା ମେଲିଥିବା ଛୋଟ ଫୁଲଦୋକାନୀ ରହିଛନ୍ତି। ସାଧାରଣତଃ ଖରାଦିନେ ବିଭିନ୍ନ ଫୁଲର ଆମଦାନୀ କମୁଥିବାରୁ ଦର ବୃଦ୍ଧି ପାଇଥାଏ। ଫଳରେ ବ୍ୟବସାୟୀମାନେ ଭଲ ଦି ପଇସା ଲାଭ କରିପାରନ୍ତିନି। କିନ୍ତୁ ଚଳିତବର୍ଷ ନିର୍ବାଚନୀ ଋତୁରେ ଭଲ ଲାଭ କରିଛନ୍ତି ବ୍ୟବସାୟୀ। କର୍ମୀମାନେ ନେତାଙ୍କୁ ଭେଟିବାକୁ ଯାଉଥିବାବେଳେ ହାତରେ ଫୁଲ ତୋଡ଼ାଟିଏ ନେବା ଯଦିଓ ଏକ ସାଧାରଣ କଥା କିନ୍ତୁ ବର୍ତ୍ତମାନ ନିର୍ବାଚନ ସମୟରେ ଦାମୀ ଫୁଲକୁ ଗୁରୁତ୍ୱ ଦେଉଛନ୍ତି ସମସ୍ତେ। ମଙ୍ଗଳବାର ଫଳାଫଳ ଘୋଷଣା ହେବା ପରେ ଫୁଲ ମାଳ ସାଙ୍ଗକୁ ଫୁଲତୋଡ଼ା ଖାଲି ହୋଇଯିବ ବୋଲି ବ୍ୟବସାୟୀମାନେ କହିଛନ୍ତି। ଗାଡ଼ି ସଜାଇବା ପାଇଁ ୩୦ରୁ ୪୦ ହଜାର ଟଙ୍କା ଲାଗୁଥିବାବେଳେ ବେକରେ ମାଳ ଛୁଆଁଇବା ପାଇଁ ମଧ୍ୟ ମୋଟା ଅଙ୍କର ଟଙ୍କା ଦେବାକୁ ପଛଘୁଞ୍ଚା ଦେଉ ନାହାନ୍ତି ରାଜନେତା। ତେବେ ନିର୍ବାଚନ ଫଳ ବାହାରିବା ଦିନ ପ୍ରଚୁର ପରିମାଣରେ ଫୁଲ ବିକ୍ରି ହେବ ବୋଲି ଏଜି ଛକସ୍ଥିତ ଫୁଲ ବ୍ୟବସାୟୀ ତପନ ସ୍ୱାଇଁ କହିଛନ୍ତି। ଏଥିପାଇଁ ବିଭିନ୍ନ ରଙ୍ଗର ଗୋଲାପ, ଲିଲି, ଅର୍କିଡ୍, ଡେଜି, ଜରବେରୀ, ଗେଣ୍ଡୁ ଆଦି ଫୁଲ ରହିଛି। ତେବେ ନିର୍ବାଚନ ପାଇଁ କର୍ମୀମାନେ ଧଳାଫୁଲର ତୋଡ଼ା ଏବଂ କେବଳ ଗୋଲାପ ତୋଡ଼ାକୁ ଅଧିକ ଗୁରୁତ୍ୱ ଦେଉଥିବା ସେ କହିଛନ୍ତି। ଫୁଲ ତୋଡ଼ାର ଦାମ୍ ବରାଦ ମୁତାବକ ରହିଥିବା ସେ କହିଛନ୍ତି।

## 'ବିଶ୍ୱ ବାଇସାଇକଲ୍ ଦିବସ'ରେ ସଚେତନତା ଶୋଭାଯାତ୍ରା




ଭୁବନେଶ୍ୱର, ୩।୬(ସମିସ)

ଯୁଥ୍ ଫର୍ ଭଲ୍ୟୁଣ୍ଟାରୀ ୱାର୍କ ଓ ସୁଇଚ୍ ଅନ୍ ଫାଉଣ୍ଡେସନ ପକ୍ଷରୁ 'ବିଶ୍ୱ ବାଇସାଇକଲ୍ ଦିବସ' ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଏକ ସାଇକଲ୍ ଶୋଭାଯାତ୍ରା ଶିଶୁଭବନ ଛକଠାରୁ ମାଷ୍ଟରକ୍ୟାଣ୍ଟିନ୍ ଛକ ପର୍ଯ୍ୟନ୍ତ ଯାଇଥିଲା। ଶୋଭାଯାତ୍ରା ସହ ପରିବେଶ ସୁରକ୍ଷା ଉଦ୍ଦେଶ୍ୟରେ 'ୱେଷ୍ଟ ପିକ୍‌ଅପ ଡ୍ରାଇଭ୍' ଅଭିଯାନରେ ରାସ୍ତାକଡ଼ରେ ପଡ଼ିଥିବା ଅଳିଆ, ଆବର୍ଜନା ସଫା କରିବା ସହ ପରିବେଶ ପ୍ରଦୂଷଣ ସମ୍ବନ୍ଧରେ ବାର୍ତ୍ତା ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ସମାଜସେବୀ ତଥା ଯୁଥ୍ ଫର ଭଲ୍ୟୁଣ୍ଟାରୀ ୱାର୍କର ଅଧ୍ୟକ୍ଷ ମୀର ଅହମ୍ମଦ ଅଲ୍ଲୀ, ଦେବରାୟ କଲେଜ ଏନ୍‌ଏସ୍‌ଏସ୍ ପ୍ରୋଗ୍ରାମ ଅଫିସ୍‌ର ପୂର୍ଣ୍ଣଚନ୍ଦ୍ର ସାହୁ, ସୁଇଚ୍ ଅନ୍ ଫାଉଣ୍ଡେସନ ପକ୍ଷରୁ ମୋନାଲିସା ବେହେରା ଓ ଛାତ୍ରନେତା ତାପସ ଦେ, ମନୋଜ ସାହୁ ପ୍ରମୁଖ ଯୋଗଦେଇ ସାଇକଲ୍ ଚଳାଇବା ଦ୍ୱାରା ମଣିଷର ସ୍ୱାସ୍ଥ୍ୟ ଭଲ ରହିବା ସହ ପରିବେଶ ପ୍ରଦୂଷଣରୁ ମୁକ୍ତ ପାଇହେବ ବୋଲି ମତବ୍ୟକ୍ତ କରିଥିଲେ।

## 'ଅବନୀ ବରାଳ ସମ୍ମାନ' ପ୍ରଦାନ ଉତ୍ସବ ୨୬ରେ

ଭୁବନେଶ୍ୱର, ୩।୬(ସମିସ): ଓଡ଼ିଶା ଶିକ୍ଷକ ଆନ୍ଦୋଳନର ନେତା, ସାହିତ୍ୟିକ, ଶିକ୍ଷାବିତ୍ ତଥା ସାମ୍ୟବାଦୀ ନେତା ସ୍ୱର୍ଗତ ଅବନୀ ବରାଳଙ୍କ ୯୦ତମ ଜୟନ୍ତୀ ଓ ସମ୍ମାନ ପ୍ରଦାନ ଉତ୍ସବ ଆସନ୍ତା ୨୬ ତାରିଖ ସନ୍ଧ୍ୟାରେ ଜୟଦେବ ଭବନଠାରେ ଅନୁଷ୍ଠିତ ହେବାକୁ ଯାଉଛି। ଏଥିରେ ଶିକ୍ଷା, ସାହିତ୍ୟ ଓ ସଂସ୍କୃତି କ୍ଷେତ୍ରକୁ ଉଲ୍ଲେଖନୀୟ ଅବଦାନ ପାଇଁ ୪ଜଣ ପ୍ରତିଭାଙ୍କୁ ସମ୍ମାନଜନକ 'ଅବନୀ ବରାଳ ସମ୍ମାନ' ପ୍ରଦାନ କରାଯିବ। ସମ୍ମାନିତ ହେଉଥିବା ବ୍ୟକ୍ତିମାନେ ହେଲେ ସାହିତ୍ୟିକ ତଥା ସ୍ତମ୍ଭକାର ଓ ନାଟ୍ୟକାର ବିଜୟ ଦାସ, ପୁରୁଖା କର୍ମଚାରୀ ନେତା ଆକୁଳ ଚନ୍ଦ୍ର ନାଥ, ଆଦର୍ଶ ଶିକ୍ଷକ ଯତୀନ୍ଦ୍ର କୁମାର ଜେନା ଓ ଅଧ୍ୟାପକ ଶ୍ୱେତ ବସନ୍ତ ରଥ। ଜୁନ୍ ୨୬ ତାରିଖ ସନ୍ଧ୍ୟାରେ ବହୁ ବିଶିଷ୍ଟ ବ୍ୟକ୍ତି, ଶିକ୍ଷକ, କର୍ମଚାରୀ ଓ ଛାତ୍ର, ଯୁବ ସଂଗଠନର ସଦସ୍ୟମାନେ ଉପସ୍ଥିତ ରହିବେ ବୋଲି ଅବନୀ ବରାଳ ଫାଉଣ୍ଡେସନ ପକ୍ଷରୁ ସୂଚନା ଦିଆଯାଇଛି।

## ରଙ୍ଗ୍ ଡ୍ରାଇଭିଂ ଧରିବାକୁ ସ୍ପେଶାଲ ଡ୍ରାଇଭ୍

ଭୁବନେଶ୍ୱର, ୩।୬(ସମିସ): ମଦ ପିଇ ଗାଡ଼ି ଚାଳନା କରୁଥିବା ଚାଳକଙ୍କୁ ଧରିବାକୁ କଡ଼ା ପଦକ୍ଷେପ ନେଉଛି ପୁଲିସ। ଏଥିସହ ରଙ୍ଗ୍ ଡ୍ରାଇଭିଂ ଗାଡ଼ି ଚାଳନା ପାଇଁ ମଧ୍ୟ ସ୍ପେଶାଲ ଡ୍ରାଇଭ ଆରମ୍ଭ ହୋଇଛି। ପୁଲିସ କମିସନର ସଞ୍ଜୀବ ପଣ୍ଡାଙ୍କ ନିର୍ଦ୍ଦେଶରେ ସବୁ ଥାନାର ଇନ୍ସପେକ୍ଟରମାନେ ରଙ୍ଗ୍ ଡ୍ରାଇଭିଂ ଚେକିଂକୁ କଡ଼ାକଡ଼ି କରିଛନ୍ତି। ଥାନାର କର୍ମଚାରୀମାନେ ବିଭିନ୍ନ ଛକରେ ଜଗି ରହି ଗାଡ଼ି ଗୁଡ଼ିକୁ ଧରୁଛନ୍ତି। ଗୋଟିଏ ଦିନରେ ରାଜଧାନୀର ବିଭିନ୍ନ ଥାନା ପକ୍ଷରୁ ୬୦ରୁ ଊର୍ଦ୍ଧ୍ୱ ଗାଡ଼ି ଜବତ ହୋଇଛି। ଏହି ସବୁ ଗାଡ଼ିକୁ ଜବତ କରିବା ସହ ପିଆର ବଣ୍ଡ କରି କୋର୍ଟକୁ ପଠାଇ ଦେଉଛି ପୁଲିସ। ଏହି ଗାଡ଼ି ଚାଳକମାନେ କୋର୍ଟରେ ଜରିମାନା ଦେଇ ସେମାନଙ୍କ ଗାଡ଼ି ଥାନାରୁ ରିଲିଜ୍ କରିବେ। ବଡ଼ କଥା ହେଲା ଯଦି କେହି ରଙ୍ଗ୍ ସାଇଡ୍ ଗାଡ଼ି ଚାଳନା କରିବା ସହ ମୋବାଇଲ୍ ଫୋନ୍‌ରେ କଥା ହେଉଥିବ, ଧରାପଡ଼ିଲେ ପୁଲିସ ଗାଡ଼ି ସହ ତାଙ୍କ ମୋବାଇଲ୍ ଫୋନ୍‌କୁ ମଧ୍ୟ ଜବତ କରାଯିବ। କୌଣସି ଗାଡ଼ି ଚାଳକ ମୋବାଇଲ୍ ଫୋନ୍‌ରେ କଥା ହେଉଥିବା ଅବସ୍ଥାରେ ଧରାପଡ଼ି ନାହିଁ। କିନ୍ତୁ ପୁଲିସ ଏବେ ରଙ୍ଗ୍ ସାଇଡ୍ ଡ୍ରାଇଭିଂ ପାଇଁ ଆରମ୍ଭ କରିଥିବା ଡ୍ରାଇଭ୍ ଦ୍ୱାରା ରାସ୍ତାର ବିପରୀତ ଦିଗରେ ଗାଡ଼ି ଚାଳନା କମିଯିବ ବୋଲି କୁହାଯାଉଛି। ରାଜଧାନୀରେ ହେଉଥିବା ୨୦ ପ୍ରତିଶତ ଦୁର୍ଘଟଣା ଏହି ରଙ୍ଗ୍ ସାଇଟ୍ ଗାଡ଼ି ଚାଳନା ପାଇଁ ହୋଇଥାଏ ବୋଲି ବିଶେଷଜ୍ଞମାନେ ମତ ଦେଇଛନ୍ତି। ତେଣୁ ଏହାକୁ ରୋକିବା ପାଇଁ ପୁଲିସ ଏଭଳି ରଙ୍ଗ୍‌ସାଇଡ୍ ଚାଳନାକୁ ରୋକିବାକୁ ପଦେକ୍ଷପ ନେଉଥିବା କୁହାଯାଉଛି।

**ରାଜଧାନୀରେ ୬୦ ଗାଡ଼ି ଜବତ**

## କଳିଙ୍ଗ ସ୍ଥାପତ୍ୟ ଶୈଳୀଠାରୁ ଭିନ୍ନ

# ଭାସ୍କରେଶ୍ୱର ମନ୍ଦିର








ଆମ ରାଜଧାନୀ ଆମ ଐତିହ୍ୟ

ଭୁବନେଶ୍ୱର, ୩।୬(ସମ୍ପୂର୍ଣ୍ଣା ଦାସ): ମନ୍ଦିରମାଳିନୀ ସହର ରାଜଧାନୀରେ ଭରି ରହିଛି ମାଳମାଳ ଐତିହ୍ୟ କୀର୍ତ୍ତିରାଜି। କେତେ କେତେ ଶତାବ୍ଦୀ ଧରି ଠିଆ ହୋଇ ରହିଛି ଅନେକ ମନ୍ଦିର। ନୂଆ ପିଢ଼ିଙ୍କୁ ଐତିହାସିକ ଗାଥା, କଳା, ସାହିତ୍ୟ ବିଷୟରେ ଅବଗତ କରାଇବାକୁ ଏହା ନିଶ୍ଚୟ ଯଥେଷ୍ଟ। ସେହି ପୁରାତନ ମନ୍ଦିରଗୁଡ଼ିକ ମଧ୍ୟରୁ ଅନ୍ୟତମ ଦ୍ୱାଦଶ ଶତାବ୍ଦୀର ଭାସ୍କରେଶ୍ୱର ମନ୍ଦିର। ଯାହାର ରକ୍ଷଣାବେକ୍ଷଣ ଦାୟିତ୍ୱ ଭାରତୀୟ ପ୍ରତ୍ନତତ୍ତ୍ୱ ବିଭାଗ ଅଧୀନରେ ରହିଛି। ଏହି ମନ୍ଦିରଟି ବଡ଼ଗଡ଼ ବ୍ରିଟ୍ କଲୋନୀ ନିକଟରେ ରହିଛି। ଅନେକ ପ୍ରାଚୀନ ଓ ପ୍ରସିଦ୍ଧ ଶିବ ମନ୍ଦିର ମଧ୍ୟରୁ ଭାସ୍କରେଶ୍ୱର ମନ୍ଦିର ଅନ୍ୟତମ। ଦ୍ୱାଦଶ ଶତାବ୍ଦୀରେ ନିର୍ମିତ ଏହି ମନ୍ଦିର ସହିତ ଶ୍ରୀଲିଙ୍ଗରାଜଙ୍କ ଅନେକ ରୀତି, ନୀତି, ପରମ୍ପରା ଯୋଡ଼ି ହୋଇରହିଛି। ପ୍ରତି ମାଘ ଶୁକ୍ଳ ସପ୍ତମୀରେ ଶ୍ରୀଲିଙ୍ଗରାଜ ଭାସ୍କରେଶ୍ୱର ପୀଠରେ ବିଜେ କରନ୍ତି। ଏହାପରେ ଲିଙ୍ଗରାଜଙ୍କର ରୁକୁଣା ରଥ କାର୍ଯ୍ୟ ଆରମ୍ଭ ହୋଇଥାଏ। ଭାସ୍କରେଶ୍ୱର ମନ୍ଦିରଟି କଳିଙ୍ଗ ସ୍ଥାପତ୍ୟ ଶୈଳୀଠାରୁ ଭିନ୍ନ। ଏହାର ପିଢ଼ା ବିମାନ ରହିଛି। ମନ୍ଦିର ଗର୍ଭଗୃହରେ ୯ ଫୁଟ ଉଚ୍ଚର ଶିବଲିଙ୍ଗ ପୂଜା ପାଆନ୍ତି। ଯାହାଙ୍କୁ ମନ୍ଦିରର ଉଭୟ ତଳରୁ ଦେଖିହେବ। ମନ୍ଦିରର ଉତ୍ତର ଦିଗରେ ଥିବା ଏକ ଶିଢ଼ିଦ୍ୱାରା ଦ୍ୱିତୀୟ ତଳକୁ ଯାଇହୁଏ। ପ୍ରଥମ ତଳରେ ବାହାରକୁ ଯିବାକୁ ଚାରିଦିଗରେ ଚାରୋଟି ବାଟ ରହିଛି। ଏହା ଦେଶର ଅନ୍ୟତମ ବୃହତ୍ ଶିବଲିଙ୍ଗ ବୋଲି କୁହାଯାଏ। ଭାସ୍କରେଶ୍ୱର ମନ୍ଦିରର ଆକାର ରଥ ସଦୃଶ। ବିଭିନ୍ନ ପର୍ବପର୍ବାଣି ମଧ୍ୟରୁ ଏଠାରେ ଜାଗର ଯାତ୍ରା ସବୁଠାରୁ ବଡ଼ ଉତ୍ସବ ପାଳନ ହୋଇଥାଏ। ପାର୍ଶ୍ୱଦେବତା ଭାବେ ଗଣେଶ, କାର୍ତ୍ତିକେୟ ଏବଂ ପାର୍ବତୀ ରହିଛନ୍ତି। ସ୍ଥାନୀୟ ଲୋକଙ୍କ ବିଶ୍ୱାସାନୁଯାୟୀ ଶିବଲିଙ୍ଗର ଆକାର ବୃଦ୍ଧି ଘଟୁଛି।

### ଏବେ କେମିତି ରହିଛି

ଏହି ମନ୍ଦିରଟି ରାସ୍ତା ପାର୍ଶ୍ୱରେ ରହିଥିବାରୁ ପ୍ରାୟତଃ ଏଠାରେ ସବୁବେଳେ ଲୋକଙ୍କ ଗହଳି ଦେଖିବାକୁ ମିଳେ। କେବଳ ରାଜଧାନୀବାସୀ ନୁହେଁ ବରଂ ରାଜ୍ୟ ବାହାରୁ ମଧ୍ୟ ବହୁ ପର୍ଯ୍ୟଟକ ଏଠାକୁ ଆସୁଛନ୍ତି। ମନ୍ଦିର ପ୍ରବେଶ ପାଇଁ କୌଣସି ଟିକଟ୍ ବ୍ୟବସ୍ଥା ନାହିଁ। ମନ୍ଦିରର ଶୋଭା ବଢ଼ାଇବାକୁ ତାକୁ ଲାଗି ଏକ ବଗିଚା କରାଯାଇଛି। ରକ୍ଷଣାବେକ୍ଷଣ ଅଭାବରୁ ଧୀରେ ଧୀରେ ତାହା ନଷ୍ଟ ହେଉଥିବାର ଦେଖିବାକୁ ମିଳୁଛି। କେବଳ ସେତିକି ନୁହେଁ, ବରଂ ଚାଲିବାକୁ ଥିବା ପଥରର ରାସ୍ତା ମଧ୍ୟ ଧୀରେ ଧୀରେ ନଷ୍ଟ ହେବାକୁ ଲାଗିଲାଣି। ପଥର ମଧ୍ୟରେ ଫାଙ୍କ ସୃଷ୍ଟି ହୋଇ ଭିତରକୁ ଧସିବାକୁ ଲାଗିଲାଣି। ବଗିଚା ଭିତରେ ଅନାବନା ଘାସ ଉଠି ମନ୍ଦିର ପରିସରର ସୌନ୍ଦର୍ଯ୍ୟ ହାନି କରୁଛି। ସେହିପରି ମନ୍ଦିର ପଛପାଖରେ ଏକ ପୋଖରୀ ଥିଲେ ହେଁ ରକ୍ଷଣାବେକ୍ଷଣ ଅଭାବରୁ ତାହା ଦଳଭର୍ତ୍ତି ଅବସ୍ଥାରେ ରହିଛି। ଏପରିକି ଜଳଧାରଣ କ୍ଷମତା ହ୍ରାସ ପାଉଛି। ଏଥିସହ ପୋଖରୀଟି ପରିତ୍ୟକ୍ତ ଅବସ୍ଥାରେ ରହିଛି। ଜଳ ନିଷ୍କାସନ କିମ୍ବା ପ୍ରବେଶ ସୁବିଧା ନ ଥିବାରୁ ସେଥିରେ ଥିବା ଜଳ ବ୍ୟବହାର ଉପଯୋଗୀ ହୋଇ ରହୁନାହିଁ। ଏ ନେଇ ମନ୍ଦିରର ସଭାପତି ଅମର ଜ୍ୟୋତି ଜଗଦେବ କୁହନ୍ତି କାନ୍ଥରେ ମୂଷା ଗାତ କରିବା ଫଳରେ ମନ୍ଦିର ଦୁର୍ବଳ ହୋଇଗଲାଣି। କେତେବେଳେ ମାଉସୀ ମା' ମନ୍ଦିର ଭୁଶୁଡ଼ିବା ପରି ଏହି ମନ୍ଦିର ଭୁଶୁଡ଼ିବାର ଆଶଙ୍କା ରହିଛି। ମନ୍ଦିରର ରୀତିନୀତି ସମ୍ପାଦନ ପାଇଁ ରୋଷେଇ ଘର ନାହିଁ କି ପାଣି ସୁବିଧା ନାହିଁ। ପାଣି ବୋରିଂ କାମ କରୁନି। ରାତିହେଲେ ମନ୍ଦିର ବେଢ଼ା ଭିତରକୁ ନିଶାଡ଼ି ପ୍ରବେଶ କରି ନିଶା ସେବନ କରୁଛନ୍ତି। ଏ ନେଇ ଅନେକଥର ଏଏସ୍‌ଆଇ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଛି। ହେଲେ ଏଯାଏଁ କୌଣସି ପଦକ୍ଷେପ ନିଆଯାଉନାହିଁ। ଖୁବ୍‌ଶୀଘ୍ର ଏ ସବୁର ସମାଧାନ ହେବା ଆବଶ୍ୟକ ବୋଲି ସେ କହିଛନ୍ତି।



## ମୁଦ୍ରା ବିନିମୟ ମୂଲ୍ୟ



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)

- ଡଲାର ୮୩.୨୫
- ପାଉଣ୍ଡ ୧୦୬.୧୯
- ୟୁରୋ ୯୦.୪୫
- ୟେନ୍ ୦.୫୩

## ସୁନା, ରୁପା ଦର



୧୦ ଗ୍ରାମ ପିଛା (ଟଙ୍କାରେ)

- ସୁନା : ୬୫,୫୦୦ (ଭୁବନେଶ୍ୱର)
- ରୁପା : ୯୪,୦୦୦ (କେଜି)



## ଷ୍ଟକ୍ ମାର୍କେଟ୍

ବଜାର କାରବାର (ପଏଣ୍ଟରେ)

- ସେନ୍‌ସେକ୍ସ ୭୬,୪୬୮.୦୦
- ନିଫ୍ଟି ୨୩,୨୬୩.୦୦



## ପେଟ୍ରୋଲ-ଡିଜେଲ୍

ଲିଟର ପିଛା (ଟଙ୍କାରେ)

- ପେଟ୍ରୋଲ୍- ୧୦୧.୩୭ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୬



### ଆଜି ଆସିବ ନିର୍ବାଚନ ଫଳ | ଉଚ୍ଛୁଳିଲା ଷ୍ଟକ୍ ବଜାର

# ସେନ୍‌ସେକ୍ସ ଉଠିଲା ୨୫୦୦ ପଏଣ୍ଟ

ମୁମ୍ବଇ,୩।୬(ଏଜେନ୍ସି)



ଦିନକରେ ନିବେଶକ କମାଇଲେ ୧୪ ଲକ୍ଷ କୋଟି

ଆସନ୍ତାକାଲି ପ୍ରକାଶ ପାଇବାକୁ ଯାଉଛି ଦେଶର ସାଧାରଣ ନିର୍ବାଚନ ଫଳାଫଳ। ଏହାକୁ ନେଇ ଆଜି ଦେଶର ଷ୍ଟକ୍ ବଜାରରେ ଦେଖିବାକୁ ମିଳିଛି ଅହେତୁକ ଉତ୍ସାହ। ଘରୋଇ ବଜାର କାରବାର ରେ ପ୍ରତିଷ୍ଠା ହୋଇଛି ନୂଆ ରେକର୍ଡ। ସର୍ବକାଳୀନ ରେକର୍ଡ ଛୁଇଁଛି ବିଏସ୍‌ଇ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ ସେନ୍‌ସେକ୍ସ ଓ ନ୍ୟାସନାଲ ଷ୍ଟକ୍ ଏକ୍ସଚେଞ୍ଜ (ନିଫ୍ଟି)। ସୋମବାର କାରବାରରେ ସେନସେକ୍ସ ୨୫୦୭.୪୭ ପଏଣ୍ଟ ବୃଦ୍ଧି ପାଇ ୭୬,୪୬୮.୭୮ ପଏଣ୍ଟରେ ବନ୍ଦ ହୋଇଛି। ସେହିପରି ନିଫ୍ଟିରେ ୭୩୩.୨୦ ପଏଣ୍ଟ ବୃଦ୍ଧି ପାଇ ୨୩,୨୬୩.୯୦ ପଏଣ୍ଟରେ ପହଞ୍ଚିଛି। ଆଜି ଭାରତୀୟ ଷ୍ଟକ୍ ବଜାରରେ ଏଭଳି ଅଭିବୃଦ୍ଧିରେ ନିବେଶକମାନେ ଦିନକର କାରବାରରେ ୧୪ ଲକ୍ଷ କୋଟି ଟଙ୍କା ରୋଜଗାର କରିଛନ୍ତି। ଏହାଫଳରେ ବିଏସଇର ବଜାର ପୁଞ୍ଜି ୪୨୩.୮୬ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି।

ଗତ ବାଣିଜ୍ୟ ସପ୍ତାହରେ ଷ୍ଟକ୍ ବଜାରରେ ବଡ଼ ଧରଣର ଉତ୍ଥାନ ପତନ ଦେଖିବାକୁ ମିଳିଥିଲା। ନିର୍ବାଚନ ଫଳାଫଳ ଆସିବା ଆଶାରେ ବଜାର କାରବାର ଆଜି ନୂଆ ଶିଖର ଛୁଇଁଥିଲା। ଦିନମାନର କାରବାରରେ ସେନ୍‌ସେକ୍ସରେ ସର୍ବାଧିକ ୨୭୭୭.୫୮ ପଏଣ୍ଟ ବୃଦ୍ଧି ଘଟି ୭୬,୭୩୮.୮୯ ପଏଣ୍ଟ ଛୁଇଁ ସର୍ବକାଳୀନ ରେକର୍ଡ ସ୍ତରରେ ପହଞ୍ଚିଲା। ଆଜି ବିଏସ୍‌ଇର ବଜାର ପୁଞ୍ଜି ୪,୨୪,୬୧,୮୩୩ ଟଙ୍କା ୮୨ ପଇସାର ସର୍ବକାଳୀନ ଉଚ୍ଚ ସ୍ତରରେ ପହଞ୍ଚିଛି। ସେହିପରି ୪୨୪.୬୧ ଲକ୍ଷ କୋଟି ଟଙ୍କାରେ ପହଞ୍ଚି ୪୨୫ ଲକ୍ଷ କୋଟି ଟଙ୍କାର ରେକର୍ଡ ଛୁଇଁବାର ନିକଟତର ହୋଇଛି। ଏହା ଗତ ଟ୍ରେଡିଂ ସମୟ ଅର୍ଥାତ୍ ଶୁକ୍ରବାର କ୍ଲୋଜିଂ ସମୟରେ ବିଏସ୍‌ଇର ବଜାର ପୁଞ୍ଜି ୪୧୨.୨୩ ଲକ୍ଷ କୋଟି ଟଙ୍କା ରହିଥିଲା। ନିବେଶକମାନେ ଆଜି ଷ୍ଟକ ବଜାରରେ ଜବରଦସ୍ତ ବୃଦ୍ଧି ଆଧାରରେ ଜବରଦସ୍ତ ଆୟ କରିଛନ୍ତି। ନିଫ୍ଟି ୫୦ ଷ୍ଟକ୍ ଗତ ୪ ବର୍ଷ ମଧ୍ୟରେ ସର୍ବାଧିକ ବୃଦ୍ଧି ଘଟିଛି।

ପ୍ରଥମ ଥର ପାଇଁ ବ୍ୟାଙ୍କ ନିଫ୍ଟି ଇଣ୍ଡେକ୍ସ ୫୦,୦୦୦ ଟପିଛି। ଆଜିର କାରବାରରେ ପାୱାର ଗ୍ରୀଡ୍, ଏଲ୍‌ଆଣ୍ଡଟି, ଏନ୍‌ଟିପିସି ଏବଂ ଏସ୍‌ବିଆଇ ଆଦି କମ୍ପାନୀର ଷ୍ଟକ୍ ମୂଲ୍ୟରେ ସର୍ବାଧିକ ବୃଦ୍ଧି ଘଟିଛି। ଏସବୁ ଷ୍ଟକ୍ ମୂଲ୍ୟ ୩ ରୁ ୭ ପ୍ରତିଶତ ବୃଦ୍ଧି ହୋଇଛି। ଆଜି ସମସ୍ତ ଷ୍ଟକ୍ ଉପରମୁହାଁ ରହିଛି। ସେୟାର ମାର୍କେଟରେ ଏହି ବୃଦ୍ଧି ପରେ ଏହାର ପ୍ରଭାବ ସୁନା ଓ ରୂପା ଉପରେ ମଧ୍ୟ ଦେଖାଯିବ ବୋଲି ଆଶା କରାଯାଉଛି ।

## ୮ ଲକ୍ଷ ବଜାର ପୁଞ୍ଜି ପାର୍ କରିବାରେ ଏସ୍‌ବିଆଇ ପ୍ରଥମ ପିଏସ୍‌ୟୁ




**ମୁମ୍ବଇ,୩।୬(ଏଜେନ୍ସି):** ଦେଶର ସବୁଠାରୁ ବୃହତ୍ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ(ଏସ୍‌ବିଆଇ) ଆଜି ଘରୋଇ ସେୟାର ବଜାର କାରାରରେ ନୂଆ ଇତିହାସ ରଚିଛି। ଏନଏସଇରେ ଇଣ୍ଟ୍ରା ଡେ' କାରବାରରେ ଏସବିଆଇର ସେୟାର ଗୋଟିଏ ବର୍ଷର ରେକର୍ଡ ଭାଙ୍ଗି ୯୧୨ ଟଙ୍କା ଛୁଇଁଥିବାବେଳେ ଷ୍ଟେଟ୍ ବ୍ୟାଙ୍କର ବଜାରପୁଞ୍ଜି ମଧ୍ୟ ୮ ଲକ୍ଷ କୋଟି ଟଙ୍କା ପାର୍ କରିଯାଇଛି।

ଏସବିଆଇର ବଜାର ପୁଞ୍ଜି ଆଜି ୮ ଲକ୍ଷ କୋଟି ଟଙ୍କା କ୍ଲବ୍‌ରେ ସାମିଲ ହୋଇଛି। ଏଥିସହ ଏସ୍‌ବିଆଇ ସେୟାର ବଜାରରେ ସୂଚୀବଦ୍ଧ ୭ମ ଏହିପରି କମ୍ପାନୀ ହୋଇଛି ଯେ କି ୮ ଲକ୍ଷ କୋଟି ଟଙ୍କାର ବଜାର ପୁଞ୍ଜି ପାର୍ କରିଛି। ଏନଏସଇରେ ବର୍ତ୍ତମାନ ସମୟରେ ଏସବିଆଇର ବଜାର ପୁଞ୍ଜି ୮,୦୫,୪୦୧.୬୦ ଟଙ୍କା ରହିଛି। ୮ ଲକ୍ଷ କୋଟି ଟଙ୍କାର ବଜାର ପୁଞ୍ଜି ପାର୍ କରିଥିବା ଅନ୍ୟ କମ୍ପାନୀଗୁଡ଼ିକ ମଧ୍ୟରେ ଶୀର୍ଷରେ ମୁକେଶ ଅମ୍ବାନୀଙ୍କ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ରହିଛି। ଆରଆଇଏଲର ବଜାର ପୁଞ୍ଜି ଆଜିର ସମୟରେ ୨୦ ଲକ୍ଷ କୋଟି ଟଙ୍କାରୁ ବି ଅଧିକ ରହିଛି। ଏହାବ୍ୟତୀତ ଟିସିଏସ୍, ଏଚ୍‌ଡିଏଫସି, ଭାରତୀ ଏୟାରଟେଲ୍, ଇନ୍‌ଫୋସିସ୍ ଏବଂ ଆଇସିଆଇସିଆଇ ବ୍ୟାଙ୍କ ଏହି କ୍ଲବ୍‌ରେ ସାମିଲ ହୋଇଛି। ଉଲ୍ଲେଖଯୋଗ୍ୟ ଯେ ଆଜି ପ୍ରଥମ ଥର ପାଇଁ କୌଣସି ପିଏସୟୁ କ୍ଷେତ୍ରର କମ୍ପାନୀ ୮ ଲକ୍ଷ କୋଟି ଟଙ୍କାର ବଜାର ପୁଞ୍ଜି ପାର କରିଛି ।

## ଜେଲିଓ ଇ-ବାଇକ୍ସର ଗ୍ରାସି-ସିରିଜ୍ ଲୋ-ସ୍ପିଡ୍ ଇଲେକ୍‌ଟ୍ରିକ୍ ସ୍କୁଟର୍

ମୁମ୍ବଇ,୩।୬



ଇଭି ଟୁ-ହ୍ୱିଲର ଷ୍ଟାର୍ଟଅପ୍ ଜେଲିଓ ଇବାଇକ୍ସ ପକ୍ଷରୁ ଏହାର ନୂଆ ଗ୍ରାସି ସିରିଜ୍ର ଉନ୍ମୋଚନ କରାଯାଇଛି, ଯେଉଁଥିରେ ଲୋ-ସ୍ପିଡ୍ ଇଭି ଦୁଇଚକିଆ ଯାନର ଏକ ରେଞ୍ଜ ସାମିଲ ରହିଛି। ଏହି ସ୍କୁଟରଗୁଡିକର ମୂଲ୍ୟ ୫୯୨୭୩ରୁ ୮୩୦୭୩ ଟଙ୍କା (ଏକ୍ସ-ଶୋ'ରୁମ୍) ମଧ୍ୟରେ ରହିଛି। ନୂଆ ଗ୍ରାସି ସିରିଜ୍‌ରେ ଗ୍ରାସି ଆଇ, ଗ୍ରାସି ପ୍ରୋ ଓ ଗ୍ରାସି ୱାଇ+ ସାମିଲ ରହିଛି। ନିକଟରେ ହରିୟାର ହିସାରସ୍ଥିତ ଲାଡ୍‌ୱାଠାରେ ଜେଲିଓର ନୂଆ ଉତ୍ପାଦନ କାରଖାନା ଉଦ୍‌ଘାଟିତ ହେବା ପରେ ଏହି ସିରିଜ୍‌ର ଘୋଷଣା କରାଯାଇଛି। ଏହି କାରଖାନାର ବାର୍ଷିକ ଉତ୍ପାଦନ ୧୫୦,୦୦୦ ଯାନ ରହିଛି। ସମସ୍ତ ବୟସ ବର୍ଗର ସହରାଞ୍ଚଳ ଚାଳକଙ୍କ ପାଇଁ ନିର୍ମିତ ଜେଲିଓ ଇବାଇକ୍ସର ନୂତନ ଶୃଙ୍ଖଳା ଚମତ୍କାର କାର୍ଯ୍ୟଦକ୍ଷତା, ଷ୍ଟାଇଲ, ସ୍ଥାୟିତ୍ୱ ଓ ଦୃଢତାକୁ ଏକତ୍ରିତ କରିଛି। ଏହି ସିରିଜ୍ର ଶୁଭାରମ୍ଭ ଅବସରରେ ଜେଲିଓ ଇବାଇକ୍ସର ପ୍ରତିଷ୍ଠାତା ଓ ପରିଚାଳନା ନିର୍ଦ୍ଦେଶକ, କୁନାଲ ଆର୍ଯ୍ୟା କହିଛନ୍ତି, "ଆମେ ଇଭି ବଜାରରେ ଆମର ନୂଆ ସିରିଜ୍ର ଶୁଭାରମ୍ଭ କରି ଉତ୍ସାହିତ ରହିଛୁ,ଯେଉଁଠାରେ ଲୋ-ସ୍ପିଡ୍ ଇଲେକ୍ଟ୍ରିକ ସ୍କୁଟରଗୁଡିକ ନିଜର ବ୍ୟବହାରିକତା, ସୁଲଭତା ଓ ପରିବେଶ ଲାଭ କାରଣରୁ ପ୍ରାଧାନ୍ୟ ବିସ୍ତାର କରିଥାନ୍ତି। ଜେଲିଓ ଇବାଇକ୍ସର ଗ୍ରାସି ଆଇ ମଡେଲର ୬୦ଭି/୩୨ଏଏଚ୍ ଲିଡ୍ ଆସିଡ୍, ୭୨ଭି/୩୨ଏଏଚ୍ ଲିଡ୍ ଆସିଡ୍, ୬୦ଭି/୩୮ଏଏଚ୍ ଲିଡ୍ ଆସିଡ୍, ୭୨ଭି/୩୮ଏଏଚ୍ ଲିଡ୍ ଆସିଡ୍, ୬୦ଭି/୩୦ଏଏଚ୍ ଲି-ଅନ ଆଦି ୫ଟି ଭାରିଆଣ୍ଟ ରହିଥିବାବେଳେ ଏହା ୟେଲୋ/ ବ୍ଲାକ୍, ହ୍ୱାଇଟ/ବ୍ଲାକ୍, ରେଡ୍/ବ୍ଲାକ ଓ ଗ୍ରେ କଲରରେ ଉପଲବ୍ଧ। ଗ୍ରାସି ପ୍ରୋ ମଡେଲ ୪ଟି ଭାରିଆଣ୍ଟ ଆକ୍ୱା ବ୍ଲୁ, ମ୍ୟାଟି ଗ୍ରେ, ପର୍ଲ ହ୍ୱାଇଟ, ଗ୍ଲସି ବ୍ଲାକ୍‌ରେ ଆସୁଛି। ସେହିପରି ଗ୍ରାସି+ ୬୦ଭି/୩୦ଏଏଚ୍ ଲିଡ୍ ଆସିଡ୍, ୭୨ଭି/୩୦ଏଏଚ୍ ଲିଡ୍ ଆସିଡ୍,୬୦ଭି/୩୮ଏଏଚ୍ ଲିଡ୍ ଆସିଡ୍, ୭୨ଭି/୩୮ଏଏଚ୍ ଲିଡ୍ ଆସିଡ୍ ଓ ୬୦ଭି/୩୦ଏଏଚ୍ ଲି-ଅନ୍ ଭଳି ୫ଟି ଭାରିଅଂଟ୍ରେ ଆସୁଛି। ଏହା ବ୍ଲାକ୍, ହ୍ୱାଇଟ୍, ଗ୍ରେ ଓ ସିଗ୍ରୀନ୍‌ରେ ଉପଲବ୍ଧ।

### ଫେରିଛି ୯୭%ରୁ ଅଧିକ ଦୁଇ ହଜାର ଟଙ୍କିଆ ନୋଟ୍

## ୭୭୫୫ କୋଟି ମୂଲ୍ୟର ନୋଟ୍ ଏବେ ବି ଲୋକଙ୍କ ପାଖରେ

ମୁମ୍ବଇ,୩।୬(ଏଜେନ୍ସି)



ରିଜର୍ଭ ବ୍ୟାଙ୍କର ବୟାନ

୨୦୨୩ ମେ' ୧୯ରେ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ) ୨୦୦୦ ଟଙ୍କା ମୂଲ୍ୟର ବ୍ୟାଙ୍କ ନୋଟ୍‌କୁ ପ୍ରସାର ବା ସର୍କୁଲେସନ୍‌ରୁ ପ୍ରତ୍ୟାହାର କରିବାକୁ ଘୋଷଣା କରିଥିଲା। ତେବେ ୨୦୨୩ ମେ' ୨୦ ତାରିଖ ବେଳକୁ ବଜାରରେ ପ୍ରସାରରେ ୩.୫୬ ଲକ୍ଷ କୋଟି ଟଙ୍କା ମୂଲ୍ୟର ୨୦୦୦ ଟଙ୍କିଆ ବ୍ୟାଙ୍କ ନୋଟ୍ ରହିଥିଲା। ତେବେ ୨୦୨୪ ମେ' ୩୧ ବେଳକୁ କାରବାର ହେଉଥିବା ଏହି ନୋଟ୍‌ର ମୂଲ୍ୟ ୭୭୫୫ କୋଟି ଟଙ୍କାକୁ ହ୍ରାସ ପାଇଛି। ୨୦୨୩ ମେ' ମାସ ସୁଦ୍ଧା ୯୭ ପ୍ରତିଶତରୁ ଅଧିକ ଦୁଇ ହଜାର ଟଙ୍କିଆ ନୋଟ୍ ବ୍ୟାଙ୍କିଙ୍ଗ ବ୍ୟବସ୍ଥାକୁ ଫେରି ଆସିଛି। ଅର୍ଥାତ୍ ଏବେ ବି ୭୭୫୫ କୋଟି ଟଙ୍କା ମୂଲ୍ୟର ୨୦୦୦ ଟଙ୍କିଆ ନୋଟ୍ ଲୋକଙ୍କ ପାଖରେ ବା ବଜାରରେ ରହିଛି। ୨୦୦୦ ଟଙ୍କିଆ ନୋଟ୍ ଜମା ଏବଂ / କିମ୍ବା ବିନିମୟ କରିବାର ସୁବିଧା ଦେଶର ସମସ୍ତ ବ୍ୟାଙ୍କ ଶାଖାରେ ୭ ଅକ୍ଟୋବର ୨୦୨୩ ପର୍ଯ୍ୟନ୍ତ ଉପଲବ୍ଧ ଥିଲା। ୨୦୨୩ ମେ' ୧୯ଠାରୁ, ୨୦୦୦ ଟଙ୍କିଆ ନୋଟ୍ ବିନିମୟ କରିବାର ସୁବିଧା ରିଜର୍ଭ ବ୍ୟାଙ୍କର ୧୯ ଟି ଇସ୍ୟୁ କାର୍ଯ୍ୟାଳୟରେ ଉପଲବ୍ଧ। ଆରବିଆଇର ଇସ୍ୟୁ କାର୍ଯ୍ୟାଳୟଗୁଡ଼ିକ ମଧ୍ୟ ୨୦୨୩ ଅକ୍ଟୋବର ୯ ରୁ ବ୍ୟାଙ୍କ ଆକାଉଣ୍ଟରେ ଜମା ପାଇଁ ବ୍ୟକ୍ତି ଏବଂ ଅନୁଷ୍ଠାନରୁ ୨୦୦୦ ଟଙ୍କିଆ ନୋଟ୍ ଗ୍ରହଣ କରୁଛନ୍ତି। ଏହାବ୍ୟତୀତ ଲୋକମାନେ ଦେଶର ଯେକୌଣସି ଡାକଘରରୁ ଆରବିଆଇର କୌଣସି ଇସ୍ୟୁ କାର୍ଯ୍ୟାଳୟକୁ ସେମାନଙ୍କ ବ୍ୟାଙ୍କ ଆକାଉଣ୍ଟରେ ଜମା କରିବା ପାଇଁ ୨୦୦୦ ଟଙ୍କିଆ ନୋଟ୍ ପଠାଉଛନ୍ତି। ବ୍ୟାଙ୍କ ନୋଟ୍ ଜମା / ବିନିମୟ ପାଇଁ ୧୯ ଆରବିଆଇ କାର୍ଯ୍ୟାଳୟ ଅହମ୍ମଦାବାଦ, ବେଙ୍ଗାଲୁରୁ, ବେଲାପୁର, ଭୋପାଳ, ଭୁବନେଶ୍ୱର, ଚଣ୍ଡିଗଡ଼, ଚେନ୍ନାଇ, ଗୁଆହାଟି, ହାଇଦ୍ରାବାଦ, ଜୟପୁର, ଜାମ୍ମୁ, କାନପୁର, କୋଲକାତା, ଲକ୍ଷ୍ନୌ, ମୁମ୍ବାଇ, ନାଗପୁର, ନୂଆଦିଲ୍ଲୀ, ପାଟନା ଏବଂ ଥିରୁବନନ୍ତପୁରମରେ ରହିଛି।

## ଲାଭାର ନୂଆ ସ୍ମାର୍ଟଫୋନ ଯୁବା ୫ଜି

**ନୂଆଦିଲ୍ଲୀ,୩।୬:** ଅଗ୍ରଣୀ ଭାରତୀୟ ସ୍ମାର୍ଟଫୋନ୍ ବ୍ରାଣ୍ଡ ଲାଭା ଇଣ୍ଟରନ୍ୟାସନାଲ ଲିମିଟେଡ ପକ୍ଷରୁ ପାୱାର ପ୍ୟାକଡ଼ ଯୁବା ୫ଜିର ଶୁଭାରମ୍ଭ କରାଯାଇଛି। ଦୁଇଟି ମେମୋରୀ ଭାରିଆଣ୍ଟରେ ଶୁଭାରମ୍ଭ ହୋଇଥିବା ଯୁବା ୫ଜିରେ ରହିଛି ଉତ୍କୃଷ୍ଟ ବ୍ୟାଟେରୀ ବ୍ୟାକ୍ ଅପ୍, ଖୁବ ଦ୍ରୁତ ଏବଂ କ୍ୱାଲିଟି କ୍ୟାମେରା। ମାତ୍ର ୯,୪୯୯ ଟଙ୍କାରେ (୬୪ଜିବି)



ଏବଂ ମାତ୍ର ୯,୯୯୯ ଟଙ୍କାରେ (୧୨୮ଜିବି) ରେ ମିଳୁଥିବା ଯୁବା ୫ଜି ଆମାଜନ, ଲାଭା ଇ-ଷ୍ଟୋର ଏବଂ ଲାଭା ରିଟେଲ ଆଉଟଲେଟମାନଙ୍କରେ ୫ ଜୁନ ୨୦୨୪ରୁ ଉପଲବ୍ଧ ହେବାକୁ ଯାଉଛି। ଏହି ଶୁଭାରମ୍ଭ ଅବସରରେ ଲାଭା ଇଣ୍ଟରନ୍ୟାସନାଲ ହେଡର ଆନ୍ତର୍ଜାତୀୟ ମୁଖ୍ୟ ପୁରଂଶ ମୈତ୍ରେୟ କହିଛନ୍ତି ଯେ, ଲାଭାରେ ଗ୍ରାହକ ଯାତ୍ରା ଆମର ବ୍ୟବସାୟିକ ନୀତିର ଏକ ଅବିଚ୍ଛେଦ୍ୟ ଅଙ୍ଗ। ଅଭିନବତା ମୂଲ୍ୟ, ଗୁଣାତ୍ମକ ଉତ୍ପାଦ ଏବଂ ସେବା ମାଧ୍ୟମରେ ଆମର ଗ୍ରାହକମାନଙ୍କ ପାଇଁ ଉପଯୁକ୍ତ ମୂଲ୍ୟ ପ୍ରଦାନ କରିବା ହେଉଛି ଆମର ନିରନ୍ତର ପ୍ରୟାସ। ପାୱାର ପ୍ୟାକ୍ ହୋଇଥିବା ବୈଶିଷ୍ଟ୍ୟ ସଂପୂର୍ଣ୍ଣ ନିରାପତ୍ତା ଏବଂ ନିଶ୍ଚିତ ଅପଡେଟ ସହିତ ଏକ ନିରବଚ୍ଛିନ୍ନ ଅନୁଭୂତି ପ୍ରଦାନ କରେ। ଯୁବା ୫ଜି ସପକ୍ଷରେ ମତ ଦେଇ ଲାଭା ଇଣ୍ଟର ନ୍ୟାସନାଲ ଲିମିଟେଡର ଉତ୍ପାଦ ମୁଖ୍ୟ ସୁମିତ ସିଂହ କହିଛନ୍ତି ଯେ, ଅଭିନବତା ଏବଂ ଉତ୍କର୍ଷତା ଆମର ଉତ୍ପାଦ ଯାତ୍ରାର ପ୍ରମୁଖ ଦିଗ। ସୁଲଭ ମୂଲ୍ୟରେ ହାଇସ୍ପିଡ ପ୍ରଦର୍ଶନ ଏବଂ ନୂତନ ଯୁଗର ସ୍ମାର୍ଟଫୋନ ବୈଶିଷ୍ଟ୍ୟ ସହିତ ଗ୍ରାହକମାନଙ୍କୁ ସଶକ୍ତ କରାଇବା ପାଇଁ ଯୁବା ୫ଜି ଡିଜାଇନ କରାଯାଇଛି।

## ଆଇଡିଏଫସି ଫାଷ୍ଟ ବ୍ୟାଙ୍କର ଜମାରେ ୪୨% ବୃଦ୍ଧି

**ମୁମ୍ବଇ,୩।୬:** ଆଇଡିଏଫସି ଫାଷ୍ଟ ବ୍ୟାଙ୍କ ଆର୍ଥିକ ବର୍ଷ ୨୩ ତୁଳନାରେ ୨୪ରେ ଗ୍ରାହକଙ୍କ ଜମାରେ ୪୨% ଉଲ୍ଲେଖନୀୟ ବୃଦ୍ଧି ହାସଲ କରିଛି। ୩୧ ମାର୍ଚ୍ଚ ୨୦୨୪ ସୁଦ୍ଧା ବ୍ୟାଙ୍କର ମୋଟ ସମ୍ପତି ବେଶ ଭଲ ରହିଛି,ଜିଏନପିଏ ୧.୮୮% ଓ ଏନଏନପିଏ ୦.୬୦% ସହ ମାର୍ଚ୍ଚ ୩୧,୨୦୨୪ ସୁଦ୍ଧା ଯଥାକ୍ରମେ ୧.୩୮% ଓ ୦.୪୪% ରହିଛି। ବ୍ୟାଙ୍କ ନିକଟରେ ବହୁ ଅଭିଜ୍ଞତା, ପ୍ରଯୁକ୍ତି ଜ୍ଞାନକୌଶଳ, ଆପଦ ପରିଚାଳନା ବ୍ୟବସ୍ଥା ରହିଛି। ଆର୍ଥିକ ବର୍ଷ ୨୪ରେ ଟିକସ ୨୯୫୭ କୋଟିକୁ ବୃଦ୍ଧି ହେବା ପରେ ଗତ ଆର୍ଥିକ ବର୍ଷରେ ୨୧% ବୃଦ୍ଧି ପରେ ସୁଦ୍ଧା ବ୍ୟାଙ୍କ ଭଲ ଲାଭ କରିଛି। ଆଗାମୀ ଅଭିବୃଦ୍ଧି ସୁଯୋଗ ଲକ୍ଷ୍ୟ ନେଇ ବ୍ୟାଙ୍କ ଅଗ୍ରାଧିକାର ଭିତିରେ ଇକ୍ୟୁଇଟି ସେୟାର ପ୍ରଦାନ କରି ୩୨୦୦ କୋଟି ପାଣ୍ଠି ସଂଗ୍ରହ ଲକ୍ଷ୍ୟ ରଖିଛି। ଏହା ଦ୍ୱାରା ପୁଞ୍ଜି ପର୍ଯ୍ୟାପ୍ତତା ୧୭.୪୯%କୁ ବଢିବ। ଏହି ଉଦ୍ଦେଶ୍ୟ ସହିତ ବ୍ୟାଙ୍କର ନିର୍ଦ୍ଦେଶକ ମଣ୍ଡଳୀର ଅନୁଷ୍ଠିତ ବୈଠକରେ ୩୯୬୮୭୪୬୦୦ ଇସ୍ୟୁ, ଅଫର ଓ ଆବଂଟନ ପାଇଁ ଅନୁମୋଦନ ମିଳିଛି। ଏହା ସହ ବୋର୍ଡ ପ୍ରିଫରେନସିଆଲ ଇସ୍ୟୁ ପାଇଁ ସେମାନଙ୍କ ଅନୁମୋଦନ ମାଗିବା ଲାଗି ଦିଆଯିବାକୁ ଥିବା ପୋଷ୍ଟାଲ ବାଲାଟ ନୋଟିସ ଚିଠାକୁ ଅନୁମୋଦନ କରିଛି।

## ମେନ୍ ଅଫ୍ ପ୍ଲାଟିନମ୍: କ୍ରିକେଟ୍ ଗେମ୍ ଡେ ଷ୍ଟାଇଲ ପାଇଁ ପ୍ଲେ ବୁକ୍

ଭୁବନେଶ୍ୱର,୩।୬(ସମିସ)

ନୂତନ କ୍ରିକେଟ ସିଜନ୍ ଆରମ୍ଭ ହେବକୁ ଯାଉଥିବାବେଳେ ଏହା ଉଭୟ ଜୁନୁନ୍ ଏବଂ ଚିନ୍ତା ବଢାଇ ଦେଇଛି। ଆପଣ ନିଜର ପ୍ରିୟ ଟିମ୍‌କୁ ନେଇ ଉଲ୍ଲସିତ ହେଉଥିବାବେଳେ ଅଧୁନାତମ ମେନ୍ ଅଫ ପ୍ଲାଟିନମ୍ କଲେକ୍ସନର ଅଭିବ୍ୟକ୍ତି ପ୍ରକାଶକାରୀ ପିସ୍‌ଗୁଡିକ ସହିତ ଆପଣଙ୍କର ଖେଳ-ଦିବସକୁ ଉନ୍ନୀତ କରନ୍ତୁ। ବିଶ୍ୱର ସବୁଠାରୁ ମୂଲ୍ୟବାନ ଏବଂ ବିରଳ ଧାତୁ ପ୍ଲାଟିନମ୍ ପୃଥିବୀରେ କିଛି ବଛା ବଛା ସ୍ଥାନରେ ଉପଲବ୍ଧ ହେଉଥିବାରୁ ତାହା ବାସ୍ତବରେ ଅନନ୍ୟ ପ୍ରସନ୍ଦ ହୋଇଛି ଏବଂ ସେଥିରୁ ଅତି ନିଖୁଣ ଭାବରେ ଏହା ପ୍ରସ୍ତୁତ କରାଯାଇଛି। ଏହାର ସୌନ୍ଦର୍ଯ୍ୟ ଏବଂ ଦୀର୍ଘସ୍ଥାୟିତ୍ୱ ଉଚ୍ଚ-ଶକ୍ତି ପ୍ରଦାନକାରୀ ଷ୍ଟାଇଲ ନିମନ୍ତେ ସମ୍ପୂର୍ଣ୍ଣ ସଠିକ୍ ଖାପ ଖାଉଛି।

ଷ୍ଟାଣ୍ଡ ନିମନ୍ତେ ହେଉ କିମ୍ବା ଖେଳ ଏକତ୍ର ଦେଖିବାକୁ ସାଙ୍ଗମାନଙ୍କ ସହିତ ମିଳିତ ହେବା ଅଥବା ଆପଣଙ୍କର ନିକଟତମ ସ୍ପୋର୍ଟସ୍ ବାର୍‌ରେ ମ୍ୟାଚ୍ ପ୍ରଦର୍ଶନକୁ ଉପଭୋଗ କରିବା ହେଉ, ପ୍ଲାଟିନମ୍ ଗହଣା ଆପଣଙ୍କର ସ୍ଥାପତ୍ୟ କଳା ବର୍ଗ ସହିତ ଅଧିକ ଗାମ୍ଭୀର୍ଯ୍ୟ ଏବଂ ଅନ୍ଦାଜର ସ୍ପର୍ଶ ଯୋଗ କରିପାରିବ। ୯୫% ଶୁଦ୍ଧ ପ୍ଲାଟିନମ୍‌ରୁ ନିଖୁଣ କାରିଗରୀରେ ପ୍ରସ୍ତୁତ ପ୍ରତ୍ୟେକ ଡିଜାଇନକୁ ବିଭିନ୍ନ ପ୍ରକାର ପୋଷାକ ସହିତ ସମ୍ମିଳିତ କରାଯାଇପାରିବ ଏବଂ ବହୁବିଧ ଉପାୟରେ ତାହାକୁ ନେଇ ଷ୍ଟାଇଲ କରାଯାଇପାରିବ। ପ୍ଲାଟିନମ୍‌ର ଅନ୍ତର୍ନିହିତ ଗୁଣବତ୍ତାକୁ ଅତୁଟ ରଖି ଏହି କଲେକ୍ସନରେ ପରିଷ୍କାର, ବୋଲ୍ଡ ଲାଇନ ଏବଂ ବାରି ହୋଇପଡୁଥିବା ଏମ୍ବେଲମ୍‌ଗୁଡିକ ସ୍ଥାନପାଇଛି, ଯାହା କଠିନ ଫର୍ମରେ କ୍ରେଷ୍ଟ, ଏରୋଡାଇନାମିକ୍ ଉପାଦାନ ସହିତ ନିଖୁଣତାର ବିଶେଷତା, ଛେଦନ ଏବଂ ଅଳଙ୍କରଣ କରାଯାଇଛି।

## ବିଓଆଇର ୬୬୬ ଦିନିଆ ସ୍ଥାୟୀ ଜମା ଅଫର୍

**ନୂଆଦିଲ୍ଲୀ,୩।୬(ଏଜେନ୍ସି):** ବ୍ୟାଙ୍କ ଅଫ୍ ଇଣ୍ଡିଆ ଏହାର "୬୬୬ ଦିନ- ସ୍ଥାୟୀ ଜମା" ଅଫରର ଶୁଭାରମ୍ଭ କରିଛି, ଯାହା ୨ କୋଟି ଟଙ୍କାରୁ କମ୍ ଜମା ରାଶି ଉପରେ ୬୬୬ ଦିନ ନିମନ୍ତେ ଅତି ବରିଷ୍ଠ ନାଗରିକ ମାନଙ୍କୁ ବର୍ଷକୁ ଶତକଡା ୭.୯୫ ପ୍ରତିଶତ ଉଚ୍ଚ ସୁଧ ହାର ପ୍ରଦାନ କରୁଛି। ଗ୍ରାହକ ଏବଂ ସର୍ବସାଧାରଣ ଏହି "୬୬୬ ଦିନ- ସ୍ଥାୟୀ ଜମା" ଖାତା ଖୋଲିବା ସହ ଏହି ଆକର୍ଷଣୀୟ ଜମାର ଲାଭ ଉଠାଇ ପାରିବେ। "୬୬୬ ଦିନ ସ୍ଥାୟୀ ଜମା" ଅଫରରେ ବରିଷ୍ଠ ନାଗରିକମାନଙ୍କୁ ଶତକଡା ୭.୮୦ ପ୍ରତିଶତ ସୁଧ ମିଳିବା ସହ ଅନ୍ୟମାନଙ୍କୁ ଶତକଡା ୭.୩୦ ପ୍ରତିଶତ ପର୍ଯ୍ୟନ୍ତ ଉଚ୍ଚ ହାରରେ ସୁଧ ମିଳିବ। ସଂଶୋଧିତ ସୁଧ ହାର ଘରୋଇ, ଏନ୍‌ଆର୍‌ଓ ଏବଂ ଏନ୍‌ଆର୍‌ଆଇ ରୁପି ଟର୍ମ ଜମା ପାଇଁ ପ୍ରଯୁଜ୍ୟ ଯାହା ତା ୦୧.୦୬.୨୦୨୪ରୁ ଲାଗୁ ହୋଇଛି। ଏଥିରେ ସ୍ଥାୟୀ ଜମା ବିପକ୍ଷରେ ଋଣ ଏବଂ ଅପରିପକ୍ୱ ଉଠାଣ ସୁବିଧା ମଧ୍ୟ ଉପଲବ୍ଧ। ଗ୍ରାହକମାନେ ୬୬୬ ଦିନିଆ ସ୍ଥାୟୀ ଜମା ଖାତା ଖୋଲିବା ପାଇଁ ବ୍ୟାଙ୍କ ଅଫ୍ ଇଣ୍ଡିଆର ଯେକୌଣସି ଶାଖା ସହ ଯୋଗାଯୋଗ କରିପାରିବେ କିମ୍ବା ବିଓଆଇ ଓମ୍ନି ନିଓ ଆପ୍ / ଇଣ୍ଟରନେଟ୍ ବ୍ୟାଙ୍କିଙ୍ଗ୍ ବ୍ୟବହାର କରି ଏ ସମ୍ପର୍କରେ ସବିଶେଷ ବିବରଣୀ ପାଇ ପାରିବେ। ବ୍ୟାଙ୍କର ଏହି ଆକର୍ଷଣୀୟ ସୁଧହାର ସମସ୍ତ ଗ୍ରାହକ ଓ ନୂତନ ଗ୍ରାହକମାନଙ୍କୁ ଆକୃଷ୍ଟ କରିବ ବୋଲି ଭୁବନେଶ୍ୱର ଅଞ୍ଚଳର ଆଞ୍ଚଳିକ ପ୍ରବନ୍ଧକ ବିଜୟ କୁମାର ମଲ୍ଲିକ ପ୍ରକାଶ କରିଛନ୍ତି।

### ବିଜ୍ଞାପନଦାତା, ଏଜେନ୍ସିଙ୍କୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ

## ବିଜ୍ଞାପନ ପ୍ରକାଶ ପୂର୍ବରୁ ସ୍ୱ-ଘୋଷଣାପତ୍ର ଦାଖଲ ବାଧ୍ୟ

ନୂଆଦିଲ୍ଲୀ,୩।୬(ଏଜେନ୍ସି)

କୌଣସି ବିଜ୍ଞାପନ ପ୍ରକାଶ କିମ୍ବା ପ୍ରସାରଣ କରିବା ପୂର୍ବରୁ ସମସ୍ତ ବିଜ୍ଞାପନଦାତା / ବିଜ୍ଞାପନ ଏଜେନ୍ସି 'ସେଲ୍ଫ-ଡିକ୍ଲାରେସନ୍ ସାର୍ଟିଫିକେଟ୍' ବା 'ସ୍ୱ-ଘୋଷଣା ପ୍ରମାଣପତ୍ର ଦାଖଲ କରିବା ଆବଶ୍ୟକ। ମାନ୍ୟବର ସର୍ବୋଚ୍ଚ ନ୍ୟାୟାଳୟ ରିଟ୍ ପିଟିସନ ସିଭିଲ ସଂଖ୍ୟା ୬୪୫/୨୦୨୨-ଆଇଏମଏ ଏବଂ ଏଏନଆର ବନାମ ୟୁଓଆଇ ଆଣ୍ଡ ଅନ୍ୟାନ୍ୟଙ୍କ ମାମଲାରେ ୦୭.୦୫.୨୦୨୪ ରେ ଏହି ନିର୍ଦ୍ଦେଶନାମା ଜାରି କରିଛନ୍ତି। ମାନ୍ୟବର ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ପରେ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଟିଭି ଓ ରେଡିଓ ବିଜ୍ଞାପନ ପାଇଁ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟର ପ୍ରସାରଣ ସେବା ପୋର୍ଟାଲରେ ଏବଂ ପ୍ରିଣ୍ଟ ଓ ଡିଜିଟାଲ/ଇଣ୍ଟରନେଟ୍ ବିଜ୍ଞାପନ ପାଇଁ ପ୍ରେସ କାଉନସିଲ ଅଫ ଇଣ୍ଡିଆର ପୋର୍ଟାଲରେ ଏକ ନୂଆ ଫିଚର ବା ବୈଶିଷ୍ଟ୍ୟ ଆରମ୍ଭ କରିଛି । ବିଜ୍ଞାପନଦାତା/ ବିଜ୍ଞାପନ ଏଜେନ୍ସିର ଜଣେ ଅଧିକୃତ ପ୍ରତିନିଧିଙ୍କ ଦ୍ୱାରା ସ୍ୱାକ୍ଷରିତ ପ୍ରମାଣପତ୍ର ଏହି ପୋର୍ଟାଲ ମାଧ୍ୟମରେ ଦାଖଲ କରିବା ଆବଶ୍ୟକ।

ଏହି ପୋର୍ଟାଲ ୪ ଜୁନ୍ ୨୦୨୪ରେ କାର୍ଯ୍ୟକ୍ଷମ ହେବ। ୧୮ ଜୁନ୍ ୨୦୨୪ କିମ୍ବା ତା'ପରେ ଜାରି/ପ୍ରସାରଣ/ପ୍ରକାଶିତ ହେବାକୁ ଥିବା ସମସ୍ତ ନୂତନ ବିଜ୍ଞାପନ ପାଇଁ ସମସ୍ତ ବିଜ୍ଞାପନଦାତା ଏବଂ ବିଜ୍ଞାପନ ଏଜେନ୍ସିମାନଙ୍କ ଦ୍ୱାରା ସ୍ୱ-ଘୋଷଣା




ପ୍ରମାଣପତ୍ର ପ୍ରାପ୍ତ କରିବା ଆବଶ୍ୟକ। ସମସ୍ତ ଅଂଶୀଦାରଙ୍କୁ ସ୍ୱ-ପ୍ରମାଣପତ୍ର ପ୍ରକ୍ରିୟା ସହିତ ପରିଚିତ ହେବା ପାଇଁ ପର୍ଯ୍ୟାପ୍ତ ସମୟ ପ୍ରଦାନ କରିବା ପାଇଁ ଦୁଇ ସପ୍ତାହର ବଫର ଅବଧି ରଖାଯାଇଛି। ଜାରି ରହିଥିବା ବିଜ୍ଞାପନରେ ବର୍ତ୍ତମାନ ସ୍ୱ- ଘୋଷଣା ପ୍ରମାଣପତ୍ରର ଆବଶ୍ୟକତା ନାହିଁ। ବିଜ୍ଞାପନରେ ବିଭ୍ରାନ୍ତିକର ଦାବି ନାହିଁ, ଏବଂ (ii) କେବୁଲ ଟେଲିଭିଜନ ନେଟୱାର୍କ ନିୟମ, 1994 ର ନିୟମ 7 ଏବଂ ପ୍ରେସ୍ କାଉନସିଲ୍ ଅଫ୍ ଇଣ୍ଡିଆର ସାମ୍ବାଦିକତା ଆଚରଣ ସଂହିତା ସମେତ ସମସ୍ତ ପ୍ରାସଙ୍ଗିକ ନିୟାମକ ନିର୍ଦ୍ଦେଶାବଳୀକୁ ବିଜ୍ଞାପନରେ ପାଳନ କରାଯାଇଛି ବୋଲି ଦର୍ଶାଇବା ସ୍ୱ-ଘୋଷଣା ପ୍ରମାଣପତ୍ର ଦାଖଲର ଉଦ୍ଦେଶ୍ୟ। ସମ୍ପୃକ୍ତ ପ୍ରସାରଣକାରୀ, ମୁଦ୍ରାକର (ପ୍ରିଣ୍ଟର୍), ପ୍ରକାଶକ କିମ୍ବା ଇଲେକ୍ଟ୍ରୋନିକ୍ ମିଡିଆ ପ୍ଲାଟଫର୍ମଗୁଡ଼ିକୁ ସେମାନଙ୍କ ରେକର୍ଡ ପାଇଁ ବିଜ୍ଞାପନଦାତା ସ୍ୱ-ଘୋଷଣା ପ୍ରମାଣପତ୍ର ଅପଲୋଡ୍ କରିବାର ପ୍ରମାଣ ପ୍ରଦାନ କରିବା ଆବଶ୍ୟକ। ମାନ୍ୟବର ସର୍ବୋଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ଅନୁଯାୟୀ, ବୈଧ ସ୍ୱ-ଘୋଷଣା ପ୍ରମାଣପତ୍ର ବିନା ଟେଲିଭିଜନ, ପ୍ରିଣ୍ଟ ମିଡିଆ କିମ୍ବା ଇଣ୍ଟରନେଟରେ କୌଣସି ବିଜ୍ଞାପନ ଚଳାଇବାକୁ ଅନୁମତି ଦିଆଯିବନାହିଁ।

# କ୍ଷତିକାରକ ରଙ୍ଗିନ ପ୍ଲାଷ୍ଟିକ୍



ପ୍ଲାଷ୍ଟିକ୍ ପ୍ରଦୂଷଣ ଉତ୍କଟ ସମସ୍ୟା ଭାବେ ଉଭା ହୋଇଛି। ସେହିପରି ପ୍ଲାଷ୍ଟିକ୍‌ର ବ୍ୟବହାର କମ୍ କରିବା ପାଇଁ ବିଭିନ୍ନ ଉପାୟ ଅବଲମ୍ବନ କରାଯାଉଛି। ଏହି କ୍ରମରେ ରଙ୍ଗିନ ପ୍ଲାଷ୍ଟିକ୍ ଶୀଘ୍ର ମାଇକ୍ରୋ ପ୍ଲାଷ୍ଟିକ୍‌ରେ ପରିଣତ ହେଉଥିବା ଏକ ନୂତନ ଅଧ୍ୟୟନରୁ ଜଣାପଡ଼ିଛି। ବ୍ରିଟେନ ଏବଂ ଦକ୍ଷିଣ ଆଫ୍ରିକାର କେପ୍ ଟାଉନ୍ ବିଶ୍ୱବିଦ୍ୟାଳୟର ବୈଜ୍ଞାନିକମାନେ ତିନିବର୍ଷ ଧରି ଏହି ଗବେଷଣା କରିଛନ୍ତି। ଏଥିରୁ ଜଣାପଡ଼ିଛି ଯେ, ରଙ୍ଗ ଆଧାରରେ ପ୍ଲାଷ୍ଟିକ୍‌ର ଅବନତି ହାର ଭିନ୍ନ ଭିନ୍ନ ହୋଇଥାଏ। କେବଳ ସେତିକି ନୁହେଁ, ସମୟ ସହିତ ରଙ୍ଗିନ୍ ପ୍ଲାଷ୍ଟିକ୍ ମାରାତ୍ମକ ମାଇକ୍ରୋ ପ୍ଲାଷ୍ଟିକ୍ କଣିକାରେ ରୂପାନ୍ତରିତ ହୋଇଥାଏ। ଅବଶ୍ୟ କଳା ଓ ଧଳା ରଙ୍ଗ ପ୍ଲାଷ୍ଟିକ୍ ସେଭଳି ରହେ, ଅର୍ଥାତ୍ ଏଥିରେ କୌଣସି ପରିବର୍ତ୍ତନ ହୋଇ ନ ଥାଏ। ଏହି ଗବେଷଣାରେ ବ୍ରିଟେନର ବୈଜ୍ଞାନିକମାନେ ଇଂଲଣ୍ଡ ସ୍ଥିତ ଲିସେଷ୍ଟର ବିଶ୍ୱବିଦ୍ୟାଳୟ ଛାତ ଉପରେ ପ୍ରାୟ ତିନିବର୍ଷ ପର୍ଯ୍ୟନ୍ତ ସୂର୍ଯ୍ୟ ସଂସ୍ପର୍ଶରେ ଅଲଗା ଅଲଗା ବୋତଲର ଠିପିକୁ ରଖିଥିବା ବେଳେ ଦକ୍ଷିଣ ଆଫ୍ରିକାର ବୈଜ୍ଞାନିକମାନେ ସମୁଦ୍ରକୂଳରେ ମିଳିଥିବା ପ୍ଲାଷ୍ଟିକ୍ ଜିନିଷର ପରୀକ୍ଷା କରିଥିଲେ। ଏହି ଦୁଇଟି ଅଧ୍ୟୟନରୁ ସମାନ ପରିଣାମ ଫଳ ସାମ୍ନାକୁ ଆସିଲା। ମୁଖ୍ୟତଃ ରଙ୍ଗ ଆଧାରରେ ମାଇକ୍ରୋପ୍ଲାଷ୍ଟିକ୍ ନିର୍ମାଣରେ ଗୁରୁତ୍ୱପୂର୍ଣ୍ଣ ପ୍ରଭେଦ ଦେଖିବାକୁ ମିଳିଥିଲା, କିନ୍ତୁ କଳା ଓ ଧଳା ରଙ୍ଗ ପ୍ଲାଷ୍ଟିକ୍ ଜିନିଷ ସେମିତି ଥିଲା, ଯେମିତି ତିନିବର୍ଷ ତଳେ ଥିଲା। ଏହାକୁ ଦୃଷ୍ଟିରେ ରଖି ସେମାନେ ବିକ୍ରେତା ଓ ନିର୍ମାତାଙ୍କୁ ରଙ୍ଗିନ ପ୍ଲାଷ୍ଟିକ୍ ବ୍ୟବହାର ନ କରିବାକୁ ପରାମର୍ଶ ଦେଇଛନ୍ତି। ବିଶେଷକରି ଖାଦ୍ୟପଦାର୍ଥ ପାଇଁ ଏହାକୁ ବ୍ୟବହାର ନ କରିବା ଭଲ ବୋଲି କୁହାଯାଇଛି। ଅନ୍ୟପଟେ ରଙ୍ଗିନ ପ୍ଲାଷ୍ଟିକ୍ ସୂର୍ଯ୍ୟଙ୍କ ଅତିବାଇଗଣୀ ରଶ୍ମି ସଂସ୍ପର୍ଶରେ ବେଶି ସମୟ ରହିବା ଦ୍ୱାରା ତାହା ଶୀଘ୍ର ମାଇକ୍ରୋପ୍ଲାଷ୍ଟିକ୍ କଣିକାରେ ବଦଳିଯାଏ। ତେବେ ବୈଜ୍ଞାନିକଙ୍କ ଅନୁସାରେ, ମାଇକ୍ରୋ ପ୍ଲାଷ୍ଟିକ୍ କଣିକା ଏତେ କ୍ଷୁଦ୍ର ଯେ, ଏହା ପାଚନକ୍ରିୟା ବା ଫୁସ୍‌ଫୁସ୍ ଟିସୁ ମାଧ୍ୟମରେ ରକ୍ତକୁ ଚାଲିଯାଏ। ଯଦ୍ୱାରା ଏହି ହାନିକାରକ ପ୍ଲାଷ୍ଟିକ୍ ପୂରା ଶରୀର ତଥା କୋଷରେ ବ୍ୟାପିପାରେ।

# 'ତେରେ ଇସ୍କ୍ ମେଁ'ର ସୁଟିଂ ଆରମ୍ଭ କରିବେ ଧନୁଷ୍



ବଲିଉଡ୍‌ରେ ଅନେକ ଫିଲ୍ମ ଘୋଷଣା ହୋଇ ମଧ୍ୟ କୌଣସି ନା କୌଣସି କାରଣରୁ ଏହାର ନିର୍ମାଣ ହୋଇପାରେ ନାହିଁ। ଏଭଳି କିଛି ଘଟିଛି ସାଉଥ୍‌ର ଲୋକପ୍ରିୟ ଅଭିନେତା ଧନୁଷଙ୍କ ସହ। ଆନନ୍ଦ ଏଲ୍ ରାୟଙ୍କ ନିର୍ଦ୍ଦେଶିତ ଫିଲ୍ମ 'ତେରେ ଇସ୍କ୍ ମେଁ'ର ଘୋଷଣା ହେବାର ୧୧ ମାସ ପରେ ବି ଏହାର ସୁଟିଂ ଆରମ୍ଭ ହୋଇ ନାହିଁ। ମଝିରେ ଏହି ଫିଲ୍ମ ନିର୍ମାଣ ହେବ ନାହିଁ ବୋଲି ଖବର ବି ପ୍ରକାଶ ପାଇଥିଲା। ତେବେ ଧନୁଷ ଏବେ ଏକ ତାମିଲ ଫିଲ୍ମର ସୁଟିଂରେ ବ୍ୟସ୍ତ ଅଛନ୍ତି। ଆନନ୍ଦଙ୍କ ଏହି ଫିଲ୍ମର ସୁଟିଂ ପାଇଁ ତାଙ୍କୁ ଦୁଇ ମାସ ସମୟ ଦେବାକୁ ହେବ। ତେଣୁ ତାମିଲ୍ ଫିଲ୍ମର ସୁଟିଂ ପରେ ହିଁ ଧନୁଷ ଏହାର ସୁଟିଂ ଆରମ୍ଭ କରିବେ ବୋଲି ଜଣାପଡ଼ିଛି। ଆନନ୍ଦ ମଧ୍ୟ ଧନୁଷଙ୍କ କଥାରେ ରାଜି ଅଛନ୍ତି। ଅକ୍ଟୋବର, ନଭେମ୍ବର ମାସରେ ଧନୁଷ ଏହାର ସୁଟିଂ ଆରମ୍ଭ କରିବେ। ଏହା ଏକ ଭିନ୍ନ ଧରଣର ପ୍ରେମ କାହାଣୀ ହେବ। ଏଥିରେ ଧନୁଷ ଶଙ୍କର ନାମକ ଜଣେ କ୍ରୋଧୀ ଯୁବକ ଭୂମିକାରେ ଅଭିନୟ କରିବେ। ତେବେ ଜୁଲାଇ ମାସ ସୁଦ୍ଧା ଫିଲ୍ମର ନାୟିକା ଫାଇନାଲ କରାଯିବ। ହିମାଂଶୁ ଶର୍ମା ଓ ନୀରଜ ଏହାର କାହାଣୀ ଲେଖିଥିବାବେଳେ ଏ.ଆର୍ ରେହମାନ୍ ଏହାର ସଙ୍ଗୀତ ନିର୍ଦ୍ଦେଶନା ଦେବେ। ବାରଣାସୀ ଓ ଉତ୍ତର ପ୍ରଦେଶର କେତେକ ସ୍ଥାନରେ ଏହାର ସୁଟିଂ ହେବ। ଏହାପୂର୍ବରୁ ଧନୁଷ, ଆନନ୍ଦଙ୍କ ଫିଲ୍ମ 'ରାଞ୍ଝଣା' ଓ 'ଅତରଙ୍ଗି ରେ' କାମ କରିଥିଲେ।

# ଚିନି ପାଇଁ ଚେତାବନୀ



ଏବେ ସୁଦ୍ଧା କେବଳ ସିଗାରେଟ୍ ଆଦି ମାଦକଦ୍ରବ୍ୟ ଉପରେ ସ୍ୱାସ୍ଥ୍ୟ ଚେତାବନୀ ସୂଚନା ଲେଖା ଥିବା ସମସ୍ତେ ଜାଣନ୍ତି। ଏଣିକି ପ୍ରତ୍ୟେକ ଖାଦ୍ୟ ପଦାର୍ଥରେ ଚିନି ପାଇଁ ଚେତାବନୀ ଜାରି କରାଯିବ। ଖାଦ୍ୟରେ କେତେ ମାତ୍ରାରେ ଚିନି ଅଛି, ସେନେଇ ଗ୍ରାହକଙ୍କ ଦୃଷ୍ଟିଆକର୍ଷଣ କରାଯାଇ, ସେମାନଙ୍କୁ ସତର୍କ କରାଯିବ। ଲୋକଙ୍କ ସ୍ୱାସ୍ଥ୍ୟକୁ ଦୃଷ୍ଟିରେ ରଖି କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ଏହି ପଦକ୍ଷେପ ଗ୍ରହଣ କରାଯାଇଛି। ଏହାଦ୍ୱାରା ଚିନି ଭଳି ମିଠା ଦ୍ରବ୍ୟ ଯୋଗୁଁ ଦେଖା ଦେଉଥିବା ସ୍ୱାସ୍ଥ୍ୟ ସମସ୍ୟାକୁ ନିୟନ୍ତ୍ରଣାଧୀନ କରାଯାଇପାରିବ ବୋଲି ଆଶା କରାଯାଉଛି। ତେବେ ଏହି ଚେତାବନୀ ମାଧ୍ୟମରେ ପ୍ରି-ପ୍ୟାକେଜଡ୍ ଫୁଡ୍ ପ୍ରଡକ୍ଟରେ ଅତିରିକ୍ତ ଚିନି କେତେ ଅଛି, ଜାଣିବା ସହଜ ହେବ। ସେହିପରି ଫୁଡ୍ ସେଫ୍ଟି ଆଣ୍ଡ ଷ୍ଟାଣ୍ଡାର୍ଡ ଅଥରିଟି ଅଫ୍ ଇଣ୍ଡିଆ (ଏଫଏସ୍ଏସ୍ଏଆଇ) ଟପ୍ ଫୁଡ୍ ରେଗୁଲେଟରଙ୍କୁ ଫୁଡ୍ ପ୍ୟାକେଟ୍‌ରେ ୱାର୍ଣ୍ଣିଂ ଲେବଲ ଲଗାଇବା ଅନିବାର୍ଯ୍ୟ କରିଛି। ତେଣୁ ଏବେ ସବୁ ପ୍ରକାର ଖାଦ୍ୟ ଉପରେ ଚିନିକୁ ନେଇ ସତର୍କ ସୂଚନା ଦେଖିବାକୁ ମିଳିବ। ଅନ୍ୟପକ୍ଷରେ ଏହା ଠିକ୍ ସେହିଭଳି ହେବ, ଯେଭଳି ସିଗାରେଟ୍ ପ୍ୟାକେଟ୍‌ରେ ଫଟୋ ସହିତ ଚେତାବନୀ ଲେଖାଯାଇଥାଏ। ଅର୍ଥାତ୍ ଖାଦ୍ୟ ପ୍ୟାକେଟ୍ ଉପରେ ହଳଦିଆ ରଙ୍ଗ ପଟି ଲଗାଯାଇ ସେଥିରେ ଚିନିର ମାତ୍ରାକୁ ପ୍ରତିଫଳିତ କରାଯିବ। ଗତ ମାସରେ ପ୍ରତିଷ୍ଠିତ ନେସଲେ କମ୍ପାନି ଅନେକ ଦେଶରେ ବେବି ଫୁଡ୍ ପାଉଡର୍‌ରେ ଚିନି ମିଶାଇବାକୁ ନେଇ ବିବାଦ ଉପୁଜି ଥିଲା। ଏହା ପରେ ଏଭଳି ପଦକ୍ଷେପ ଗ୍ରହଣ କରାଯାଇଛି।

# ବଲ୍ ଖେଳିବା ଅବସ୍ଥାରେ ୧୧ ସେକେଣ୍ଡରେ ରୁବିକ୍ କ୍ୟୁବ୍ ସମାଧାନ



ରୁବିକ୍ କ୍ୟୁବ୍ ପଜଲ ସମାଧାନ କରିବା ଆଦୌ ସହଜ ହୋଇ ନ ଥାଏ। ଏପରିକି ବଡ଼ମାନେ ମଧ୍ୟ ବହୁ ମାନସିକ କସରତ କରିବା ପରେ ଏଥିରେ ସେମାନଙ୍କୁ ସଫଳତା ମିଳି ନ ଥାଏ। ତେବେ ବଲ୍‌କୁ ଜଗ୍‌ଲିଂ କରିବା ସମୟରେ ରୁବିକ୍ କ୍ୟୁବ୍‌କୁ ସମାଧାନ କରି ସିଙ୍ଗାପୁରର ଜଣେ ବାଳକ ଚର୍ଚ୍ଚାରେ ଅଛନ୍ତି। କେବଳ ସେତିକି ନୁହେଁ, ଏ ଲାଗି ସେ ଗିନିଜ୍ ବିଶ୍ୱ ରେକର୍ଡରେ ସ୍ଥାନ ପାଇଛନ୍ତି। ୧୦ ବର୍ଷ ବୟସର ଜିରୁୟି ମାସନ ଜୋଉଙ୍କର ପିଲାବେଳୁ ରୁବିକ୍ କ୍ୟୁବ୍ ପ୍ରତି ଆଗ୍ରହ ଥିଲା। ତେବେ ଏହା ପ୍ରତି ତାଙ୍କର ଆସକ୍ତି ଧୀରେ ଧୀରେ ଏତେ ବେଶି ବଢ଼ିଗଲା ଯେ, କମ୍ ବୟସରେ ହିଁ ଏହାକୁ ସମାଧାନ କରିବା କଳା ଶିଖି ଗଲେ। ଏପରିକି ଗୋଟିଏ ହାତରେ ଏହାକୁ ସମାଧାନ କରିବା ତାଙ୍କ ଅଭ୍ୟାସରେ ପରିଣତ ହୋଇଗଲା। ସେଥିପାଇଁ ଏବେ ସେ ଗୋଟିଏ ହାତରେ ଦୁଇଟି ବଲ୍‌କୁ ଉପର ତଳ କରି ଖେଳିବା ବେଳେ ଅନ୍ୟ ହାତରେ ରୁବିକ୍ କ୍ୟୁବ୍‌କୁ ସହଜରେ ସମାଧାନ କରିବାରେ ସଫଳ ହୋଇଛନ୍ତି। ଜୋଉ ମାତ୍ର ୧୦.୪୩ ସେକେଣ୍ଡରେ ୨*୨*୨ ଏହି ଘୂର୍ଣ୍ଣାୟମାନ ପଜଲକୁ ସମାଧାନ କରିଛନ୍ତି। ଗିନିଜ୍ ବିଶ୍ୱ ରେକର୍ଡ ଜୋଉଙ୍କର ଏହି ଭିଡିଓକୁ ନିକଟରେ ସାମାଜିକ ଗଣମାଧ୍ୟମରେ ସେୟାର୍ କରିବା ପରେ ସମସ୍ତଙ୍କ ନଜରକୁ ଆସିଛି। ଅନ୍ୟପଟେ ସେ ଯେଉଁଭଳି ଭାବେ ଦୁଇ ହାତରେ ଭାରସାମ୍ୟ ରକ୍ଷା କରି ଏହାକୁ ପ୍ରଦର୍ଶନ କରିଛନ୍ତି, ତାହାକୁ ଦେଖି ଲୋକେ ଆଶ୍ଚର୍ଯ୍ୟ ହୋଇଛନ୍ତି।

# ଭିନ୍ନ ଜଣେ ପୁସ୍ତକ ପ୍ରେମୀ

## ୧୮ କୋଟିରେ କିଣିଲେ ବହି



ଜ୍ଞାନର ଭଣ୍ଡାର ପୁସ୍ତକ। ପୁସ୍ତକଟିଏ ହିଁ ମଣିଷ ପାଇଁ ମାର୍ଗଦର୍ଶକ ଓ ଶ୍ରେଷ୍ଠ ବନ୍ଧୁ ପାଲଟିଥାଏ। ଏହାକୁ ହୃଦୟଙ୍ଗମ କରିଥିବା ଲୋକ ହିଁ ସର୍ବଦା ବହି ପଢ଼ା ସଉକ ରଖିଥାନ୍ତି। ଏମିତି କିଛି ପୁସ୍ତକ ପ୍ରେମୀ ଅଛନ୍ତି ବହିର ଦାମ୍ ଯେତେ ଅଧିକ ହେଲେ ବି ସେ ଏହାକୁ କିଣିଥାନ୍ତି। ଆମେରିକା, ଇଡାହୋରେ ରହୁଥିବା ୪୪ ବର୍ଷୀୟ ବ୍ୟବସାୟୀ ରସେଲ ବ୍ରନସନ୍‌ଙ୍କ କ୍ଷେତ୍ରରେ ଏଭଳି କିଛି ଦେଖିବାକୁ ମିଳିଛି। ଯିଏକି ଏକ ୧୦୦ ବର୍ଷ ପୁରୁଣା ବହି କିଣିବାକୁ କୋଟି କୋଟି ଟଙ୍କା ଖର୍ଚ୍ଚ କରି ଏବେ ଚର୍ଚ୍ଚାରେ ରହିଛନ୍ତି। ତେବେ ସେ ଇ-ବେରେ 'ଦି ଲ ଅଫ୍ ସକ୍ସେସ' ନାମକ ବହିକୁ ଦେଖି ଏହାକୁ କିଣିବାକୁ ମନ ବଳାଇଥିଲେ। ଏହି ବହିଟି ଆମେରିକୀୟ ଲେଖକ ନେପୋଲିୟନ ହିଲ୍‌ଙ୍କ ଦ୍ୱାରା ୧୯୨୫ ମସିହାରେ ଲେଖାଯାଇଥିଲା। ତେବେ ଇବେରେ ବିକ୍ରି ହେଉଥିବା ଏହି ବହିଟି ଏହାର ପ୍ରଥମ ସଂସ୍କରଣ ଥିଲା। ଏଥିରେ ନେପୋଲିୟନ୍‌ଙ୍କ ହସ୍ତାକ୍ଷର ମଧ୍ୟ ରହିଥିଲା। ତେଣୁ ଅନ୍‌ଲାଇନ୍‌ରେ ବିକ୍ରି ହେଉଥିବା ଦେଖି ଏହି ବହିଟିକୁ ରସେଲ୍ କିଣିବାକୁ ମନ ବଳାଇଥିଲେ। ହେଲେ ଏହି ବହିର ଦାମ୍ ଏତେ ଅଧିକ ରହିଥିଲା ଯେ, ଯାହା ଗୋଟିଏ ବିଳାସପୂର୍ଣ୍ଣ ଘରର ମୂଲ୍ୟ ସହିତ ସମାନ। ଏହି ବହିର ଦାମ୍ ଥିଲା ୧.୫ ମିଲିୟନ ଡଲାର ତଥା ଭାରତୀୟ ମୂଲ୍ୟରେ ଏହା ପ୍ରାୟ ୧୧ କୋଟି ଟଙ୍କାରୁ ଅଧିକ ହେବ। ତେଣୁ ବହିଟିକୁ କିଣିବାକୁ ପୂରା ଏକ ମାସ ଯାଏଁ ବିକ୍ରେତାଙ୍କ ସହ ରସେଲ ମୂଲଚାଲ କରିଥିଲେ। ଶେଷରେ ସେ ୧୮ କୋଟିରେ ଏହି ବହିଟିକୁ କିଣିଥିଲେ। ତେବେ ଏନେଇ ରସେଲ କୁହନ୍ତି, ଏହି ପୁସ୍ତକ ତାଙ୍କ ଜୀବନର ସବୁଠୁ ମହଙ୍ଗା ଜିନିଷ। ଏହି ବହିଟି ଯମେିତି ଧୂଳିମଳି ସଂସ୍ପର୍ଶରେ ନ ଆସିବ ସେଥିପାଇଁ ସେ ଏହାକୁ ଏକ ପ୍ରାଇଭେଟ୍ ପ୍ଲେନ୍‌ରେ ଘରକୁ ଆଣିଥିଲେ।




## ହିନ୍ଦୁ ଧର୍ମରେ ପ୍ରତ୍ୟେକ ଶୁଭକାମ ଓ ପୂଜାପାଠରେ କଳସ ବସାଯିବା ବିଧି ରହିଛି। ସେହିପରି ଅନେକ ଲୋକ ନିୟମିତ ଘରର ମୁଖ୍ୟଦ୍ୱାର ସମ୍ମୁଖରେ କଳସ ବସାଇଥାନ୍ତି। ଘରୁ ବାହାରିବା ସମୟରେ ଶୁଭ କଳସ ବା ଜଳପୂର୍ଣ୍ଣ କୁମ୍ଭ ଦେଖିକରି ଯିବାଦ୍ୱାରା କାର୍ଯ୍ୟସିଦ୍ଧି ହୋଇଥାଏ ବୋଲି ବିଶ୍ୱାସ ରହିଛି। ତେବେ ଏହି କଳସ ସ୍ଥାପନକୁ ନେଇ ମଧ୍ୟ କିଛିଟା ନିୟମ ରହିଛି, ଜାଣିରଖନ୍ତୁ...

- ମୁଖ୍ୟ ଦ୍ୱାରର ବାମପଟେ କଳସ ରଖିବା ଅତ୍ୟନ୍ତ ଭଲ ହୋଇଥାଏ। ଆବଶ୍ୟକ ସ୍ଥଳେ ଚାହିଁଲେ ଏହାକୁ ଡାହାଣ ପଟେ କିମ୍ବା ଦ୍ୱାରର ସମ୍ମୁଖ ଭାଗରେ ମଧ୍ୟ ରଖିପାରିବେ। କିନ୍ତୁ ସମ୍ମୁଖରେ ରଖିଲେ ଭୁଲ୍‌ରେ କାହାର ଗୋଡ଼ ବାଜିଯିବାର ଆଶଙ୍କା ଥାଏ। ତେଣୁ ନିଜର ସୁବିଧା ଅନୁଯାୟୀ କଳସକୁ ଦ୍ୱାରର ଯେଉଁଠି ଚାହିଁବେ ସେଠି ରଖିପାରିବେ। କିନ୍ତୁ ଧ୍ୟାନ ଦେବେ ଘରକୁ ଯିବାଆସିବା ସମୟରେ ଯେମିତି କଳସ ଉପରେ ସମସ୍ତଙ୍କର ନଜର ପଡୁଥିବ।
- ଯଦି ମୁଖ୍ୟ ଦ୍ୱାରର କାନ୍ଥକୁ ଲାଗି ଚଉରା ରହିଛି, ତା'ହେଲେ ଉକ୍ତ ଚଉରାର ମଣ୍ଡପ ଉପରେ କଳସକୁ ରଖାଯାଇ ପାରିବ।
- ପ୍ରତିଦିନ ସୂର୍ଯ୍ୟୋଦୟ ପୂର୍ବରୁ ସ୍ନାନସାରି ପ୍ରଥମେ ସୂର୍ଯ୍ୟ ଦେବତାଙ୍କୁ ଜଳ ଅର୍ଘ୍ୟ ଦେବା ପରେ ମା' ବୃନ୍ଦାବତୀଙ୍କୁ ପୂଜା କରିବେ। ଆଉ ତା'ପରେ ମୁଖ୍ୟ ଦ୍ୱାର ନିକଟରେ କଳସକୁ ସ୍ଥାପନା କରି ଘର ଠାକୁରଙ୍କୁ ପୂଜା କଲେ ପରିବାରର ମଙ୍ଗଳ ହୋଇଥାଏ ବୋଲି ବିଶ୍ୱାସ କରାଯାଏ।
- ଯଦି ସୂର୍ଯ୍ୟୋଦୟ ପୂର୍ବରୁ କଳସ ବସାଇବା ସମ୍ଭବ ହେଉନାହିଁ ତା'ହେଲେ ସକାଳର ପ୍ରଥମ ପ୍ରହର ଅର୍ଥାତ୍ ସକାଳ ୯ଟା ଭିତରେ କଳସ ବସାଇବା ନିହାତି ଆବଶ୍ୟକ।
- କଳସର ପାଣି ବାସି ହେବା ଠିକ ନୁହେଁ, ଅର୍ଥାତ୍ ସକାଳେ ଯେଉଁ କଳସ ବସାଇଥିବେ, ସୂର୍ଯ୍ୟାସ୍ତ ପୂର୍ବରୁ ସେହି କଳସର ପାଣିକୁ କୌଣସି ଗଛ ମୂଳରେ ଢାଳିଦେବେ। ପୁଣିଥରେ ତା'ପର ଦିନ ଶୁଦ୍ଧ ଜଳରେ କଳସ ବସାଇବେ।

# ସବୁଠୁ ଛୋଟ କାର୍



ବିଶ୍ୱରେ ସବୁଠୁ ଛୋଟ କାର୍ ଭାବେ 'ପିଲ୍ ପି ୫୦' ନାମ କରିଛି। ୨୦୧୦ ମସିହାରେ ଏହି ଗାଡ଼ିଟିକୁ ଗିନିଜ୍ ବିଶ୍ୱ ରେକର୍ଡରେ ସବୁଠୁ ଛୋଟ କାର୍‌ର ମାନ୍ୟତା ମିଳିଥିଲା। ଏହାର ଲମ୍ବ ୧୩୪ ସେଣ୍ଟି ମିଟର ରହିଥିବାବେଳେ, ଚଉଡ଼ା ୯୮ ସେଣ୍ଟି ମିଟର ଓ ଉଚ୍ଚତା ୧୦୦ ସେଣ୍ଟି ମିଟର ରହିଛି। ଏଥିରେ କେବଳ ଜଣେ ବ୍ୟକ୍ତି ହିଁ ବସିବାର ସୁବିଧା ରହିଛି। ଏହି କାରକୁ ୧୯୬୨ ମସିହାରେ ପିଲ୍ ନାମକ ଅଟୋ ମୋବାଇଲ କମ୍ପାନୀ ଦ୍ୱାରା ତିଆରି କରାଯାଇଥିଲା। ଯାହାକୁ ଆଲେକ୍ସ ଅରଚିନ୍ ନାମକ ଜଣେ ବ୍ୟକ୍ତି ଡିଜାଇନ କରିଥିଲେ। ତେବେ ଏହି କାରର ଓଜନ ଏକ ବାଇକ୍‌ର ଓଜନଠାରୁ ମଧ୍ୟ କମ୍। ପିଲ-ପି୫୦ କାର୍‌ର ଓଜନ ୫୯ କେଜି। ଅଟୋମୋବାଇଲ କ୍ଷେତ୍ରରେ ବିଭିନ୍ନ ପ୍ରକାର ଗାଡ଼ିକୁ ନେଇ ପରୀକ୍ଷାନିରୀକ୍ଷା କରାଯାଏ। ଏହି କାର୍‌କୁ ମଧ୍ୟ ଏକ ପରୀକ୍ଷାମୂଳକ କାର୍ ଭାବେ ନିର୍ମାଣ କରାଯାଇଥିଲା। ଏହି କାର୍‌କୁ ବିଶେଷ କରି ସହରର ଗହଳିପୂର୍ଣ୍ଣ ସ୍ଥାନରେ ଚଳାଇବା ପାଇଁ ତିଆରି କରାଯାଇଥିଲା। ତେଣୁ ଏକାକୀ ମଣିଷ ପାଇଁ ଏହି ପିଲ୍-ପି୫୦ କାର ସବୁଠୁ ଭଲ। ତେବେ ଛୋଟ ହୋଇଥିଲେ ମଧ୍ୟ ଏହି କାରର ମୂଲ୍ୟ ୮୪ ଲକ୍ଷ ଟଙ୍କା ରହିଛି।

## ଆଜିର ଇତିହାସ

- ୧୮୪୫- ମେକ୍ସିକୋ- ଆମେରିକା ଯୁଦ୍ଧ ଆରମ୍ଭ ହେଲା।
- ୧୯୧୯- ଆମେରିକାର ନୌସେନା କୋଷ୍ଟାରିକା ଉପରେ ଆକ୍ରମଣ କଲା।
- ୧୯୫୯- ସି.ରାଜଗୋପାଳାଚାରୀ ସ୍ୱତନ୍ତ୍ର ପାର୍ଟି ଗଠନ ପାଇଁ ଘୋଷଣା କଲେ।
- ୧୯୬୪- ମାଲଦ୍ୱୀପ ସମ୍ବିଧାନର ପ୍ରତିଷ୍ଠା କଲା।
- ୧୯୮୨- ଇସ୍ରାଏଲ୍ ଦକ୍ଷିଣ ଲେବାନନ୍ ଉପରେ ଆକ୍ରମଣ କଲା।
- ୨୦୧୫- ଘାନାର ଏକ ପେଟ୍ରୋଲ୍ ପମ୍ପରେ ଅଗ୍ନିକାଣ୍ଡ ଯୋଗୁଁ ୨୦୦ରୁ ଅଧିକ ଲୋକଙ୍କର ମୃତ୍ୟୁ।

## ଆଜିର ରାଶିଫଳ

**ମେଷ:** ବ୍ୟବସାୟ ଆଗକୁ ବଢ଼ାଇବାକୁ ପ୍ରୟାସ କରିବେ। ପରିବାର ସଦସ୍ୟଙ୍କ ସହ ଉତ୍ତମ ବୁଝାମଣା ରହିବ। ପୁରୁଣା ବନ୍ଧୁଙ୍କ ସହ ଦେଖାସାକ୍ଷାତ ହେବ। ଆର୍ଥିକ ସମସ୍ୟା ଦେଖା ଦେବ।

**ବୃଷ:** ଘରକୁ ନୂଆ ଜିନିଷ ଆଣିବେ। ଭାବିଚିନ୍ତି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବେ। ଗୁରୁଜନଙ୍କ ଆଶୀର୍ବାଦ ନେବେ। ଆର୍ଥିକ କାରବାରରେ ଲାଭ ମିଳିବ। ଦୀର୍ଘଦିନର ସମସ୍ୟା ସମାଧାନ ହେବ।

**ମିଥୁନ:** ଆତ୍ମବିଶ୍ୱାସର ସହ ସମସ୍ତ କାର୍ଯ୍ୟ କରିବେ। ପରିଶ୍ରମ ଅନୁସାରେ ଫଳ ମିଳିବ। ବାଦବିବାଦରୁ ଦୂରେଇ ରହିବେ। ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ପରିଶ୍ରମ କରିବେ। ଜୀବନସାଥୀଙ୍କୁ ସମୟ ଦେବେ।

**କର୍କଟ:** ମାଂସପେଶୀ ଯନ୍ତ୍ରଣା ଅନୁଭବ କରିବେ। ଇଷ୍ଟ ଦେବଙ୍କୁ ସ୍ମରଣ କରିବେ। ସୃଜନାତ୍ମକ କାର୍ଯ୍ୟରେ ସମୟ ଅତିବାହିତ କରିବେ। କାର୍ଯ୍ୟକ୍ଷେତ୍ରରେ ସଫଳ ହେବେ। ଜମି କିଣିବା ଯୋଗ ଅଛି।

**ସିଂହ:** ଦିନଟି ହସଖୁସିରେ କଟିବ। ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦେବେ। ପ୍ରେମ ମାମଲାରେ ଦିନଟି ଭଲ। ବନ୍ଧୁଙ୍କ କଥା ଆଘାତ ଦେବ। ଗରିବ ଲୋକଙ୍କୁ ସାମର୍ଥ୍ୟ ମୁତାବକ ସାହାଯ୍ୟ କରିବେ।

**କନ୍ୟା:** ଆର୍ଥିକ ସ୍ଥିତିରେ ଉନ୍ନତି ପରିଲକ୍ଷିତ ହେବ। ରୋଗମୁକ୍ତ ହେବେ। ପରିବାର ସଦସ୍ୟଙ୍କ ମନ ଜିଣିବେ। ନିଯୁକ୍ତିକୁ ନେଇ ଖୁସି ଖବର ମିଳିବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**ତୁଳା:** ବ୍ୟବସାୟରେ ଲାଭ ହେବ। ପାରିବାରିକ ବିବାଦ ଦେଖା ଦେବ। ଜୀବନସାଥୀଙ୍କ ସହ ନୂଆ ସ୍ଥାନ ବୁଲିବାକୁ ଯିବେ। ବିଦ୍ୟାର୍ଥୀ କଠିନ ପରିଶ୍ରମ କରିବେ। ଯାତ୍ରା ଲାଭଦାୟକ ହେବ।

**ବିଛା:** ବ୍ୟବସାୟ ବୃଦ୍ଧି ପାଇଁ ନୂଆ ଯୋଜନା କରିବେ। ସନ୍ତାନଙ୍କ ସହ ବୁଲିବାକୁ ଯିବେ। ସ୍ୱାଦିଷ୍ଟ ଖାଦ୍ୟ ଖାଇବେ। ବନ୍ଧୁମିଳନ ଯୋଗ ଅଛି। ମାଲିମକଦ୍ଦମା ଲାଗି ସମୟ ଅନୁକୂଳ ନୁହେଁ।

**ଧନୁ:** ଯୋଜନାମୁତାବକ ସମସ୍ତ କାର୍ଯ୍ୟ କରିବେ। ଚିନ୍ତାଗ୍ରସ୍ତ ରହିବେ। ଛାତ୍ରଛାତ୍ରୀ ସ୍ୱାସ୍ଥ୍ୟ ପାଇଁ ଯତ୍ନବାନ ହେବେ। ବିରୋଧୀଙ୍କଠାରୁ ଦୂରେଇ ରହିବେ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ତିକ୍ତତା ଦେଖା ଦେବ।

**ମକର:** ଆଣ୍ଠୁଗଣ୍ଠି ସମସ୍ୟା ଦେଖା ଦେବ। ସମୟର ସଠିକ ଉପଯୋଗ କରିବେ। ପ୍ରେମିକ ପ୍ରେମିକାଙ୍କ ପାଇଁ ଦିନଟି ଉତ୍ତମ। ଯାନବାହନ ଚଳାଇବା ବେଳେ ସତର୍କତା ଅବଲମ୍ବନ କରିବେ।

**କୁମ୍ଭ:** ଭଗବାନ ଶିବଙ୍କୁ ବେଲପତ୍ର ଅର୍ପଣ କରିବେ। ପରିବାର ସଦସ୍ୟଙ୍କ ସ୍ୱାସ୍ଥ୍ୟକୁ ନେଇ ଚିନ୍ତାରେ ରହିବେ। ଅଫିସ୍‌ରେ କାର୍ଯ୍ୟଭାର କମ୍ ହେବ। ବୈବାହିକ ଜୀବନ ମଜଭୁତ୍ ହେବ।

**ମୀନ:** ଇଞ୍ଜିନିୟରିଂ କ୍ଷେତ୍ରରେ ସଫଳତା ମିଳିବ। ବନ୍ଧୁ ମିଳନ ଯୋଗ ଅଛି। ଭାଇଭଉଣୀଙ୍କ ମଧ୍ୟରେ ଝଗଡ଼ା ହେବ। ଛାତ୍ରଛାତ୍ରୀ ମନୋରଞ୍ଜନ କାର୍ଯ୍ୟରେ ସମୟ ଅତିବାହିତ କରିବେ। ଅଧିକ ଖର୍ଚ୍ଚାନ୍ତ ହେବେ।

### ବିଶ୍ୱ ଆଥଲେଟ୍‌ଙ୍କ ଲାଗି ସୁବର୍ଣ୍ଣ ସୁଯୋଗ

# ୨୦୨୬ରୁ ବିଶ୍ୱ ଅଲ୍ଟିମେଟ ଆଥ୍‌ଲେଟିକ୍ ଚାମ୍ପିଅନସିପ୍

**ଲଣ୍ଡନ, ୩।୬ (ଏଜେନ୍ସି)**



ସେବାଷ୍ଟିଆନ କୋ’

ବିଶ୍ୱର ଶ୍ରେଷ୍ଠ ଆଥଲେଟଙ୍କ ଲାଗି ସୁବର୍ଣ୍ଣ ସୁଯୋଗ। ବିଶେଷକରି ଆର୍ଥିକ ଦୃଷ୍ଟିକୋଣରୁ ଏମାନେ ହେବେ ଖୁବ୍ ଲାଭବାନ। ଏପରି ଏକ ପ୍ରତିଯୋଗିତାର ଆୟୋଜନ କରୁଛି ବିଶ୍ୱ ଦୌଡକୁଦ ସଂଘ। ଏହି ପ୍ରତିଯୋଗିତାର ନାମ ରଖାଯାଇଛି ବିଶ୍ୱ ଅଲଟିମେଟ ଆଥଲେଟିକ୍ ଚାମ୍ପିଅନସିପ ଓ ଏହା ପ୍ରତି ଦୁଇ ବର୍ଷରେ ଥରେ ଆୟୋଜିତ ହେବ। ଏହି ପ୍ରତିଯୋଗିତାର ପ୍ରଥମ ସଂସ୍କରଣ ହଙ୍ଗେରୀର ରାଜଧାନୀ ବୁଦାପେଷ୍ଟରେ ୨୦୨୬ ସେପ୍ଟେମ୍ବର ୧୧ରୁ ୧୩ ତାରିଖଯାଏ ୩ ଦିନ ଧରି ଆୟୋଜିତ ହେବ। ପ୍ରତିଯୋଗିତା ଲାଗି ମୋଟ ୧୦ ନିୟୁତ ଡଲାର ବା ପାଖାପାଖି ୮୩.୧୨ କୋଟି ଟଙ୍କାର ପୁରସ୍କାର ରଖାଯାଇଛି। ଯାହାକି ବିଶ୍ୱରେ ଯେତେ ଦୌଡକୁଦ ପ୍ରତିଯୋଗିତା ଆୟୋଜିତ ହେଉଛି ତାହା ମଧ୍ୟରେ ଏହା ସର୍ବାଧିକ ପୁରସ୍କାର ରାଶି। ଏଥିରେ ସ୍ୱର୍ଣ୍ଣ ବିଜେତାଙ୍କୁ ୧.୫ ଲକ୍ଷ ଡଲାର ବା ୧.୨୪ କୋଟି ମିଳିବ। ବିଶ୍ୱର ୭୦ଟି ଦେଶରୁ ବଛା ବଛା ୪୦୦ ଜଣ ଶ୍ରେଷ୍ଠ ଆଥଲେଟ ଏଥିରେ ଅଂଶଗ୍ରହଣ କରିବେ ବୋଲି ବିଶ୍ୱ ଦୌଡକୁଦ ମହାସଂଘ ସଭାପତି ସେବାଷ୍ଟିଆନ କୋ’ ପ୍ରକାଶ କରିଛନ୍ତି।

ଏହି ପ୍ରତିଯୋଗିତାରେ କେବଳ ଶ୍ରେଷ୍ଠ ପ୍ରତିଯୋଗୀମାନେ ଅଂଶଗ୍ରହଣ କରିବାକୁ ଯୋଗ୍ୟ ବିବେଚିତ ହେବେ। ଏମାନଙ୍କ ମଧ୍ୟରେ ବିଶ୍ୱର ଶ୍ରେଷ୍ଠ ୮ରୁ ୧୬ ଜଣ ପ୍ରତିଯୋଗୀ ଗୋଟିଏ ଶୃଙ୍ଖଳାରେ ଭାଗନେବେ। ଅଲିମ୍ପିକ୍ ଚାମ୍ପିଅନ୍, ବିଶ୍ୱଚାମ୍ପିଅନ, ଡାଇମଣ୍ଡ ଲିଗ୍ ବିଜେତାମାନେ ଏବଂ ସେହିବର୍ଷରୁ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ପ୍ରତିଯୋଗୀ ଅଂଶଗ୍ରହଣ କରିବାକୁ ସିଧାସଳଖ ଯୋଗ୍ୟତା ଅର୍ଜନ କରିବେ। ଅନ୍ୟସ୍ଥାନଗୁଡିକ ବିଶ୍ୱ ମାନ୍ୟତା ଅନୁଯାୟୀ ପୂରଣ କରାଯିବ। ଏହି ପ୍ରତିଯୋଗିତା ୩ ଦିନରେ ୩ ଘଣ୍ଟା ଲେଖାଏଁ ରାତିରେ ଅନୁଷ୍ଠିତ ହେବ। ଏଥିରେ ସ୍ପ୍ରିଣ୍ଟ, ମିଡଲ ଡିଷ୍ଟାନ୍ସ, ଲଙ୍ଗ ଡିଷ୍ଟାନ୍ସ, ରିଲେ, ଜମ୍ପ ଓ ଥ୍ରୋ ଇଭେଣ୍ଟରେ ପ୍ରତିଦ୍ୱନ୍ଦ୍ୱିତା ହେବ ବୋଲି କୋ’ କହିଛନ୍ତି। ତାଙ୍କ ମତରେ ଆମେ ଏହି ପ୍ରତିଯୋଗିତାରେ ଶ୍ରେଷ୍ଠ ପ୍ରତିଯୋଗୀଙ୍କୁ ଅଂଶଗ୍ରହଣ କରିବାକୁ ସୁଯୋଗ ଦେଇଥିବାରୁ ଏକାଥରକେ ସେମିଫାଇନାଲ ଓ ଫାଇନାଲ ଆୟୋଜନ କରାଯିବ। ଏହାର ଅର୍ଥ ହେଲା ଏହି ଚାମ୍ପିଅନ ଆଥ୍‌ଲେଟଙ୍କୁ ଚାପ ଦିଆଯିବ ଓ ଏହି ଚାପରେ ସେମାନେ ଅଲ୍ଟିମେଟ ଚାମ୍ପିଅନ ହୋଇ ବାହାରିବେ। ଟ୍ରାକ୍ ଶୃଙ୍ଖଳାରେ ସେମିଫାଇନାଲରୁ ଆରମ୍ଭ ହେବ, କିନ୍ତୁ ଫିଲ୍ଡ ଇଭେଣ୍ଟରେ ସିଧାସଳଖ ଫାଇନାଲ ଖେଳାଯିବ।

ଏହି ପ୍ରତିଯୋଗିତା ବିଶ୍ୱର ଶ୍ରେଷ୍ଠ ଆଥଲେଟଙ୍କ ମଧ୍ୟରେ ଯେପରି ଉଚ୍ଚମାନର ପ୍ରତିଦ୍ୱନ୍ଦ୍ୱିତା କରାଇବ, ଠିକ୍ ସେହିପରି ସମର୍ଥକଙ୍କ ଲାଗି ଉତ୍କଣ୍ଠାପୂର୍ଣ୍ଣ ମୁହୂର୍ତ୍ତ ମଧ୍ୟ ସୃଷ୍ଟି କରିବ ବୋଲି ସେବାଷ୍ଟିଆନ କୋ’ କହନ୍ତି। ଏହି ଇଭେଣ୍ଟରେ ବିଶ୍ୱର ଶ୍ରେଷ୍ଠ ତାରକାମାନେ କେବଳ ଅଂଶଗ୍ରହଣ କରୁଥିବାରୁ ଏହାର ଗୁରୁତ୍ୱ ଢ଼େର ବୃଦ୍ଧିପାଇବ। ଏହି ପ୍ରତିଯୋଗିତା ଆରମ୍ଭ ହେଲେ ପ୍ରତ୍ୟେକ ବର୍ଷ ଏକ ବିଶ୍ୱସ୍ତରୀୟ ଦୌଡ଼କୁଦ ପ୍ରତିଯୋଗିତା ଆୟୋଜିତ ହୋଇପାରିବ। ଏହା ଫଳରେ ସମର୍ଥକଙ୍କୁ ଏହା ବେଶ ସୁହାଇବ ଓ ପ୍ରତିବର୍ଷ ଏମାନେ ଶ୍ରେଷ୍ଠ ଆଥ୍‌ଲେଟଙ୍କ ପ୍ରଦର୍ଶନ ଉପଭୋଗ କରିପାରିବେ। ୨୦୨୩ ୱାର୍ଲ୍ଡ ଆଥଲେଟିକ୍ ଚାମ୍ପିଅନସିପ ଆୟୋଜନ କରି ବୁଦାପେଷ୍ଟ ବିଶ୍ୱସ୍ତରର ପ୍ରତିଯୋଗିତା ଆୟୋଜନ କରିବାରେ ମାଇଲଖୁଣ୍ଟ ସ୍ଥାପନ କରିଛି। ଏଥିଲାଗି ଆମେ ବିଶ୍ୱ ଆଥଲେଟିକ୍ସ ଅଲ୍ଟିମେଟ ଚାମ୍ପିଅନସିପ ଆୟୋଜନ କରିବାକୁ ବୁଦାପେଷ୍ଟକୁ ଚୟନ କରିଛୁ। ବୁଦାପେଷ୍ଟ ମଧ୍ୟ ଅନ୍ୟ ଖେଳରେ ବିଶ୍ୱସ୍ତରୀୟ ପ୍ରତିଯୋଗିତା ଆୟୋଜନ କରି ସଫଳ ହୋଇଛନ୍ତି। ଏହା ପୁଣିଥରେ ଏକ ଶ୍ରେଷ୍ଠ ପ୍ରତିଯୋଗିତା ଆୟୋଜନ କରିବାରେ ସଫଳ ହେବ ବୋଲି ହଙ୍ଗେରୀର ଆଇଓସି ସଦସ୍ୟ ତଥା ଏହି ପ୍ରତିଯୋଗିତାର ଆୟୋଜନ କମିଟି ମୁଖ୍ୟ ବାଲାଜସ ଫୁର୍ଜେସ କହିଛନ୍ତି।

**ସଂକ୍ଷେପରେ**

| | | |
|---|---|---|
| କେଉଁଠି ହେବ | : | ବୁଦାପେଷ୍ଟ, ହଙ୍ଗେରୀ |
| କେବେ ହେବ | : | ସେପ୍ଟେମ୍ବର ୧୧ରୁ ୧୩ |
| ମୋଟ ପୁରସ୍କାର | : | ୮୩.୧୨ କୋଟି ଟଙ୍କା |
| ସ୍ୱର୍ଣ୍ଣ ବିଜେତା | : | ୧.୨୪ କୋଟି ଟଙ୍କା |
| ବ୍ୟବଧାନ | : | ୨ ବର୍ଷରେ ଥରେ |
| ମୋଟ ଦେଶ | : | ୭୦ |
| ପ୍ରତିଯୋଗୀ ସଂଖ୍ୟା | : | ୪୦୦ |
| ଗୋଟିଏ ଇଭେଣ୍ଟରେ | : | ୮ରୁ ୧୬ ଆଥ୍‌ଲେଟ |

## କ୍ରିକେଟ୍‌କୁ କେଦାରଙ୍କ ଅଲ୍‌ବିଦା




**କେଦାରଙ୍କ କ୍ୟାରିୟର**

| ଫର୍ମାଟ୍ | ମ୍ୟାଚ୍ | ରନ | ଆଭରେଜ | ୧୦୦/୫୦ | ୱିକେଟ୍ |
|---|---|---|---|---|---|
| ଏକଦିବସୀୟ | ୭୩ | ୧୩୮୯ | ୪୨.୦୯ | ୨/୬ | ୨୭ |
| ଟି-୨୦ | ୯ | ୧୨୨ | ୨୦.୩୩ | ୦/୧ | ୦ |
| ପ୍ରଥମ ଶ୍ରେଣୀ | ୮୭ | ୬୧୦୦ | ୪୮.୦୩ | ୧୭/୨୩ | ୨ |
| ଆଇପିଏଲ୍ | ୯୫ | ୧୨୦୮ | ୨୨.୩୭ | ୦/୪ | ୦ |

**ମୁମ୍ବଇ, ୩।୬ (ଏଜେନ୍ସି):** ଭାରତୀୟ କ୍ରିକେଟ୍ ଦଳର ବ୍ୟାଟର୍ କେଦାର ଯାଦବ ସୋମବାର କ୍ରିକେଟ୍‌ର ସମସ୍ତ ପ୍ରକାର ଫର୍ମାଟ୍‌ରୁ ସନ୍ନ୍ୟାସ ଗ୍ରହଣ କରିଛନ୍ତି। ୩୯ ବର୍ଷୀୟ କେଦାର ସାମାଜିକ ଗଣମାଧ୍ୟମ ଇନ୍‌ଷ୍ଟାଗ୍ରାମରେ ଏକ ଫଟୋ ସେୟାର କରି ସମର୍ଥନ ଲାଗି ସମସ୍ତଙ୍କୁ ଧନ୍ୟବାଦ ଜଣାଇବା ସହ ଅବସର ସୂଚନା ଦେଇଥିଲେ।

ମହାରାଷ୍ଟ୍ର ପକ୍ଷରୁ ଘରୋଇ କ୍ରିକେଟ୍‌ରେ ପ୍ରତିନିଧିତ୍ୱ କରୁଥିବା କେଦାର ଶେଷଥର ଲାଗି ୪ ବର୍ଷ ତଳେ ଭାରତ ପକ୍ଷରୁ ଖେଳିଥିଲେ। ମଧ୍ୟକ୍ରମରେ ଜଣେ ଉପଯୋଗୀ ବ୍ୟାଟର୍ ସାଙ୍ଗକୁ ସାମୟିକ ଅଫ୍-ସ୍ପିନ ବୋଲିଂ କରୁଥିବା କେଦାର ୨୦୧୪ରେ ଶ୍ରୀଲଙ୍କା ବିପକ୍ଷ ଏକଦିବସୀୟ ମ୍ୟାଚ୍ ଖେଳି ଅନ୍ତର୍ଜାତୀୟ କ୍ରିକେଟ୍‌ରେ ପାଦ ଥାପିଥିଲେ। ଏହାପର ବର୍ଷ ଜିମ୍ବାୱେ ବିପକ୍ଷରେ ଖେଳି ଟି-୨୦ କ୍ରିକେଟ୍ ପଦାର୍ପଣ କରିଥିଲେ। କ୍ୟାରିୟରେ ସେ ଭାରତୀୟ ଦଳ ପାଇଁ ୭୩ ଏକଦିବସୀୟ ଓ ୯ ଟି-୨୦ ମ୍ୟାଚ୍ ଖେଳି ଯଥାକ୍ରମେ ୧୩୮୯ ଓ ୧୨୨ ରନ ସଂଗ୍ରହ କରିଛନ୍ତି। ଏକଦିବସୀୟ ଫର୍ମାଟ୍‌ରେ ସେ ୨ଟି ଶତକ ଓ ୬ଟି ଅର୍ଦ୍ଧଶତକ ମାରିଥିବାବେଳେ ବୋଲିଂରେ ମଧ୍ୟ ୨୭ ୱିକେଟ୍ ନେଇଛନ୍ତି। ୫୦ ଓଭର କ୍ରିକେଟ୍‌ରେ ତାଙ୍କ ଆଭରେଜ ୪୮.୦୩ ରହିଛି। ୨୦୧୯ ବିଶ୍ୱକପ୍‌ରେ ସେମିଫାଇନାଲରେ ପ୍ରବେଶ କରିଥିବା ଭାରତୀୟ ଦଳର ସେ ସଦସ୍ୟ ରହିଥିଲେ। ଏହାବାଦ୍ କେଦାର ଆଇପିଏଲ୍‌ରେ ୯୫ ମ୍ୟାଚ୍ ଖେଳି ୨୨.୩୭ ହାରରେ ୧୨୦୮ ରନ ସଂଗ୍ରହ କରିଛନ୍ତି। ସେହିଭଳି ପ୍ରଥମ ଶ୍ରେଣୀ କ୍ରିକେଟ୍ ଓ ଲିଷ୍ଟ-ଏ’ରେ ସେ ୮୭ ଓ ୧୮୬ ମ୍ୟାଚ୍ ଖେଳି ଯଥାକ୍ରମେ ୬୧୦୦ ଓ ୫୫୨୦ ରନ ନିଜ ନାମରେ ଲିପିବଦ୍ଧ କରିଛନ୍ତି।

## ଛକା ମାରିବା ପରେ ଚାଲିଗଲା ଜୀବନ

**ଥାନେ, ୩।୬ (ଏଜେନ୍ସି):** ମହାରାଷ୍ଟ୍ରର ଥାନେ ଜିଲ୍ଲାରେ ସୋମବାର ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ଏକ ଘରୋଇ କ୍ରିକେଟ୍ ମ୍ୟାଚରେ ଜଣେ ବ୍ୟକ୍ତି ଛକା ମାରିବା ପରେ ହଠାତ୍ ପଡ଼ିଆରେ ଚେତାଶୂନ୍ୟ ହୋଇ ପଡ଼ିଯାଇଥିଲେ ଏବଂ ପରେ ତାଙ୍କର ମୃତ୍ୟୁ ଘଟିଥିଲା। ଏହି ଅଘଟଣର ସମୟର ଭିଡିଓ ଏବେ ସାମାଜିକ ଗଣମାଧ୍ୟମରେ ବେଶ୍ ଭାଇରାଲ୍ ହେବାରେ ଲାଗିଛି। ଯାହା କ୍ରିକେଟ୍ ଜଗତକୁ ସ୍ତବ୍ଧ କରିଦେଇଛି।



ଘଟଣାରୁ ଜଣାପଡ଼ିଛି ଯେ, ଥାନେସ୍ଥିତ ମିରା ରୋଡ୍ ଅଞ୍ଚଳରେ ଥିବା ଏକ ପଡ଼ିଆରେ ଘରୋଇ କ୍ରିକେଟ୍ ମ୍ୟାଚ୍ ଖେଳାଯାଉଥିଲା। ଏହି ମ୍ୟାଚରେ ୪୨ ବର୍ଷୀୟ ରାମକ୍ରିଷ୍ଣନ ନାମକ ଜଣେ ବ୍ୟକ୍ତି ବ୍ୟାଟିଂ କରୁଥିବାବେଳେ ଏକ ବଲ୍‌କୁ ଷ୍ଟେପ୍ ନେଇ ଛକା ମାରିଥିଲେ। ଏହାପରେ ସେ ପରବର୍ତ୍ତୀ ବଲ୍‌କୁ ଖେଳିବା ଲାଗି ପ୍ରସ୍ତୁତ ହେଉଥିବାବେଳେ ହଠାତ୍ ଚେତାଶୂନ୍ୟ ହୋଇ ତଳେ ପଡ଼ିଯାଇଥିଲେ। ସଙ୍ଗେ ସଙ୍ଗେ ପଡ଼ିଆରେ ଥିବା ଅନ୍ୟ ଖେଳାଳି ଓ ଅମ୍ପାୟର ତାଙ୍କ ନିକଟକୁ ଦୌଡ଼ି ଆସି ହସ୍ପିଟାଲକୁ ନେଇଯାଇଥିଲେ। ତେବେ ସେଠାରେ ଡାକ୍ତର ତାଙ୍କୁ ମୃତ୍ୟୁ ଘୋଷଣା କରିଥିଲେ।

### ଦକ୍ଷିଣ ଆଫ୍ରିକା ମହିଳା ଦଳ ବିପକ୍ଷ ଅଭ୍ୟାସ ମ୍ୟାଚ୍

## ବୋର୍ଡ ସଭାପତି ଏକାଦଶ ଦଳରେ ଜେମିମା, ମନ୍ନତ

**ନୂଆଦିଲ୍ଲୀ, ୩।୬ (ଏଜେନ୍ସି):** ଦକ୍ଷିଣ ଆଫ୍ରିକା ମହିଳା କ୍ରିକେଟ୍ ଏକ ସମ୍ପୂର୍ଣ୍ଣ ଦ୍ୱିପାକ୍ଷିକ ସିରିଜ ଖେଳିବା ଲାଗି ଚଳିତ ମାସ ୨ୟ ସପ୍ତାହ ଶେଷ ଭାଗରେ ଭାରତ ଗସ୍ତରେ ଆସିବ। ଜୁନ ୧୬ରୁ ଘରୋଇ ଭାରତୀୟ ମହିଳା ଦଳ ବିପକ୍ଷରେ ପ୍ରଥମ ଏକଦିବସୀୟ ସିରିଜ ପରେ ୩ ଟିକିଆ ଟି-୨୦ ଓ ଶେଷକୁ ଏକମାତ୍ର ଟେଷ୍ଟ ମ୍ୟାଚ୍ ଖେଳିବାର କାର୍ଯ୍ୟସୂଚୀ ରହିଛି। ତେବେ ଏହି ସିରିଜ ପୂର୍ବରୁ ଭ୍ରମଣକାରୀ ଦକ୍ଷିଣ ଆଫ୍ରିକା ମହିଳା ଦଳ ବିସିସିଆଇ ବୋର୍ଡ ସଭାପତି ଏକାଦଶ ଦଳ ବିପକ୍ଷରେ ଜୁନ ୧୩ରେ ଏକ ୫୦ ଓଭରବିଶିଷ୍ଟ ଅଭ୍ୟାସ ମ୍ୟାଚ୍ ଖେଳିବ। ଏଥିଲାଗି ଭାରତୀୟ ମହିଳା ଚୟନ କମିଟି ପକ୍ଷରୁ ୧୫ ଜଣିଆ ଦଳ ଘୋଷଣା କରାଯାଇଛି। ଯେଉଁଥିରେ ଜେମିମା ରୋଡ୍ରିଗ୍ସେଜ ଓ ମନ୍ନତ କାଶ୍ୟପ ପ୍ରମୁଖ ସ୍ଥାନ ପାଇଛନ୍ତି।ବୋର୍ଡ ସଭାପତି ଏକାଦଶ ଦଳ: ଜେମିମା ରୋଡ୍ରିଗେସ୍, ମିନ୍ନୁ ମାନି, ପ୍ରିୟା ପୁନିଆ, ଶୁଭ ସତୀଶ, ଶ୍ୱେତା ସେରାୱତ, ଉମା ଛେତ୍ରୀ, ସିପ୍ରା ଗିରି (ଉଭୟ ୱିକେଟ୍‌କିପର), ସଜନା ସଞ୍ଜୀବନ, କିରଣ ନାଭଗିର, ତନୁଜା କନୱର, ମନ୍ନତ କାଶ୍ୟପ, ପ୍ରିୟା ମିଶ୍ର, ଶବନମ ଶକିଲ, ସଇମା ଥାକର, ସୟାଲି ସତଘରେ।





ଭୁବନେଶ୍ୱର କଳିଙ୍ଗ ଷ୍ଟାଡ଼ିୟମରେ ଅନୁଷ୍ଠିତ ଅସିଚାଳନା ଶିବିରରେ ଭାଗନେଇଥିବା ଦୁଇ ପ୍ରତିଯୋଗୀ କଳାକୌଶଳ ପ୍ରଦର୍ଶନ କରୁଛନ୍ତି।

## ଓଏଫ୍‌ସି ସହ ରୟ କ୍ରିଷ୍ଣାଙ୍କ ଚୁକ୍ତି ବଢ଼ିଲା

**ଭୁବନେଶ୍ୱର, ୩।୬ (ସମିସ):** ଫିଜି ଦେଶର ଷ୍ଟ୍ରାଇକର୍ ରୟ କ୍ରିଷ୍ଣା ଓଡ଼ିଶା ଫୁଟ୍‌ବଲ କ୍ଲବ (ଓଏଫ୍‌ସି) ସହ ତାଙ୍କ ଚୁକ୍ତିକୁ ଆଉ ଗୋଟିଏ ବର୍ଷ ବୃଦ୍ଧି କରିଛନ୍ତି। ଅର୍ଥାତ୍ ଇଣ୍ଡିଆନ ସୁପର୍ ଲିଗ୍ (ଆଇଏସ୍‌ଏଲ୍)ର ଆଗାମୀ ୨୦୨୪-୨୫ ସଂସ୍କରଣରେ ସେ ଓଡ଼ିଶା ଏଫ୍‌ସି ପକ୍ଷରୁ ପ୍ରତିନିଧିତ୍ୱ କରିବେ। ଭୁବନେଶ୍ୱରଭିତ୍ତିକ ଫ୍ରାଞ୍ଚାଇଜ ଓଡ଼ିଶା ଏଫ୍‌ସି ପକ୍ଷରୁ ସୋମବାର ଏକ ବିବୃତ୍ତି ମାଧ୍ୟମରେ ଏହି ସୂଚନା ଦିଆଯାଇଛି। ‘ଓଡ଼ିଶା ସହ ମୋର ଚୁକ୍ତିକୁ ଆଉ ଗୋଟିଏ ବର୍ଷ ବୃଦ୍ଧି କରି ମୁଁ ବହୁତ ଖୁସି ହୋଇଛି। ଓଡ଼ିଶା ଦଳ ସହ ଗତ ସଂସ୍କରଣ ମୋ ପାଇଁ ବେଶ୍ ସ୍ମରଣୀୟ ରହିଥିଲା। ଆଗାମୀ ସଂସ୍କରଣରେ ମଧ୍ୟ ଶ୍ରେଷ୍ଠ ପ୍ରଦର୍ଶନ ଦେବାକୁ ଚେଷ୍ଟା କରିବି’ ବୋଲି କ୍ରିଷ୍ଣା ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି। ନିକଟରେ ଶେଷ ହୋଇଥିବା ଆଇଏସ୍‌ଏଲ୍ ୧୦ମ ସଂସ୍କରଣରେ ରୟ କ୍ରିଷ୍ଣା ଓଡ଼ିଶା ପକ୍ଷରୁ ପ୍ରତିନିଧିତ୍ୱ କରି ୧୩ଟି ଗୋଲ୍ ଦେଇଥିଲେ। ସେ ୩ଟି ଗୋଲରେ ମଧ୍ୟ ସହାୟତା କରିଥିଲେ। ଓଡ଼ିଶାକୁ ଆଇଏସ୍‌ଏଲ୍ ସେମିଫାଇନାଲରେ ପ୍ରବେଶ କରାଇବାରେ ସେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ସେହିଭଳି ତାଙ୍କର ପ୍ରଭାବୀ ପ୍ରଦର୍ଶନ ବଳରେ ଓଡ଼ିଶା ଏଫ୍‌ସି କଳିଙ୍ଗ ସୁପର୍ କପ୍‌ରେ ରନର୍ସଅପ୍ ହୋଇଥିଲା।



### ଓଡ଼ିଶା ରାଜ୍ୟ କନିଷ୍ଠ ଦୌଡ଼କୁଦ ଚାମ୍ପିଅନସିପ୍

# ଯାଜପୁରର ବାପି, ରାମେଶ୍ୱରୀଙ୍କୁ ସ୍ୱର୍ଣ୍ଣ



ହେପ୍ଟାଥଲନରେ ଭାଗ ନେଇଥିବା ଜଣେ ପ୍ରତିଯୋଗୀ

**ଭୁବନେଶ୍ୱର, ୩।୬ (ସମିସ)**

ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ଓଡ଼ିଶା ରାଜ୍ୟ କନିଷ୍ଠ ଦୌଡ଼କୁଦ ଚାମ୍ପିଅନସିପ୍‌ର ୩ୟ ଦିବସ ଖେଳ ସୋମବାର ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ କ୍ରୀଡ଼ା ବିଭାଗ ଓ ଓଡ଼ିଶା ଆଥ୍‌ଲେଟିକ ଆସୋସିଏସନ ଆନୁକୂଲ୍ୟରେ ଆୟୋଜିତ ଏହି ପ୍ରତିଯୋଗିତାରେ ସୋମବାର ୧୮ ବର୍ଷରୁ କମ୍ ବାଳକ ୪୦୦ ମିଟର ରେସ୍‌ରେ ଯାଜପୁରର ବାପି ହାଁସଦା ୪୭.୫୧ ସେକେଣ୍ଡରେ ଫିନିଶ୍ କରି ପୋଡିୟମର ପ୍ରଥମ ସ୍ଥାନ ହାସଲ କରିଥିଲେ। ଏଥିରେ କଟକର ଦୁଇ ଧାବକ ରାମ ହାଁସଦା (୫୧.୨୪) ଓ ନିଲେୟ ତାଡିଙ୍ଗି (୫୨.୨୫ ସେକେଣ୍ଡ) ଯଥାକ୍ରମେ ରୌପ୍ୟ ଓ କାଂସ୍ୟ ପଦକ ଜିତିଛନ୍ତି।

### ପ୍ରତୀକ, ଓମକାରଙ୍କ ମିଟ୍ ରେକର୍ଡ

ସେହିଭଳି ୧୮ ବର୍ଷରୁ କମ୍ ୨୦୦ ମିଟରରେ ବରଗଡ଼ର ପ୍ରତୀକ ମହାରଣା ୨୧.୮୯ ସେକେଣ୍ଡ ସହ ପ୍ରଥମ ସ୍ଥାନରେ ରହିଥିଲେ। ପ୍ରତୀକଙ୍କ ଏହି ଟାଇମିଂ କନିଷ୍ଠ ଦୌଡ଼କୁଦ ପ୍ରତିଯୋଗିତାର ୨୦୦ ମିଟରରେ ନୂଆ ରେକର୍ଡ ହୋଇଛି। ଢେଙ୍କାନାଳର ବିଶ୍ୱ ଜେନା (୨୩.୨୪) ଓ କଟକର ରାମ ହାଁସଦା (୨୩.୨୮) ଯଥାକ୍ରମେ ପୋଡିୟମର ୨ୟ ଓ ୩ୟ ସ୍ଥାନରେ ରହିଥିଲେ। ଅପରପକ୍ଷରେ ଏହି ବୟସବର୍ଗର ବାଳକ ଡିସ୍‌କସ୍ ଥ୍ରୋ’ରେ ମଧ୍ୟ ନୂଆ ମିଟ୍ ରେକର୍ଡ ପ୍ରତିଷ୍ଠା ହୋଇଛି। କଟକର ଓମକାର ପ୍ରସାଦ ନନ୍ଦ ୪୮.୮୧ ମିଟର ଡିସ୍‌କସ୍ ଫିଙ୍ଗି ପ୍ରଥମ ସ୍ଥାନରେ ରହିବା ସହ ଏହି ରେକର୍ଡ କରିଥିଲେ। ଏଥିରେ ରାଉରକେଲାର ସୂରଜ ଗୋପେ (୪୩.୬୮ ମିଟର) ଓ ଢେଙ୍କାନାଳର ସତନମ ମୁଦୁଲି (୪୦.୦୩) ଯଥାକ୍ରମେ ରୌପ୍ୟ ଓ କାଂସ୍ୟ ପଦକ ଜିତିଥିଲେ। ସେହିଭଳି ୧୪ ବର୍ଷରୁ କମ୍ ବାଳକ ଜାଭେଲିନ ଥ୍ରୋରେ ଯାଜପୁରର ନିଳାଦ୍ରୀ ମୋହନ ସ୍ୱାଇଁ (୪୦.୪୦ ମିଟର), ୧୬ ବର୍ଷରୁ କମ୍ ୬୦ ମିଟରରେ ସୁନ୍ଦରଗଡ଼ର ମଙ୍ଗଳ ସିଙ୍କୁ (୭.୩୦ ସେକେଣ୍ଡ) ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି।

ବାଳକ ଭଳି ୧୮ ବର୍ଷରୁ କମ୍ ବାଳିକା ୪୦୦ ମିଟରରେ ମଧ୍ୟ ଯାଜପୁରର ରାମେଶ୍ୱରୀ ଗୋଣ୍ଡା ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ଏହି ଦୂରତାକୁ ସେ ଏକ ମିନିଟ୍ ୨.୧୬ ସେକେଣ୍ଡରେ ଫିନିଶ କରି ପ୍ରଥମ ସ୍ଥାନରେ ରହିଥିଲେ। ହେପ୍ଟାଥଲନରେ ମନୀଷା ଲାକ୍ରା, ଡିସ୍‌କସ୍ ଥ୍ରୋରେ ପୂରବୀ ପାଢ଼ୀ, ୨୦୦ ମିଟରରେ ଖୋର୍ଦ୍ଧାର ଅର୍ପିତା ପ୍ରିୟଦର୍ଶିନୀ ପ୍ରଥମ ସ୍ଥାନ ହାସଲ କରିଥିଲେ।








# ସାଟେଲାଇଟ୍ ମନିଟରିଂ ସିଷ୍ଟମ ସ୍ପଷ୍ଟ କରେ କେଉଁ ଗଛକୁ କେତେ ୟୁରିଆ



ପାଣିପାଗ ହେଉ କି ଅନ୍ୟାନ୍ୟ କଥା ଜାଣିବାକୁ ସାଟେଲାଇଟ୍ ବା ଉପଗ୍ରହ ବ୍ୟବହାର କରାଯାଏ। ଏବେ ଫସଲରେ ସାର ତଥା ୟୁରିଆ କେତେ ବ୍ୟବହାର କରାଯିବା ଦରକାର ତାହା ଜାଣିବାକୁ ସାଟେଲାଇଟ ବ୍ୟବହାର କରାଯାଉଛି। ତେବେ ଚାଷୀମାନେ ଅଧିକ ଅମଳ ଆଶାରେ ଫସଲ ଜମିରେ ଅଧିକ ମାତ୍ରାର ୟୁରିଆ ବ୍ୟବହାର କରୁଥିବାବେଳେ ଏହା ଭୂଜଳ ଓ ପରିବେଶ ଉପରେ କୁ-ପ୍ରଭାବ ପକାଉଛି। ତେଣୁ ମୃତ୍ତିକାର ଉର୍ବରତା ବୃଦ୍ଧି ସହ ଫସଲରେ ଉପଯୁକ୍ତ ପରିମାଣର ୟୁରିଆ ସିଞ୍ଚନ କରିବାକୁ ଏବେ ଏକ ନୂଆ ଜ୍ଞାନକୌଶଳ ବ୍ୟବହାର କରାଯାଉଛି। ଯେଉଁଥିରେ ଚାଷୀଙ୍କୁ ଟେକ୍ନୋଲୋଜି ଜରିଆରେ ୟୁରିଆ ପ୍ରୟୋଗ ବିଷୟରେ ଜଣାପଡ଼ିବ। କେବଳ ସେତିକି ନୁହେଁ, ଏହି ସାଟେଲାଇଟ୍ ମାଟିର ଆବଶ୍ୟକତା ଅନୁସାରେ କେଉଁ ଗଛକୁ କେତେ ମାତ୍ରାର ସାର ପ୍ରୟୋଗ ଜରୁରି ସେ ବିଷୟରେ ମଧ୍ୟ କହିବ। ଏହାଦ୍ୱାରା ଗ୍ଲୋବାଲ ୱାର୍ମିଂ ସମସ୍ୟାକୁ ହ୍ରାସ କରାଯାଇପାରିବ। ଆଇସିଏଆର-ଭାରତୀୟ କୃଷି ଅନୁସନ୍ଧାନ ସଂସ୍ଥାନ, ପୁଷାର ବରିଷ୍ଠ ବୈଜ୍ଞାନିକ ପ୍ରଫେସର ବିନୟ ସେହଗଲ 'ସାଟେଲାଇଟ୍ ମନିଟରିଂ ସିଷ୍ଟମ' ବିଷୟରେ ଅଧିକ ସୂଚନା ଦେଇଥିବାବେଳେ ଏହି ମଡେଲଟି ଚାଷୀଙ୍କୁ ସେମାନଙ୍କ ଫସଲ ସହ ଜମି ଉପରେ ନଜର ରଖିପାରିବ। ଏହାଦ୍ୱାରା ଫସଲରେ କେଉଁ ସମୟରେ କେତେ ମାତ୍ରାର ୟୁରିଆ ଦରକାର ସେ ବିଷୟରେ ମଧ୍ୟ ଜଣାପଡ଼ିବ। ତା ସହିତ ଜମିର ଫସଲ କରିବାକୁ କେଉଁ ସ୍ଥାନ ଉପଯୋଗୀ, ତାହା ଜଣାପଡ଼ିବ। ଏହାଦ୍ୱାରା ଫସଲରେ କମ୍ ୟୁରିଆ ପ୍ରୟୋଗ କରିବା ସହ ଭୂଜଳ ପ୍ରଦୂଷଣକୁ ରୋକା ଯାଇପାରିବ। ଫଳରେ ପରିବେଶ ଅନୁକୂଳ ରହିବ।

# ସୁଡ଼ଙ୍ଗ ଭିତରେ ଚାଷ



ଦେଶର ଅଧିକାଂଶ ଲୋକ ଚାଷ କାର୍ଯ୍ୟ ଉପରେ ନିର୍ଭରଶୀଳ। ଚାଷକାମରେ ଜମି ପ୍ରସ୍ତୁତି ମୁଖ୍ୟ ହୋଇଥିବାବେଳେ ଏବେ ବିଭିନ୍ନ କୌଶଳରେ ଚାଷ କାମ କରାଯାଉଛି। ତନ୍ମଧ୍ୟରୁ 'ୱାକ୍ ଇନ୍ ଟନେଲ' ସର୍ବୋତ୍ତମ। କମ୍ ଖର୍ଚ୍ଚରେ ଏଥିରେ ଅଦିନିଆ ପନିପରିବା ଚାଷ କରାଯାଇପାରିବ। ଏଥିପାଇଁ ବାଉଁଶ, ୟୁଭି ପ୍ରୋଟେକ୍ଟ ସିଟ୍‌ରୁ ବନାଯାଇଥାଏ। ଏହା ଏକ ସୁଡ଼ଙ୍ଗ ପରି ହୋଇଥାଏ। କମ୍ ଖର୍ଚ୍ଚରେ ସୁଡ଼ଙ୍ଗ ନିର୍ମାଣ ପାଇଁ ୧୦୦ ମାଇକ୍ରନ୍ ୟୁଭି ପ୍ଲାଷ୍ଟିକ୍ ଫୋଲଡିଂ ସାମଗ୍ରୀ ଏବଂ ବାଉଁଶକଣି ବ୍ୟବହାର ହୋଇଥାଏ। ଏହା ପରିବେଶ ଅନୁକୂଳ। ଚାଷୀମାନେ ଏହି କୌଶଳକୁ ଆପଣାଇ ଆୟ ବଢ଼ାଇପାରିବେ। ଏହାଦ୍ୱାରା ସୁଡ଼ଙ୍ଗ ଭିତରେ ଗଛ ଗୁଡ଼ିକ ଭଲ ଭାବେ ବଢ଼ିଥାଏ। ଏପରି ସୁରକ୍ଷା ଭାବେ ଚାଷ କରାଯାଉଥିବାରୁ ପରିବା ଉତ୍ପାଦନ, ରୋଗପୋକ ଏବଂ ବର୍ଷାରୁ ଫସଲକୁ ସୁରକ୍ଷା ମିଳେ। ଏହି ପ୍ରଣାଳୀରେ ଚାଷ କରିବା ଦ୍ୱାରା କମ୍ ସ୍ଥାନରେ ଅଧିକ ଅମଳ ହେବା ସହିତ ଫସଲ କ୍ଷତି କମ୍ ହୋଇଥାଏ।

ଏଥିରେ ଲାଉ, ଖରଭୁଜା, ତରଭୁଜ, କାକୁଡ଼ି, କଖାରୁ ଆଦି ପରିବା ଚାଷ ହୋଇଥାଏ। ସଂରକ୍ଷିତ ଚାଷ ଦ୍ୱାରା ସୂର୍ଯ୍ୟ କିରଣ ପ୍ଲାଷ୍ଟିକ୍‌ରେ ପଡ଼ିବା ଦ୍ୱାରା ସୁଡ଼ଙ୍ଗ ଭିତରେ ତାପମାତ୍ରା ପାଖାପାଖି ୧୦ରୁ ୧୨ ଡିଗ୍ରୀ ବୃଦ୍ଧି ପାଇଥାଏ। ତେଣୁ ଅଧିକ ତାପମାତ୍ରା ଚାହୁଁଥିବା ଫସଲ ଭଲ ହୋଇଥାଏ। କେବଳ ସେତିକି ନୁହେଁ, ଏହାର ଲମ୍ବ ୨୫ରୁ ୩୦ ମିଟର ହୋଇଥାଏ। ୱାକ-ଇନ୍-ଟନେଲ ଲମ୍ବ ନିଜ ଆବଶ୍ୟକତା ଅନୁସାରେ ବଢ଼ାଇପାରିବେ। ଏହା ଅସ୍ଥାୟୀ କାରଣରୁ ଏହାର ଅଧିକ ଯତ୍ନ ନେବାକୁ ହୁଏ। ଅଧିକ ଥଣ୍ଡା ଅଞ୍ଚଳରେ ଏହି ପ୍ରଣାଳୀରେ ଚାଷ କରିବା ଲାଭଜନକ। ପାହାଡ଼ିଆ ଅଞ୍ଚଳରେ ଏହି ପ୍ରଣାଳୀରେ ଚାଷ କରିପାରିବେ। ଯେଉଁମାନେ ଗରମ ଦିନେ ମଧ୍ୟ ଏହି ପ୍ରଣାଳୀ ଚାଷ କରୁଛନ୍ତି, ସେମାନେ ଗଛର ସଠିକ ଯତ୍ନ ନେବା ଜରୁରି। କାରଣ ତାପମାତ୍ରା ସୁଡ଼ଙ୍ଗ ଭିତରେ ଅଧିକ ସମୟ ପର୍ଯ୍ୟନ୍ତ ରହୁଥିବାରୁ ଗଛରେ ପାଣି ଦେବାଠାରୁ ମୃତ୍ତିକା ପରିଚାଳନାକୁ ଗୁରୁତ୍ୱ ଦେବା ଦରକାର।

# ଅମଳ ବୃଦ୍ଧି ପାଇଁ ସିଲିକନ୍ ସିଞ୍ଚନ



ଫସଲର ବୃଦ୍ଧି ପାଇଁ ଆବଶ୍ୟକ ହେଉଥିବା ପୋଷକତତ୍ତ୍ୱ ମଧ୍ୟରୁ ସିଲିକନ୍ ଅନ୍ୟତମ। ସିଲିକନ୍ ଖଣିଜ ପ୍ରଚୁର ମାତ୍ରାରେ ମିଳୁଥିବାବେଳେ ଚାଷୀମାନେ ଏହାକୁ ନିଜ ଫସଲରେ ବ୍ୟବହାର କରିବା ଉଚିତ। ତେବେ ଏହା ବିଭିନ୍ନ ଫସଲ ପାଇଁ ଉପଯୋଗୀ। ଏହାକୁ ମାଟିରେ ଉର୍ବରକ ଭାବେ ମିଶାଯାଇଥାଏ। ଗଛର ସଂରଚନା କରିବା ସହ ଗଛକୁ ମଜଭୁତ କରିଥାଏ। ଏହା ଗଛର ପ୍ରତିରକ୍ଷା ପ୍ରତିକ୍ରିୟାକୁ ସକ୍ରିୟ କରେ। ଗଛକୁ ରୋଗପୋକ ଦାଉରୁ ସୁରକ୍ଷା ଦେଇ ଉତ୍ପାଦନ ବଢ଼ାଏ। କେବଳ ସେତିକି ନୁହେଁ, ଜଳ ଅବଶୋଷଣକୁ ନିୟନ୍ତ୍ରିତ କରିଥାଏ। ତେବେ ସିଲିକନ୍ ଅଭାବରୁ ବିଭିନ୍ନ ଗଛରେ ରୋଗ ଦେଖାଯିବା ସହ ଫସଲ ଉତ୍ପାଦନ ହ୍ରାସ ପାଏ। ସାଧାରଣତଃ କଖାରୁ, କାକୁଡ଼ି, ଗହମ ଆଦି ଫସଲରେ ଏହା ଦେଖିବାକୁ ମିଳେ। ତେଣୁ ଫସଲର ବିକାଶ ପାଇଁ ନିର୍ଦ୍ଦିଷ୍ଟ ଅନ୍ତରାଳରେ ସିଲିକନ୍ ସିଞ୍ଚନ କରିବା ଆବଶ୍ୟକ।

# ବଗିଚାରେ ଏଗ୍ରି ପାଇପ୍‌ର ଉପଯୋଗ

ସବୁଜ ପନିପରିବା ହେଉ କି ତଟକା ଫଳ ଏହାର ଉତ୍ପାଦନ କ୍ଷେତ୍ରରେ ବିଶ୍ୱରେ ଭାରତ ଦ୍ୱିତୀୟ ସ୍ଥାନରେ ରହିଛି। ତେଣୁ କୃଷି କ୍ଷେତ୍ରରେ ବିଭିନ୍ନ ପ୍ରଣାଳୀ ଆପଣାଯାଇ ଚାଷ କରାଯାଉଥିବାବେଳେ ଏଥିରେ ପିଭିସି ପାଇପ୍‌ର ବହୁ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଏହାକୁ ଏଗ୍ରି ପାଇପ୍ ନାଁରେ ଲୋକେ ଜାଣନ୍ତି। ଏହି ପାଇପ୍‌ର ବହୁତ ଛୋଟ ଛୋଟ ଖଣ୍ଡକୁ ଉପଯୋଗ କରି ବଗିଚାକୁ ସୁନ୍ଦର ଲୁକ୍ ଦିଆଯାଏ। ତା'ସହ ଏଗ୍ରି ପାଇପ୍‌ରେ ଜଳପରିଚାଳନା ସହଜ ହୋଇଥାଏ। ହାଇଡ୍ରୋପୋନିକ୍ ପ୍ରଣାଳୀ ପାଇଁ ଏହା ଉପଯୋଗୀ ଉପକରଣ ମଧ୍ୟ। କେବଳ ସେତିକି ନୁହେଁ, ରୋଗପୋକ ଦାଉରୁ ସୁରକ୍ଷା ଦେବାରେ ପିଭିସି ପାଇପ୍‌ର ମୁଖ୍ୟ ଭୂମିକା ରହିଛି। ତେଣୁ ସର୍ବଦା ପିଭିସି ପାଇପ୍‌ର ଲମ୍ବ ଏବଂ ଚଉଡ଼ାକୁ ଧ୍ୟାନ ଦେବା ଜରୁରି।

ବିନା ଖର୍ଚ୍ଚରେ ଘରେ ବଗିଚା ତଥା ଟେରେସ ଗାର୍ଡେନ କରିବାକୁ ଚାହୁଁଥିଲେ, ପିଭିସି ପାଇପ୍‌ରୁ ଭର୍ଟିକାଲ କୁଣ୍ଡ ବନାଇପାରିବେ। ତେଣୁ ଛୁରିକୁ ଗରମ କରି ପାଇପ୍ ମଧ୍ୟରେ ବଡ଼ କଣା କରନ୍ତୁ। ଏହାପରେ ନିଜ ପସନ୍ଦର ଗଛ ଲଗାଇପାରିବେ। ପାଇପ୍‌କୁ କାଟି ରଶି ସାହାଯ୍ୟରେ ବାନ୍ଧି କାନ୍ଥରେ ମଧ୍ୟ ଝୁଲାଇ ପାରିବେ। ସେହିପରି ଏଥିରେ ସବୁଜ ପରିବା ଚାଷ କରିପାରିବେ। ପାଇପ୍ ଉପରଅଂଶକୁ ବ୍ଲେଡ୍‌ରେ କାଟି ଏଥିରେ ଖତମିଶା ମାଟି ଦେଇ ପ୍ଲାଷ୍ଟିକ ସାହାଯ୍ୟର ପାଣି ଓ ମାଟି ରୋକିବାକୁ କଭର ଦିଅନ୍ତୁ। ଏହା ଭିତରେ ପସନ୍ଦର ଗଛ ଲଗାଇପାରିବେ। ପିଭିସି ପାଇପ୍ ନ ବଦଳାଇ ବହୁ ବର୍ଷ ଯାଏଁ ଚାଷ କରିହେବ। ଏହା ପରିବେଶ ଅନୁକୂଳ।



# ଏମାସର ଚାଷ

**ଜୁନ୍ ମାସରେ ଚାଷୀଭାଇମାନେ ଧାନ ଚାଷ ସହିତ ବିଭିନ୍ନ ପନିପରିବା ଚାଷ କରିପାରିବେ। ଏହି ମାସରେ ଜମିକୁ ଲୁହା ଲଙ୍ଗଳ, ଟ୍ରାକ୍ଟର କିମ୍ବା ପାୱାର ଟିଲରରେ ଗଭୀର ଚାଷ କରି ରୋଟାଭେଟର ଦ୍ୱାରା ଗୁଣ୍ଡଚାଷ କରି ସମତୁଲ କରନ୍ତୁ। ତେବେ ଏ ମାସରେ କେଉଁ ଚାଷ କାର୍ଯ୍ୟ ଆରମ୍ଭ କରିବେ, ଜାଣି ରଖନ୍ତୁ।**



- ଧାନ ବିହନ ଚୟନ କରି ଏହାକୁ ବିଶୋଧନ କରି ତଳି ପକାଇବାର ଉପଯୁକ୍ତ ସମୟ।
- ଦେଶୀ ଆଳୁ ଶ୍ରୀକୀର୍ତ୍ତି, ଶ୍ରୀରୂପା, ହାତୀଖୋଜ, ଛୋଟ ଖମ୍ବଆଳୁ – ଶ୍ରୀକଳା, ଧଳା ଖମ୍ବଆଳୁ – ଶ୍ରୀଶୁଭ୍ରା, ଶ୍ରୀପ୍ରିୟା, ଶ୍ରୀଧନ୍ୟା ଆଦି କିସମ ଖମ୍ବଆଳୁ ଚାଷ ପାଇଁ ଏକର ଜମି ପାଇଁ ୮ରୁ ୧୦ କୁଇଣ୍ଟାଲ ଖମ୍ବଆଳୁ ଦରକାର। ଏହି ଖଣ୍ଡଗୁଡ଼ିକୁ ୧୫୦ରୁ ୨୦୦ ଗ୍ରାମ୍ ଓଜନର ମୁଣ୍ଡା ବିହନ ଆକାରରେ ଲଗାନ୍ତୁ। ଜମିକୁ ଗୁଣ୍ଡଚାଷ କରି ଧାଡ଼ିକୁ ଧାଡ଼ି ତିନିଫୁଟ, ଗଛକୁ ଗଛ ତିନିଫୁଟ ବ୍ୟବଧାନରେ ଗାତ ଖୋଳନ୍ତୁ। ଗୋବର ଖତ ଏବଂ ଜମି ଉପରର ଉର୍ବର ମାଟି ସମପରିଣାମରେ ମିଶାଇ ଗାତଗୁଡ଼ିକୁ ପୂରଣ କରନ୍ତୁ। ଲଗାଇବାବେଳେ ସୁପର ଫସ୍‌ଫେଟ୍ ପ୍ରତି ମନ୍ଦାରେ ମାଟିତଳେ ପ୍ରୟୋଗ କରନ୍ତୁ। ମନ୍ଦାରେ ଖମ୍ବଆଳୁ ବିହନକୁ ୫-୧୦ ସେମି ଗଭୀରରେ ପୋତିବା ଭଲ।
- ଚିନାବାଦାମ ବିହନକୁ ବିଶୋଧନ କରି ଓ ଜୀବାଣୁ କଲଚର ଦ୍ୱାରା ଉପଚାର କରି ବୁଣନ୍ତୁ। ସେହିପରି ନଳିତା ବୁଣାବୁଣି କାର୍ଯ୍ୟ ଶେଷ କରନ୍ତୁ।
- ଜମି ପ୍ରସ୍ତୁତ କରି ନିଗିଡ଼ା ଢିପ ଜମିମାନଙ୍କରେ ହରଡ଼, ମୁଗ, ବିରି ଲମ୍ବା ଝୁଡ଼ଙ୍ଗ ବିହନ ଧାଡ଼ିରେ ବୁଣନ୍ତୁ। ଏହି ମାସ ଶେଷ ସୁଦ୍ଧା କପା ବୁଣା ଶେଷ କରିପାରିବେ। ଆଖୁର ଭେଳାବନ୍ଧା ମଧ୍ୟ ସମାପ୍ତ କରନ୍ତୁ।
- ବର୍ଷାଦିନିଆ ପନିପରିବା ପାଇଁ ତଳିଘରା ପ୍ରସ୍ତୁତି କରି ତଳି ପକାନ୍ତୁ। ଭେଣ୍ଡି, କଖାରୁ, କାକୁଡ଼ି, ପାଳଙ୍ଗ, କଲରା, ଜହ୍ନି, ଛଚିନ୍ଦ୍ରା, ଝୁଡ଼ଙ୍ଗ, ଶାଗ ଆଦି ପନିପରିବା ଲଗାନ୍ତୁ ଓ ଫଳ ଚାରା ଲଗାନ୍ତୁ।
- ମକା ଓ ଲଘୁଶସ୍ୟ ଯଥା- ମାଣ୍ଡିଆ, ସୁଆଁ, ଗୁଳୁଚି ବୁଣିଦିଅନ୍ତୁ।

କୃଷି ପ୍ରତିଭା

# ଶସ୍ତା କୀଟନାଶକ ସ୍ପ୍ରେୟର୍



ଆମ ଦେଶ ଏକ କୃଷିପ୍ରଧାନ ଦେଶ। ବର୍ଷକ ବାରମାସ ଯାକ ଚାଷ କାର୍ଯ୍ୟ କରି ଚାଷୀ ଲାଭବାନ ହୋଇଥାନ୍ତି। ଫସଲରେ କୀଟନାଶକ ସିଞ୍ଚନର ଆବଶ୍ୟକତା ପଡ଼ିଥାଏ। ଏଥିପାଇଁ ସତର୍କତା ଅବଲମ୍ବନ ଜରୁରି। ତେବେ ମହାରାଷ୍ଟ୍ରର ଯୋଗେଶ ଗାୱଣ୍ଡ ତାଙ୍କ ଭାଇ ପେଷ୍ଟିସାଇଡ ପଏଜନିଂ ହୋଇଥିବା ଦେଖି ସେ ଚାଷୀଙ୍କ ସୁରକ୍ଷାକୁ ଦୃଷ୍ଟି ଦେଇ ଏକ ଶସ୍ତା ସ୍ପ୍ରେୟର ତିଆରିକରି ଚର୍ଚ୍ଚାରେ ରହିଛନ୍ତି। ଏହି କୃଷି ଉପକରଣଟି କୀଟନାଶକ ସିଞ୍ଚନ କାର୍ଯ୍ୟକୁ ସହଜ କରିଦେଇଥାଏ। ଯଦିଓ ଦେଶରେ ଅଧିକରୁ ଅଧିକ ଚାଷୀ ପିଠିରେ ୧୬ ଲିଟର ଟ୍ୟାଙ୍କ ନେଇ ଫସଲରେ ସିଞ୍ଚନ କରନ୍ତି, କିନ୍ତୁ ଏହି ସମସ୍ୟା ନିୟନ୍ତ୍ରଣ ପାଇଁ ଯଦିଓ ପୂର୍ବରୁ ବିଭିନ୍ନ ସ୍ପ୍ରେୟର, ବ୍ୟାଟେରୀ ଚାଳିତ ମଡେଲ, ଡ୍ରୋନ୍, ଟ୍ରାକ୍ଟର ମାଉଣ୍ଟେଡ ସ୍ପ୍ରେୟର ଅନେକ ବିକଳ୍ପ ବାହାରିଲାଣି, ତଥାପି ଏଥିରେ ମଧ୍ୟମ ଶ୍ରେଣୀର ଚାଷୀ ସୁବିଧା ପାଇପାରନ୍ତି ନାହିଁ। ତେଣୁ ସେମାନଙ୍କ ଆର୍ଥିକ ସୁରକ୍ଷାକୁ ଦୃଷ୍ଟିଦେଇ ଯୋଗେଶ କଲେଜ୍ ପଢ଼ା ସମୟରୁ ଏହି ଶସ୍ତା ସ୍ପ୍ରେୟର ବିକଶିତ କରିଛନ୍ତି। ଏହି ସ୍ପ୍ରେୟର ଆଗରେ ଚକ ଲାଗିଥିବାରୁ ଏହାକୁ ଚାର୍ଜ କରାଯାଇ ଜମିରେ ଜଣେ ବ୍ୟକ୍ତି ଧରି ଏହାକୁ ସହଜରେ କୀଟନାଶକ ସିଞ୍ଚନ କରନ୍ତି। ଏହି ଯନ୍ତ୍ରରେ ପାଇପ୍ ଦ୍ୱାରା ପାଞ୍ଚରୁ ଛଅ ଚାଷୀଙ୍କ ହିତ ପାଇଁ 'ନିୟୋ ଫାର୍ମ-ଟେକ୍ ପ୍ରାଃ ଲି' ଷ୍ଟାର୍ଟଅପ ଜରିଆରେ ସେ ଦେଶର ପ୍ରାୟ ୨୨ ରାଜ୍ୟର ୪୫୦୦ରୁ ଅଧିକ ଚାଷୀଙ୍କୁ ଏହି ସ୍ପ୍ରେୟର ବିକ୍ରି କରିପାରିଛନ୍ତି।

# ସଫଳ ଚାଷୀ

# ଚିନାବାଦାମ ଚାଷରୁ ଲାଭବାନ ଅଲେଖ



**ଚିନାବାଦାମ ଏକ ତୈଳବୀଜ ଜାତୀୟ ଫସଲ। ବର୍ଷାଦିନ ହେଉ ଅବା ଶୀତଦିନ, ଭଜା ବାଦାମର ମଜା ନେବାକୁ ସମସ୍ତେ ପସନ୍ଦ କରନ୍ତି। ଚିନାବାଦାମ ପାଟିକୁ ଯେମିତି ସ୍ୱାଦିଷ୍ଟ, ଦେହକୁ ମଧ୍ୟ ସେମିତି ହିତକର। ଆମ ରାଜ୍ୟର ଅଧିକାଂଶ ଚାଷୀ ଅନ୍ୟାନ୍ୟ ଫସଲ ସହିତ ଚିନାବାଦାମ ଚାଷ କରୁଛନ୍ତି। ଏହି ଚାଷରୁ ଲାଭବାନ ହୋଇ ଅନ୍ୟଚାଷୀଙ୍କ ପାଇଁ ପ୍ରେରଣାର ଉତ୍ସ ପାଲଟି ପାରୁଛନ୍ତି। ଏମିତି ଜଣେ ସଫଳ ଚିନାବାଦାମ ଚାଷୀ ହେଉଛନ୍ତି ଡେରାବିଶ ବ୍ଲକ୍ ଯଅଁରାବାରିମୂଳ ପଞ୍ଚାୟତ ଅନ୍ତର୍ଗତ ଅଲେଖ ଚନ୍ଦ୍ର ରାଉତ।**

ସେ ଜଣେ ଚାଷୀ ପରିବାରର ପୁଅ। ପିଲାବେଳୁ ବାପାଙ୍କ ସହିତ ବିଲକୁ ଯାଇ ଚାଷ କାମ ଦେଖୁଥିଲେ। ଚାଷକାମ ଜ୍ଞାନ ଆହରଣ କରି ପୈତୃକ ଜମିରେ ସେ ଚିନାବାଦାମ କରି ଆସୁଛନ୍ତି। ଏବେ ତାଙ୍କୁ ୫୪ ଛୁଇଁଲାଣି। ୩୦ ବର୍ଷ ହେଲା ୩ ଏକର ଚାଷ ଜମିରେ ଚିନାବାଦାମ ଚାଷ କରିଆସୁଅଛି ଅଲେଖ। ଏହି ଚାଷରେ ଖୁବ୍ ଲାଭ। ଏକ ଏକର ପିଛା ଅମଳ ପର୍ଯ୍ୟନ୍ତ ମାତ୍ର ୨୦ ହଜାର ଟଙ୍କା ଖର୍ଚ୍ଚ ହୋଇଥାଏ। ବାଦାମ ଚାଷ ପାଇଁ ଉନ୍ନତ ଓ ସଅଳ କିସମ ବିହନ ବ୍ୟବହାର କଲେ ଚାଷରେ ରୋଗପୋକ ଲାଗିବାର ଏତେ ଭୟ ନଥାଏ ବୋଲି କୁହନ୍ତି ଅଲେଖ। ତେଣୁ ଚିନାବାଦାମ ବିକ୍ରି କରି ବାର୍ଷିକ ଏକ ଲକ୍ଷ ଟଙ୍କା ଲାଭ କରିଥାନ୍ତି। ଅମଳ ପରେ ଏହାକୁ ବିକ୍ରି କରିବାକୁ ତାଙ୍କୁ ଆଦୌ କଷ୍ଟ ହେଉନାହିଁ। ବରଂ ଘରୁ ବେପାରୀମାନେ ଆସି କିଲୋପ୍ରତି ୭୦ ଟଙ୍କାରେ କିଣି ନେଇଯାଉଛନ୍ତି। ଚିନାବାଦାମ ପୁଷ୍ଟିକର ଖାଦ୍ୟ ହୋଇଥିବାରୁ ରୋଷେଇରେ ଏହାର ବହୁଳ ବ୍ୟବହାର ହେଉଥିବା ବେଳେ ବିଭିନ୍ନ ବିସ୍କୁଟ ଫ୍ୟାକ୍ଟ୍ରି ଇତ୍ୟାଦିରେ ଏହା ବହୁଳ ମାତ୍ରରେ ବ୍ୟବହାର ହେଉଛି। ଏଥିସହିତ ତେଲ ପାଇଁ ମଧ୍ୟ ବାଦାମ ବିକ୍ରି ହୋଇଯାଉଛି। ତେବେ ଅଲେଖ କୁହନ୍ତି, ସେ ତାଙ୍କର କ୍ଷେତରେ ଏହାକୁ ଡିସେମ୍ବର ମାସରେ ଲଗାଇ ମାର୍ଚ୍ଚ ମାସରେ ଅମଳ କରିଥାନ୍ତି। ସେ ବାଦାମ ସହିତ ବିଭିନ୍ନ ପନିପରିବା ଓ ଧାନ ଚାଷ କରୁଥିଲେ ମଧ୍ୟ ବାଦାମ ଚାଷରେ ଅଧିକ ଲାଭ ହେଉଥିବାରୁ ଓ ବଜାରରେ ବାଦାମର ଚାହିଦା ବହୁ ପରିମାଣରେ ବଢ଼ି ଯାଇଥିବାରୁ ବେକାର ଯୁବକମାନଙ୍କୁ ବାଦାମ ଚାଷ କରିବା ପାଇଁ ପ୍ରୋତ୍ସାହିତ ମଧ୍ୟ କରିଥାନ୍ତି।

ପ୍ରମୋଦ କୁମାର ପ୍ରଧାନ,
ଡେରାବିଶ

# କୃଷି ପାଣିପାଗ

## ଏ ସପ୍ତାହ ପାଇଁ କେତେକ ପରାମର୍ଶ...

- ଅମଳ ହୋଇଥିବା ଧାନ କିସମ ଅନୁସାରେ ବଜାରରେ ମିଳୁଥିବା ସୁପରଗ୍ରେନ୍ ବସ୍ତାରେ ଏହାକୁ ସାଇତି ରଖିଲେ ଏହାର ଗୁଣ, ରଙ୍ଗ, ବାସନା ଓ ସ୍ୱାଦ ବହୁତ ଦିନ ପର୍ଯ୍ୟନ୍ତ ସୁରକ୍ଷିତ ରହିବ।
- ଉଚ୍ଚ ଜମିରେ ଧାନ ଚାଷ ପାଇଁ ୧୦୦ରୁ ୧୨୦ ଦିନ ମଧ୍ୟରେ ହେଉଥିବା ଅମଳକ୍ଷମ ଧାନ କିସମ ଗୁଡିକହେଲା ଖଣ୍ଡଗିରି, ସହଭାଗୀ ଧାନ, ମନ୍ଦାକିନୀ, ନବୀନ, ଜିବି-୧, ବୀଣା-୧୧, ଏମ୍‌ଟିୟୁ-୧୦୧୦, ସତ୍ୟଭାମା, ସ୍ୱର୍ଣ୍ଣ ଶ୍ରେୟା ଇତ୍ୟାଦି।
- ବର୍ଷା ପାଣିର ସଦୁପଯୋଗ ପାଇଁ ମୌସୁମୀ ପୂର୍ବରୁ ଚାରାରୋପଣ କରନ୍ତୁ।
- ଆଖୁ ଫସଲରେ ଘାସୁଆ ରୁଗୁଡ଼ିଆ ରୋଗର ନିୟନ୍ତ୍ରଣ ପାଇଁ ଆକ୍ରାନ୍ତ ଗଛକୁ ଓପାଡ଼ି ଦୂରରେ ପୋଡ଼ି ନଷ୍ଟ କରିଦିଅନ୍ତୁ। ଜଉ ପୋକର ପରିଚାଳନା ପାଇଁ ଏକର ପ୍ରତି ୪୦ଗ୍ରାମ ଥିୟାମିଥୋକ୍ସାମ କୀଟନାଶକ କିମ୍ବା ୫୦ ଗ୍ରାମ ଏସିଡାମିପ୍ରିଡ୍ କୀଟନାଶକ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ।
- ସଜନା ଗଛରେ ଛୁଇଁବିନ୍ଧା ପୋକର ନିୟନ୍ତ୍ରଣ ପାଇଁ ସାଇପରମେଥ୍ରିନ୍ ୮୦ ଗ୍ରାମ ହିସାବରେ ଏକର ପ୍ରତି ୧୫ ଦିନ ଅନ୍ତରରେ ୨ଥର ପ୍ରୟୋଗ କରନ୍ତୁ।
- ଆମ୍ବଗଛରେ ଫଳ ମାଛି ନିୟନ୍ତ୍ରଣ ପାଇଁ ଫଳ ମାଛି ଟ୍ରାପର ବ୍ୟବହାର କରନ୍ତୁ। ଫଳର ଅଗରେ କଳା ଦାଗ ଦେଖାଯାଏ ନିୟନ୍ତ୍ରଣ ପାଇଁ ୨ ପ୍ରତିଶତ ବୋରାକ୍ସର ସିଞ୍ଚନ କରନ୍ତୁ।

### ଆନରିଚ୍ ନୋର୍ଜେଙ୍କ ଘାତକ ବୋଲିଂ

# ଶ୍ରୀଲଙ୍କାକୁ ହରାଇଲା ଦକ୍ଷିଣ ଆଫ୍ରିକା



**ନ୍ୟୁୟର୍କ, ୩।୬(ଏଜେନ୍ସି)**

ଫାଷ୍ଟ ବୋଲର ଆନରିଚ୍ ନୋର୍ଜେଙ୍କ ଘାତକ ବୋଲିଂ ବଳରେ ଏଠାରେ ସୋମବାର ଅନୁଷ୍ଠିତ ଗ୍ରୁପ୍-ଡି'ର ଏକ ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକା ୬ ୱିକେଟରେ ପୂର୍ବଚାମ୍ପିଅନ ଶ୍ରୀଲଙ୍କାକୁ ପରାସ୍ତ କରିଛି। ଏହା ଫଳରେ ପ୍ରଥମ ଟାଇଟଲ ଜିତିବାକୁ ଆଶାୟୀ ଥିବା ଦକ୍ଷିଣ ଆଫ୍ରିକା ସୁପର-୮'ରେ ପ୍ରବେଶ କରିବା ରାସ୍ତା ପରିଷ୍କାର କରିନେଇଛି। ଏହି ମ୍ୟାଚ୍‌ରେ ଶ୍ରେଷ୍ଠ ଖେଳାଳି ବିବେଚିତ ନୋର୍ଜେ ୪ଟି, କାଗିସୋ ରାବାଡା ଓ କେଶବ ମହାରାଜ ୨ଟି ଲେଖାଏଁ ୱିକେଟ ନେବା ଫଳରେ ପ୍ରଥମେ ବ୍ୟାଟିଂ କରି ଶ୍ରୀଲଙ୍କା ୧୯.୧ ଓଭରରେ ମାତ୍ର ୭୭ ରନ୍ କରି ଅଲଆଉଟ ହୋଇଯାଇଥିଲା। ଜବାବରେ ୭୮ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ଦକ୍ଷିଣ ଆଫ୍ରିକା ୧୬.୨ ଓଭରରେ ୪ ୱିକେଟ ହରାଇ ବିଜୟ ଲାଗି ଆବଶ୍ୟକ ରନ୍ ସଂଗ୍ରହ କରିନେଇଥିଲା। ଦଳ ପକ୍ଷରୁ କ୍ୱିଣ୍ଟନ ଡି କକ୍ ସର୍ବାଧିକ ୨୦, ରୀଜା ହେଣ୍ଡ୍ରିକ୍ସ ୪, ଅଧିନାୟକ ଆଇଡେନ ମାର୍କରାମ ୧୨ ଓ ଟ୍ରିଷ୍ଟାନ ଷ୍ଟବ୍ସ ୧୩ ରନ୍ କରି ଆଉଟ ହୋଇଥିଲେ। ଦକ୍ଷିଣ ଆଫ୍ରିକା ମ୍ୟାଚ୍ ଜିତିଲା ବେଳକୁ ହେନ୍‌ରିକ୍ କ୍ଲାସେନ ୧୯ ଓ ଡେଭିଡ୍ ମିଲର ୬ ରନ୍‌ରେ ଅପରାଜିତ ରହିଥିଲେ। ଶ୍ରୀଲଙ୍କା ପକ୍ଷରୁ ଅଧିନାୟକ ହାସରଙ୍ଗା ୨ଟି ୱିକେଟ ନେଇଥିଲେ ମଧ୍ୟ ଦଳ ପରାଜିତ ହୋଇଥିଲା।

### ଶ୍ରୀଲଙ୍କାର ବ୍ୟାଟିଂ ଫେଲ

ଏହି ମ୍ୟାଚ୍‌ରେ ଟସ୍ ଜିତିବା ପରେ ଶ୍ରୀଲଙ୍କା ଅଧିନାୟକ ୱାନିନ୍ଦୁ ହାସରଙ୍ଗା ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲେ। ବ୍ୟାଟିଂ ଆରମ୍ଭ କରି ଶ୍ରୀଲଙ୍କା କ୍ରମାଗତ ୱିକେଟ ହରାଇବା ଫଳରେ ହାସରଙ୍ଗାଙ୍କ ନିଷ୍ପତ୍ତି ଭୁଲ ପ୍ରମାଣିତ ହୋଇଥିଲା। ଏକ ଅନାବଶ୍ୟକ ସଟ୍ ଖେଳିବାକୁ ଯାଇ ପାଥୁମ୍ ନିଶାଙ୍କା ପ୍ରଥମେ ଆଉଟ ହୋଇଥିଲେ। ଫାଷ୍ଟ ବୋଲର ଓଟ୍‌ନେଲ ବାର୍ଟମ୍ୟାନ୍ ବିଶ୍ୱକପ୍‌ରେ ପଦାର୍ପଣ କରିଥିଲାବେଳେ ସେ ବୋଲିଂ କରିଥିବା ପ୍ରଥମ ବଲ୍‌ରେ ନିଶାଙ୍କାଙ୍କୁ ଆଉଟ କରି ସଫଳତା ପାଇଥିଲେ। ଏହା ପରେ ବାମହାତୀ ସ୍ପିନର କେଶବ ମହାରାଜ ଦୁଇଟି ୱିକେଟ ନେଇଥିଲେ। ତାଙ୍କ ବୋଲିଂରେ ହାସରଙ୍ଗା ଓ ସମରବିକ୍ରମ ଖାତା ଖୋଲିପାରି ନ ଥିଲେ। ଏହି ସମୟରେ ବୋଲିଂ କରୁଥିବା ଆନରିଚ୍ ନୋର୍ଜେ କ୍ରମାଗତ ୩ଟି ଓଭରରେ ୩ଟି ୱିକେଟ ନେବା ଫଳରେ ଶ୍ରୀଲଙ୍କା ୪୫ ରନ୍‌ରେ ୬ ୱିକେଟ ହରାଇ ବିପଦରେ ପଡ଼ିଥିଲା। ଏହି ସମୟରେ କାଗିସୋ ରାବାଡା ଆଉ ଦୁଇ ଜଣ ଖେଳାଳିଙ୍କୁ ଆଉଟ କରିବା ଫଳରେ ଶ୍ରୀଲଙ୍କା ବିପଦରେ ପଡ଼ିଥିଲା। ନୁୱାନ ଥୁସାରା ୧୦ମ ଖେଳାଳି ଭାବେ ରନ୍‌ଆଉଟ ହେବା ପରେ ଶ୍ରୀଲଙ୍କା ଆଉ ୫ଟି ବଲ ବାକିଥାଇ ୭୭ ରନ୍‌ରେ ଅଲଆଉଟ ହୋଇଯାଇଥିଲା।

### ସର୍ବନିମ୍ନ ଦଳଗତ ସ୍କୋର

ଏହି ମ୍ୟାଚ୍‌ରେ ଶ୍ରୀଲଙ୍କା ୭୭ ରନ୍‌ରେ ଆଉଟ ହେବା ଫଳରେ ଟି-୨୦ କ୍ରିକେଟରେ ସର୍ବନିମ୍ନ ସ୍କୋର କରିବାର ନକରାତ୍ମକ ରନ୍ ସଂଗ୍ରହ କରିଛି। ପୂର୍ବରୁ ଦଳର ସର୍ବନିମ୍ନ ଟି-୨୦ ସ୍କୋର ଥିଲା ୮୨ ରନ୍। ଦଳ ଏହି ସ୍କୋର ଭାରତ ବିପକ୍ଷ ୨୦୧୬ରେ ଭାଇଜାଗରେ ଅନୁଷ୍ଠିତ ମ୍ୟାଚରେ ସଂଗ୍ରହ କରିଥିଲା। ସେହିପରି ଏହି ସ୍କୋର ଟି-୨୦ ବିଶ୍ୱକପ୍‌ରେ ପଞ୍ଚମ ସର୍ବନିମ୍ନ ସ୍କୋର ହୋଇଛି। ସର୍ବନିମ୍ନ ସ୍କୋରର ରେକର୍ଡ ଇଂଲଣ୍ଡ ନାମରେ ରହିଛି। ୨୦୨୧ ବିଶ୍ୱକପ୍‌ରେ ଦୁବାଇରେ ଅନୁଷ୍ଠିତ ୱେଷ୍ଟଇଣ୍ଡିଜ୍ ବିପକ୍ଷ ମୁକାବିଲାରେ ଇଂଲଣ୍ଡ ଏହି ସ୍କୋର କରିଥିଲା। ଏହା ପରେ ୬୦ ରନ, ନ୍ୟୁଜିଲାଣ୍ଡ ବନାମ ଶ୍ରୀଲଙ୍କା, ୭୦ ରନ୍ ବାଂଲାଦେଶ ବନାମ ନ୍ୟୁଜିଲାଣ୍ଡ, ୭୨ ରନ୍, ବାଂଲାଦେଶ ବନାମ ଅଷ୍ଟ୍ରେଲିଆ ବିପକ୍ଷରେ ସଂଗୃହୀତ ହୋଇଛି।

### ଟି-୨୦ ବିଶ୍ୱକପ୍ ଆଜିର ମ୍ୟାଚ୍

**ଆଫଗାନିସ୍ତାନ-ଉଗାଣ୍ଡା**
ସ୍ଥାନ- ଗୁଏନା, ସମୟ- ସକାଳ ୬ଟା

**ଇଂଲଣ୍ଡ-ସ୍କଟଲାଣ୍ଡ**
ସ୍ଥାନ- ବାର୍ବାଡୋସ୍, ସମୟ- ରାତି ୮ଟା

**ନେଦରଲାଣ୍ଡ୍ସ-ନେପାଳ**
ସ୍ଥାନ- ଡଲାସ, ସମୟ- ରାତି ୮ଟା

- ପ୍ରସାରଣ -
ଷ୍ଟାର୍ ସ୍ପୋର୍ଟ୍ସ ନେଟ୍‌ୱର୍କ

ଦକ୍ଷିଣ ଆଫ୍ରିକା ପକ୍ଷରୁ ଫାଷ୍ଟ ବୋଲର ଆନରିଚ୍ ନୋର୍ଜେ ୪ ଓଭରରେ ୭ ରନ ବ୍ୟୟ କରି ୪ ୱିକେଟ୍ ସଫଳତା ପାଇଥିଲେ। ଅନ୍ୟତମ ଫାଷ୍ଟ ବୋଲର କାଗିସୋ ରାବାଡା ଓ ବାମହାତୀ ସ୍ପିନର କେଶବ ମହାରାଜ ୨ଟି ଲେଖାଏ ୱିକେଟ୍ ନେଇଥିଲେ। ନୋର୍ଜେ ଏଥିସହ ବିଶ୍ୱକପ୍ ଇତିହାସରେ ଦକ୍ଷିଣ ଆଫ୍ରିକା ପାଇଁ ଶ୍ରେଷ୍ଠ ବୋଲିଂ ଫିଗର ହାସଲ କରିଛନ୍ତି। ପୂର୍ବରୁ ଏହି ରେକର୍ଡ ତାଙ୍କ ନାମରେ ରହିଥିଲା। ୨୦୨୨ ବିଶ୍ୱକପ୍‌ରେ ସେ ୧୦ ରନରେ ୪ଟି ୱିକେଟ୍ ନେଇଥିଲେ।

### ଟି-୨୦ ବିଶ୍ୱକପ୍‌ରେ ପ୍ରଥମ

# ସୁପର ଓଭରରେ ଜିତିଲା ନାମିବ୍ୟା


ଡେଭିଡ ୱାଇଜ୍

**ବ୍ରିଜ୍‌ଟାଉନ୍, ୩।୬(ଏଜେନ୍ସି):** ଟି-୨୦ ବିଶ୍ୱକପ ଇତିହାସରେ ଚଳିତବର୍ଷ ଏଠାରେ ଅନୁଷ୍ଠିତ ଓମାନ ଓ ନାମିବ୍ୟା ମ୍ୟାଚ୍ ସୁପର ଓଭରରେ ଫଇସଲା ହୋଇଛି। ସ୍ଥାନୀୟ କେନିସିଂଟନ ଓଭାଲ ଷ୍ଟାଡିୟମ୍‌ରେ ଅନୁଷ୍ଠିତ ଏହି ପ୍ରତିଦ୍ୱନ୍ଦ୍ୱିତାମୂଳକ ଓ ଉତ୍କଣ୍ଠାପୂର୍ଣ୍ଣ ମୁକାବିଲା ଟାଇ ରହିଥିଲା। ଉଭୟ ଦଳ ସେମାନଙ୍କ ପାଳିରେ ୧୦୯ ରନ୍ ଲେଖାଏଁ କରିଥିଲେ। ଯାହା ଫଳରେ ମ୍ୟାଚ୍‌ର ଫଳାଫଳ ଜାଣିବା ଲାଗି ସୁପର ଓଭରର ସହାୟତା ନିଆଯାଇଥିଲା। ଏଥିରେ ପ୍ରଥମେ ବ୍ୟାଟିଂ କରିଥିବା ନାମିବ୍ୟା କୌଣସି ୱିକେଟ ନ ହରାଇ ୨୧ ରନ୍ କରିଥିଲା। ଜବାବରେ ଓମାନ ଗୋଟିଏ ୱିକେଟ ହରାଇ ୧୦ ରନ୍ କରିବାକୁ ସମର୍ଥ ହୋଇଥିଲା। ଏହା ଫଳରେ ସୁପରଓଭରରେ ନାମିବ୍ୟା ଏହି ମ୍ୟାଚ୍‌କୁ ୧୧ ରନ୍‌ରେ ଜିତିନେଇଥିଲା। ଏହି କ୍ରମରେ ନାମିବ୍ୟା ମଧ୍ୟ ସୁପର ଓଭରରେ ସର୍ବାଧିକ ରନ୍ କରିବାରେ ରେକର୍ଡ କରିଛି। ଟେଷ୍ଟ ଖେଳି ନ ଥିବା ଆଇସିସିର ଏହି ସହଯୋଗୀ ରାଷ୍ଟ୍ର ମଧ୍ୟରେ ମୁକାବିଲାଟି ବେଶ ରୋମାଞ୍ଚକର ହୋଇଥିଲା। ଏହି ମ୍ୟାଚ୍‌ରେ ଅଲରାଉଣ୍ଡ ସଫଳତା ପାଇଥିବା ନାମିବ୍ୟାର ପୂର୍ବତନ ଦକ୍ଷିଣ ଆଫ୍ରିକୀୟ ଅଲରାଉଣ୍ଡର ଡେଭିଡ ୱାଇଜ୍‌ଙ୍କୁ ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି। ସେ ଏହି ମ୍ୟାଚରେ ବ୍ୟାଟିଂ, ବୋଲିଂ ଓ ଫିଲ୍ଡିଂରେ ଶ୍ରେଷ୍ଠ ପ୍ରଦର୍ଶନ କରି ନାମିବ୍ୟାକୁ ଜିତାଇବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ।

ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଓମାନ ୧୯.୪ ଓଭରରେ ମାତ୍ର ୧୦୯ ରନ୍ କରି ଅଲଆଉଟ ହୋଇଯାଇଥିଲା। ଦଳ ପକ୍ଷରୁ ଖଲୀଦ୍ କେଲ ସର୍ବାଧିକ ୩୪ ଓ ଜୀସାନ ମକସୁଦ୍ ୨୨ ରନ୍ କରିଥିଲେ। ମନ୍ଥର ହୋଇଥିବା ଏହି ପିଚ୍‌ରେ ବାମହାତୀ ଫାଷ୍ଟ ବୋଲର ରୁବେନ ଟ୍ରମ୍ପଲମାନ ୪ଟି ଓ ଡାହାଣହାତୀ ଫାଷ୍ଟ ବୋଲର ଡେଭିଡ ୱାଇଜ୍ ୩ଟି ୱିକେଟ ନେଇଥିଲେ। ଜବାବରେ ନାମିବ୍ୟା ନିର୍ଦ୍ଧାରିତ ୨୦ ଓଭରରେ ୬ ୱିକେଟ ହରାଇ ୧୦୯ ରନ୍ କରିଥିଲା। ଦଳ ପକ୍ଷରୁ ଜାନ୍ ଫ୍ରାଇଲିଙ୍କ୍ ୪୫, ନିକୋଲାସ ଡାଭିନ୍ ୨୪ ଓ ଅଧିନାୟକ ଗେରହାର୍ଡ ଏରାସମସ ୧୩ ରନ୍ କରି ଦୁଇ ଅଙ୍କରେ ପ୍ରବେଶ କରିଥିଲେ। ଓମାନ ପକ୍ଷରୁ ୩୭ ବର୍ଷିୟ ମିଡିୟମ୍ ବୋଲର ମେହରାନ ଖାନ୍ ୩ ଓଭରରେ ୭ ରନ୍ ଦେଇ ୩ଟି ୱିକେଟ ନେଇଥିଲେ। ମ୍ୟାଚ୍ ଟାଇ ରହିବା ଫଳରେ ସୁପର ଓଭରର ସହାୟତା ନିଆଯାଇଥିଲା। ଏଥିରେ ଡେଭିଡ ୱାଇଜ୍ ୧୩ ଓ ଏରାସମସ ୮ ରନ୍ କରିବା ଫଳରେ ଦଳ କୌଣସି ୱିକେଟ ନ ହରାଇ ୨୧ ରନ୍ କରିଥିଲା। ଏହା ପରେ ୱାଇଜ୍ ଚମତ୍କାର ବୋଲିଂ କରିବା ଫଳରେ ଓମାନ ଗୋଟିଏ ୱିକେଟ ହରାଇ ୧୦ ରନ୍ କରିବାକୁ ସମର୍ଥ ହୋଇଥିଲା। ୱାଇଜ୍‌ଙ୍କୁ ଯଥାର୍ଥରେ ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା।

## ଦୂରଦର୍ଶନରେ ଭାରତୀୟ ମ୍ୟାଚ୍‌ର ସିଧା ପ୍ରସାରଣ

**ନୂଆଦିଲ୍ଲୀ,୩।୬(ଏଜେନ୍ସି):** ଦେଶ ବିଦେଶରେ ଭାରତୀୟ କ୍ରୀଡ଼ାର ସିଧାସଳଖ ପ୍ରସାରଣ କରିବା ଲାଗି ଜାତୀୟ ଟେଲିଭିଜନ ସଂସ୍ଥା ଦୂରଦର୍ଶନ ପକ୍ଷରୁ ସ୍ଥିର କରାଯାଇଛି। ଏହି କ୍ରମରେ ଆମେରିକା ଓ ୱେଷ୍ଟଇଣ୍ଡିଜ୍‌ରେ ଚାଲିଥିବା ଟି-୨୦ ବିଶ୍ୱକପ୍‌ର ଭାରତ ଖେଳୁଥିବା ସମସ୍ତ ମ୍ୟାଚ୍‌ର ସିଧା ପ୍ରସାରଣ ଦୂରଦର୍ଶନ ପକ୍ଷରୁ କରାଯିବ ବୋଲି ପ୍ରସାର ଭାରତୀର ମୁଖ୍ୟ କାର୍ଯ୍ୟନିର୍ବାହୀ ଗୌରବ ଦ୍ୱିବେଦୀ ସୂଚନା ଦେଇଛନ୍ତି। ଟି-୨୦ ବିଶ୍ୱକପ୍‌ରେ ଭାରତ ଜୁନ୍ ୫ରେ ଆୟର୍ଲାଣ୍ଡ, ୯ରେ ପାକିସ୍ତାନ, ୧୨ରେ ଆମେରିକା ଓ ୧୫ରେ କାନାଡା ସହ ଖେଳିବ। ଏହି ମ୍ୟାଚ୍‌ଗୁଡିକ ଭାରତୀୟ ସମୟ ରାତି ୮ଟାରୁ ଆରମ୍ଭ ହେବ। ଏହା ବ୍ୟତୀତ ଭାରତ ବିଶ୍ୱକପ୍ ପରେ ଜିମ୍ବାୱେ ଓ ଶ୍ରୀଲଙ୍କା ଗସ୍ତରେ ଯିବ। ଏହି ମ୍ୟାଚ୍‌ଗୁଡିକର ସିଧାସଳଖ ପ୍ରସାରଣ ମଧ୍ୟ କରାଯିବ। ଏ ସମସ୍ତ ମ୍ୟାଚ୍ ଡିଡି ସ୍ପୋର୍ଟ୍ସ ଚ୍ୟାନେଲରେ ପ୍ରସାରିତ ହେବ।

କ୍ରିକେଟ ବ୍ୟତୀତ ଜୁନ୍ ୮ ଓ ୯ରେ ହେବାକୁ ଥିବା ଫ୍ରେଞ୍ଚ ଓପନ ସେମିଫାଇନାଲ ଓ ଫାଇନାଲ, ୱିମ୍ବଲଡନ ଟେନିସ, ଜୁଲାଇ ୨୬ରୁ ଆରମ୍ଭ ହେଉଥିବା ଗ୍ରୀଷ୍ମକାଳୀନ ଓ ଅଗଷ୍ଟ ୨୮ରୁ ଆରମ୍ଭ ହେଉଥିବା ପାରା ଅଲିମ୍ପିକ୍ସର ସିଧାପ୍ରସାରଣ ମଧ୍ୟ ଡିଡି ସ୍ପୋର୍ଟ୍ସ ଚ୍ୟାନେଲରେ ପ୍ରସାରିତ ହେବ।

## ଦୂତୀ ଚାନ୍ଦଙ୍କ ବାସନ୍ଦ ବଳବତ୍ତର

**ନୂଆଦିଲ୍ଲୀ, ୩।୬(ଏଜେନ୍ସି):** ଦୂତୀ ଚାନ୍ଦଙ୍କୁ ଆଣ୍ଟି-ଡୋପିଙ୍ଗ୍ ଡିସିପ୍ଲିନାରୀ ପ୍ୟାନେଲ (ଏଡିଡିପି) ପକ୍ଷରୁ କରାଯାଇଥିବା ୪ ବର୍ଷରବାସନ୍ଦବଳବତ୍ତରରହିବ। ନିଜଉପରୁବାସନ୍ଦଉଠାଇବା ଲାଗି ଦୂତୀ ଆଣ୍ଟି ଡୋପିଙ୍ଗ୍ ଆପିଲ ପ୍ୟାନେଲ (ଏଡିଏପି) ନିକଟରେ ଯେଉଁ ଆବେଦନ କରିଥିଲେ ତାହା ଖାରଜ ହୋଇଯାଇଛି। ଏହା ଫଳରେ ପୂର୍ବ ନିଷ୍ପତ୍ତି ଅନୁଯାୟୀ ବାସନ୍ଦ ବ୍ୟବସ୍ଥା ଥିବାଯାଏ କୌଣସି ପ୍ରତିଯୋଗିତାରେ ଅଂଶଗ୍ରହଣ କରିପାରିବେ ନାହିଁ। ଅନୁବନ୍ଧିତ ଡ୍ରଗ୍ସ ସେବନ କରି ଧରାପଡ଼ିବା ପରେ ଗତ ଅଗଷ୍ଟ ୨୦୨୩ରେ ଡିସିପ୍ଲିନାରୀ ପ୍ୟାନେଲ ତାଙ୍କୁ ୪ ବର୍ଷ ଲାଗି ବାସନ୍ଦ କରିଥିଲା। ଏହା ବିରୋଧରେ ସେ ଆପିଲ ପ୍ୟାନେଲ ନିକଟରେ ଆବେଦନ କରିଥିଲେ। ତାଙ୍କ ଆବେଦନକୁ ବିଚାରକୁ ନେବା ପରେ ଦୂତୀଙ୍କ ଉପରୁ ବାସନ୍ଦ ଉଠାଇବାର କୌଣସି କାରଣ ଦେଖାଯାଉନାହିଁ ବୋଲି ଆପିଲ ପ୍ୟାନେଲ ପକ୍ଷରୁ କୁହାଯାଇଥିଲା। ଯାହା ଫଳରେ ଏହି ବାସନ୍ଦ ବ୍ୟବସ୍ଥା ପୂର୍ବପରି ବଳବତ୍ତର ରହିଛି। ଦୂତୀ ୨୦୧୮ ଏସିଆନ ଗେମ୍ସରେ ୨ଟି ରୌପ୍ୟ ପଦକ ଜିତି ଦେଶକୁ ଗୌରବ ମଣ୍ଡିତ କରାଇଥିଲେ। ଏହାଛଡ଼ା ସେ ଭାରତର ପ୍ରଥମ ଆଥ୍ଲେଟ୍ ଭାବେ ୨୦୧୯ ୱାର୍ଲ୍ଡ ୟୁନିଭର୍ସିଟି ଗେମ୍ସର ୧୦୦ ମିଟର ଦୌଡ଼ରେ ସ୍ୱର୍ଣ୍ଣ ପଦକ ଜିତିଥିଲେ। ଏବେ ମଧ୍ୟ ମହିଳା ୧୦୦ ମିଟର ଦୌଡ଼ରେ ସେ ଜାତୀୟ ରେକର୍ଡର ଅଧିକାରୀ। କିନ୍ତୁ ୨୦୨୨ରେ ତାଙ୍କର ୩ଥର ଭିନ୍ନ ସ୍ଥାନରୁ ଡୋପ୍ ଟେଷ୍ଟ ଲାଗି ସାମ୍ପଲ ନିଆଯାଇଥିଲା। ଏହା ମଧ୍ୟରୁ ୨ଟି ସାମ୍ପଲରେ ଟେଷ୍ଟ ପଜିଟିଭ୍ ହୋଇଥିଲା। ସେ ଶକ୍ତିବର୍ଦ୍ଧକ ଭିଟାମିନ୍ ତାଙ୍କ ଫିଜିଓଥେରାପିଷ୍ଟଙ୍କ ପରାମର୍ଶକ୍ରମେ ଖାଇଥିଲେ ବୋଲି ପ୍ୟାନେଲକୁ କହିଥିଲେ। କିନ୍ତୁ ଏପରି ଭିଟାମିନ୍ ବିଶ୍ୱରେ କେହି ବ୍ୟବହାର କରିବାକୁ ଅନୁମତି ଦେଇ ନ ଥିବା ଜଣାପଡ଼ିବା ପରେ ତାଙ୍କୁ ବାସନ୍ଦ କରାଯାଇଥିଲା। ଅଗଷ୍ଟ ୩, ୨୦୨୩ରୁ ଏହି ବାସନ୍ଦ ଲାଗୁ ହୋଇଛି।

● ଟି-୨୦ ବିଶ୍ୱକପ୍ ଇତିହାସରେ ସର୍ବାଧିକ ପୁରସ୍କାର ରାଶି

# ଚାମ୍ପିଅନ ଦଳକୁ ମିଳିବ ୨୦.୩୬ କୋଟି

**ଦୁବାଇ, ୩।୬ (ଏଜେନ୍ସି):** କ୍ରିକେଟ୍‌ର ସର୍ବୋଚ୍ଚ ସଂସ୍ଥା ଆଇସିସି ଚଳିତ ଟି-୨୦ ବିଶ୍ୱକପ୍ ଲାଗି ସୋମବାର ପୁରସ୍କାର ରାଶି ଘୋଷଣା କରିଛି। ଚଳିତଥର ମୋଟ୍ ୧୧.୨୫ ମିଲିୟନ ଡଲାର (ଭାରତୀୟ ମୁଦ୍ରାରେ ପାଖାପାଖି ୯୩.୫ କୋଟି) ପୁରସ୍କାର ରାଶି ପ୍ରଦାନ କରାଯିବ। ଯାହାକି ଟି-୨୦ ବିଶ୍ୱକପ୍ ଇତିହାସରେ ରେକର୍ଡ ପୁରସ୍କାର। ଏହି ସଂସ୍କରଣରେ ଚାମ୍ପିଅନ ଦଳ ୨.୪୫ ମିଲିୟନ ଡଲାର (୨୦.୩୬ କୋଟି ଟଙ୍କା) ଏବଂ ଉପବିଜେତା ଦଳକୁ ୧.୨୮ ମିଲିୟନ ଡଲାର ବା ୧୦.୩୬ କୋଟି ଟଙ୍କା ପ୍ରଦାନ କରାଯିବ। ଏହାବାଦ୍ ସେମିଫାଇନାଲରୁ ବିଦାୟୀ ଦଳ ଘରକୁ ୬ କୋଟି ୫୪ ଲକ୍ଷ ଟଙ୍କା ନେଇ ଫେରିବ। ପୂର୍ବରୁ ବିଶ୍ୱକପ୍‌ର ଗତ ୨୦୨୨ ସଂସ୍କରଣରେ ମୋଟ୍ ୫.୬ ମିଲିୟନ ଡଲାର (୪୬ କୋଟି ୫୫ ଲକ୍ଷ ଟଙ୍କା) ରଖାଯାଇଥିଲା। ସେହି ସଂସ୍କରଣରେ ଚାମ୍ପିଅନ ଦଳ ୧୩ କୋଟି ୩୦ ଲକ୍ଷ ଟଙ୍କା ହାସଲ କରିଥିଲା।

### ବିଶ୍ୱକପ୍-୨୦୨୪ ପୁରସ୍କାର ରାଶି

- ମୋଟ୍ ପୁରସ୍କାର- ୯୩.୫ କୋଟି
- ଚାମ୍ପିଅନ- ୨୦.୩୬ କୋଟି
- ରନର୍ସଅପ୍- ୧୦.୩୬ କୋଟି
- ସେମିଫାଇନାଲ ପରାଜିତ ଦଳ- ୬.୫୪ କୋଟି
- ଗ୍ରୁପରୁ ବିଦାୟୀ ଦଳ- ୩.୧୮ କୋଟି
- ୯ରୁ ୧୨ତମ ସ୍ଥାନ- ୨ କୋଟି ୫ ଲକ୍ଷ
- ୧୩ରୁ ୨୦ତମ ସ୍ଥାନ- ୧ କୋଟି ୮୭ ଲକ୍ଷ
- ପ୍ରତି ମ୍ୟାଚ୍ ଜିତିଲେ- ୨୫ ଲକ୍ଷ ୯୦ ହଜାର ଟଙ୍କା (ସେମି ଓ ଫାଇନାଲକୁ ଛାଡ଼ି)

### ଫ୍ରେଞ୍ଚ ଓପନ୍

# ମେଦଭେଦେଭ ବିଦା, କ୍ୱାର୍ଟରରେ ଜୋକୋଭିଚ୍

**ପ୍ୟାରିସ, ୩।୬ (ଏଜେନ୍ସି)**



ବର୍ଷର ଦ୍ୱିତୀୟ ଗ୍ରାଣ୍ଡସ୍ଲାମ ଫ୍ରେଞ୍ଚ ଓପନ୍‌ର ୯ମ ଦିବସ ଖେଳରେ ସୋମବାର ପୁରୁଷ ଏକକରେ ବଡ଼ ବିପର୍ଯ୍ୟୟ ଦେଖିବାକୁ ମିଳିଛି। ପଞ୍ଚମ ସିଡ୍ ରୁଷିଆର ଡାନିଲ ମେଦଭେଦେଭ ୪ର୍ଥ ରାଉଣ୍ଡରେ ୬-୪, ୨-୬, ୧-୬, ୩-୬ ସେଟ୍‌ରେ ୧୧ତମ ସିଡ୍ ଅଷ୍ଟ୍ରେଲିଆର ଆଲେକ୍ସ ଡି ମିନାଉର୍‌ଙ୍କ ନିକଟରୁ ପରାସ୍ତ ହୋଇ ବିଦାୟ ନେଇଛନ୍ତି। ୨୦୦୪ ପରେ ପ୍ରଥମ ଅଷ୍ଟ୍ରେଲୀୟ ଖେଳାଳି ଭାବେ ମିନାଉର୍ ଏହି ସମ୍ମାନଜନକ ପ୍ରତିଯୋଗିତାର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ଅନ୍ୟ ଏକ କଡ଼ା ସଂଘର୍ଷପୂର୍ଣ୍ଣ ପ୍ରି-କ୍ୱାର୍ଟରରେ ଟପ୍ ସିଡ୍ ସର୍ବିଆର ନୋଭାକ ଜୋକୋଭିଚ୍ ୬-୧, ୫-୭, ୩-୬, ୭-୫, ୬-୩ ସେଟରେ ଆର୍ଜେଣ୍ଟିନାର ଫ୍ରାନ୍ସିସ୍କୋ ସେରୋଣ୍ଡୋଲୋଙ୍କୁ ହରାଇ କ୍ୱାର୍ଟରରେ ପହଞ୍ଚିଛନ୍ତି। ସେହିଭଳି ଇଟାଲୀର ଜାନିକ ସିନ୍ନର ୨-୬, ୬-୩, ୬-୨, ୬-୧ ସେଟ୍‌ରେ ଘରୋଇ ଫ୍ରାନ୍ସ ଖେଳାଳି କୋରେଣ୍ଟିନ ମୌଟେଙ୍କୁ ହରାଇ ଶେଷ-୮ ରାଉଣ୍ଡରେ ସ୍ଥାନ ପକ୍କା କରିଛନ୍ତି। ଅପରପକ୍ଷରେ ମହିଳା ଏକକରେ ଦ୍ୱିତୀୟ ସିଡ୍ ବେଲାରୁଷର ଆରିନା ସାବାଲେଙ୍କା, ୪ର୍ଥ ସିଡ୍ କାଜାଖସ୍ତାନର ଏଲିନା ରିବାକିନା, ଇଟାଲୀର ଯସ୍ମୀନ ପାଓଲିନ ପ୍ରମୁଖ କ୍ୱାର୍ଟର ଫାଇନାଲରେ ସ୍ଥାନ ପକ୍କା କରିଛନ୍ତି। ଅଷ୍ଟ୍ରେଲିଆନ ଓପନ୍ ଚାମ୍ପିଅନ ସାବାଲେଙ୍କା ୪ର୍ଥ ରାଉଣ୍ଡର ଏହି ମୁକାବିଲାରେ ୬-୨, ୬-୩ ସିଧାସଳଖ ସେଟ୍‌ରେ ୨୨ତମ ସିଡ୍ ଆମେରିକାର ଇମା ନାଭାରୋଙ୍କୁ ହରାଇଥିଲେ। ସେହିଭଳି ଅନ୍ୟ ଏକ ରାଉଣ୍ଡ-୧୬ ମ୍ୟାଚରେ ରିବାକିନା ୬-୪, ୬-୩ ସେଟ୍‌ରେ ୟୁକ୍ରେନର ଏଲିନା ସ୍ୱିତୋଲିନାଙ୍କୁ ଏବଂ ପାଓଲିନ ୪-୬, ୬-୦, ୬-୧ ସେଟ୍‌ରେ ରୁଷିଆର ଏଲିନା ଆଭାନେସ୍ୟାନଙ୍କୁ ହରାଇ ଅଗ୍ରଗତି କରିଛନ୍ତି। ପୁରୁଷ ଯୁଗଳରେ ଭାରତୀୟ ଟେନିସ ତାରକା ରୋହନ ବୋପାନ୍ନା ଓ ତାଙ୍କ ଅଷ୍ଟ୍ରେଲୀୟ ସାଥୀ ମାଥ୍ୟୁ ଏବଡେନ ମଧ୍ୟ କ୍ୱାର୍ଟର ଫାଇନାଲରେ ସ୍ଥାନ ପକ୍କା କରିଛନ୍ତି। ଏହି ଇଣ୍ଡୋ-ଅଷ୍ଟ୍ରେଲୀୟ ଯୋଡ଼ି ୬-୭ (୨), ୬-୩, ୭-୬ (୧୦-୮) ସେଟରେ ଅନ୍ୟତମ ଭାରତୀୟ ଖେଳାଳି ଏନ୍ ଶ୍ରୀରାମ ବାଲାଜୀ ଓ ମେକ୍ସିକୋର ଏମ୍ଏ ରୟିସ-ଭାରେଲା ମାର୍ଟିନେଜ ଯୋଡ଼ିଙ୍କୁ ହରାଇଛନ୍ତି।




## ମାଦ୍ରିଦଙ୍କ ସହ ଏମ୍‌ବାପ୍ପେଙ୍କ ଚୁକ୍ତି

**ପ୍ୟାରିସ, ୩।୬ (ଏଜେନ୍ସି)** ଫ୍ରାନ୍ସର ତାରକା ଫୁଟ୍‌ବଲ ଖେଳାଳି କିଲିଆନ ଏମ୍‌ବାପ୍ପେ ସୋମବାର ସ୍ପାନିଶ ପ୍ରଫେସନାଲ କ୍ଲବ ରିଅଲ ମାଦ୍ରିଦ ସହ ୫ ବର୍ଷୀୟା ଚୁକ୍ତି କରିଛନ୍ତି। ପାରିସ ସେଣ୍ଟ-ଜର୍ମେନ (ପିଏସ୍‌ଜି) କ୍ଲବ ଛାଡ଼ି ୨୫ ବର୍ଷୀୟ ଏହି ଷ୍ଟ୍ରାଇକର୍ ଏବେ ମାଦ୍ରିଦ ପକ୍ଷରୁ ଖେଳିବେ। ୨୦୧୭ରେ ପିଏସ୍‌ଜିରେ ଯୋଗଦେଇଥିବା ଏମ୍‌ବାପ୍ପେ କ୍ଲବ ପାଇଁ ରେକର୍ଡ ୨୫୬ ଗୋଲ୍ ଦେଇଛନ୍ତି।

**'ନନ୍ଦିଘୋଷ ଟିଭି'**
ନନ୍ଦିଘୋଷ
ନିମ୍ନଲିଖିତ ପଦବୀ ନିମନ୍ତେ ଦରଖାସ୍ତ ଆହ୍ୱାନ କରୁଛନ୍ତି।
ଯୋଗ୍ୟ ଆଶାୟୀ ପ୍ରାର୍ଥୀମାନେ ଏଥିପାଇଁ ଆବେଦନ କରିପାରିବେ।

| ପଦବୀ | ଅଭିଜ୍ଞତା |
|---|---|
| ୧) ସ୍କ୍ରଲ କପି ଏଡିଟର (୦୨) | ୩ ବର୍ଷର ଅଭିଜ୍ଞତା |
| ୨) ଡିଜିଟାଲ କଣ୍ଟେଣ୍ଟ କ୍ରିଏଟର (୦୨) | ୩ ବର୍ଷର ଅଭିଜ୍ଞତା |
| ୩) ବୁଲେଟିନ ପ୍ରୋଡ୍ୟୁସର (୦୨) | ୫ ବର୍ଷର ଅଭିଜ୍ଞତା |
| ୪) ଗ୍ରାଫିକ୍ସ ଡିଜାଇନର (୦୨) | ୩ ବର୍ଷର ଅଭିଜ୍ଞତା |

ନିଜର ସମ୍ପୂର୍ଣ୍ଣ ଶିକ୍ଷାଗତ ଓ ଅନ୍ୟାନ୍ୟ ଯୋଗ୍ୟତା ପ୍ରମାଣପତ୍ର, ସଦ୍ୟ ପାସପୋର୍ଟ ଫଟୋ ସହିତ ୦୪ ଜୁନ୍ ୨୦୨୪ ସୁଦ୍ଧା hr@nandighoshatv.com ଇମେଲ୍ ଯୋଗେ ଆବେଦନ କରିପାରିବେ।

*କେବଳ ନିର୍ବାଚିତ ଆବେଦନଗୁଡିକୁ ସାକ୍ଷାତକାର ପାଇଁ ଡକାଯିବ।
ଯୋଗାଯୋଗ: ୯୪୩୭୦୧୬୪୯୯
ସ୍ୱା/- ମାନବ ସମ୍ବଳ ବିଭାଗ

ନନ୍ଦିଘୋଷ ନେଟ୍‌ୱର୍କ ପ୍ରାଇଭେଟ୍ ଲିମିଟେଡ୍
ଠିକଣା: ପ୍ଲଟ୍ ନଂ.: ୯୦ / ୯୧, ଭଗବାନପୁର ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍, ଭୁବନେଶ୍ୱର-୭୫୧୦୧୯

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

ସମ୍ପାଦକ: ଉମାକାନ୍ତ ମିଶ୍ର
EDITOR: UMAKANT MISHRA